कृषि एवं किसान
कल्याण मंत्रालय
MINISTRY OF
AGRICULTURE AND
FARMERS WELFARE
सत्यमेव जयते

ग्रामीण विकास मंत्रालय
भारत सरकार
MINISTRY OF RURAL
DEVELOPMENT
GOVERNMENT OF INDIA
सत्यमेव जयते

# ପ୍ରାକୃତିକ କୃଷି ଉପରେ କୃଷି ସଖୀଙ୍କ ନିମିତ୍ତ ପାଞ୍ଚ ଦିବସୀୟ ତାଲିମ ମଡ୍ୟୁଲ






ଜାତୀୟ ଜୈବିକ ଓ ପ୍ରାକୃତିକ କୃଷି କେନ୍ଦ୍ର,
ହାପୁର ରୋଡ୍, କମଳା ନେହେରୁ ନଗର, ଗାଜିଆବାଦ-୨
☎ 0120-2764212; 2764906; Fax 0120-2764901
Email: nbdc@nic.in

*ମାର୍ଗ ଦର୍ଶନ :*

**ଡଃ ଯୋଗୀତା ରାଣା,** ଭା.ପ୍ର.ସେ

ଯୁଗ୍ମସଚିବ, ଆଇ ଏନ୍ ଏମ୍

କୃଷି ଓ କୃଷକ କଲ୍ୟାଣ ବିଭାଗ,

*ସମ୍ପାଦକ:*

**ଡଃ ଗଗନେଶ ଶର୍ମା,**

ଜାତୀୟ ଜୈବିକ ଓ ପ୍ରାକୃତିକ କୃଷି କେନ୍ଦ୍ର, ଗାଜିଆବାଦ

*ସଙ୍କଳନ:*

**ଡଃ ପ୍ରିୟଙ୍କା ପ୍ରଧାନ,** ଜେ.ଏସ.ଓ

**ଡଃ ଚନ୍ଦ୍ରଶେଖର,** ଜେ.ଏସ.ଓ

**ଡଃ ସଚିନ ବୈଦ,** ଜେ.ଏସ.ଓ

**ଶ୍ରୀ କିଶୋର ଆର୍ ସେଡଗେ,** ଜେ.ଏସ.ଓ

**ମ୍ୟାନେଜ ଦ୍ୱାରା ଭାଷାନ୍ତରଣ:**

*ସହଯୋଗ:*

୧. **ଡଃ ଏନ୍ ବାଲସୁବ୍ରମନି,** ନିର୍ଦ୍ଦେଶକ (ସି.ଏସ.ଏ ଏବଂ ସି.ସି.ଏ),
କୃଷି ସମ୍ପ୍ରସାରଣ ପରିଚାଳନା ନିମନ୍ତେ ଜାତୀୟ ଅନୁଷ୍ଠାନ (ମ୍ୟାନେଜ)

୨. **ଶ୍ରୀ ସନ୍ଦୀପ ଶର୍ମା,** ବିଶେଷଜ୍ଞ (ପ୍ରାକୃତିକ କୃଷି), ମ୍ୟାନେଜ

**ଓଡ଼ିଆ ଅନୁବାଦ:**

**୧. ଏକାଦଶୀ ନନ୍ଦୀ,** ଅବସରପ୍ରାପ୍ତ ମୁଖ୍ୟ ବିହନ ପ୍ରମାଣୀକରଣ ଅଧିକାରୀ,
ଓଡ଼ିଶା ରାଜ୍ୟ ବିହନ ଓ ଜୈବଉତ୍ପାଦ ପ୍ରମାଣନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର ଏବଂ
ମାଷ୍ଟର ତାଲିମ ଦାତା (ପ୍ରାକୃତିକ କୃଷି)

**୨. ମହେଶ୍ୱର ଖିଲାର,** ଅବସରପ୍ରାପ୍ତ ଉପ-ରେଜିଷ୍ଟ୍ରାର,
ସମବାୟ ବିଭାଗ, ଓଡ଼ିଶା ଏବଂ ପ୍ରାକୃତିକ କୃଷି ବିଶେଷଜ୍ଞ ।

୩. **ମାନସୀ ପଟ୍ଟନାୟକ,** ପଦ୍ମା କମର୍ସିଆଲ ସେଣ୍ଟର, ଭୁବନେଶ୍ୱର

**ସଂସ୍କରଣ : ୨୦୨୩**

*ପ୍ରକାଶକ:*

**ଜାତୀୟ ଜୈବିକ ଓ ପ୍ରାକୃତିକ କୃଷି କେନ୍ଦ୍ର,**

ହାପୁର ରୋଡ, ସି.ବି.ଆଇ ଏକାଡେମୀ ନିକଟ,

ସେକ୍ଟର-୧୯, କମଳା ନେହେରୁ ନଗର, ଗାଜିଆବାଦ, ଉତ୍ତର ପ୍ରଦେଶ-୨୦୧୦୦୨

ଫୋନ୍ ନଂ. : ୦୧୨୦-୨୭୬୪୨୧୨, ୨୭୬୪୯୦୬, ଫାକ୍ସ : ୦୧୨୦-୨୭୬୪୯୦୧

**Email : nbdc@nic.in**

# କୃଷି ସଖୀ ୫ ଦିବସୀୟ ତାଲିମ ପୁସ୍ତିକା

## ସୂଚୀପତ୍ର


୧. ଉପକ୍ରମଣିକା

୨. ପରିସଂସ୍ଥା ସେବା ଓ ପ୍ରାକୃତିକ କୃଷି

୩. ମାଟିର ସ୍ୱାସ୍ଥ୍ୟ ଓ ପୋଷକତତ୍ତ୍ୱ ପରିଚାଳନା

୪. ଜୈବ ଉପାଦାନ

୫. ଅନ୍ୟ କେତେକ କୀଟ ନିୟନ୍ତ୍ରକ ମିଶ୍ରଣ

୬. ଜଳ ପରିଚାଳନା

୭. ଚାଷ ପଦ୍ଧତି ଓ ବିହନ ବ୍ୟବସ୍ଥା

୮. ସ୍ଥାନୀୟ ପରମ୍ପରାଗତ ଜ୍ଞାନ ଓ ମଡେଲ୍

୯. ଫସଲ ଏବଂ ପଶୁଧନ ସମନ୍ୱୟ

୧୦. ସ୍ୱାସ୍ଥ୍ୟ ଓ ପୋଷଣ

୧୧. ସଂପ୍ରସାରଣ ପ୍ରଣାଳୀ

୧୨. ସଂପ୍ରସାରଣ ସେବା ଏବଂ ପାରା ସଂପ୍ରସାରଣ କର୍ମୀଙ୍କ ଗୁଣ

୧୩. ପ୍ରାକୃତିକ ଉତ୍ପାଦର ପ୍ରମାଣିକରଣ ଏବଂ ବିପଣନ

୧୪. ସଂପର୍କ

ସଂଯୁକ୍ତ ନଥୀ : କୃଷି ସଖୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ

# (୧) ଉପକ୍ରମଣିକା

କୃଷିର ପରିସର ବ୍ୟାପକ; ଧାନ, ଗହମ, ମକା, ମିଲେଟ୍, ଡାଲି, ଫଳ ଓ ପନିପରିବା ଆଦି ଖାଦ୍ୟ ଫସଲ; ମହୁମାଛି ପାଳନ; ଟସରପୋକ ପାଳନ ଓ ପାଟ ପ୍ରସ୍ତୁତି, ତନ୍ତୁ ଜାତୀୟ ଫସଲ ଯଥା- କପା; ଗାଇ, ମଇଁଷି, ଘୁଷୁରୀ, ଛେଳି, ମେଣ୍ଢା ତଥା ମାଂସ ଓ ଅନ୍ୟାନ୍ୟ ପଶୁପାଳନ, ଉତ୍ପାଦନ, ଅମଳ, ପ୍ରକ୍ରିୟାକରଣ, ଭଣ୍ଡାରଣ ଓ ବିପଣନ ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ଓ ପଦ୍ଧତି ମଧ୍ୟ ଏଥିରେ ସମ୍ପୃକ୍ତ ।

ଅଧିକାଂଶ କୃଷି ଉତ୍ପାଦନ ଗ୍ରାମାଞ୍ଚଳରେ ହୋଇଥାଏ । ବହୁ ଗ୍ରାମୀଣ ଲୋକ କୌଣସି ନା କୌଣସି କୃଷିକର୍ମରେ ଲାଗିଥାଆନ୍ତି । ଏଣୁ ଗ୍ରାମୀଣ ଉନ୍ନତି ଓ କୃଷିର ଅଭିବୃଦ୍ଧି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସହରରେ ଗାଁ ଅପେକ୍ଷା ଗୋଟିଏ ଜାଗାରେ ଅଧିକ ଲୋକ ବାସ କରନ୍ତି । ବିକାଶମୁଖୀ ଦେଶମାନଙ୍କରେ ଗାଁରେ ଲୋକସଂଖ୍ୟା ଅଧିକ । ଅବଶ୍ୟ ସବୁ ଦେଶରେ ସହରୀ ଓ ଗ୍ରାମୀଣ ଲୋକସଂଖ୍ୟାର ଅନୁପାତ ସମାନ ନୁହେଁ ।

ପ୍ରାକୃତିକ କୃଷି ଏକ ସ୍ୱୟଂସମ୍ପୂର୍ଣ୍ଣ କୃଷି ପଦ୍ଧତି । ଏହା ଏକାଧାରରେ ଜମିକୁ ଜୀବନ୍ତ କରିବା ସହିତ ପାଣି ଓ ପବନର ଗୁଣାତ୍ମକ ମାନ ବୃଦ୍ଧି କରେ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଉତ୍ପନ୍ନ କରିଥାଏ ।

କୃଷି ସଖୀମାନଙ୍କୁ ପ୍ରକୃତି ଅନୁକୂଳ ପରିବେଶରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରିବା ସହିତ ସୁସ୍ଥ ଆର୍ଥିକ ପରିସ୍ଥିତିକୁ ଅକ୍ଷୁଣ୍ଣ ରଖି ବୃଦ୍ଧି କରିବାରେ ସହଯୋଗ କରିବେ ।

**ପ୍ରାକୃତିକ କୃଷିର କୌଶଳ ଓ କାର୍ଯ୍ୟଶୈଳୀ :**

* ମାଟିର ଭୌତିକ, ଜୈବିକ ଓ ରସାୟନୀକରଣରେ ବାଧା ସର୍ବନିମ୍ନ କରିବା ।
* ଫସଲ ଏବଂ ପ୍ରାକୃତିକ ପଦାର୍ଥରେ ମାଟିକୁ ଘୋଡ଼ାଇ ରଖିବା ।
* ଯଥା ସମ୍ଭବ ବୃକ୍ଷ ଓ ପଶୁଧନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ।
* ବୃକ୍ଷରୁ ମିଳୁଥିବା ଉପାଦାନ ଓ ଜୈବ ମିଶ୍ରଣ ବ୍ୟବହାର କରିବା ।

**ଭାରତରେ ଜଳବାୟୁ ପରିବର୍ତ୍ତନର ପ୍ରତିରୋଧ ଓ ମାଟି ଉର୍ବରଣର ପୁନରୁଦ୍ଧାର ପାଇଁ କୌଶଳ :**

**(କ) ପ୍ରାକୃତିକ କୃଷିକୁ ଆପଣେଇବା :**

ପ୍ରାକୃତିକ କୃଷି ରସାୟନମୁକ୍ତ ତଥା ଚିରାଚରିତ କୃଷିପ୍ରକ୍ରିୟା । ଏହା ବିବିଧ କୃଷି ପର୍ଯ୍ୟବେସିତ କୃଷି ପରିବେଶ ଯେଉଁଥିରେ ଫସଲ, ଗଛ ଓ ପଶୁଧନର ଏକ କାର୍ଯ୍ୟକାରୀ ଜୈବ ବିବିଧତା ପ୍ରକାଶ ପାଏ ।

**(ଖ) ପ୍ରାକୃତିକ କୃଷି କାହିଁକି ?**

* ଅନୁସନ୍ଧାନରୁ ଜଣାଯାଇଛି ଯେ ଗଛର ବୃଦ୍ଧି ପାଇଁ ଆବଶ୍ୟକ ମୁଖ୍ୟ ପୋଷକତତ୍ତ୍ୱ ତା'ର ପୋଷକ ଚେରର ଚାରିପାଖେ ମିଳିଥାଏ । ଗଛ ତା'ର ଆବଶ୍ୟକତାର ପ୍ରାୟ ୯୮ ରୁ ୯୮.୫% ପୋଷକତତ୍ତ୍ୱ ପବନ, ପାଣି ଓ ସୌରଶକ୍ତିରୁ ପାଉଥିବା ବେଳେ ବଳକା ୧.୫-୨.୦% ମାଟିରୁ ନେଇଥାଏ ।
* ପ୍ରାକୃତିକ କୃଷି ମୁଖ୍ୟତଃ କ୍ଷେତରୁ ବାହାରୁଥିବା ବର୍ଜ୍ୟର ପୁନଃ ବ୍ୟବହାର(......) ବିଶେଷତଃ ଆଚ୍ଛାଦନୀ କରି, ଗାଈର ଗୋବର ଓ ମୂତ୍ରରୁ ତିଆରି ଦ୍ରବଣର ବ୍ୟବହାର ପୋଷକତତ୍ତ୍ୱର ପୁନଃଚକ୍ରଣ ପାଇଁ ପର୍ଯ୍ୟାୟକ୍ରମେ ଫସଲ ପରିବର୍ତ୍ତନ କରି ଯଥା- ଯବକ୍ଷାରଜାନ ଧାରଣ କରିପାରୁଥିବା ଦ୍ୱିବୀଜପତ୍ରୀ ଫସଲ ଚାଷ ।

* ପ୍ରାକୃତିକ କୃଷି କମ୍ ଖର୍ଚ୍ଚ ଓ ଫସଲ ହାନୀକୁ ରୋକିବା ଦ୍ୱାରା କୃଷକର ଆୟରେ ବୃଦ୍ଧି ।

* କ୍ଷେତରୁ ବାହାରୁଥିବା ଜୈବବର୍ଜ୍ୟରୁ କୃଷିର ଆବଶ୍ୟକ ଉପାଦାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦ୍ୱାରା କୃଷକ ଆତ୍ମନିର୍ଭରଶୀଳ ହୁଏ ।

* କୃତ୍ରିମ ରାସାୟନିକ ଉପାଦାନକୁ ପରିହାର କରିବା ଦ୍ୱାରା ନିରାପଦ, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ନିଜକୁ ସୁହାଇଲା ଭଳି ମିଳିଥାଏ ।

* ମରୁଡ଼ି, ରୋଗ, ପୋକ ଓ ଜଳବାୟୁ ପ୍ରଭାବରୁ ସୃଷ୍ଟ ଅନିଷ୍ଟର ଆଶଙ୍କା ଓ ଝଟକା କମ୍ କରିବା ସହିତ ସହଣୀ ଶକ୍ତିକୁ ତ୍ୱରାନ୍ୱିତ କରେ । ଏହାଦ୍ୱାରା ପରିବେଶକୁ ଖାପ ଖାଇବାର ଶକ୍ତି ବୃଦ୍ଧି ସାଙ୍ଗକୁ ଋଷର ସ୍ୱଳ୍ପକାଳୀନତା, ଅନିୟମିତ ପାଣିପାଗ ସତ୍ତ୍ୱେ ଉତ୍ପାଦନ ବୃଦ୍ଧି ହୋଇପାରେ ।

* ମୃତ୍ତିକା ସ୍ୱାସ୍ଥ୍ୟ ପୁନଃସ୍ଥାପିତ ହୁଏ ।

* ପ୍ରାକୃତିକ କୃଷିକୁ ବ୍ୟବସାୟିକ ଭଙ୍ଗୀରେ ଆପଣେଇଲେ ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଯଥା- କୃଷି ଉତ୍ପାଦନ; ମୂଲ୍ୟଯୁକ୍ତ ପ୍ରକ୍ରିୟା ପ୍ରମାଣୀକରଣ ଓ ଆଞ୍ଚଳିକ ସ୍ତରରେ ବିପଣନ ଆଦି ଉଦ୍ୟୋଗ ସ୍ଥାପନ ଦ୍ୱାରା ।

* ଆଚ୍ଛାଦନୀ ଓ ବିବିଧ ଫସଲ ଜମି ଉପରେ ଘୋଡ଼ଣୀ ଯୋଗୁଁ ଅନାବଶ୍ୟକ ଭାବେ ଜଳ ବାଷ୍ପୀଭୂତ ହୋଇପାରେ ନାହିଁ । ଫଳତଃ ଜଳର ବ୍ୟବହାର କମିଯାଏ ଓ ପ୍ରତ୍ୟେକ ଜଳବିନ୍ଦୁର ବ୍ୟବହାର ସର୍ବାଧିକ ହୁଏ ।

## ପ୍ରାକୃତିକ କୃଷି କାହାକୁ କହନ୍ତି ?

କୃଷି ଓ କୃଷକ କଲ୍ୟାଣ ବିଭାଗ, ଭାରତ ସରକାରଙ୍କ ଅନୁଯାୟୀ- ଏହା ଏକ ରାସାୟନିକ ମୁକ୍ତ ପ୍ରାକୃତିକ କୃଷି ପଦ୍ଧତି ଯେଉଁଥିରେ କମ୍ ଖର୍ଚ୍ଚର କୃଷି ଉପାଦାନ (ଗାଈଗୋବର/ମୂତ୍ର ଓ ଉଦ୍ଭିଦ ନିଷ୍କର୍ଷ) ସହିତ କୃଷିବିଜ୍ଞାନ ନିର୍ଦ୍ଧାରିତ ପ୍ରୟୋଗବିଧି ଯଥା- ଆଚ୍ଛାଦନୀ ଓ ଅନ୍ତଃଫସଲ ଇତ୍ୟାଦିକୁ ପ୍ରୋତ୍ସାହିତ କରାଯାଏ ।

## ନୀତି ଆୟୋଗ ଅନୁଯାୟୀ:

ରସାୟନମୁକ୍ତ ଓ ଗୋଧନ ଆଧାରିତ କୃଷିକୁ ପ୍ରାକୃତିକ କୃଷି କହିପାରିବା । ଏହି ବ୍ୟାଖ୍ୟାନ ବର୍ତ୍ତମାନ ଅନୁସୃତ ହେଉଥିବା କୃଷି ପରିବେଶ ଉପରେ ମଧ୍ୟ ପର୍ଯ୍ୟବେସିତ ।

ଏହା ଏକ ବିବିଧ ଫସଲ ବ୍ୟବସ୍ଥା ଯେଉଁଥିରେ ଫସଲ, ବୃକ୍ଷ ଓ ପଶୁଧନ ସମ୍ମିଳିତ ହୋଇ କାର୍ଯ୍ୟକାରୀ ବହୁବିଧତାର ଉତ୍କର୍ଷକୁ ଛୁଇଁଥାଏ ।

## ପ୍ରାକୃତିକ କୃଷି ସିଦ୍ଧାନ୍ତ :

* ପଞ୍ଚମହାଭୂତ (ମାଟି, ପବନ, ପାଣି, ଆକାଶ ଓ ଅଗ୍ନି)ର ଯତ୍ନ ଓ ସଠିକ୍ ପରିଚାଳନା ।

* ମୃତ୍ତିକା ଏକ ଜୀବନ୍ତ ଅସ୍ତିତ୍ୱ ।

* ଉଦ୍ଭିଦ, ପଶୁ ଓ ମାନବ ଜାତିର ସମନ୍ୱୟ ।

* ଜୈବ ବିବିଧତା ଓ ସବୁଦିନିଆ କୃଷି ।

* ଜଳବାୟୁ ସହଣୀ ପଦ୍ଧତି ।

## ପ୍ରାକୃତିକ କୃଷିର ଗୁରୁତ୍ୱ :

* ପ୍ରାକୃତିକ କୃଷିର ସିଦ୍ଧାନ୍ତ ଅନୁସାରେ ଉଦ୍ଭିଦ ତା'ର ଆବଶ୍ୟକ ପୋଷକତତ୍ତ୍ୱର ୯୮% ପାଣି, ପବନ ଓ ସୌରରଶ୍ମିରୁ ପାଏ ଏବଂ ବଳକା ୨% ପ୍ରଚୁର ସଂଖ୍ୟାରେ ଉପକାରୀ ସୂକ୍ଷ୍ମଜୀବ ଥିବା ଉତ୍ତମ ଗୁଣଯୁକ୍ତ ମାଟିରୁ ପାଏ (ଠିକ୍ ଯେପରି ଜଙ୍ଗଲ ଓ ପ୍ରାକୃତିକ ବ୍ୟବସ୍ଥାରେ) ।

* ମାଟି ସଦାସର୍ବଦା ଜୈବ ଆଚ୍ଛାଦନୀ ଦ୍ୱାରା ଘୋଡ଼େଇ ହୋଇ ରହିବା ଦରକାର, ଯାହାଫଳରେ ହ୍ୟୁମସ୍ (ଖତର ଜୈବାଂଶ) ତିଆରି ହୁଏ ଏବଂ ଏହା ଉପକାରୀ ସୂକ୍ଷ୍ମଜୀବମାନଙ୍କ ବୃଦ୍ଧିକୁ ପ୍ରୋତ୍ସାହିତ କରେ ।

* ମାଟିରେ ସୂକ୍ଷ୍ମଜୀବ ବୃଦ୍ଧି ପାଇଁ କୌଣସି ରାସାୟନିକ ବ୍ୟବହାର ନଥାଇ ପ୍ରସ୍ତୁତ ଜୈବ ମିଶ୍ରଣ (ଯଥା- ଜୀବାମୃତ, ବୀଜାମୃତ ଇତ୍ୟାଦି) ବ୍ୟବହାର କରାଯାଏ ।

* ରାସାୟନିକ ସାର ବଦଳରେ କ୍ଷେତ ଉପରେ ପ୍ରସ୍ତୁତ ଜୈବ କଲ୍‌ଚର (ଜୀବାମୃତ, ବୀଜାମୃତ ଆଦି) ମାଟିରେ ମିଶାଇ ମାଟିର ଅଣୁଜୀବ ସଂଖ୍ୟା ବୃଦ୍ଧି କରାଯାଏ । ଦେଶୀଗାଈର ଖୁବ୍‌କମ୍ ଗୋବର ଓ ଗୋମୂତ୍ରରୁ ଜୀବାମୃତ ଓ ବୀଜାମୃତ ତିଆରି କରାଯାଏ ।

* ଏହା କୃଷକ ପାଇଁ ରୋଜଗାର ବଢ଼ାଇବାର ପ୍ରତିବଦ୍ଧତା ସହିତ ଅନ୍ୟ ବହୁତ ଲାଭକାରକ ହୁଏ, ଯଥା- ଜମିର ଉର୍ବରତା ବୃଦ୍ଧି, ସ୍ୱାସ୍ଥ୍ୟକର ପରିବେଶ ଓ ସବୁଜଗୃହ ଗ୍ୟାସ୍ ବୃଦ୍ଧିକୁ ସମୂଳେ ନଷ୍ଟ ବା କମ୍ କରିବା ।

* ଏହି ପଦ୍ଧତି ଭାରତୀୟ ମୂଳକର ଗାଈର ଗୋବର ଓ ଗୋମୂତ୍ର ଆବଶ୍ୟକ କରିଥାଏ । ଦେଶୀ ଗାଈ ଆପାତତଃ ଶୁଦ୍ଧ ଓ ପବିତ୍ର ହୋଇଥାଏ । ଯାହାର ଗୋବର ଓ ଗୋମୂତ୍ରରୁ ସୂକ୍ଷ୍ମଜୀବ ମିଳିଥାଆନ୍ତି ।

* ପ୍ରାକୃତିକ କୃଷିରେ ରାସାୟନିକ କିମ୍ବା ଜୈବିକ ସାର ବ୍ୟବହାର କରାଯାଏ ନାହିଁ । ପ୍ରକୃତରେ ବାହାରୁ କୌଣସି ପ୍ରକାର ସାର ମାଟିରେ ମିଶାଯାଏ ନାହିଁ କିମ୍ବା ଗଛକୁ ଦିଆଯାଏ ନାହିଁ ।

* ଜିଆ ଓ ସୂକ୍ଷ୍ମଜୀବଙ୍କ ଦ୍ୱାରା ଜୈବ ପଦାର୍ଥଗୁଡ଼ିକ ଜମି ଉପରେ ବିଘଟିତ ହେବା ପାଇଁ ଛାଡ଼ି ଦିଆଯାଏ । ଏହା ଆସ୍ତେ ଆସ୍ତେ ଓ ସମୟକ୍ରମେ ମାଟିର ପୋଷକତତ୍ତ୍ୱରେ ପରିଣତ ହୋଇଯାଏ ।

* ପ୍ରାକୃତିକ ତଥା କ୍ଷେତର ପ୍ରସ୍ତୁତ ଦଶପର୍ଣ୍ଣୀ ଅର୍କ ଓ ନିମାସ୍ତ୍ର ଆଦି କ୍ଷତିକାରକ ରୋଗ-ପୋକକୁ ନିୟନ୍ତ୍ରିତ କରିଥାଆନ୍ତି ।

* ବିବିଧ ଫସଲକୁ ଏକକ ଫସଲ ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଏ ।

# (୨) ପରିସଂସ୍ଥା (ଇକୋସିଷ୍ଟମ୍) ସେବା ଓ ପ୍ରାକୃତିକ କୃଷି

- **ପ୍ରାକୃତିକ କୃଷିର ଉପାଦେୟତା :**

| | |
|---|---|
|  | ➢ **ଅମଳ ବୃଦ୍ଧି:** ପ୍ରାକୃତିକ କୃଷିକୁ ଆପଣେଇଥିବା ଅନେକ କୃଷକ ଜଣାଇଛନ୍ତି ଯେ ପାରମ୍ପରିକ କୃଷି ପରି ଏହା ମଧ୍ୟ ସମାନ ଅମଳ ଦେଉଛି । କେତେକ ସ୍ଥଳରେ ଅଧିକ ଅମଳ ମିଳିଛି । |
|  | ➢ **ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତତା:** ପ୍ରାକୃତିକ କୃଷିରେ କୌଣସି କୃତ୍ରିମ ରାସାୟନିକ ସାର ବ୍ୟବହାର ହେଉନଥିବାରୁ ସ୍ୱାସ୍ଥ୍ୟର ଅନିଷ୍ଟ ଓ ଆପଦ ଦୂରୀଭୂତ ହୋଇଛି । ଖାଦ୍ୟରେ ଅଧିକ ପୁଷ୍ଟି ସାନ୍ଦ୍ରତା ଉତ୍ତମ ସ୍ୱାସ୍ଥ୍ୟର କାରଣ ହୋଇଛି । |
|  | ➢ **ପରିବେଶ ସଂରକ୍ଷଣ:** ପ୍ରାକୃତିକ କୃଷି ମାଟିର ଜୀବନତତ୍ତ୍ୱ ସୁନିଶ୍ଚିତ କରିଥାଏ ତଥା କୃଷି ଜୈବ ବିବିଧତାରେ ଉନ୍ନତି ଆଣେ । ଜଳର ବ୍ୟବହାର ସୁନିଶ୍ଚିତ ଓ ସର୍ବନିମ୍ନ ହେତୁ ଖୁବ୍ କମ୍ ପରିମାଣର ଜୈବ ଅଙ୍ଗାର ଓ ଯବକ୍ଷାରଜାନ ବ୍ୟକ୍ତି ପିଛା ଖର୍ଚ୍ଚ ହୋଇଥାଏ । |
|  | ➢ **କୃଷକ ଆୟରେ ବୃଦ୍ଧି:** ଚାଷରେ କମ୍ ଖର୍ଚ୍ଚ, ଆପଦ, ଆଶଙ୍କାରେ କମ୍ ସମ୍ଭାବନା, ସମାନ ଅମଳ ଓ ଅନ୍ତଃଫସଲରୁ ଆୟ ଯୋଗୁଁ ଚାଷୀର ନିଟ୍ ଆୟ ବୃଦ୍ଧି ହେଉଛି । ଏଣୁ ପ୍ରାକୃତିକ କୃଷି ଚାଷକୁ ସାଧନଯୋଗ୍ୟ ଓ ଉଚ୍ଚାଭିଳାଷୀ କରିପାରିଛି । |
|  | ➢ **କର୍ମ ନିଯୁକ୍ତି ସୃଷ୍ଟି:** ପ୍ରାକୃତିକ କୃଷି ଉପାଦାନ ଉଦ୍ୟୋଗ, ମୂଲ୍ୟଯୁକ୍ତକରଣ ଓ ସ୍ଥାନୀୟ ଅଞ୍ଚଳରେ ବିପଣନ ଆଦି ଯୋଗୁଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରେ । ପ୍ରାକୃତିକ କୃଷି ଉପଲବ୍ଧ ବଳକା ସମ୍ପଦ ଗ୍ରାମାଞ୍ଚଳରେ ବିନିଯୋଗ ହୁଏ । |
|  | ➢ **ଜଳ ବ୍ୟବହାରରେ ହ୍ରାସ:** ଫସଲରେ ବିବିଧତା ପରସ୍ପର ପ୍ରତି ସହାୟକ ହୁଅନ୍ତି ଏବଂ ମାଟି ଘୋଡ଼େଇ ହୋଇ ରହିବା ଦ୍ୱାରା ଜଳ ଅଦରକାରୀ ଭାବେ ବାଷ୍ପୀଭୂତ ହେବାରୁ ବଞ୍ଚିତ ହୁଏ । ପ୍ରାକୃତିକ କୃଷି 'ପ୍ରତି ବିନ୍ଦୁ ଜଳରୁ ସର୍ବାଧିକ ଫସଲ ଅମଳ' ଦେଇଥାଏ । |
|  | ➢ **ସର୍ବନିମ୍ନ ଉପାଦାନ ଖର୍ଚ୍ଚ:** ଚାଷ ପାଇଁ ଅନାବଶ୍ୟକ ହେଉଥିବା ଉପାଦାନଗୁଡ଼ିକ ସ୍ଥାନୀୟ ଭାବେ ମିଳୁଥିବା ଜୈବ ସଂସାଧନ ବ୍ୟବହାର କରି ପ୍ରସ୍ତୁତ ହେଉଥିବାରୁ ତଥା ସ୍ଥାନୀୟ ଘରୋଇ ସୂତ୍ରରୁ ସଂଗ୍ରହ କରାଯାଉଥିବାରୁ ଉତ୍ପାଦନ ଖର୍ଚ୍ଚ ଯଥେଷ୍ଟ କମ୍ ହୁଏ । |
|  | ➢ **କୃତ୍ରିମ ରାସାୟନିକ ଉପାଦାନ ବ୍ୟବହାର ନିରାକରଣ:** ଅତିମାତ୍ରାରେ କୃତ୍ରିମ ରାସାୟନିକ ସାର ବିଶେଷକରି ୟୁରିଆ, କୀଟନାଶକ, ଘାସ ଓ ତୃଣମରା ଔଷଧ ଇତ୍ୟାଦି ବ୍ୟବହାର ଯୋଗୁଁ ମାଟିର ଜୈବତତ୍ତ୍ୱ ଓ ଗଠନ ବଦଳିଯାଏ ଏବଂ ଜୈବ ଅଙ୍ଗାର ଓ ଉର୍ବରତା ହ୍ରାସ ପାଏ । |
|  | ➢ **ମାଟି ସ୍ୱାସ୍ଥ୍ୟର ପୁନରୁଦ୍ଧାର:** ପ୍ରାକୃତିକ କୃଷିର ତତ୍‌କ୍ଷଣାତ୍ ପ୍ରଭାବ ମାଟିର ଜୀବନୀଶକ୍ତି- ଅଣୁଜୀବ, ଜିଆ ତଥା ଅନ୍ୟ କ୍ଷୁଦ୍ରଜୀବଙ୍କ ଉପରେ ପଡ଼େ । ମାଟିର ସ୍ୱାସ୍ଥ୍ୟ ଏଥିରେ ଥିବା ଜୀବନ୍ତ ଅଣୁଜୀବଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ । |
|  | ➢ **ଦୀର୍ଘସ୍ଥାୟୀ ଗୋସମ୍ପଦ:** ପ୍ରାକୃତିକ କୃଷିରେ ଗୋସମ୍ପଦ ଓ ଚାଷ ପଦ୍ଧତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହାଦ୍ୱାରା ପରିସଂସ୍ଥା (ଇକୋସିଷ୍ଟମ୍) ପୁନଃ ପ୍ରତିଷ୍ଠିତ ହୁଏ । ଜୀବାମୃତ ଓ ବୀଜାମୃତ ପରିବେଶ ଉପଯୋଗୀ ଜୈବ ମିଶ୍ରଣ ଆଦି ଗାଈ ଗୋବର, ମୂତ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ । (Ref : https://dacnet.nic.in.Benifits\|Natural Farming) |

## • ପରିସଂସ୍ଥା ସେବା ଓ ପ୍ରାକୃତିକ କୃଷି:

| ପରିସଂସ୍ଥା (ଇକୋସିଷ୍ଟମ୍) : |
|---|
| ଜୀବନ୍ତ ମୌଳିକ ବସ୍ତୁ ନିଜ ନିଜ ମଧ୍ୟରେ ତଥା ସେମାନଙ୍କର ନିର୍ଜୀବ ପରିବେଶ ସହିତ ସମ୍ପର୍କ ରକ୍ଷା କରି ପୃଥିବୀକୁ ସୁଯୋଗ ଓ ସେବା ଯୋଗାଇ ଥାଆନ୍ତି । |
| **ପରିସଂସ୍ଥା ସେବା:** |
| ପରିସଂସ୍ଥା ବା ମଣିଷ ଜୀବନକୁ ସମୃଦ୍ଧ କରିବା ପାଇଁ ନିମ୍ନ ସେବା ଯୋଗାଇଥାଏ । ଯଥା- ପୋଷଣଯୁକ୍ତ ଖାଦ୍ୟ, ନିର୍ମଳ ଜଳ, ରୋଗ ଓ ବାୟୁମଣ୍ଡଳରେ ନିୟନ୍ତ୍ରଣ, ପରାଗସଂଗମରେ ସହାୟତା, ମୃତ୍ତିକା ଗଠନ ଓ ଆମୋଦପ୍ରମୋଦ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସୁଯୋଗ ସୃଷ୍ଟି । |
| **ଜୈବବିବିଧତା:** |
| ନିଜର ଓ ଅନ୍ୟ ଜୀବ ତଥା ପରିସଂସ୍ଥା ମଧ୍ୟରେ ବିବିଧତା ମଧ୍ୟ ଏଥିରେ ସମ୍ପୃକ୍ତ । ଜୈବବିବିଧତାରେ ପରିବର୍ତ୍ତନ ପରିସଂସ୍ଥା ସେବାକୁ ପ୍ରଭାବିତ କରେ । ଜୈବବିବିଧତା ତଥା ପରିସଂସ୍ଥା ସେବାର ସୁପରିଚାଳନା କଲେ ଏହା ରକ୍ଷା କରାଯାଇପାରେ ଓ ଦୀର୍ଘସ୍ଥାୟୀ ହୁଏ । |

ଯେହେତୁ କୃଷି, ଗୋପାଳନ, ବନୀକରଣ ଓ ମତ୍ସ୍ୟରକ୍ଷ ଆଦି ପ୍ରତ୍ୟେକ, ପ୍ରତ୍ୟେକଙ୍କ ଦ୍ୱାରା ଲାଭାନ୍ୱିତ ଓ ପ୍ରଭାବିତ ହୁଅନ୍ତି, ପରିସଂସ୍ଥା ସେବା ଏହି ସମସ୍ତ କାର୍ଯ୍ୟାବଳୀ ଦ୍ୱାରା ପ୍ରଭାବିତ ହୋଇ ଭଲ ଓ ଭେଲରେ ପରିଣତ ହୋଇପାରେ । ଉଦାହରଣସ୍ୱରୂପ :-

| **ପରିସଂସ୍ଥା ଉପରେ ସୁପ୍ରଭାବ:** | **ପରିସଂସ୍ଥା ଉପରେ କୁପ୍ରଭାବ :** | **ପ୍ରାକୃତିକ କୃଷି ସମତା ରକ୍ଷା, ରାସାୟନିକ କୃଷି ଅପେକ୍ଷା** |
|---|---|---|
| * କୃଷି ଜଙ୍ଗଲି ପ୍ରଜାତିଙ୍କ ଆଶ୍ରୟସ୍ଥଳ ଓ ସୌନ୍ଦର୍ଯ୍ୟମୟ ଭୂଭାଗ ବିନ୍ୟାସ । | * କୀଟନାଶକ ଓ ସମାନ ଭୂମି ବିନ୍ୟାସ, ପ୍ରାକୃତିକ ପରାଗସଂଗମ କମାଇ ଦିଏ । |   |
| * ସ୍ୱାସ୍ଥ୍ୟପ୍ରଦ ଜଳ ପରିସଂସ୍ଥା ମାଧ୍ୟମରେ ନିର୍ମଳ ଜଳର ଉତ୍ସ ପ୍ରଦାନ କରେ । | * ଜଙ୍ଗଲଧ୍ୱଂସ, ଜଙ୍ଗଲ ଓ ନିମ୍ନମାନର ପରିଚାଳନା ହେତୁ ବାତ୍ୟା ଓ ମୌସୁମୀ ସମୟରେ ବନ୍ୟା ଓ ଭୂସ୍ଖଳନ ହୁଏ । |   |
| * ପଶୁମଳ, ପୋଷକତତ୍ତ୍ୱ କିନ୍ତୁ ବିକ୍ଷେପଣ ଓ ମୃତ୍ତିକାର ଉର୍ବରତା ଆଣିବାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । | * ଅତ୍ୟଧିକ ପଶୁମଳ ଓ ଏହାର କୁପରିଚାଳନା ଜଳ ଦୂଷିତ କରିବା ସହିତ ଜଳସଂସ୍ଥାର ବିବିଧତା ପ୍ରତି ବିପଦ ଆଣେ । |   |

## • ପରିସଂସ୍ଥା ସେବା ଓ ପ୍ରାକୃତିକ କୃଷିର ପ୍ରାସଙ୍ଗିକତା :

### ୧. ସେବା ପ୍ରଦାନ :

ପାଣି, ଖାଦ୍ୟ, ଜାଳେଣୀ ଓ ଅନ୍ୟ ପଦାର୍ଥ ପରି ବସ୍ତୁ ଲୋକମାନେ ପରିସଂସ୍ଥା ଠାରୁ ପାଇଥାଆନ୍ତି । ଏହାକୁ ସେବା ପ୍ରଦାନ କୁହାଯାଏ । ଏହିପରି ବହୁ ସେବା ବଜାରରେ ମିଳେ । ବହୁତ ଅଞ୍ଚଳରେ ଗାଉଁଲୀ ପରିବାର ଏହି ଜିନିଷ ଉପରେ ସିଧାସଳଖ ନିଜର ଜୀବିକା ପାଇଁ ନିର୍ଭର କରନ୍ତି । ବଜାରରୁ ମିଳୁଥିବା ଆର୍ଥିକ ସୁବିଧାଠାରୁ ସେମାନେ ଅନେକ କିଛି ଉପକାର ଏହି ସେବାରୁ ପାଇଥାଆନ୍ତି ।

| | |
|---|---|
|  | **ଖାଦ୍ୟ :**<br>ପ୍ରକୃତରେ ସବୁ ପରିସଂସ୍ଥା ଖାଦ୍ୟ ଉତ୍ପନ୍ନ, ସଂଗ୍ରହ, ଶିକାର ଓ ଅମଳ କରିବାର ସୁଯୋଗ ଯୋଗାଇଦିଏ । |
|  | **କଞ୍ଚାମାଲ୍ :**<br>ଜଙ୍ଗଲି ତଥା ଚାଷ କରାଯାଉଥିବା ଉଦ୍ଭିଦ ଓ ବିଭିନ୍ନ ପଶୁପ୍ରଜାତିଙ୍କ ଠାରୁ ବିବିଧ ବସ୍ତୁ ଯଥା କାଠ, ଜୈବ ଜାଳେଣୀ ଓ ତନ୍ତୁ ଇତ୍ୟାଦି ମିଳେ । |
|  | **ଶୁଦ୍ଧପାଣି :**<br>ଜଳ ବିହୁନେ ପ୍ରାଣହାନି ପରିସଂସ୍ଥା ତାଜା ପାଣିର ଉତ୍ସ ସ୍ରୋତ ଓ ଭଣ୍ଡାରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । |
|  | **ଔଷଧୀୟ ସାମଗ୍ରୀ :**<br>ପ୍ରାକୃତିକ ପରିସଂସ୍ଥା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ଯଥୋଚିତ ଚିକିତ୍ସା ପାଇଁ ବିଭିନ୍ନ କିସମର ଉଦ୍ଭିଦ ଓ ଛତୁ ପ୍ରଦାନ କରିଥାଏ । ସେଗୁଡ଼ିକ ପ୍ରଚଳିତ ଓ ଜଣାଶୁଣା ଔଷଧ ଭାବରେ ବ୍ୟବହୃତ ହେବା ସହିତ ଔଷଧ ତିଆରି କମ୍ପାନୀକୁ ଯାଏ । |

### ୨. ସେବା ନିୟନ୍ତ୍ରଣ :

ପବନ ଓ ମୃତ୍ତିକାର ଗୁଣବତ୍ତା ବଜାୟ ରଖିବା, ବଢ଼ି ଓ ରୋଗ ନିୟନ୍ତ୍ରଣ ଓ ଫସଲରେ ପରାଗସଂଗମ ଆଦି ନିୟନ୍ତ୍ରିତ ସେବା ପରିସଂସ୍ଥା ଯୋଗାଇଥାଏ । ଏହା ବେଳେବେଳେ ଅଦୃଶ୍ୟ ହେତୁ ଅକ୍ଳେଶରେ ମିଳିଯାଉଥିବାରୁ ଏହାର ଗୁରୁତ୍ୱ ଜଣାପଡ଼େ ନାହିଁ । ଯେତେବେଳେ ଏଗୁଡ଼ିକ ନଷ୍ଟ ହୋଇଯାଏ, ଏଥିରୁ ହେଉଥିବା କ୍ଷତି ବହୁତ ବଡ଼ ଲାଗେ ଓ ପୁନରୁଦ୍ଧାର କରିବା କଷ୍ଟକର ହୁଏ ।

| | |
|---|---|
|  | **ଆଞ୍ଚଳିକ ବାୟୁମଣ୍ଡଳରେ ବାୟୁର ଗୁଣବତ୍ତା :(Photo ସହ ଲେଖା ବସି ଟେବୁଲ୍ ହେବ)**<br>ପରିସଂସ୍ଥା ଆଞ୍ଚଳିକ ବାୟୁମଣ୍ଡଳ ଓ ବାୟୁର ଗୁଣକୁ ପ୍ରଭାବିତ କରେ । ଉଦାହରଣ- ଗଛ ଛାଇ ପ୍ରଦାନ କରୁଥିବା ବେଳେ ଜଙ୍ଗଲ ବର୍ଷା ଓ ଜଳସୁଲଭ ଆଞ୍ଚଳିକ ସ୍ତରରେ ପ୍ରଦାନ, ଗଛ ଓ ଅନ୍ୟ ଉଦ୍ଭିଦ ବାୟୁମଣ୍ଡଳରୁ ଦୂଷିତ ପଦାର୍ଥ ଗ୍ରହଣ କରି ବାୟୁର ଗୁଣବତ୍ତାକୁ ନିୟନ୍ତ୍ରିତ କରନ୍ତି । |
|  | **ଅଙ୍ଗାର ଆତ୍ମୀକରଣ ଓ ଭଣ୍ଡାରଣ :**<br>ପରିସଂସ୍ଥା ସବୁଜଗୃହ ବାଷ୍ପକୁ ଭଣ୍ଡାରଣ କରି ବିଶ୍ୱ ଜଳବାୟୁକୁ ନିୟନ୍ତ୍ରିତ କରେ । ଉଦାହରଣ ସ୍ୱରୂପ ଗଛ ଓ ଅନ୍ୟ ଉଦ୍ଭିଦ ବଢୁଥିବା ବେଳେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଅତି ସନ୍ତର୍ପଣରେ ନିଜର ତନ୍ତୁର ସଞ୍ଚୟ କରନ୍ତି । |
|  | **ସାଙ୍ଘାତିକ ପରିସ୍ଥିତିର ସଠିକ୍ ମୁକାବିଲା :**<br>ପ୍ରାକୃତିକ ବିପତ୍ତି ବେଳେ ପରିସଂସ୍ଥା ଓ ଜୀବନ୍ତ ପ୍ରାଣୀମାନେ ନିଅଣ୍ଟ ଭରଣା ପାଇଁ ଭଣ୍ଡାରଣ କରିଥାନ୍ତି । ବନ୍ୟା, ବାତ୍ୟା, ସୁନାମି, ବରଫ ଚଳନ, ଭୂସ୍ଖଳନ ଓ ମରୁଡ଼ି ଜନିତ କ୍ଷୟକ୍ଷତିକୁ କମ୍ କରିଥାନ୍ତି । |



**ବର୍ଜ୍ୟଜଳ ଶୋଧନ :**

ବ୍ୟବହାର ଅନୁପଯୁକ୍ତ ନିର୍ଗତ ଜଳକୁ ସନ୍ତସନ୍ତିଆ ଜମି ଦ୍ୱାରା ଛାଣିବା, ସୂକ୍ଷ୍ମଜୀବ ମାନଙ୍କର ଜୈବିକ କାର୍ଯ୍ୟକଳାପ ଦ୍ୱାରା ବର୍ଜ୍ୟବସ୍ତୁକୁ ପଚାଇବା ଓ କ୍ଷତିକାରକ ପାଥୋଜେନ୍ (ଜୀବାଣୁ)ଙ୍କୁ ନିଷ୍କାସିତ କରିବା ।



**ମୃତ୍ତିକା କ୍ଷୟକୁ ରୋକିବା ଓ ଜମିର ଉର୍ବରତାକୁ ସହିସଲାମତ୍ ରଖିବା :**

ପ୍ରାକୃତିକ ଜୈବ ପ୍ରକ୍ରିୟା ତଥା ଯବକ୍ଷାରଜାନ ନିବନ୍ଧନ ଆଦି ଦ୍ୱାରା ଉଦ୍ଭିଦ ଘୋଡ଼ଣୀ ମୃତ୍ତିକା ଅବକ୍ଷୟକୁ ପ୍ରତିହତ କରିବା ସହିତ ମାଟିର ଉର୍ବରତା ବୃଦ୍ଧି, ମରୁଭୂମି ସୃଷ୍ଟିରୁ ବଞ୍ଚିତ, ଜଳସ୍ଥଳରେ ମତ୍ସ୍ୟ ଉତ୍ପାଦନର ହ୍ରାସକୁ ପ୍ରତିହତ କରେ ।



**ପରାଗସଂଗମ :**

ଫଳ, ପନିପରିବା ଓ ବିହନର ମାନବୃଦ୍ଧି ପାଇଁ କୀଟପତଙ୍ଗ ଓ ବାୟୁ ଦ୍ୱାରା ଉଦ୍ଭିଦ ଓ ଗଛମାନଙ୍କରେ ପରାଗସଂଗମ ନିହାତି ଆବଶ୍ୟକ । ପଶୁପକ୍ଷୀଙ୍କ ଦ୍ୱାରା ହେଉଥିବା ପରାଗସଂଗମ ପରିସଂସ୍ଥା ସେବା, ମୁଖ୍ୟତଃ କୀଟପତଙ୍ଗ ଦ୍ୱାରା ହେଉଥିବାବେଳେ କେତେକ ସ୍ଥଳେ କିଛି ପକ୍ଷୀ ଓ ବାଦୁଡ଼ିଙ୍କ ଦ୍ୱାରା ମଧ ହୁଏ । କୃଷି ପରିସଂସ୍ଥାରେ ଫଳବଗିଚା, ବଗିଚାକ୍ଷ ଓ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ପରାଗସଂଗମକାରୀ ଏକାନ୍ତ ଆବଶ୍ୟକ । ଚେର ତଥା ତନ୍ତୁ ଜାତୀୟ ଫସଲର ବିହନ ଉତ୍ପାଦନ ପାଇଁ ମଧ ଏମାନଙ୍କର ଆବଶ୍ୟକତା ଜରୁରୀ । ମଧୁମକ୍ଷୀ, ପକ୍ଷୀ ଓ ବାଦୁଡ଼ିମାନେ ପୃଥିବୀର ଫସଲ ଉତ୍ପାଦନରେ ୩୫ ଶତାଂଶକୁ ପ୍ରଭାବିତ କରୁଥାନ୍ତି । ସମଗ୍ର ପୃଥିବୀରେ ମୁଖ୍ୟ ଖାଦ୍ୟ ଫସଲର ୭୫ ଶତାଂଶ ଉତ୍ପାଦ ବୃଦ୍ଧି କରିବାରେ ଏମାନଙ୍କର ଯୋଗଦାନ ରହିଛି ।



**ଜୈବ ନିୟନ୍ତ୍ରଣ :**

ପରିସଂସ୍ଥାରେ ଶିକାରୀ ଓ ପରଭୋଜୀ ଜୀବମାନେ କୀଟ ଓ ରୋଗକାରକଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିଥାନ୍ତି ।



**ଜଳପ୍ରବାହ ନିୟନ୍ତ୍ରଣ :**

ଜମି ଉପରେ ଘୋଡ଼ଣୀ ଓ ଏକତ୍ରୀକରଣ ଦ୍ୱାରା ମୁଖ୍ୟତଃ ଜଳପ୍ରବାହକୁ ନିୟନ୍ତ୍ରିତ କରାଯାଇପାରେ ମାତ୍ର ବହୁ ନୀତିନିର୍ଦ୍ଧାରକ ଓ ଭୂମି ପରିଚାଳନା ଦାୟିତ୍ୱରେ ଥିବା ଅନୁଷ୍ଠାନ ଏହାର ଗୁରୁତ୍ୱକୁ ଅଣଦେଖା କରୁଛନ୍ତି ।

## ୩. ସହାୟକ ସେବା :

ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ ଜୀବନ୍ତ ସ୍ଥାନ ଯୋଗାଇଦେବା ସହିତ ସେମାନଙ୍କର ବିବିଧତାକୁ ରକ୍ଷଣାବେକ୍ଷଣ କରିବା ।



**ସମଜାତୀୟ ପ୍ରାଣୀ ଆବାସ :**

ପରିସଂସ୍ଥା ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ ଜୀବନ୍ତ ସ୍ଥାନ ସୁନିଶ୍ଚିତ କରିବା ସହିତ ବିବିଧତା ପରି ଜଟିଳ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ । କେତେକ ଆବାସସ୍ଥଳୀ ବହୁ ପ୍ରଜାତିର ପ୍ରାଣୀଙ୍କର ବାସସ୍ଥାନ ହୋଇଥିବା ଯୋଗୁଁ ଜିନ୍‌ଗତ ବିବିଧତା ଅନ୍ୟ ଅପେକ୍ଷା ଅଧିକ ଦେଖାଯାଏ । ଏଣୁ ତାକୁ ବିବିଧତାର ମୁଖ୍ୟସ୍ଥାନ (ହଟ୍‌ସ୍ପଟ୍) କୁହାଯାଏ ।



**ଗୁଣସୂତ୍ର ବିବିଧତାର ସଂରକ୍ଷଣ :**

ଗୁଣସୂତ୍ର ବିବିଧତା ଦ୍ୱାରା (ଜାତି ତଥା ପ୍ରଜାତି ଭିତରେ ଏବଂ ମଧ୍ୟରେ) ପ୍ରତ୍ୟେକ ପ୍ରତ୍ୟେକ ଠାରୁ ଅଲଗା ବାରି ହୋଇଯାଏ, ଯାହା ଆଞ୍ଚଳିକ ପରିବେଶ ସହଣୀ କିସମ ତଥା ଜିନ୍‌ର ଦ୍ୱାରା ବ୍ୟବସାୟିକ ଫସଲ ଓ ଗୋସମ୍ପଦ ବୃଦ୍ଧି କରାଯାଇପାରେ ।

## ୪. ସାଂସ୍କୃତିକ ସେବା :

ପରିସଂସ୍ଥା ଦ୍ୱାରା ପଦାର୍ଥ ବ୍ୟତିରେକେ ଯେଉଁ ସେବା ମିଳେ ତାକୁ ସାଂସ୍କୃତିକ ସେବା କୁହାଯାଏ । ସେଗୁଡ଼ିକ ମଧ୍ୟରେ ସୌନ୍ଦର୍ଯ୍ୟବୋଧର ପ୍ରେରଣା, ସାଂସ୍କୃତିକ ପରିଚୟ, ଗୃହାଭିମୁଖୀ ଚେତନା ଓ ପ୍ରାକୃତିକ ପରିବେଶରେ ସାଂସ୍କୃତିକ ଅନୁଭୂତି ଅନ୍ତର୍ଭୁକ୍ତ । ବସ୍ତୁତଃ ଭ୍ରମଣ ଓ ବିନୋଦନର ସୁଯୋଗ ଏହା ମଧ୍ୟରେ ସ୍ଥାନ ପାଏ ।

ସାଂସ୍କୃତିକ ସେବା ନିଜ ନିଜ ମଧ୍ୟରେ ସମ୍ପୃକ୍ତ ଏବଂ ବହୁ ସମୟରେ ସାମୟିକ ଓ ସହଯୋଗୀ ସେବା ସହିତ ସଂଶ୍ଳିଷ୍ଟ । ଛୋଟମୋଟିଆ ମାଛ ଧରିବା କେବଳ ଯେ ଖାଦ୍ୟ ଓ ରୋଜଗାର ପନ୍ଥା ତାହା ନୁହେଁ, ଏହା ମଧ୍ୟ ନିଜର ଜୀବନଶୈଳୀ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ବହୁ ପରିସ୍ଥିତିରେ ସାଂସ୍କୃତିକ ସେବାକୁ ପ୍ରକୃତି ସହିତ ସାମିଲ କରନ୍ତି, ଏ ଦୃଷ୍ଟିରୁ ଏହାକୁ ବୁଝିବା ପାଇଁ ଜଟିଳ ହୋଇଥାଏ ।

| | |
|---|---|
|  | **ଆମୋଦପ୍ରମୋଦ ଓ ମାନସିକ ତଥା ଶାରୀରିକ ସ୍ୱାସ୍ଥ୍ୟ :**<br>ପ୍ରକୃତି କୋଳରେ ଆମୋଦପ୍ରମୋଦର ସୁଯୋଗ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ ଯଥା- ପାର୍କ ଓ ସହରର ସବୁଜ ବଳୟରେ ଭ୍ରମଣ ଓ ଖେଳକୁଦ ଇତ୍ୟାଦି । |
|  | **ପର୍ଯ୍ୟଟନ :**<br>ପ୍ରକୃତିକୁ ଉପଭୋଗ କରିବା ପାଇଁ ବିଶ୍ୱର ଲକ୍ଷଲକ୍ଷ ଲୋକଙ୍କୁ ଆକର୍ଷିତ କରେ । ଏହି ସାଂସ୍କୃତିକ ସେବା ଦର୍ଶକମାନଙ୍କୁ ଲାଭାନ୍ୱିତ କରୁଥିବା ବେଳେ ଏହି ସବୁ ପର୍ଯ୍ୟଟନ ସୁବିଧା ଯୋଗାଇ ଦେଉଥିବା ସଂସ୍ଥା ଓ ଲୋକମାନଙ୍କର ରୋଜଗାରର ସୁଯୋଗ ସୃଷ୍ଟି କରେ । |
|  | **କଳା, ସଂସ୍କୃତି ଓ ସର୍ଜନା-ସୌନ୍ଦର୍ଯ୍ୟବୋଧ ପ୍ରତି ଅନୁରାଗ ଓ ପ୍ରେରଣାର ଉତ୍ସ :**<br>କଳା, ସଂସ୍କୃତି ଓ ସର୍ଜନା ପନ୍ଥା, ଉଦ୍ଭିଦ ଓ ପରିସଂସ୍ଥା ପାଇଁ ପ୍ରେରଣାର ଉତ୍ସ ହୋଇଥାନ୍ତି । ବହୁଗୁଣରେ ବିଜ୍ଞାନକୁ ମଧ୍ୟ ଅନୁପ୍ରାଣିତ କରନ୍ତି । |
|  | **ସାଂସ୍କୃତିକ ଅଭିଜ୍ଞତା ଓ ସ୍ଥାନର ଗୁରୁତ୍ୱ :**<br>ଅଧିକାଂଶ ମୁଖ୍ୟ ଧର୍ମରେ ପ୍ରକୃତି ହିଁ ପ୍ରଧାନ ଆଧାର । ନିଜର ସ୍ୱତନ୍ତ୍ର ପରିଚୟ ପାଇଁ ସେହି ସ୍ଥାନର ପ୍ରାକୃତିକ ହେରିଟେଜ୍, ସାଂସ୍କୃତିକ ସମ୍ପୃକ୍ତି, ଚିରାଚରିତ ଜ୍ଞାନ ଓ ସେଠାକାର ପ୍ରଚଳିତ ପ୍ରଥା ଗୁରୁତ୍ୱ ବହନ କରେ । |

(Ref : https://www.fao.org/ecosystem-services-biodiversity/ent)

❀❀❀

# (୩) ମାଟିର ସ୍ୱାସ୍ଥ୍ୟ ଓ ପୋଷକ ପରିଚାଳନା

## • ମାଟି କାହାକୁ କହନ୍ତି ?

କହିବାକୁ ଗଲେ ମାଟି ଖଣିଜଦ୍ରବ୍ୟ, ଜୈବପଦାର୍ଥ ଓ ଜୀବନ୍ତ କ୍ଷୁଦ୍ରଜୀବଙ୍କ ଏକ ମିଶ୍ରଣ, ମାତ୍ର ପ୍ରକାରାନ୍ତରେ କହିବାକୁ ଗଲେ ଏହା ଯେକୌଣସି ହୁଗୁଳା ସ୍ତରୀକୃତ ପିଣ୍ଡୁଳାକୁ ବୁଝାଏ । ବହୁତ ପ୍ରକାରର ମାଟି ପୃଥିବୀର ବିଭିନ୍ନ ଆଡ଼େ ପଡ଼ି ରହିଛି । ସେଗୁଡ଼ିକର ଶ୍ରେଣୀବିଭାଗ ଏହିପରି ।

(୧) ପଙ୍କ ମାଟି

(୨) ବାଲିଆ ମାଟି

(୩) ଦୋରସା ମାଟି

(୪) ପଟୁ-ଦୋରସା ମାଟି

ମାଟିରେ ୪୫ ଭାଗ ଧାତବ ପଦାର୍ଥ, ୫୦ ଭାଗ ଶୂନ୍ୟସ୍ଥାନ ଓ ୫ ଭାଗ ଜୈବପଦାର୍ଥ ଥାଏ ପୁନଶ୍ଚ ମାଟି ବହୁତ ଜରୁରୀ କାର୍ଯ୍ୟ ସମ୍ପାଦନ କରେ । ଯଥା-

୧. ଉଦ୍ଭିଦ ବୃଦ୍ଧିର ମାଧ୍ୟମ ।

୨. ପୃଥିବୀ ବାୟୁମଣ୍ଡଳର ପରିବର୍ତ୍ତନକାରୀ

୩. ଜୈବମଣ୍ଡଳର ଏକ ଜଟିଳ ଉପାଦାନ

୪. ସୂକ୍ଷ୍ମଜୀବମାନଙ୍କର ବାସସ୍ଥାନ

## • ମାଟି ସ୍ୱାସ୍ଥ୍ୟର ପରିଚାଳନା :

ବିଶ୍ୱ ତଥା ଭାରତବର୍ଷରେ କୃଷି ପ୍ରଯୁକ୍ତିବିଦ୍ୟାରେ ବହୁତ ଆଗେଇଛି । କିନ୍ତୁ ଆଜି କୃଷି ଉତ୍ପାଦନର ଓ ପରିବେଶର ଚିରନ୍ତନତା ଆମର ମୁଖ୍ୟ ଧ୍ୟାନ ଆକର୍ଷଣକାରୀ ହୋଇଛି । ମାଟି ଓ ଫସଲ ପରିଚାଳନା ପ୍ରକ୍ରିୟା ମାଟିର ଓ କୃଷି ପରିସଂସ୍ଥାର କାର୍ଯ୍ୟର ସମ୍ପର୍କକୁ ବହୁଗୁଣରେ ପ୍ରଭାବିତ କରେ । ଫଳତଃ, କୃଷି ଉତ୍ପାଦନର ନିରନ୍ତରତାକୁ ମଧ୍ୟ ପ୍ରଭାବିତ କରେ ।

(**Jernigam... 2012**)

## • ମାଟି ସ୍ୱାସ୍ଥ୍ୟ ଓ ଅଧୁନା ମାଟିପ୍ରତି ବିଶେଷ ଚିନ୍ତନ :

ସମସ୍ତ ଜୀବଜଗତ ବଞ୍ଚି ରହିବା ପାଇଁ ମାଟି ଏକ ମୁଖ୍ୟ ଅତ୍ୟାବଶ୍ୟକୀୟ ପ୍ରାକୃତିକ ସାଧନ ।

- ମାଟିର ସ୍ୱାସ୍ଥ୍ୟ କିମ୍ବା ଗୁଣବତ୍ତାର ସଂଜ୍ଞା ହେଉଛି, ପରିସଂସ୍ଥାର ସରହଦ ମଧ୍ୟରେ କାର୍ଯ୍ୟ କରୁଥିବା ମାଟିର ଶକ୍ତି ଯାହା ଜୈବ ଉତ୍ପାଦିକାକୁ ଚିରନ୍ତନ କରେ, ପରିବେଶ ଗୁଣକୁ ସଠିକ୍ ରଖେ ଓ ଉଦ୍ଭିଦ ଏବଂ ପଶୁ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ ।

- ସୁସ୍ଥମାଟି ସଠିକ୍ ଭାବରେ ଜଳଧାରଣ ଓ ଆବଶ୍ୟକତା ଅନୁଯାୟୀ ଜଳ ପ୍ରବାହିତ କରେ, ଶୋଷଣ ମଧ୍ୟ ଯୋଗାଇଥାଏ । ଚେରର ବୃଦ୍ଧିକୁ ନିରନ୍ତର କରି ପ୍ରୋତ୍ସାହିତ କରେ; ମାଟିରେ ରହୁଥିବା ସୂକ୍ଷ୍ମଜୀବମାନଙ୍କ ବାସସ୍ଥାନକୁ ପରିଚାଳନା କରେ ଓ ପରିବେଶାନୁଗ୍ରାହୀ ହୋଇ ଅବକ୍ଷୟକୁ ପ୍ରତିହତ କରେ ।

- ସୁସ୍ଥ ମାଟି ଉତ୍ପାଦନ, ଲାଭାନ୍ୱିତ ଓ ପରିବେଶ ଅନୁକୂଳ କୃଷି ପଦ୍ଧତିର ମୂଳଦୁଆ ।

- ସଘନ ଫସଲ ଚାଷ ଦ୍ୱାରା ମୁଖ୍ୟତଃ ଅସମ ସାର ପ୍ରୟୋଗ, ଏକକ କୃଷି ଦ୍ୱାରା ସର୍ବାଧିକ ପୋଷକତତ୍ତ୍ୱର ଶୋଷଣ, ଜୈବଦ୍ରବ୍ୟ ଅନୁପସ୍ଥିତିର ସୂକ୍ଷ୍ମଜୀବଙ୍କର ଅଭାବ ଇତ୍ୟାଦି ହୋଇଥାଏ । ଏହାଦ୍ୱାରା ଦେଶସାରା ମାଟି ସ୍ୱାସ୍ଥ୍ୟର ଅବକ୍ଷୟ ଦେଖାଦେଉଛି । ଫଳତଃ ଫସଲ ଉତ୍ପାଦିକା ଶକ୍ତିରେ ଅବନ୍ନତି ହେଉଛି ।

ଭାରତରେ ମୁଖ୍ୟତଃ ଛଅ ପ୍ରକାରର ମାଟି ଦେଖାଯାଏ, ଯଥା- (୧) ପଟୁ ମାଟି, (୨) ଲାଲ୍ ମାଟି, (୩) କଳା ମାଟି, (୪) କଙ୍କର ମାଟି, (୫) ପାହାଡ଼ିଆ ମାଟି, (୬) ଶୁଷ୍କମାଟି ପ୍ରତ୍ୟେକ ପ୍ରକାରର ମାଟିର ରାସାୟନିକ ଓ ଭୌତିକ ଗୁଣ ଅଲଗା ଅଲଗା । ଯଥା- ପଟୁମାଟି ପଟାସ୍ ଓ ଫସ୍‌ଫରସ୍ ଅମ୍ଳୀୟ ଯୋଗୁଁ ବହୁଳ ଭାବରେ ଉର୍ବର । କଙ୍କର ମାଟି ଅମ୍ଳୀୟ, କଳାମାଟିରେ ପଟାସ୍ ଓ ମ୍ୟାଗ୍ନେସିୟମ୍ ଅଧିକ ଥିବାବେଳେ ଫସ୍‌ଫରସ୍ କମ୍ ଥାଏ । ଲାଲ୍ ମାଟିରେ ଲୌହ ଓ ପଟାସ୍ ଅଧିକ ଥିବାବେଳେ ଫସ୍‌ଫେଟ୍ କମ୍ ଥାଏ ।

- **ଭାରତୀୟ ମାଟିରେ ପୋଷକତତ୍ତ୍ୱର ଅଭାବ :** ମୋଟାମୋଟି ଭାବରେ ପ୍ରାୟ ୫୯% ଓ ୩୬% ଭାରତୀୟ ମାଟିରେ ନାଇଟ୍ରୋଜେନ୍ ଯଥାକ୍ରମେ ନିମ୍ନ ଓ ମଧ୍ୟମ ମାନର । ସେହିପରି ୪୯% ଓ ୪୫% ମିଳୁଥିବା ପୋଟାସିୟମ୍ ଯଥାକ୍ରମେ ନିମ୍ନ ଏବଂ ମଧ୍ୟମ ତଥା ୯%, ୩୯% ମାଟିରେ ନିମ୍ନ ଓ ମଧ୍ୟମ ପୋଟାସ୍ ମିଳିଥାଏ । **(ଚୌଧୁରୀ ଏବଂ ଅନ୍ୟମାନେ, ୨୦୧୪)** ମାଟିର ଦୁଇଟି ଗୁଣବତ୍ତା ଯଥା- ମାଟିର ପି.ଏଚ୍. ଓ ଜୈବ ଅଙ୍ଗାର ସୂକ୍ଷ୍ମ ପୋଷକତତ୍ତ୍ୱର ଉପଲବ୍ଧତା ଓ ଗ୍ରହଣୀୟତାକୁ ପ୍ରଭାବିତ କରେ ।

## • ସୂକ୍ଷ୍ମଜୀବମାନଙ୍କର ପୋଷକ ପରିଚାଳନାରେ ଭୂମିକା :

ସୂକ୍ଷ୍ମଜୀବମାନଙ୍କର ପୋଷକ ପରିଚାଳନାରେ ଭୂମିକା ହେଉଛି ଏଗୁଡ଼ିକ ମାଟିରେ ଥିବା ପୋଷଣ ଓ ଖଣିଜ ପଦାର୍ଥ ଗଛକୁ ଯୋଗାଇ ଦିଅନ୍ତି । ଉର୍ବରତାକୁ ଉତ୍ପନ୍ନ କରି ଗଛ ବୃଦ୍ଧିରେ ସହାୟକ ହୁଅନ୍ତି । ଗଛର ରୋଗ ପ୍ରତିରୋଧକ ଶକ୍ତି ଉତ୍ତେଜିତ କରନ୍ତି । ବାଧାକୁ କମ୍-ବେଶୀ କରନ୍ତି । ବାସ୍ତବରେ ମାଟିରେ ସୂକ୍ଷ୍ମଜୀବର ବିବିଧତା ହିଁ ଗଛର ରୋକ-ପୋକକୁ ମାରିବା ସହିତ ଅଧିକ ଅମଳ ଦେଇଥାଏ ।

* ମାଟିରେ ଥିବା ସୂକ୍ଷ୍ମଜୀବମାନେ ଅଙ୍ଗାର ଓ ଯବକ୍ଷାରଜାନ ଆଦି ପୋଷକ ଚକ୍ରରେ ସଂଶ୍ଳିଷ୍ଟ ହେତୁ ମାଟିର ଉର୍ବରତାରେ ସକ୍ରିୟ ଭାଗ ନିଅନ୍ତି । ଏହା ହିଁ ଗଛ ବୃଦ୍ଧି ପାଇଁ ଆବଶ୍ୟକ ।
* ଉଦାହରଣ ସ୍ୱରୂପ- ମାଟି ଭିତରକୁ ଯାଉଥିବା ଜୈବାଂଶକୁ ଖତରା କରିବାରେ ସୂକ୍ଷ୍ମଜୀବମାନେ ଦାୟୀ ଓ ଏହାଦ୍ୱାରା ପୋଷଣର ପୁନଃଚକ୍ରଣ ହୁଏ ।
* କେତେକ ସୂକ୍ଷ୍ମଜୀବ ଯଥା- ମାଇକୋରାଇଜା ଫଙ୍ଗସ୍, ଖଣିଜପୋଷକ ଯଥା- ଫସ୍‌ଫରସ୍ ଗଛକୁ ଯୋଗାଇ ଥାଆନ୍ତି ।
* ଅନ୍ୟ ସୂକ୍ଷ୍ମଜୀବମାନେ ମାଟିରେ ଥିବା ପୋଷଣକୁ ବଢ଼େଇ ଥାଆନ୍ତି । ରାଇଜୋବିଆ ନାମକ ସୂକ୍ଷ୍ମଜୀବ ଯାହା ଡାଲିଜାତୀୟ ଗଛର ଚେର ଭିତରେ ଥାଆନ୍ତି ବାୟୁମଣ୍ଡଳରୁ ଯବକ୍ଷାରଜାନ ନେଇ ସେଠାରେ ସ୍ଥିରୀକରଣ କରନ୍ତି ।

### ଜୈବସାର :

ଯେଉଁ ସୂକ୍ଷ୍ମଜୀବ ମାଟିର ଉର୍ବର ଅବସ୍ଥାକୁ ବଢ଼ାଇ ଗଛର ବୃଦ୍ଧି ଘଟାଇଥାଏ ତାକୁ ଜୈବସାର କହନ୍ତି ।

• କେତେକ ସୂକ୍ଷ୍ମଜୀବ ଅଛନ୍ତି ଯେଉଁମାନେ ଯୌଗିକ ବସ୍ତୁ (ଭିଟାମିନ ଓ ଗଛ ଉଦ୍ରେକ) ତିଆରି କରି ଗଛର ସ୍ୱାସ୍ଥ୍ୟ ବଢ଼ାନ୍ତି ଏବଂ ଅଧିକ ଅମଳରେ ସହାୟକ ହୁଅନ୍ତି । ଏଗୁଡ଼ିକୁ ଶାରୀରିକ ଉଦ୍ରେକକାରୀ କୁହାଯାଏ ।

ମାଟିରେ ଥିବା କେତେକ ଦେଶୀୟ ସୂକ୍ଷ୍ମଜୀବ କ୍ଷତିକାରକ ସୂକ୍ଷ୍ମଜୀବମାନଙ୍କ ପାଇଁ ବିପଦ ସୃଷ୍ଟି କରି ଫସଲ ନଷ୍ଟ କରିବାକୁ ଦିଅନ୍ତି ନାହିଁ ।

• କେତେକ ସୂକ୍ଷ୍ମଜୀବ ଯୌଗିକ ପଦାର୍ଥ ତିଆରି କରନ୍ତି, ଯେଉଁମାନେ କି ଗଛର ପ୍ରାକୃତିକ ସୁରକ୍ଷା ବଳୟ ସୃଷ୍ଟି କରନ୍ତି ଏବଂ କ୍ଷତିକାରକ ରୋଗପୋକ ଉଦ୍ରେକକାରୀଙ୍କୁ ପ୍ରତିହତ କରିବାରେ ସକ୍ଷମ ହୁଅନ୍ତି । ଏହି ସମସ୍ତ ସୂକ୍ଷ୍ମଜୀବଙ୍କୁ ଜୈବ କୀଟନିୟନ୍ତ୍ରକ କହନ୍ତି ।

* ଆଜୋସ୍ପିରିଲମ୍ ଗଛ ଚେରର ଲୋମ ବୃଦ୍ଧି କରାଏ ଯାହା ଫଳରେ ପୋଷକ ନେବାରେ ଗଛକୁ ସୁଗମ ହୁଏ ।
* ମାଇକୋରାଇଜା ବା ଚେର କେବଳ ମାଟି ଭିତରେ ଏକ ସଘନ ପତଳା ଜାଲର ସୃଷ୍ଟି କରେ, ଯାହା ଚେରର ଏକ ସହଯୋଗୀ ଭାବରେ ତାହା ଭିତରେ ବା ବାହାରେ କାମ କରେ । ଏହା ଜଳ ଓ ବହୁବିଧ ପୋଷକ ନେବାରେ ସାହାଯ୍ୟ କରେ । ଫଳତଃ ଗଛର ବୃଦ୍ଧି ତଥା ସର୍ବୋପରି ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ ।

## ● ମାଟିର ଜୈବାଂଶ (ଏମ୍.ଓ.ଏସ୍.) ମାଟି ସ୍ୱାସ୍ଥ୍ୟର ମୁଖ୍ୟ ପରିଚୟ :

* ମାଟିର ସୂକ୍ଷ୍ମଜୀବ ପାଇଁ ଖାଦ୍ୟର ଉତ୍ସ ।
* ଅତି ସଢ଼ି ଯାଇଥିବା ଜୈବ ପଦାର୍ଥ (ହ୍ୟୁମସ୍) ଆଦାନ ପ୍ରଦାନ ହେଉଥିବା ଓ ପ୍ରାପ୍ତ ପୋଷଣର ଭଣ୍ଡାରଣ କରେ ।
* ପି.ଏଚ୍.ର ଭୌତିକ ପରିବର୍ତ୍ତନ ଓ ମାଟିର ପରିବର୍ତ୍ତନ ପାଇଁ ଏହା ଆପାତକାଳୀନ ପ୍ରତିନିଧିର କାମ କରେ ।
* ମାଟିର ଉତ୍ପାଦିକା ଶକ୍ତି ଏଥିରୁ ଜଣାପଡ଼େ । ମାଟିରେ ଦାନାଦାର ସୃଷ୍ଟି କରିବା ହେତୁ ବାୟୁ ଚଳାଚଳ ଓ ଅନ୍ତପ୍ରବେଶର ସୁବିଧା ହୁଏ ।
* ଜଳଧାରଣ ଶକ୍ତି ବଢ଼େ ଏବଂ ଜଳପ୍ରବାହ ଓ ମୃତ୍ତିକାକ୍ଷୟକୁ ରୋକା ଯାଇଥାଏ ।




## ● ହ୍ୟୁମସ୍ କାହାକୁ କହନ୍ତି :

ଏହା କଳା ଦିଶୁଥିବା ଜୈବପଦାର୍ଥ, ଯାହା ଉଦ୍ଭିଦ ଓ ପ୍ରାଣୀ ଦ୍ରବ୍ୟ ବିଘଟନରୁ ମିଳିଥାଏ ।

## ● ହ୍ୟୁମସ୍ ତିଆରି ପଦ୍ଧତି :

ଗଛରୁ ଡାଳ, ପତ୍ର ଓ ଅନ୍ୟାନ୍ୟ ପଦାର୍ଥ ତଳେ ପଡ଼େ । ଏଗୁଡ଼ିକ ଜମା ହୋଇ ପତ୍ର ଆବର୍ଜନାରେ ପରିଣତ ହୁଏ । ପଶୁପକ୍ଷୀ ମରିଗଲେ ସେମାନଙ୍କର ଅବଶିଷ୍ଟାଂଶ ମଧ୍ୟ ଏଥିରେ ମିଶେ । ସମୟକ୍ରମେ ଏହି ସବୁ ଆବର୍ଜନା ବିଘଟିତ, ଖଣ୍ଡିତ ହୋଇ ହୁମିଫିକେସନ୍ ପଦ୍ଧତିରେ ରାସାୟନିକ ମୂଳ ପଦାର୍ଥରେ ପରିଣତ ହୁଏ । ଅଧିକାଂଶ ଜୈବ ବର୍ଜ୍ୟବସ୍ତୁ ବିଘଟିତ ହୋଇ ଶେଷ ଅବସ୍ଥାରେ ବହଳ କଳା ଏବଂ ଧୂସର ହେବାକୁ ହ୍ୟୁମସ୍ କହନ୍ତି ।

ଏହି ହ୍ୟୁମିଫିକେସନ୍ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ପ୍ରକ୍ରିୟା ଦ୍ୱାରା ପ୍ରକୃତ ହ୍ୟୁମସ୍ (ଜୈବଦ୍ରବ୍ୟ) ଉଦ୍ଭିଦ, ପ୍ରାଣୀ ଓ ସୂକ୍ଷ୍ମଜୀବର ଏକ ଯୌଗିକ ଓ ଜଟିଳ ଜୈବ ରସାୟନ ଯାହାର କାର୍ଯ୍ୟକାରିତା ଓ ଫଳାଫଳ ମାଟି ପାଇଁ ବହୁବିଧ ।

- **ଜୈବବିଘଟନ (ହ୍ୟୁମିଫିକେସନ୍) :**

* ଉଦ୍ଭିଦ ଅବଶେଷ ଓ ପ୍ରାଣୀଙ୍କ ଦ୍ୱାରା ହଜମ ତଥା ମଳମୂତ୍ର ଆକାରରେ ମିଳୁଥିବା ପଦାର୍ଥ ଯୌଗିକ ଜୈବ ପଦାର୍ଥରେ ଭରପୂର ଯଥା- ଚିନି, ଷ୍ଟାର୍ଚ୍ଚ, ପ୍ରୋଟିନ୍, ଶ୍ୱେତସାର, ଲିଗ୍ନିନ, ମହମ, ରେସିନ୍ ଓ ଜୈବକ୍ଷାର ।
* ଏହି ଜୈବ ପଦାର୍ଥ ଉପରେ ସାପ୍ରୋଟ୍ରୋଫିକ୍ କବକ, ସୂକ୍ଷ୍ମଜୀବ, ବୀଜାଣୁ ତଥା ଜିଆ, ନେମାଟୋଡ଼, ପ୍ରୋଟୋଜୁଆ ଓ ଆରଥ୍ରୋପଡ଼ା ପରି ପ୍ରାଣୀମାନେ କାର୍ଯ୍ୟ କରିଥାନ୍ତି ।
* ମାଟିରେ ସଢ଼ିବା ପ୍ରକ୍ରିୟା ଶ୍ୱେତସାରରେ ଥିବା ସୁଗାର ଓ ଷ୍ଟାର୍ଚ୍ଚର ବିଘଟନରୁ ଆରମ୍ଭ ହୋଇଥାଏ ।
* ତନ୍ତୁଜାତୀୟ ଓ ଲିଗ୍ନିନ୍‌ର ବିଘଟନ ଆସ୍ତେ ଆସ୍ତେ ହୁଏ । ପ୍ରୋଟିନ୍, ଜୈବକ୍ଷାର, ଶ୍ୱେତସାର ଓ ସୁଗାରର ବିଘଟନ ଶୀଘ୍ର ହୋଇଥାଏ ।
* ସମଗ୍ର ପ୍ରୋଟିନ୍, ଚର୍ବି, ମହମ ଓ ରେସିନ୍ ଅପେକ୍ଷାକୃତ ଭାବରେ ବହୁତ ଦିନ ଧରି ଅପରିବର୍ତ୍ତିତ ରହେ ।

- **ହ୍ୟୁମସ୍‌ର ଉପକାରିତା :**

* ଏଥିରେ ମାଟି ଆବଶ୍ୟକ କରୁଥିବା ବହୁତ ଦରକାରୀ ପୋଷକ ଥିବାରୁ ମାଟିକୁ ଉର୍ବର କରେ । ଯବକ୍ଷାରଜାନ ଏହା ମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଉଦ୍ଭିଦ ପାଇଁ ଯବକ୍ଷାରଜାନ ଏକ ମୁଖ୍ୟ ପୋଷକ ।
* ମାଟିରୁ ସୃଷ୍ଟି ହେଉଥିବା ରୋଗକୁ ଦବାଇ ନେବାରେ ସାହାଯ୍ୟ କରେ ।
* ଏଥିରେ ସୂକ୍ଷ୍ମ ସାନ୍ଦ୍ରତା ଥିବାରୁ ମାଟିର ବତର ବଜାୟ ରଖେ ।
* ମାଟିର ଗଠନକୁ ଉତ୍ତମ କରିବାକୁ ପ୍ରୋତ୍ସାହିତ କରେ ।
* ଉଦ୍ଭିଦ ପୋଷକ ମିଳିବାରେ ବୃଦ୍ଧି ଘଟାଏ ।
* ସୂକ୍ଷ୍ମଜୀବଙ୍କର ଏହା ଏକ ଅଧିକ ପୋଷକ ।



- **ପୋଷଣ ପରିଚାଳନାରେ ଜିଆମାନଙ୍କ ଭୂମିକା :**

ଜିଆମାନେ ବିଘଟିତ ଜୈବ ପଦାର୍ଥକୁ ଖାଇ ଅତି ଉତ୍ତମ ଖତ ତିଆରି କରିଥାନ୍ତି । ଜିଆ ହଳକରି ମାଟିକୁ ମିଶାଇ ଦିଅନ୍ତି । ସେମାନେ ଯିବାଆସିବା କରୁଥିବା ସୁଡ଼ଙ୍ଗରେ ମାଟି ହାଲୁକା ହୋଇଯିବାରୁ ପାଣି ଓ ପୋଷଣ ସହଜରେ ତଳକୁ ଯାଇପାରେ । ତାଙ୍କ ଦ୍ୱାରା ତ୍ୟାଗ କରାଯାଉଥିବା ମଳ ମାଟିକୁ ସମୃଦ୍ଧ କରେ । ସେମାନଙ୍କ ଠାରୁ ନିର୍ଗତ ଝାଳୁଆ ପଦାର୍ଥରେ ଯବକ୍ଷାରଜାନ ଥାଏ ଓ ଏହା ଗଛର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ।

- **ଉତ୍କର୍ଷ ପୋଷଣ ସୁଲଭତା :**
  ଜୈବବର୍ଜ୍ୟ (ଶୁଖିଲା ଚେର, ପତ୍ର, ଘର ଓ ମଳ) ଓ ମାଟି ଜିଆଙ୍କ ଖାଦ୍ୟ । ସେମାନଙ୍କର ହଜମ ପ୍ରକ୍ରିୟାରେ ତାଙ୍କ ଖାଦ୍ୟରେ ଥିବା ଜୈବ ଓ ଧାତବ ପଦାର୍ଥକୁ ଘନୀଭୂତ କରିଦିଅନ୍ତି ଏବଂ ସେମାନଙ୍କ ମଳରୁ ପାଖରେ ଥିବା ମାଟି ଅପେକ୍ଷା ଅଧିକ ପୋଷକ ମିଳେ । ମଳରେ ଥିବା ଯବକ୍ଷାରଜାନ ଗଛକୁ ତତ୍‌କ୍ଷଣାତ୍ ମିଳିଯାଏ । ଜିଆ ମରିଗଲେ ଖୁବ୍‌ଶୀଘ୍ର ବିଘଟିତ ହୋଇ ମାଟିକୁ ଯବକ୍ଷାରଜାନ ଦିଅନ୍ତି ।
- **ଉତ୍କର୍ଷ ଜଳ ନିଷ୍କାସନ :**
  ଜିଆମାନଙ୍କର ଗମନା ଗମନ ଦ୍ୱାରା ସୃଷ୍ଟି ହେଉଥିବା ବହୁ ସୁଡ଼ଙ୍ଗ ଓ ରାସ୍ତା ମାଟକୁ ହାଲୁକା ତଥା ବାୟୁ ଚଳାଚଳରେ ସୁଗମ କରିଥାଏ । ଫଳରେ ମାଟିରେ ନିଷ୍କାସନ ପଥ ସୁଗମହୁଏ । ଜିଆ ଥିଲେ ମାଟିରେ ୧୦ ଗୁଣ ଚଞ୍ଚଳ ଜଳ ନିଷ୍କାସନ ସମ୍ଭବ ହୁଏ । ବହୁଳ ଭାବରେ ରହୁଥିବା ଜିଆ ସ୍ଥାନରେ ହଳ କରାନଗଲେ ଚାଷ ହେଉଥିବା ମାଟି ଅପେକ୍ଷା ୬ଗୁଣ ଅଧିକ ଜଳ ପ୍ରବେଶର ସୁବିଧା ହୁଏ । ବର୍ଷା, ଜଳସେଚନ ଓ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଜିଆଙ୍କ ଦ୍ୱାରା ତିଆରି ସୁଡ଼ଙ୍ଗ ଚୂନ ଓ ଅନ୍ୟାନ୍ୟ ପଦାର୍ଥ ପାଇଁ ସୁଗମ ରାସ୍ତା ପାଲଟିଯାଏ ।

- **ଉତ୍କର୍ଷ ମାଟି ଗଠନ :**

ଜିଆର ମଳ ମାଟିର କ୍ଷୁଦ୍ର କଣାଗୁଡ଼ିକୁ ଜଳ ଅଭେଦୀ ଶକ୍ତ ପଦାର୍ଥରେ ପରିଣତ କରିଦିଏ । ଜିଆରୁ ନିର୍ଗତ ଅଠା ଭଳି ପଦାର୍ଥ ଏହାର ମଳ ଓ ସୂକ୍ଷ୍ମଜୀବ ପଦାର୍ଥକୁ ଏକତ୍ର କରି ଜଳ ଅଭେଦୀ ସମୂହରେ ପରିଣତ କରିଥାଏ । ଏହା ଆର୍ଦ୍ରତାକୁ ଅନ୍ୟ ଆଡ଼କୁ ନ ଛାଡ଼ି ଗଚ୍ଛିତ କରେ । ଅନୁସନ୍ଧାନରୁ ଜଣାଯାଇଛି ଯେଉଁ ଜିଆମାନେ ମାଟି ଉପରେ ସେମାନଙ୍କର ମଳ ଛାଡ଼ିଥାଆନ୍ତି ସେମାନେ ହିଁ ଉପରମାଟି ତିଆରି କରନ୍ତି । ସବୁ ଠିକ୍‌ଠାକ୍ ଥିଲେ ଜିଆମାନେ ବାର୍ଷିକ ୫୦ ଟନ୍/ ହେକ୍ଟର ମାଟି ଆଣିପାରନ୍ତି ଯାହା ୫ ମି.ମି. ଗଭୀରତାର ମାଟି ତିଆରି କରିବା ପାଇଁ ଯଥେଷ୍ଟ ।

- **ମାଟି ଅଣୁଜୀବମାନଙ୍କ ଦକ୍ଷତା ବୃଦ୍ଧି :**

ମାଟିରେ ଥିବା ଅନ୍ୟ ଅଣୁଜୀବମାନଙ୍କ ବ୍ୟବହାର ପାଇଁ ସେମାନେ ପୋଷକ ଓ ସମ୍ଭଳ ଏକତ୍ରିତ କରନ୍ତି । ଏହି ମିଶ୍ରଣ ପ୍ରକ୍ରିୟା ବ୍ୟତୀତ ଜିଆର ଅନ୍ତନଳୀରୁ ନିର୍ଗତ ଲାଳୁଆ ପଦାର୍ଥ ଓ ମଳ ସାହାଯ୍ୟରେ ମାଟିରେ ଥିବା ଜୈବ ପଦାର୍ଥକୁ ସଶକ୍ତ କରାଏ ।

- **ମାଟିର ପି.ଏଚ୍. (pH) ରେ ବୃଦ୍ଧି :**

ମାଟିରେ ଜୈବ ପଦାର୍ଥ ମିଶ୍ରଣ ହେତୁ ମାଟିର ପି.ଏଚ୍. ଅହେତୁକ ଭାବରେ ବଢ଼ିଯିବା ଜିଆର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

**ଜିଆ- (ଚିତ୍ର ହେବ)**




- **ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ କ'ଣ ?**

ଏହା ଏକ ଛପା ଯାଇଥିବା ବିବରଣୀ ଫର୍ଦ୍ଦ, ଯାହା କୃଷକକୁ ତା'ର ପ୍ରତ୍ୟେକ ଜମିଚକଡ଼ା ପାଇଁ ଦିଆଯାଏ । ଏଥିରେ ଜମିରେ ଥିବା ୧୨ଟି ମାନାଙ୍କ ଯଥା- ଏନ୍.ପି.କେ (ମୌଳିକ ସ୍ଥୁଳ ସାର); (ଦ୍ୱିତୀୟକ ସ୍ଥୁଳସାର) ଦସ୍ତା, ଲୌହ, ତମ୍ବା, ମାଙ୍ଗାନିଜ, ବୋରନ, ମଲିବଡ଼େସ (ସୂକ୍ଷ୍ମସାର), ପି.ଏଚ୍., ଇସି ଓ ଓସି (ଭୌତିକ ମାନାଙ୍କ) ଆଦି । ଏହି ବିବରଣୀ ସହିତ ଆବଶ୍ୟକ ହେଉଥିବା ସାର ଓ ଜମିରେ ମାଟିର ଆବଶ୍ୟକ ପରିବର୍ତ୍ତନ ଦ୍ରବ୍ୟ ଲେଖା ଯାଇଥାଏ ।

- **ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ଗୁରୁତ୍ୱ :**

କୃଷକ ଜମିରେ ଥିବା ପୋଷକ ଅନୁଯାୟୀ ମାଟି ସ୍ୱାସ୍ଥ୍ୟ କାର୍ଡ଼ରେ ଉପଦେଶ ଦିଆଯାଇଥାଏ । ଏଥିରେ ବିଭିନ୍ନ ପ୍ରକାର ଆବଶ୍ୟକ ପୋଷକ ମାତ୍ରାର ସୁପାରିଶ ଥାଏ । ସର୍ବାଧିକ ଅମଳ ପାଇଁ ଆବଶ୍ୟକ ଜମିର ପରିବର୍ତ୍ତନ ଓ କେଉଁ ସାର କେତେ ପରିମାଣରେ ଆବଶ୍ୟକ ତା'ର ଉପଦେଶ ରହିଥାଏ ।

SOIL HEALTH CARD
Swasth Dhara, Khet Haraa

ଏହା ପ୍ରତି ୩ ବର୍ଷରେ ଥରେ ମିଳିଥାଏ ଯାହା ସେହି ସମୟ ପାଇଁ ଚାଷଜମିର ସ୍ୱାସ୍ଥ୍ୟ ପାଇଁ ପ୍ରଯୁଜ୍ୟ । ପର ୩ ବର୍ଷ ପାଇଁ ଏହି ବିବରଣୀ ମାଟି ସ୍ୱାସ୍ଥ୍ୟର ପରିବର୍ତ୍ତନର ସୂଚନା ଥାଏ, ଯାହା ଆଗ ୩ ବର୍ଷ ପାଇଁ ପ୍ରଯୁଜ୍ୟ ।

**ନମୁନା ସଂଗ୍ରହ ବିଧି :**

ମାଟିର ନମୁନା ୨.୫ ହେକ୍ଟର ପରିମିତି ବିଶିଷ୍ଟ ଜଳସେଚିତ ଅଞ୍ଚଳ କିମ୍ବା ୧୦ ହେକ୍ଟର ପରିମିତି ବୃଷ୍ଟିପୁଷ୍ଟ ଅଞ୍ଚଳରୁ ଜି.ପି.ଏସ୍. ଯନ୍ତ୍ର ଓ ରେଭେନ୍ୟୁ ମ୍ୟାପ୍ ସାହାଯ୍ୟରେ ନିଆଯାଏ । ନମୁନା ଜଣେ ପ୍ରଶିକ୍ଷିତ ଲୋକ ଦ୍ୱାରା ୧୫-୨୦ ମି.ମି. ତଳୁ ଭି (V) ଆକାରର ଖୋଳା ଯାଇଥିବା ଗାତରୁ ସଂଗ୍ରହ କରାଯାଏ ।

ଜମିର ଚାରିକଣ ଏବଂ ମଝିକୁ ସଂଗ୍ରହ କରି ଭଲ ଭାବରେ ମିଶାଇ ଦିଆଯାଏ ଓ ଗୋଟିଏ ଭାଗ ଏକ ମୁଣାରେ ରଖି ତା'ର ଏକ କୋଡ଼ ଦେଇ ମାଟି ପରୀକ୍ଷା କେନ୍ଦ୍ରକୁ ବିଶ୍ଳେଷଣ ପାଇଁ ପଠାଇ ଦିଆଯାଏ । ରାଜ୍ୟସରକାର ଏହି ନମୁନା କୃଷି ବିଭାଗର କର୍ମଚାରୀମାନଙ୍କ ଦ୍ୱାରା କିମ୍ବା ନିଯୁକ୍ତ କରାଯାଉଥିବା ବାହାର ସଂସ୍ଥାର କର୍ମଚାରୀଙ୍କ ଦ୍ୱାରା ସଂଗ୍ରହ କରନ୍ତି ।

ସାଧାରଣତଃ ବର୍ଷରେ ଦୁଇଥର ରବି ଓ ଖରିଫ୍ ଚାଷର ଅମଳ ପରେ କିମ୍ବା ଯେତେବେଳେ ଜମିରେ ଫସଲ ନ ଥାଏ ସେହି ସମୟରେ ଏହା ସଂଗ୍ରହ କରାଯାଏ ।

**ମୃତ୍ତିକା ପରୀକ୍ଷାଗାର :**

ଏହା ମାଟିର ୧୨ଟି ଉପାଦାନ ପରୀକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ଏହା ଗୋଟିଏ ଜାଗାରେ, ଭ୍ରାମ୍ୟମାଣ ବା ଦୁର୍ଗମ ଅଞ୍ଚଳରେ ଛୋଟ ଆକାରରେ ବୋହି ନେବା ଭଳି ପରୀକ୍ଷାଗାର ହୋଇପାରେ ।

ସରକାରଙ୍କ ନିର୍ଦ୍ଧାରିତ ମାନ ଅନୁଯାୟୀ ନିମ୍ନ ପ୍ରକାରେ ୧୨ଟି ଯାକ ଉପାଦାନର ପରୀକ୍ଷା କରାଯାଏ ।

୧. କୃଷି ବିଭାଗର କର୍ମଚାରୀଙ୍କ ଦ୍ୱାରା ସରକାରୀ ପରୀକ୍ଷାଗାରରେ

୨. ଏଜେନ୍ସି ନିଯୁକ୍ତ କର୍ମଚାରୀଙ୍କ ଦ୍ୱାରା ସରକାରୀ ପରୀକ୍ଷାଗାରରେ

୩. ଏଜେନ୍ସି ନିଯୁକ୍ତ କର୍ମଚାରୀଙ୍କ ଦ୍ୱାରା ଏଜେନ୍ସିର ପରୀକ୍ଷାଗାରରେ

୪. ଆଇସିଏଆର୍, କେଭିକେ ଓ ଏସ୍ଏୟୁରେ

୫. ବିଜ୍ଞାନ କଲେଜ/ ୟୁନିଭରସିଟିର ପରୀକ୍ଷାଗାରରେ, ଛାତ୍ରମାନଙ୍କ ଦ୍ୱାରା ପ୍ରଫେସର/ବୈଜ୍ଞାନିକ ମାନଙ୍କର ତତ୍ତ୍ୱାବଧାନରେ ।

- **ମାଟି ସ୍ୱାସ୍ଥ୍ୟ କାର୍ଡ଼ ତିଆରି ପାଇଁ ସଫ୍ଟୱେର୍ :**

ଜାତୀୟ ଇନ୍ଫରମେଟିକ୍ସ କେନ୍ଦ୍ର (NIC) ଏକ ୱେବ୍ ପୋର୍ଟାଲ୍ (www.soilhealth.dac.gov.in) କରିଛନ୍ତି ମାଟି ସ୍ୱାସ୍ଥ୍ୟ କାର୍ଡ଼ ବାହାର କରିବା ପାଇଁ । ଏଥିରେ ଆବଶ୍ୟକ ସାରର ସୁପାରିଶ ରହିଛି ।

**ତଥ୍ୟର ଉତ୍ସ : *www.soilhealth.dac.gov.in.***

✿✿✿

# (୪) ଜୈବ ଉପାଦାନ

ଜୈବ ଉପାଦାନ, ଉପକାରୀ ଅଣୁଜୀବ ଯଥା- ଜୀବାଣୁ, କବକ, ଭୂତାଣୁ, କୀଟ ଓ ଉଦ୍ଭିଦରୁ ମିଳୁଥିବା ନିର୍ଯ୍ୟାସ (ଦ୍ରବଣ) ତିଆରି ହୁଏ। ଏହା କୃଷି ଉତ୍ପାଦନରେ କୀଟ ନିୟନ୍ତ୍ରଣ ଓ ଉଦ୍ଭିଦ ବୃଦ୍ଧିକୁ ପ୍ରୋତ୍ସାହିତ କରେ।

ଏହି ପଦାର୍ଥ ପରିବେଶରେ କୌଣସି କ୍ଷତିକାରକ ଅବଶେଷ ଛାଡ଼େନାହିଁ କିମ୍ବା ଏହାର ବ୍ୟବହାର କୃଷକ ଓ ଖାଉଟି ପାଇଁ ବିପଦ ଆଣେନାହିଁ। ପ୍ରାକୃତିକ ଦୃଷ୍ଟିକୋଣରୁ ଭାରତରେ ଜୈବିକ ପୋଷକ ଭରପୂର ରହିଛି। ଏହା ଜୈବିକ ପଦ୍ଧତିରେ ଫସଲ କରିବା ପାଇଁ ସାହାଯ୍ୟ କରେ। ଜୈବ କୀଟନାଶକ ଓ ଜୈବିକ ସାରରେ ଚିରନ୍ତନ କୃଷି କରିବାର ଅନ୍ତର୍ନିହିତ ଶକ୍ତି ଥିବା ଭାରତରେ ବହୁ ବର୍ଷରୁ ଜଣାଅଛି। ସାର ଓ ଯବକ୍ଷାରଜାନ ଧାରଣ କରିପାରୁଥିବା ଉଦ୍ଭିଦ ହେତୁ କ୍ଷେତରେ ଯବକ୍ଷାରଜାନର ପୁନଃଚକ୍ରଣ ଦ୍ୱାରା ମାଟିର ଗୁଣବତ୍ତା ବଢ଼ିପାରୁଛି। ଏହା ବହୁଦିନ ଧରି ଉପେକ୍ଷିତ ଓ ମାଟିର ଜୀବତତ୍ତ୍ୱର ବୋଧଗମ୍ୟ ବାହାରେ ଥିଲା। ଆମେ କେବଳ ପୋଷକ ବାହାରୁ ନେଇ ଚାଲିଥିଲେ।

ଉଦ୍ଭିଦ ଜୈବସାଧନ ବ୍ୟବହାର କରି ଖଣିଜ ପୋଷଣ ପାଇଥାଏ ଖଣିଜ ତତ୍ତ୍ୱକୁ ପାଥେୟ କରି। ଏଥିପାଇଁ ମାଟିରେ କୋଟି କୋଟି ଅଣୁଜୀବ ଏ କାମରେ ଲାଗିଥାଆନ୍ତି।

ଜୈବିକ ଚାଷ ଓ ବାହାରୁ କମ୍ ସାଧନର ବ୍ୟବହାର ଏହା ହିଁ ମୁଖ୍ୟ କୌଶଳ।

- **ଜୈବ ଉପାଦାନର ଗୁରୁତ୍ୱ :**

କ୍ଷେତରୁ ବାହାରୁଥିବା ଜୈବ ପଦାର୍ଥ ନିଧାର୍ଯ୍ୟ ଭାବରେ ମାଟିକୁ ଆବଶ୍ୟକ ଅନୁଯାୟୀ ମିଳିଥାଏ। ଏହାର ବହୁବିଧ ଉପକାରିତା ନିମ୍ନରେ ଦିଆଗଲା :

* ମାଟି ଗଠନରେ ଉତ୍କର୍ଷତା
* ଜୈବ କାର୍ଯ୍ୟକୁ ବହୁଗୁଣିତା ପ୍ରୋତ୍ସାହିତ କରିବା
* ଜଳ ଧାରଣ ଶକ୍ତିରେ ବୃଦ୍ଧି
* ହଳକୁ ତ୍ୱରାନ୍ୱିତ କରିବା
* ଉଦ୍ଭିଦର ସ୍ୱାସ୍ଥ୍ୟବର୍ଦ୍ଧକ
* ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବାରେ ଭୂମିକା ନିର୍ବାହ। (ବିକର୍ଷ, ଉଦ୍ଭିଦର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା)
* କୃଷିର ଜୈବ ପରିବେଶକୁ ସଂରକ୍ଷଣ କରିବା ପାଇଁ କ୍ଷେତ ଉପାଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ।

- **ଜୈବ ଉପାଦାନର ପ୍ରକାରଭେଦ :**

* **ମାଟିର ସ୍ୱାସ୍ଥ୍ୟ ଏବଂ ପୋଷକ ପରିଚାଳନା**
* **ରୋଗପୋକ ପରିଚାଳନା**

- **ମାଟିର ସ୍ୱାସ୍ଥ୍ୟ ଏବଂ ପୋଷକ ପରିଚାଳନା ପାଇଁ ଚାଷୀମାନେ ନିଜ କ୍ଷେତରେ ବହୁତ ଗୁଡ଼ିଏ ଦ୍ରବଣ ତିଆରି କରିପାରିବେ, ଯଥା-**

**(କ) ବୀଜାମୃତ :**

**ଆବଶ୍ୟକୀୟ ପଦାର୍ଥ :**

ଦେଶୀ ଗାଇଗୋବର ୫ କିଲୋ

ଗୋମୂତ୍ର - ୫ ଲିଟର

ଗାଇକ୍ଷୀର - ୧ ଲିଟର

ଚୂନ - ୫୦ ଗ୍ରାମ୍

ପାଣି - ୨୦ ଲିଟର

ଶୁଦ୍ଧମାଟି - ୫୦ ଗ୍ରାମ୍

**ପ୍ରସ୍ତୁତି ପ୍ରଣାଳୀ :**

- ୨୦ ଲି. ପାଣି ନିଅନ୍ତୁ । ତା'ପରେ ୫ କିଲୋ ଦେଶୀଗାଇ ଗୋବରକୁ ନେଇ ହାତରେ ଚକଟି ଏକ କପଡ଼ାରେ ବାନ୍ଧି ଗୋଟିଏ କାଠି ସାହାଯ୍ୟରେ ସେହି ପାଣିରେ ଏକ ରାତି (୧୨ ଘଣ୍ଟା) ଝୁଲାଇ ରଖନ୍ତୁ ।
- ଆଉ ଏକ ଲିଟର ପାଣି ନେଇ ସେଥିରେ ୫୦ ଗ୍ରାମ୍ ଚୂନ ମିଶାଇ ଏକ ରାତି ରଖନ୍ତୁ ।
- ପରଦିନ ସକାଳେ ଝୁଲା ହୋଇଥିବା ଗୋବରକୁ ପାଣିରେ ଭଲ ଭାବରେ ୩ ଥର ଚିପୁଡ଼ନ୍ତୁ । ଯେପରି ଗୋବର ଭିତରେ ଥିବା ସମସ୍ତ ତତ୍ତ୍ୱ ପାଣିରେ ମିଶିଯିବ । ସେହି ମିଶ୍ରଣରେ ମୁଠାଏ (୫୦ ଗ୍ରାମ୍) ଶୁଦ୍ଧ ମାଟି ମିଶାନ୍ତୁ ।
- ସେହି ମିଶ୍ରଣରେ ୫ ଲି. ଦେଶୀଗାଇର ମୂତ୍ର କିମ୍ବା ମଣିଷ ମୂତ୍ର ମିଶାନ୍ତୁ ।
- ତା'ପରେ ଚୂନପାଣି ମିଶାଇ ଭଲ ଭାବରେ ଘାଣ୍ଟି ଦିଅନ୍ତୁ ।
- ଏହାର ସଠିକ୍ ଭାବରେ ସଢ଼ିବା ପାଇଁ ଗୋଟିଏ ରାତି ରଖିଦିଅନ୍ତୁ ।
- ବର୍ତ୍ତମାନ ବୀଜାମୃତ ବିହନ ବିଶୋଧନ ପାଇଁ ପ୍ରସ୍ତୁତ ହୋଇଗଲା ।

(ବୈଜ୍ଞାନିକ ସିଦ୍ଧତା- ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ, କୋଏମ୍ବାଟୁର ଏବଂ ସି.ଏସ୍.କେ. ହିମାଚଳ କୃଷି ବିଶ୍ୱବିଦ୍ୟାଳୟ, ପାଲାମପୁର)

**(ଖ) ଜୀବାମୃତ :**

**ଆବଶ୍ୟକ ସାମଗ୍ରୀ :**

ଗାଇ ଗୋବର - ୧୦ କିଲୋ

ଗୋମୂତ୍ର - ୧୦ ଲିଟର

ଗୁଡ଼ - ୨ କିଲୋ

ବେସନ (ହରଡ଼, ମୁଗ, ବିରି) - ୫ କିଲୋ

ଜୀବନ୍ତ ମାଟି - ମୁଠାଏ

ପାଣି - ୨୦୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

- ଏକ ଏକର ପାଇଁ ଆବଶ୍ୟକ ୨୦୦ ଲିଟରର ପାଣି ଏକ ଡ୍ରମ୍‌ରେ ନିଅନ୍ତୁ ।
- ସେଥିରେ ୧୦ କେଜି ଗାଈ ଗୋବର ମିଶାଇ ହାତ ଆଙ୍ଗୁଳିରେ ଭଲ କରି ଗୋଳାଇ ଦିଅନ୍ତୁ ।
- ଗୋଟିଏ ବାଡ଼ି ସାହାଯ୍ୟରେ ଘଣ୍ଟା ବୁଲୁଥିବା ପରି ଏହି ମିଶ୍ରଣକୁ ଘାଣ୍ଟନ୍ତୁ ।
- ଏହାପରେ ଗୁଡ଼କୁ ଛୋଟ ଖଣ୍ଡ କରି ଏଥିରେ ପକାଇ ଭଲ କରି ଘାଣ୍ଟି ଦିଅନ୍ତୁ ।
- ଏହାପରେ ବେସନ, ଜୀବନ୍ତମାଟି ଓ ଗୋମୂତ୍ରକୁ ମିଶାଇ ଭଲ କରି ଘାଣ୍ଟି ଦିଅନ୍ତୁ ଏବଂ ବାରେଲ୍ ଉପରେ ଏକ ଝୋଟ ଅଖା ଘୋଡ଼ାଇ ୩ ଦିନ ପର୍ଯ୍ୟନ୍ତ ସଢ଼ିବା ପାଇଁ ଛାଡ଼ି ଦିଅନ୍ତୁ ।

ସଢ଼ିବା ସମୟରେ ଏଥିରୁ ଆମୋନିଆ, ମିଥେନ୍, କାର୍ବନ ମନୋକ୍‌ସାଇଡ଼ ଓ କାର୍ବନ ଅକ୍‌ସାଇଡ଼ ପରି ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ । ଝୋଟ ବ୍ୟାଗ୍‌ର ରନ୍ଧ୍ର ଦେଇ ଏହି ଗ୍ୟାସ୍ ବାୟୁମଣ୍ଡଳକୁ ଚାଲିଯାଏ ଏବଂ ସଢ଼ିବା ପ୍ରକ୍ରିୟା ତୀବ୍ର ଗତିରେ ଚାଲେ । ସେଇଥିପାଇଁ ଆମେ ଝୋଟ ଅଖା ଦ୍ୱାରା ବାରେଲ୍‌କୁ ଘୋଡ଼ାଇ ଥାଆନ୍ତି । ଏହି ମିଶ୍ରଣକୁ କାଠି ସାହାଯ୍ୟରେ ଦିନକୁ ୩ ଥର ଘାଣ୍ଟନ୍ତୁ । ଏହି ଡ୍ରମ୍‌କୁ ଗଛ ଛାଇ କିମ୍ବା ଛାଇଜାଗାରେ ରଖନ୍ତୁ । ଜୀବାମୃତକୁ ସିଧା ସୂର୍ଯ୍ୟକିରଣ କିମ୍ବା ବର୍ଷା ପଡ଼ିବାକୁ ଛାଡ଼ିଦିଅନ୍ତୁ ନାହିଁ ।

ବର୍ତ୍ତମାନ ଜୀବାମୃତ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଗଲା ।

**ବ୍ୟବହାର :**

ବୃଦ୍ଧିରେ ସହାୟକ, ଅଧିକ ଫୁଲ ପ୍ରସ୍ଫୁଟନକାରକ ଓ ଉତ୍ପାଦନ ବର୍ଦ୍ଧକ ।

(୫ ରୁ ୧୦ ଭାଗ ହାରରେ ପାଣି ସହିତ ମିଶାଇ ସିଞ୍ଚନ)

ମାଟିର ଉର୍ବର ଶକ୍ତି ବର୍ଦ୍ଧକ ।

**ଜୀବାମୃତର ପ୍ରୟୋଗବିଧି :**

ଏହି ମିଶ୍ରଣ ପ୍ରତ୍ୟେକ ୧୫ ଦିନରେ ଥରେ ପ୍ରୟୋଗ କରିବା ବିଧେୟ । ସିଧା ଫସଲ ଉପରେ ସିଞ୍ଚନ କରାଯାଇପାରେ କିମ୍ବା ଜଳସେଚନ ସମୟରେ ଜଳରେ ମିଶାଇ ଦିଆଯାଇପାରେ । ଫଳଗଛ ମାନଙ୍କରେ ପ୍ରତ୍ୟେକ ଗଛରେ ଦିଆଯାଏ ।

ଏହି ମିଶ୍ରଣ ୧୫ ଦିନ ପର୍ଯ୍ୟନ୍ତ ଭଣ୍ଡାରଣ କରାଯାଇପାରେ । ଖରାଦିନେ ବଡ଼ି ସକାଳେ କିମ୍ବା ସନ୍ଧ୍ୟାରେ ଓ ଶୀତଦିନରେ ଦିନର ଯେକୌଣସି ସମୟରେ ଏହା ସିଞ୍ଚନ କରାଯାଇପାରେ । ଜଳର ଅଭାବ ଥିଲେ କିମ୍ବା ସ୍ପ୍ରେୟାରଯନ୍ତ୍ର ନଥିଲେ ହାତରେ ମଧ୍ୟ ପକାଯାଇପାରେ ।

**ପ୍ରୟୋଗର ସମୟ (ଠିଆ ଫସଲ) :**

**ପ୍ରଥମ ସିଞ୍ଚନ :** ବୁଣିବା ବା ଚାରାରୋପଣର ୧ ମାସ ପରେ ୧୦୦ ଲିଟର ପାଣି ଓ ୫ ଲିଟର ଛଣା ଯାଇଥିବା ଜୀବାମୃତ ।

**ଦ୍ୱିତୀୟ ସିଞ୍ଚନ :** ପ୍ରଥମ ସିଞ୍ଚନର ୨୧ ଦିନ ପରେ ।

**ତୃତୀୟ ସିଞ୍ଚନ :** ୨ୟ ସିଞ୍ଚନର ୨୧ ଦିନ ପରେ ।

**ଚତୁର୍ଥ ସିଞ୍ଚନ :** ଗଛରେ ଫଳ ଦେଖାଦେଲେ ୨୦୦ ଲି. ପାଣି ଓ ୬ ଲି. ଖଟା ଘୋଳଦହି ଏକ ଏକର ପ୍ରତି ।

## ଅର୍ଦ୍ଧଘନ ଜୀବାମୃତ ପ୍ରସ୍ତୁତି ଓ ପ୍ରୟୋଗ :

ଅର୍ଦ୍ଧଘନ ଜୀବାମୃତ ପ୍ରସ୍ତୁତି ପାଇଁ ୧୦୦ କିଲୋ ଗାଈଗୋବର, ୫ ଲି. ଗୋମୂତ୍ର, ୧ କିଲୋ ଗୁଡ଼, ୧ କିଲୋ ବେସନ, ଏକ ମୁଠା ମାଟି ସେହି କ୍ଷେତରୁ, ଅଳ୍ପ ପାଣିରେ ଏ ସବୁକୁ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ଛୋଟ ଲଡୁ ଭଳି ଗୋଳା ତିଆରି କରି ପୁରା ସୂର୍ଯ୍ୟ କିରଣରେ ଶୁଖାଇ ଦିଅନ୍ତୁ । ଏହି ଶୁଖିଲା ଗୁଳାଗୁଡ଼ିକୁ ଡ୍ରିପର୍ କିମ୍ବା ସ୍ପିଙ୍କଲର୍ ମୁହଁ ତଳେ ରଖିଦେବା । ପାଣି ପଡ଼ିଲେ ଅର୍ଦ୍ଧଘନ ଜୀବାମୃତରେ ଥିବା ସୂକ୍ଷ୍ମଜୀବମାନେ କାର୍ଯ୍ୟକ୍ଷମ ହୋଇଯାଆନ୍ତି ।

## କୌଶଳ ପଛରେ ବିଜ୍ଞାନ

ପ୍ରାକୃତିକ କୃଷି କହେ ଯେ, ଦେଶୀ ଗାଈ / ପଶୁ ଗୋବର ଏବଂ କ୍ଷେତରୁ ହଳଚଲ ହୋଇ ନଥିବା ମାଟି ରେ ପ୍ରଚୁର ସଂଖ୍ୟାରେ ବିବିଧ ଅନୂଜିବ ଥାଆନ୍ତି, ଯେଉଁମାନେ ଉଦ୍ଭିଦକୁ ଜୈବିକ ପଦ୍ଧତିରେ ଖାଦ୍ୟସାର ଯୋଗାଇ ପାରନ୍ତି । ମାଟି ଏକ ଏପରି ପରିସଂସ୍ଥା ଯେଉଁଥିରେ ଜୀବାଣୁ, କବକ, ଉଦ୍ଭିଦ ଏବଂ ପଶୁ ସମସ୍ତେ ସ୍ଥାନ ପାଇଥାନ୍ତି । ମାଟିର ଅଣୁ ଜୀବ ମାଟିରେ ଥିବା ଖାଦ୍ୟସାରକୁ ମୁକ୍ତକରି ଉଦ୍ଭିଦକୁ ଯୋଗାଇ ଦିଅନ୍ତି । ପ୍ରାକୃତିକ ପରିସଂସ୍ଥାରେ ଜବକ୍ଷାରଜାନ, ଫସଫରସ, ସଲ୍ଫର୍ ଭଳି ପୋଷକତତ୍ତ୍ୱ ବାନ୍ଧି ହୋଇ ରହିଥାଏ, ତେଣୁ ଉଦ୍ଭିଦକୁ ମିଳିବା କଷ୍ଟକର ହୁଏ । ତେଣୁ ଏହାକୁ ପାଇବା ପାଇଁ ଉଦ୍ଭିଦ ଅଣୁଜୀବଙ୍କ ଉପରେ ନିର୍ଭର କରେ, ଯେଉଁମାନେ ଖାଦ୍ୟସାର ଗୁଡ଼ିକୁ ଖଣିଜ ଜୈବିକକୁ ପରିବର୍ତ୍ତିତ କରିଥାନ୍ତି । ଏହିଭଳି ଅଣୁଜିବ ସବୁ ହେଲେ Citrobacterkoseri, Enterobacteraerogenes, Escherichia coli, Klebsiellaoxytoca, Klebsiellapneumoniae, Kluyvera spp., Morgarellamorganii, Pasteurella spp., Providenciaalcaligenes, Providenciastuartiiand Pseudomonas spp. ଯେଉଁଗୁଡ଼ିକ ଗୋବରରୁ ମିଳିଥାଏ ଏବଂ ଦେଖାଯାଇଛି ଯେ ସେଗୁଡିକ ଫସଫରସ ଦ୍ରବିଭୂତ କରିବା ଭଳି ପ୍ରାକୃତିକ ଦକ୍ଷତା ସମ୍ପନ୍ନ । ଗୋବରରୁ ବାହାର କରାଯାଉଥିବା ୨୧୯ ଜୀବାଣୁ କିସମରୁ ୫୯ଟି ସୂତ୍ରଜୀବ ଦମନ (୯୦%ରୁ ଅଧିକ ପରୀକ୍ଷିତ ସୂତ୍ର ଜୀବଙ୍କୁ)କରି ପାରୁଛନ୍ତି । ଗୋବରରେ କବକ ବିରୋଧୀ ତତ୍ତ୍ୱ ରହିଛି ଯାହା କ୍ଷତିକାରକ କବକ ଦମନ କରନ୍ତି ।

(ସୂତ୍ର : ତାମିଲ୍‌ନାଡୁ କୃଷିବିଶ୍ୱବିଦ୍ୟାଳୟ, କୋଏମ୍ବାଟୁର ସି.ଏସ୍.କେ. ଏଚ୍.ପି.କେ.ଭି., ପାଲାମପୁର କୃଷିବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ)

## (ଗ) ଘନ ଜୀବାମୃତ :

**ଆବଶ୍ୟକ ସାମଗ୍ରୀ :**

ଦେଶୀଗାଈ ଗୋବର - ୨୦୦ କିଲୋ

ଗୋମୂତ୍ର - ଆବଶ୍ୟକତା ଅନୁସାରେ

ଗୁଡ଼ - ୨ କିଲୋ

ବେସନ - ୨ କିଲୋ

ଜୀବନ୍ତ ମାଟି - ଏକ ମୁଠା

**ପ୍ରସ୍ତୁତି ପ୍ରଣାଳୀ :**

* ପ୍ରଥମେ ୨୦୦ କିଲୋ ଦେଶୀ ଗାଈର ଗୋବର ନିଅନ୍ତୁ । ଏଥିରେ ୨ କିଲୋ ଗୁଡ଼କୁ ଗୁଣ୍ଡ କରି ଭଲ ଭାବରେ ମିଶାଇ ଦିଅନ୍ତୁ । ତା'ପରେ ୨ କିଲୋ ବେସନ, ଜମିର ହିଡ଼ରୁ ମୁଠାଏ ମାଟି ଓ ଆବଶ୍ୟକ ହେଲେ କିଛି ଦେଶୀ ଗାଈର ମୂତ୍ର ଏଥିରେ ମିଶାଇ ଘାଣ୍ଟି ଦିଅନ୍ତୁ ।
* ଏହି ମିଶ୍ରଣକୁ ୪୮ ଘଣ୍ଟା ଛାଇରେ ରଖି ଶୁଖିବାକୁ ଦିଅନ୍ତୁ ।
* ଏହାପରେ ଏଥିରେ ସୂର୍ଯ୍ୟକିରଣ ଯେପରି ନ ପଡ଼େ ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ଓ ଏକ ଝୋଟ ତିଆରି ଅଖାରେ ଘୋଡ଼ାଇ ଦିଅନ୍ତୁ ।
* ଶୁଖିଗଲା ପରେ ଏହାକୁ ଗୁଣ୍ଡ କରି ଚଲୁଣୀରେ ଚଳାଇଦେବା ଓ ଅଖା ବସ୍ତାରେ ଛାଇରେ ରଖିବା ।
* ଏହି ୨୦୦ କିଲୋ ଘନଜୀବାମୃତକୁ ଏକ ଏକର ଜମିରେ ବୁଣିବା ପୂର୍ବରୁ କିମ୍ବା ବିହନ ସହିତ ପ୍ରୟୋଗ କରିବା ।

➢ **ପ୍ରୟୋଗବିଧି :**

ବୁଣାବୁଣି ବେଳେ ଏକର ପ୍ରତି ୨୦୦ କି.ଗ୍ରା. ଘନ ଜୀବାମୃତ ପ୍ରୟୋଗ କରନ୍ତୁ । ଫସଲରେ ଫୁଲ ଆସିଲାବେଳେ ଏକର ପିଛା ୨ ଧାଡ଼ି ଫସଲ ମଝିରେ ୫୦ କିଲୋ ପ୍ରୟୋଗ କରନ୍ତୁ । ଏହା ମାଟିରେ ଥିବା ପୋଷକ ଓ ସୂକ୍ଷ୍ମଜୀବମାନଙ୍କୁ କାର୍ଯ୍ୟକ୍ଷମ କରାଇ ଫସଲକୁ ଯୋଗାଇଥାଏ । ମାଟିରେ ଥିବା ଜିଆମାନଙ୍କର ସଂଖ୍ୟା ବୃଦ୍ଧି କରି ମାଟିର ଉର୍ବରତାକୁ ବଢ଼ାଇଥାଏ । ଜୀବାମୃତରେ ବହୁତ ସଂଖ୍ୟାରେ ପୋଷକତତ୍ତ୍ୱ ଥାଏ ଯଥା- ଯବକ୍ଷାରଜାନ, ଫସ୍‌ଫରସ୍, କାଲ୍‌ସିୟମ୍ ଓ ଅନ୍ୟାନ୍ୟ ସୂକ୍ଷ୍ମ ପୋଷକତତ୍ତ୍ୱ ।

ଏହା ମାଟିରେ ସୂକ୍ଷ୍ମଜୀବ ମାନଙ୍କର କାର୍ଯ୍ୟକୁ ତ୍ୱରାନ୍ୱିତ କରି ବୃହଦାକାର ଜୈବାଂଶକୁ ଖୁବ୍‌ଶୀଘ୍ର ବିଘଟିତ କରେ ଫଳରେ ପୋଷକତତ୍ତ୍ୱ ବଢ଼ାଇ ଅଧିକ ଅମଳ ସୁନିଶ୍ଚିତ କରେ । ଏହି ସବୁ ମିଶ୍ରଣ ଉପକାରୀ ସୂକ୍ଷ୍ମଜୀବ ମାନଙ୍କ ଦ୍ୱାରା ସମୃଦ୍ଧ ଏବଂ ଉଦ୍ଭିଦ ମାନଙ୍କର ବୃଦ୍ଧି ଘଟାଇବାରେ ସହାୟକ ହୋଇଥାନ୍ତି ।

## ● ଗବେଷଣା ସିଦ୍ଧାନ୍ତ : ଜୀବାମୃତ ଓ ବୀଜାମୃତ

ଦେଶୀ ଗାଈର ଗୋବରରୁ ଜୀବାମୃତ ଓ ବୀଜାମୃତ ଆଦି ଜୈବସାର ତିଆରି ହୁଏ । ଦେଶୀ ଗାଈ ଗୋବରରେ ବହୁ ସଂଖ୍ୟାରେ ବିବିଧ ସୂକ୍ଷ୍ମଜୀବ ଥାଆନ୍ତି ଓ ଏମାନେ ଗଛକୁ ଜୈବ ପୋଷକ ଯୋଗାଇବାରେ ସାହାଯ୍ୟ କରନ୍ତି ।

ଫସଫେଟ ଘୁର୍ଣ୍ଣନଶୀଳନତା ଦ୍ୱାରା ମାଟିର ଉର୍ବରତା ବଢ଼ାଇବାରେ ଗୋବରରେ ଥିବା ସୂକ୍ଷ୍ମଜୀବମାନେ ତାଙ୍କଠାରେ ଥିବା ପ୍ରାକୃତିକ ସାମର୍ଥ୍ୟର ଆଭାସ ମିଳିଛି । ପରୀକ୍ଷା ପରେ ଜଣାଯାଇଛି ଯେ ଗୋବରରେ ଅଲଗା ଥିବା ୨୧୯ ଜୀବାଣୁର ଛିଟା ମଧ୍ୟରୁ ୫୯ଟି ସୂତ୍ରକୃମି ୯୦%ରୁ ଅଧିକ କ୍ଷତିକାରକ ସୂତ୍ରକୃମିମାନଙ୍କୁ ଦମନ କରିଥାଆନ୍ତି । ଗାଈ ଗୋବରରେ ଥିବା କବକ ବିରୁଦ୍ଧ ପଦାର୍ଥ କାରୋଫିଲସ କବକ ବୃଦ୍ଧିକୁ ପ୍ରତିହତ କରେ ।

ଜୀବାମୃତ ଏକ ତରଳ ଜୈବସାର । ଫସଲ ଆବଶ୍ୟକ କରୁଥିବା ପ୍ରାକୃତିକ ଅଙ୍ଗାରକ ଓ ଜୀବାଙ୍ଗ ମୂଳ ଓ ସୂକ୍ଷ୍ମ ପୋଷକତତ୍ତ୍ୱର ଗନ୍ତାଘର । ଏହା ଯବକ୍ଷାରଜାନ ଧରି ରଖିବା, ଫସଫରସକୁ ଘୁଳନଶୀଳ କରିବା ସହିତ ଅଙ୍ଗାରକ, ଯବକ୍ଷାରଜାନ, ଫସଫରସ, ପଟାସିୟମ୍, କାଲ୍‌ସିୟମ୍ ଓ ଅନ୍ୟ ବହୁତ ସୂକ୍ଷ୍ମ ପୋଷକତତ୍ତ୍ୱର ମୁଖ୍ୟ ସ୍ରୋତ । ମାଟିରେ ଏହା ଅଣୁଜୀବଙ୍କ କାର୍ଯ୍ୟକଳାପ ବୃଦ୍ଧି ଘଟାଇ ବହୁଳ ଜୈବ ପଦାର୍ଥର ଅତି ଶୀଘ୍ର ବିଘଟନ ଘଟାଇ ଉଦ୍ଭିଦକୁ ଆବଶ୍ୟକୀୟ ଖାଦ୍ୟସାର ଯୋଗାଇବା ଦ୍ୱାରା ଅମଳ ବୃଦ୍ଧି ହୋଇଥାଏ । ଏହିଭଳି ଅନେକ ପ୍ରସ୍ତୁତି ଉପକାରୀ ଅଣୁଜୀବରେ ଭରପୂର ଥିବାରୁ ଫଳପ୍ରଦ ଉଦ୍ଭିଦ ବୃଦ୍ଧିରେ ସହାୟକ ହୁଅନ୍ତି ।

## ● ରୋଗ ଓ ପୋକ ପରିଚାଳନା ପାଇଁ ଜୈବ ଉପାଦାନ :

## (ଘ) ବ୍ରହ୍ମାସ୍ତ୍ର (ଉଦ୍ଭିଦଜାତ କୀଟନାଶକର ବିସ୍ତୃତ ବର୍ଣ୍ଣାଳୀ) :

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୩ କିଲୋ

କରଞ୍ଜ ପତ୍ର - ୨ କିଲୋ

ଆତ ପତ୍ର - ୨ କିଲୋ

ଅମୃତଭଣ୍ଡା ପତ୍ର - ୨ କିଲୋ

ପିଜୁଳି ପତ୍ର - ୨ କିଲୋ

ଗୋମୂତ୍ର - ୧୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ୧୦ ଲିଟର ଗୋମୂତ୍ର ନେବା । ଉପରୋକ୍ତ ନିମ୍ବ, କରଞ୍ଜ, ଆତ, ଅମୃତଭଣ୍ଡା ଓ ପିଜୁଳି ପତ୍ରକୁ ଭଲ ଭାବରେ ଅଲଗା ଅଲଗା ଛେଚିଦେବା ।

ଗୋମୂତ୍ରରେ ଛେଚା ଯାଇଥିବା ପତ୍ରକୁ ଗୋଟିକ ପରେ ଗୋଟିଏ କରି ମିଶାଇବା ।

ଏହି ମିଶ୍ରଣକୁ ଚୁଲିରେ ରଖି ଫୁଟାଇବା, ୩ୟ ବା ୪ର୍ଥ ଫୁଟିବା ପରେ ବାହାର କରି ଥଣ୍ଡା କରିବା ଓ ୪୮ ଘଣ୍ଟା ରଖି ଏହାକୁ ଏକ କପଡ଼ାରେ ଛାଣିଦେବା ।

ଏହି ମିଶ୍ରଣ ଗଛରେ ସିଞ୍ଚନ କରିବା ପାଇଁ ପ୍ରସ୍ତୁତ ହୋଇଗଲା ।

**କିପରି ବ୍ୟବହାର କରିବା :**

ପାଣିରେ ୨ ରୁ ୩ ଶତାଂଶ ପକାଇ ସିଞ୍ଚନ କରିବା ।

**କ'ଣ ପାଇଁ ବ୍ୟବହାର :**

ଶୋଷକ କୀଟ, ଶୁଣ୍ଢ ଥିବାବାଲା କୀଟ, ଫଳବିନ୍ଧା ପୋକ ଦମନ ପାଇଁ। **(ସୂତ୍ର : ଗାଜିଆବାଦ୍, ୨୦୧୧-୧୨)**

**(ଙ) ନିମାସ୍ତ୍ର :**

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୫ କିଲୋ

ଗୋମୂତ୍ର - ୫ ଲିଟର

ଗୋବର - ୧ କିଲୋ

ପାଣି - ୧୦୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

୫ କିଲୋ ସବୁଜ ନିମ୍ବପତ୍ର କିମ୍ବା ୫ କିଲୋ ଶୁଖିଲା ନିମଫଳକୁ ନେଇ ଭଲ ଭାବରେ ଛେଚିବା। ସେ ସବୁକୁ ୧୦୦ ଲିଟର ପାଣିରେ ମିଶାଇ ସେଥିରେ ୫ ଲିଟର ଗୋମୂତ୍ର ଓ ୧ କିଲୋ ଗୋବର ମିଶାଇ ଭଲ ଭାବରେ କାଠି ସାହାଯ୍ୟରେ ଘାଣ୍ଟି ଦେବା ଏବଂ ୪୮ ଘଣ୍ଟା ଘୋଡ଼ାଇ ରଖିବା। ପ୍ରତ୍ୟେକ ଦିନ ତିନିଥର ଏହି ମିଶ୍ରଣକୁ ଘାଣ୍ଟିବା ଓ ୪୮ ଘଣ୍ଟା ପରେ ଏକ ସଫା କପଡ଼ାରେ ଛାଣିଦେବା।

ଫସଲରେ ସିଞ୍ଚନ କରିବା ପାଇଁ ପ୍ରସ୍ତୁତ ହୋଇଗଲା ନିମାସ୍ତ୍ର।

**କିପରି ବ୍ୟବହାର କରିବା :**

ପାଣିରେ ୨ରୁ ୩ ଶତାଂଶ ମିଶାଇ ସିଞ୍ଚନ କରିବା।

**କେଉଁଥିପାଇଁ :**

ରସ ଶୋଷକ କୀଟ ଓ ଛୋଟ ଶୁଣ୍ଢ ଥିବାବାଲା କୀଟ, ଛୋଟ ସଁବାଳଆ। **(ସୂତ୍ର : ଗାଜିଆବାଦ୍, ୨୦୧୧-୧୨)**

**(ଚ) ଆଗ୍ନେୟାସ୍ତ୍ର :**

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୫ କିଲୋ

କଞ୍ଚାଲଙ୍କା - ଅଧା କିଲୋ

ରସୁଣ - ଅଧା କିଲୋ

ଗୋମୂତ୍ର - ୨୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ୨୦ ଲିଟର ଗୋମୂତ୍ର ନେବା। ଉପରୋକ୍ତ ନିମ୍ବପତ୍ର, କଞ୍ଚାଲଙ୍କା ଓ ରସୁଣକୁ ଅଲଗା ଅଲଗା ଭଲ କରି ପେଶିଦେବା ଓ ଗୋଟିକ ପରେ ଗୋଟିଏ ଗୋମୂତ୍ରରେ ମିଶାଇ ଗୋଳାଇ ଦେବା। ଏହି ମିଶ୍ରଣକୁ ଚୁଲିରେ ବସାଇ ଫୁଟାଇବା। ୩ ବା ୪ ଥର ଉତୁରିବା ପରେ ନିଆଁରୁ ଓହ୍ଲାଇ ଥଣ୍ଡା କରିବା। ୪୮ ଘଣ୍ଟା ପରେ ଏକ ସଫା ସରୁ କପଡ଼ାରେ ଛାଣିନେବା। ଏବେ ମିଶ୍ରଣଟି ଫସଲ ଉପରେ ସିଞ୍ଚନ କରିବାକୁ ପ୍ରସ୍ତୁତ ହୋଇଗଲା।

**କିପରି ବ୍ୟବହାର କରିବେ :**

ପାଣିରେ ୨ ରୁ ୩ ଶତାଂଶ ମିଶାଇ ସିଞ୍ଚନ କରିବା।

**କେଉଁଥିପାଇଁ ବ୍ୟବହାର କରିବେ :**

ଗଛର ଗଣ୍ଡି ଓ ଡାଳରେ। ସମସ୍ତ ଲମ୍ବା ଶୁଣ୍ଢ ଥିବା କୀଟ ଓ ସଁବାଳୁଆ ଇତ୍ୟାଦି ଦମନ କରିବା ପାଇଁ।

- **ଅନ୍ୟ କେତେକ କୀଟ ନିୟନ୍ତ୍ରକ ମିଶ୍ରଣ :**

  ବହୁ ଜୈବିକ ଚାଷୀ ଏବଂ ବେସରକାରୀ ସଂଗଠନ ବିବିଧ ପ୍ରକାର ରଚନାତ୍ମକ କୀଟନାଶକ ମିଶ୍ରଣ ପ୍ରସ୍ତୁତ କରୁଛନ୍ତି ଏବଂ ଏଗୁଡ଼ିକ ବିଭିନ୍ନ କୀଟ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି । ଯଦିଓ ଏଗୁଡ଼ିକ ବୈଜ୍ଞାନିକ ପରୀକ୍ଷା-ନିରୀକ୍ଷା ଦ୍ୱାରା ସିଦ୍ଧ ହୋଇନାହିଁ ତଥାପି ଏହାର ଉପଯୋଗିତା ଚାଷୀମାନଙ୍କ ଗ୍ରହଣୀୟତାରୁ ବାରି ହେଉଛି ।

  ଚାଷୀମାନେ ଏଗୁଡ଼ିକୁ ବ୍ୟବହାର କରିପାରିବେ । ଯେହେତୁ କୌଣସି ଉପାଦାନ କ୍ରୟ ନ କରି ନିଜ କ୍ଷେତରେ ଏହାକୁ ତିଆରି କରିପାରିବେ ।

  କେତେକ ଜଣାଶୁଣା ଦ୍ରବଣ ତଳେ ଦିଆଗଲା ।

- **ଗୋମୂତ୍ର :**

  - ବହୁ ପୁରାତନ କାଳରୁ ଗୋମୂତ୍ରରେ ଜୀବାଣୁନାଶକ, ସୂକ୍ଷ୍ମଜୀବ ପ୍ରତିରୋଧକ ଓ ଔଷଧୀୟ ଗୁଣ ଥିବାର ପ୍ରମାଣ ମିଳେ ।
  - ଯବକ୍ଷାରଜାନ, ପୋଟାସିୟମ୍, ଫସଫରସ ଓ ପୋଷକତତ୍ତ୍ୱରେ ଭରପୂର ଗୋମୂତ୍ର ପ୍ରତ୍ୟକ୍ଷ, ପରୋକ୍ଷ ଓ ମିଶ୍ରଣ ଆକାରରେ ପ୍ରୟୋଗ କଲେ ବହୁତ ଲାଭ ମିଳେ । ସ୍ଥୁଳସାର ସହିତ ସଲ୍‌ଫର, ସୋଡ଼ିୟମ୍, ମାଙ୍ଗାନିଜ, ଲୌହ, ଏନ୍‌ଜାଇମ୍ ଓ କ୍ଲୋରିନ୍ ଆଦି ଥିବାରୁ ଗୋମୂତ୍ର ପ୍ରାକୃତିକ କୀଟ ନିରୋଧକର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ଧରାଯାଏ ଓ ଚିରନ୍ତନ କୃଷି ପାଇଁ ଏହା ଏକ ନିମ୍ନ ବାହ୍ୟ ଉପାଦାନ ବୋଲି ସାବ୍ୟସ୍ତ ।
  - ୧:୨୦ ଅନୁପାତରେ ପାଣିରେ ମିଶାଇ ସିଞ୍ଚନ କଲେ ରୋଗପୋକ ନିୟନ୍ତ୍ରଣ ସହ ଫସଲ ବୃଦ୍ଧିରେ ସହାୟକ ହୁଏ ।

- **ସଢ଼ା ଦହିପାଣି (ଘୋଳଦହି) :**

  ଭାରତର ମଧ୍ୟବର୍ତ୍ତୀ କେତେକ ସ୍ଥାନରେ ଧଳାମାଛି, ଡିଆଁପୋକ, ଜଉପୋକ ନିୟନ୍ତ୍ରଣ ପାଇଁ ସଢ଼ା ଦହିପାଣି (ଘୋଳଦହି କିମ୍ବା ଛାଛ) ବ୍ୟବହାର କରାଯାଏ ।

- **ଦଶପର୍ଣ୍ଣୀ ଅର୍କ :**

  **ଆବଶ୍ୟକ ସାମଗ୍ରୀ :**

  ପାଣି - ୨୦୦ ଲିଟର

  ଗୋମୂତ୍ର - ୫ ଲିଟର

  ଗୋବର - ୩ କିଲୋ

  କଞ୍ଚାଲଙ୍କା ଚଟଣୀ - ୨ କିଲୋ

  ରସୁଣ ଚଟଣୀ - ୨୫୦ ଗ୍ରାମ୍

  ନିମ୍ବପତ୍ର - ୫ କିଲୋ

  କରଞ୍ଜ, ଜଡ଼ା, ଦୁଦୁରା, ଆରିଷ୍ଟୋଲୋଚିଆ, ଅମୃତଭଣ୍ଡା, ଆତ, ପିଜୁଳି, ବେଗୁନିଆ ପତ୍ର, ଅରଖ, ଅମରି ଆଦି ପ୍ରତ୍ୟେକରୁ ୨ କିଲୋ ।

**ପ୍ରସ୍ତୁତି ପ୍ରଣାଳୀ :**

ଉପରୋକ୍ତ ପତ୍ରକୁ ଅଲଗା ଅଲଗା ବାଟି ରଖନ୍ତୁ । ୨୦୦ ଲି. ପାଣିରେ ଏହି ସବୁ ପତ୍ର ବଟା, ଗୋମୂତ୍ର, ଗୋବର, କଞ୍ଚାଲଙ୍କା ଓ ରସୁଣ ଚଟଣୀକୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଏକ ମାସ ପାଇଁ ଏହାକୁ ସଢ଼ିବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ଦିନକୁ ୩ ଥର ଏହି ପାଣିକୁ ବାଡ଼ି ସାହାଯ୍ୟରେ ଗୋଳାନ୍ତୁ, ୩୦ ଦିନ ପରେ ଛାଣି ଗୋଟିଏ ପାତ୍ରରେ ରଖିବା, ଏହା ହିଁ ଦଶପର୍ଣ୍ଣ ଅର୍କ । ଏହା ୬ ମାସ ପର୍ଯ୍ୟନ୍ତ ଗଚ୍ଛିତ କରି ରଖିହେବ ଓ ଏକ ଏକର ଚାଷଜମି ପାଇଁ ଯଥେଷ୍ଟ ।

# ୫. ପ୍ରାକୃତିକ କୃଷିରେ ରୋଗ ଓ ପୋକ ପରିଚାଳନା

- **କୀଟ ମାନଙ୍କୁ ଚିହ୍ନିବା**

**କୀଟଙ୍କ ପ୍ରକାରଭେଦ :**

୧. ନିୟମିତ କୀଟ - ବାରମ୍ବାର - ଧାନର କାଣ୍ଡବିନ୍ଧା କୀଟ, ଛୁଇଁ ବିନ୍ଧା

୨. କେବେ କେମିତି ଦେଖା ଦିଅନ୍ତି - ଧାନର ପତ୍ର ମୋଡା, ଆମ୍ବ କାଣ୍ଡ ବିନ୍ଧା

୩. ଋତୁ କାଳୀନ - ଲାଲ ସମ୍ବାଲୁଆ, କପା ସୁନେଲି ବକରା କୀଟ, ଆମ୍ବ ଡ଼ାଆଣି ( ଡିଆଁ ପୋକ,)

୪. ଆଦୌ ଛାଡ଼ି ଯାଉ ନଥିବା କୀଟ - ବର୍ଷ ତମାମ - ଥ୍ରିପସ, ଦହିଆ ପୋକ, କପା ବାକରା କୀଟ






- **କୀଟ ଲାଗିବାର କାରଣ:**

୧. ଜଙ୍ଗଲ ଧ୍ୱଂସ ଅବା ଋଷପାଇଁ ଜଙ୍ଗଲ ସଫାକରିବା ।

୨. ଅନ୍ଧାଧୁନିଆ କୀଟ ନାଶକ ପ୍ରୟୋଗ, ଯାହା ପ୍ରାକୃତିକ ଶତ୍ରୁ କୀଟଙ୍କୁ ଧ୍ୱଂସ କରିଥାଏ, କୀଟ ମାନଙ୍କ ବିଷ ସହଣୀ ଶକ୍ତି ବୃଦ୍ଧିପାଏ, ନୂଆ ନୂଆ କୀଟଙ୍କ ଆବିର୍ଭାବ ହୁଏ ।

୩. ସଘନ ଚାଷ ।

୪. ନୂଆ ଫସଲ ଓ କିସମ ଚାଷକରିବା (ଅଧିକାଂଶ ଅଧିକ ଅମଳକ୍ଷମ କିସମ କୀଟଙ୍କ ଦ୍ୱାରା ଅଧିକ ଆକ୍ରାନ୍ତ ହେବାର ସମ୍ଭାବନା ଅଛି ।)

୫. କେତେକ ଉନ୍ନତ କୃଷି ଅଭ୍ୟାସ (ଯଥା, ଅଧିକ ଯବକ୍ଷାରଜାନ ପ୍ରୟୋଗ, ବହଳ ଗଛ ସଂଖ୍ୟା - ଗଛ ଗଛ ଭିତରେ ଯଥେଷ୍ଟ କମ୍ ଦୂରତା, ଘାସମରା ପ୍ରୟୋଗ ଆଦି, ଅତିଶୀଘ୍ର ଉନ୍ନତ ଫସଲ ବୃଦ୍ଧି ଉପାୟ ଅବଲମ୍ବନ-ଫଳରେ ଗଛର କୀଟମାନଙ୍କ ସହ ଖାଦ୍ୟ ପ୍ରତିଯୋଗିତା ହ୍ରାସହୁଏ)

୬. ନୂଆ ଅଞ୍ଚଳରେ ନୂଆ କୀଟ ପ୍ରଜାତି ପହଞ୍ଚିବା

୭. ବିଦେଶାଗତ କୀଟଙ୍କ ହଠାତ୍ ଆବିର୍ଭାବ

୮. ସୀମାତିରିକ୍ତ ପରିମାଣର ଖାଦ୍ୟ ଶସ୍ୟ ଭଣ୍ଡାରଣ (ଭଣ୍ଡାର ଘରେ ବିଭିନ୍ନ ଭଣ୍ଡାର କୀଟ ବୃଦ୍ଧି , ମୂଷା ଉପଦ୍ରବ)(https:// ecourseonline.iasri.res.in/mod/page/view.php ? id -12435)

- **ପ୍ରାକୃତିକ କୃଷିରେ କୀଟ ପରିଚାଳନା:**

**୧. ପ୍ରତିରୋଧ ପ୍ରଣାଳୀ:**

- ଫସଲ କିସମ ଚୟନ
- ବିପଦମୁକ୍ତ ବିହନ/ ଚାରା ଚୟନ

- ମିଶ୍ରିତ ଫସଲ ଚାଷ
- ଉତ୍ତମ ଜଳ ପରିଚାଳନା
- ପ୍ରାକୃତିକ ଶତ୍ରୁ କୀଟଙ୍କ ସଂରକ୍ଷଣ ଏବଂ ଉନ୍ନୟନ
- ସଠିକ୍ ସମୟରେ ଫସଲ ରୋପଣ
- ଗଛ ଗଛ ଭିତରେ ଆବଶ୍ୟକୀୟ ଦୂରତା ରକ୍ଷା
- ଗଛର ଆକ୍ରାନ୍ତ ଅଂଶକୁ ଅଲଗା କରିବା

**୨. ଦମନ ପ୍ରଣାଳୀ**

- ସୀମିତ ପ୍ରାକୃତିକ କୀଟ ନିୟନ୍ତ୍ରକ ବ୍ୟବହାର
- କ୍ଷେତରେ କିଛି କୀଟ ରହିବାକୁ ସୁଯୋଗ ଦେବା, ଯାହା ପ୍ରାକୃତିକ ଶତ୍ରୁ କୀଟଙ୍କ ଖାଦ୍ୟ ହେବେ
- ଏକ ବିବିଧ ଫସଲ ବ୍ୟବସ୍ଥା ସ୍ଥାପନ (ଯଥା, ମିଶ୍ରିତ ଫସଲ ଚାଷ)
- ପ୍ରାକୃତିକ ଶତ୍ରୁ କୀଟଙ୍କୁ ସାହାରା ଦେବା ଗଛ ଲଗାଇବା - ସେମାନଙ୍କ ବାସସ୍ଥାନ ତଥା ଖାଦ୍ୟ ଯୋଗାଣ ପାଇଁ (ଯଥା, ଫୁଲ ଗଛ - ଯେଉଁଗୁଡ଼ିକୁ ପୂର୍ଣ୍ଣାଙ୍ଗ ଉପକାରୀ କୀଟଖାଇ ବଞ୍ଚିରହନ୍ତି)

- **ଉଦ୍ଭିଦଜାତ ମିଶ୍ରଣ, ଦ୍ରବଣ, ଅର୍କ (ରୋଗପୋକ ପରିଚାଳନା ନିମିତ୍ତ)**

**(କ) ବ୍ରହ୍ମାସ୍ତ୍ର (ଉଦ୍ଭିଦଜାତ କୀଟନାଶକର ବିସ୍ତୃତ ବର୍ଣ୍ଣାଳୀ) :**

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୩ କିଲୋ

କରଞ୍ଜ ପତ୍ର - ୨ କିଲୋ

ଆତ ପତ୍ର - ୨ କିଲୋ

ଅମୃତଭଣ୍ଡା ପତ୍ର - ୨ କିଲୋ

ପିଜୁଳି ପତ୍ର - ୨ କିଲୋ

ଗୋମୂତ୍ର - ୧୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ୧୦ ଲିଟର ଗୋମୂତ୍ର ନେବା। ଉପରୋକ୍ତ ନିମ୍ବ, କରଞ୍ଜ, ଆତ, ଅମୃତଭଣ୍ଡା ଓ ପିଜୁଳି ପତ୍ରକୁ ଭଲ ଭାବରେ ଅଲଗା ଅଲଗା ଛେଚିଦେବା।

ଗୋମୂତ୍ରରେ ଛେଚା ଯାଇଥିବା ପତ୍ରକୁ ଗୋଟିକ ପରେ ଗୋଟିଏ କରି ମିଶାଇବା।

ଏହି ମିଶ୍ରଣକୁ ଚୁଲିରେ ରଖି ଫୁଟାଇବା, ୩ୟ ବା ୪ର୍ଥ ଫୁଟିବା ପରେ ବାହାର କରି ଥଣ୍ଡା କରିବା ଓ ୪୮ ଘଣ୍ଟା ରଖି ଏହାକୁ ଏକ କପଡ଼ାରେ ଛାଣିଦେବା।

ଏହି ମିଶ୍ରଣ ଗଛରେ ସିଞ୍ଚନ କରିବା ପାଇଁ ପ୍ରସ୍ତୁତ ହୋଇଗଲା।

**କିପରି ବ୍ୟବହାର କରିବା :**

ପାଣିରେ ୨ ରୁ ୩ ଶତାଂଶ ପକାଇ ସିଞ୍ଚନ କରିବା।

**କ'ଣ ପାଇଁ ବ୍ୟବହାର :**

ଶୋଷକ କୀଟ, ଶୁଣ୍ଢ ଥିବାବାଲା କୀଟ, ଫଳବିନ୍ଧା ପୋକ ଦମନ ପାଇଁ। **(ସୂତ୍ର : ଗାଜିଆବାଦ୍, ୨୦୧୧-୧୨)**

## (ଖ) ନିମାସ୍ତ୍ର :

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୫ କିଲୋ

ଗୋମୂତ୍ର - ୫ ଲିଟର

ଗୋବର - ୧ କିଲୋ

ପାଣି - ୧୦୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

୫ କିଲୋ ସବୁଜ ନିମ୍ବପତ୍ର କିମ୍ବା ୫ କିଲୋ ଶୁଖିଲା ନିମଫଳକୁ ନେଇ ଭଲ ଭାବରେ ଛେଚିବା । ସେ ସବୁକୁ ୧୦୦ ଲିଟର ପାଣିରେ ମିଶାଇ ସେଥିରେ ୫ ଲିଟର ଗୋମୂତ୍ର ଓ ୧ କିଲୋ ଗୋବର ମିଶାଇ ଭଲ ଭାବରେ କାଠି ସାହାଯ୍ୟରେ ଘାଣ୍ଟି ଦେବା ଏବଂ ୪୮ ଘଣ୍ଟା ଘୋଡ଼ାଇ ରଖିବା । ପ୍ରତ୍ୟେକ ଦିନ ତିନିଥର ଏହି ମିଶ୍ରଣକୁ ଘାଣ୍ଟିବା ଓ ୪୮ ଘଣ୍ଟା ପରେ ଏକ ସଫା କପଡ଼ାରେ ଛାଣିଦେବା ।

ଫସଲରେ ସିଞ୍ଚନ କରିବା ପାଇଁ ପ୍ରସ୍ତୁତ ହୋଇଗଲା ନିମାସ୍ତ୍ର ।

**କିପରି ବ୍ୟବହାର କରିବା :**

ପାଣିରେ ୨ରୁ ୩ ଶତାଂଶ ମିଶାଇ ସିଞ୍ଚନ କରିବା ।

**କେଉଁଥିପାଇଁ :**

ରସ ଶୋଷକ କୀଟ ଓ ଛୋଟ ଶୁଣ୍ଢ ଥିବାବାଲା କୀଟ, ଛୋଟ ସଁବାଳଆ । **(ସୂତ୍ର : ଗାଜିଆବାଦ୍, ୨୦୧୧-୧୨)**

## (ଗ) ଆଗ୍ନେୟାସ୍ତ୍ର :

**ଆବଶ୍ୟକ ସାମଗ୍ରୀ :**

ନିମ୍ବପତ୍ର - ୫ କିଲୋ

କଞ୍ଚାଲଙ୍କା - ଅଧା କିଲୋ

ରସୁଣ - ଅଧା କିଲୋ

ଗୋମୂତ୍ର - ୨୦ ଲିଟର

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ୨୦ ଲିଟର ଗୋମୂତ୍ର ନେବା । ଉପରୋକ୍ତ ନିମ୍ବପତ୍ର, କଞ୍ଚାଲଙ୍କା ଓ ରସୁଣକୁ ଅଲଗା ଅଲଗା ଭଲ କରି ପେଶିଦେବା ଓ ଗୋଟିକ ପରେ ଗୋଟିଏ ଗୋମୂତ୍ରରେ ମିଶାଇ ଗୋଳାଇ ଦେବା । ଏହି ମିଶ୍ରଣକୁ ଚୁଲିରେ ବସାଇ ଫୁଟାଇବା । ୩ ବା ୪ ଥର ଉତୁରିବା ପରେ ନିଆଁରୁ ଓହ୍ଲାଇ ଥଣ୍ଡା କରିବା । ୪୮ ଘଣ୍ଟା ପରେ ଏକ ସଫା ସରୁ କପଡ଼ାରେ ଛାଣିନେବା । ଏବେ ମିଶ୍ରଣଟି ଫସଲ ଉପରେ ସିଞ୍ଚନ କରିବାକୁ ପ୍ରସ୍ତୁତ ହୋଇଗଲା ।

**କିପରି ବ୍ୟବହାର କରିବେ :**

ପାଣିରେ ୨ ରୁ ୩ ଶତାଂଶ ମିଶାଇ ସିଞ୍ଚନ କରିବା ।

**କେଉଁଥିପାଇଁ ବ୍ୟବହାର କରିବେ :**

ଗଛର ଗଣ୍ଡି ଓ ଡାଳରେ । ସମସ୍ତ ଲମ୍ବା ଶୁଣ୍ଢ ଥିବା କୀଟ ଓ ସଁବାଳୁଆ ଇତ୍ୟାଦି ଦମନ କରିବା ପାଇଁ ।

- **ଅନ୍ୟ କେତେକ କୀଟ ନିୟନ୍ତ୍ରକ ମିଶ୍ରଣ :**

ବହୁ ଜୈବିକ ଚାଷୀ ଏବଂ ବେସରକାରୀ ସଂଗଠନ ବିବିଧ ପ୍ରକାର ରଚନାତ୍ମକ କୀଟନାଶକ ମିଶ୍ରଣ ପ୍ରସ୍ତୁତ କରୁଛନ୍ତି ଏବଂ ଏଗୁଡ଼ିକ ବିଭିନ୍ନ କୀଟ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି । ଯଦିଓ ଏଗୁଡ଼ିକ ବୈଜ୍ଞାନିକ ପରୀକ୍ଷା-ନିରୀକ୍ଷା ଦ୍ୱାରା ସିଦ୍ଧ ହୋଇନାହିଁ ତଥାପି ଏହାର ଉପଯୋଗିତା ଚାଷୀମାନଙ୍କ ଗ୍ରହଣୀୟତାରୁ ବାରି ହେଉଛି ।

ଚାଷୀମାନେ ଏଗୁଡ଼ିକୁ ବ୍ୟବହାର କରିପାରିବେ । ଯେହେତୁ କୌଣସି ଉପାଦାନ କ୍ରୟ ନ କରି ନିଜ କ୍ଷେତରେ ଏହାକୁ ତିଆରି କରିପାରିବେ ।

କେତେକ ଜଣାଶୁଣା ଦ୍ରବଣ ତଳେ ଦିଆଗଲା ।

- **ଗୋମୂତ୍ର :**

  - ବହୁ ପୁରାତନ କାଳରୁ ଗୋମୂତ୍ରରେ ଜୀବାଣୁନାଶକ, ସୂକ୍ଷ୍ମଜୀବ ପ୍ରତିରୋଧକ ଓ ଔଷଧୀୟ ଗୁଣ ଥିବାର ପ୍ରମାଣ ମିଳେ ।
  - ଯବକ୍ଷାରଜାନ, ପୋଟାସିୟମ୍, ଫସଫରସ ଓ ପୋଷକତତ୍ତ୍ୱରେ ଭରପୂର ଗୋମୂତ୍ର ପ୍ରତ୍ୟକ୍ଷ, ପରୋକ୍ଷ ଓ ମିଶ୍ରଣ ଆକାରରେ ପ୍ରୟୋଗ କଲେ ବହୁତ ଲାଭ ମିଳେ । ସ୍ଥୁଳସାର ସହିତ ସଲଫର, ସୋଡ଼ିୟମ୍, ମାଙ୍ଗାନିଜ, ଲୌହ, ଏନ୍‌ଜାଇମ୍ ଓ କ୍ଲୋରିନ୍ ଆଦି ଥିବାରୁ ଗୋମୂତ୍ର ପ୍ରାକୃତିକ କୀଟ ନିରୋଧକର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ଧରାଯାଏ ଓ ଚିରନ୍ତନ କୃଷି ପାଇଁ ଏହା ଏକ ନିମ୍ନ ବାହ୍ୟ ଉପାଦାନ ବୋଲି ସାବ୍ୟସ୍ତ ।
  - ୧:୨୦ ଅନୁପାତରେ ପାଣିରେ ମିଶାଇ ସିଞ୍ଚନ କଲେ ରୋଗପୋକ ନିୟନ୍ତ୍ରଣ ସହ ଫସଲ ବୃଦ୍ଧିରେ ସହାୟକ ହୁଏ ।

- **ସଢ଼ା ଦହିପାଣି (ଘୋଳଦହି) :**

  ଭାରତର ମଧ୍ୟବର୍ତ୍ତୀ କେତେକ ସ୍ଥାନରେ ଧଳାମାଛି, ଡିଆଁପୋକ, ଜଉପୋକ ନିୟନ୍ତ୍ରଣ ପାଇଁ ସଢ଼ା ଦହିପାଣି (ଘୋଳଦହି କିମ୍ବା ଛାଛ) ବ୍ୟବହାର କରାଯାଏ ।

- **ଦଶପର୍ଣ୍ଣୀ ଅର୍କ :**

  **ଆବଶ୍ୟକ ସାମଗ୍ରୀ :**

  ପାଣି - ୨୦୦ ଲିଟର

  ଗୋମୂତ୍ର - ୫ ଲିଟର

  ଗୋବର - ୩ କିଲୋ

  କଞ୍ଚାଲଙ୍କା ଚଟଣୀ - ୨ କିଲୋ

  ରସୁଣ ଚଟଣୀ - ୨୫୦ ଗ୍ରାମ୍

  ନିମ୍ବପତ୍ର - ୫ କିଲୋ

  କରଞ୍ଜ, ଜଡ଼ା, ଦୁଦୁରା, ଆରିଷ୍ଟୋଲୋଚିଆ, ଅମୃତଭଣ୍ଡା, ଆତ, ପିଜୁଳି, ବେଗୁନିଆ ପତ୍ର, ଅରଖ, ଅମରି ଆଦି ପ୍ରତ୍ୟେକରୁ ୨ କିଲୋ ।

**ପ୍ରସ୍ତୁତି ପ୍ରଣାଳୀ :**

ଉପରୋକ୍ତ ପତ୍ରକୁ ଅଲଗା ଅଲଗା ବାଟି ରଖନ୍ତୁ । ୨୦୦ ଲି. ପାଣିରେ ଏହି ସବୁ ପତ୍ର ବଟା, ଗୋମୂତ୍ର, ଗୋବର, କଞ୍ଚାଲଙ୍କା ଓ ରସୁଣ ଚଟଣୀକୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଏକ ମାସ ପାଇଁ ଏହାକୁ ସଢ଼ିବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ଦିନକୁ ୩ ଥର ଏହି ପାଣିକୁ ବାଡ଼ି ସାହାଯ୍ୟରେ ଗୋଳାନ୍ତୁ, ୩୦ ଦିନ ପରେ ଛାଣି ଗୋଟିଏ ପାତ୍ରରେ ରଖିବା, ଏହା ହିଁ ଦଶପର୍ଣ୍ଣ ଅର୍କ । ଏହା ୬ ମାସ ପର୍ଯ୍ୟନ୍ତ ଗଚ୍ଛିତ କରି ରଖିହେବ ଓ ଏକ ଏକର ଚାଷଜମି ପାଇଁ ଯଥେଷ୍ଟ ।

**ନିମ୍ବ-ଗୋମୂତ୍ର ଅର୍କ :**

୫ କିଲୋ ନିମ୍ବପତ୍ର ବାଟି ପାଣିରେ ମିଶାନ୍ତୁ । ସେଥିରେ ୫ ଲିଟର ଗୋମୂତ୍ର ଓ ୧ କିଲୋ ଗୋବର ମିଶାଇ ୨୪ ଘଣ୍ଟା ପାଇଁ ସଢ଼ିବାକୁ ଛାଡ଼ି ଦିଅନ୍ତୁ ।

ମଝିରେ ମଝିରେ ଘାଣ୍ଟନ୍ତୁ, ଚିପୁଡ଼ି ଛାଣି ଦିଅନ୍ତୁ ଓ ୧୦୦ ଲିଟର ପାଣିରେ ଗୋଳାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । ଏହି ଅର୍କ ଏକ ଏକର ଚାଷଜମି ପାଇଁ ଯଥେଷ୍ଟ । ଶୋଷକ କୀଟ ଓ ମିଲି ବଗ୍ ଏହାଦ୍ୱାରା ଦମନ ହୁଅନ୍ତି ।

**ମିଶ୍ରିତପତ୍ର ଅର୍କ :**

୧୦ ଲିଟର ଗୋମୂତ୍ରରେ ୩ କିଲୋ ନିମ୍ବପତ୍ର ବାଟି କରି ମିଶାନ୍ତୁ । ଆତ, ଅମୃତଭଣ୍ଡା, ବେଦନା ଓ ପିଜୁଳି ପତ୍ରକୁ ପ୍ରତ୍ୟେକରୁ ୨ କିଲୋ କରି ବାଟି ଏହି ମିଶ୍ରଣରେ ମିଶାଇ ଗରମ କରନ୍ତୁ ୫ ଥର କିଛି କିଛି ସମୟ ବ୍ୟବଧାନରେ । ଏହି ମିଶ୍ରଣ ଅଧା ହୋଇଗଲେ ତାକୁ ୨୦ ଘଣ୍ଟା ପାଇଁ ରଖି, ଚିପୁଡ଼ି, ଛାଣି ବୋତଲରେ ରଖନ୍ତୁ । ଏହା ୬ ମାସ ପର୍ଯ୍ୟନ୍ତ ରହିପାରିବ ।

ଏହି ଅର୍କ ୨ ବା ୨.୫ ଲିଟର ନେଇ ୧୦୦ ଲିଟର ପାଣିରେ ମିଶାଇ ଏକ ଏକର ପରିମିତ ଜମିରେ ବ୍ୟବହାର କରିପାରିବେ ।

ଶୋଷକ କୀଟ ଓ ଫଳବିନ୍ଧା ପୋକ ନିୟନ୍ତ୍ରଣକାରୀ ।

**ଲଙ୍କା-ରସୁଣ ଅର୍କ :**

୧୦ ଲିଟର ଗୋମୂତ୍ରରେ ୧ କିଲୋ ୫୦୦ ଗ୍ରାମ୍ ରାଗଲଙ୍କା ୫୦୦ ଗ୍ରାମ୍ ରସୁଣ ଓ ୫ କିଲୋ ନିମ୍ବପତ୍ରକୁ ଛେଚି ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ୫ ଥର ଗରମ କରି ଅଧା ହେଲେ ବନ୍ଦ କରନ୍ତୁ ।

ଏହାକୁ ଚିପୁଡ଼ି ଛାଣି ଦିଅନ୍ତୁ । କାଚ କିମ୍ବା ପ୍ଲାଷ୍ଟିକ୍ ବୋତଲରେ ସଂଗ୍ରହ କରନ୍ତୁ । ୧୦୦ ଲିଟର ପାଣିରେ ୨ ରୁ ୩ ଲିଟର ଅର୍କ ମିଶାଇ ଏକ ଏକର ଜମିରେ ସିଞ୍ଚନ କରନ୍ତୁ । ପତ୍ରମୋଡ଼ା ଓ କାଣ୍ଡ/ଫଳ ଓ ପତ୍ରବିନ୍ଧା ପୋକ ଦମନ କରାଯାଏ ।

**ବିସ୍ତୃତ ବିବିଧ ମିଶ୍ରଣ-୧ :**

ଗୋଟିଏ ତମ୍ବା ପାତ୍ରରେ ୩ କିଲୋ ତାଜା ନିମ୍ବପତ୍ରର ଛେଚା ଓ ଏକ କିଲୋ ନିମ୍ବ ମଞ୍ଜିର ଗୁଣ୍ଡ ୧୦ ଲିଟର ଗୋମୂତ୍ରରେ ମିଶାଇ ପାତ୍ରଟିକୁ ବନ୍ଦ କରିଦିଅନ୍ତୁ ଏବଂ ୧୦ ଦିନ ପର୍ଯ୍ୟନ୍ତ ସଢ଼ିବାକୁ ଛାଡ଼ିଦିଅନ୍ତୁ । ୧୦ ଦିନ ପରେ ଏହି ମିଶ୍ରଣକୁ ଅଧା ହେବା ପର୍ଯ୍ୟନ୍ତ ଗରମ କରନ୍ତୁ । ଗୋଟିଏ ପାତ୍ରରେ ୫୦୦ ଗ୍ରାମ୍ କଞ୍ଚାଲଙ୍କାର ଚଟଣୀ, ଏକ ଲିଟର ପାଣିରେ ମିଶାଇ ଗୋଟିଏ ରାତି ପାଇଁ ରଖନ୍ତୁ । ସେହିପରି ଅନ୍ୟ ଏକ ପାତ୍ରରେ ୨୫୦ ଗ୍ରାମ୍ ରସୁଣର ଚଟଣୀ ପାଣିରେ ମିଶାଇ ଗୋଟିଏ ରାତି ରଖନ୍ତୁ । ପରଦିନ ଗରମ ହୋଇଥିବା ଅର୍କ, ଲଙ୍କା ଓ ରସୁଣର ଅର୍କକୁ ଭଲ ଭାବରେ ମିଶାଇ ଛାଣି ଦିଅନ୍ତୁ । ଏହି ଅର୍କରୁ ୨୫୦ ମିଲିଲିଟର ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବିସ୍ତୃତ ବିବିଧ ମିଶ୍ରଣ-୨ :**

ଗୋଟିଏ ୨୦ ଲିଟର ଡ୍ରମ୍‌ରେ ୫ କିଲୋ ନିମ୍ବମଞ୍ଜି ଗୁଣ୍ଡ, ୧ କେଜି କରଞ୍ଜ ଫଳଗୁଣ୍ଡ, କଟା ଯାଇଥିବା ୫ କେଜି କଳମ ଶାଗ ଓ ୫ କେଜି ନିମ୍ବପତ୍ର ପକାନ୍ତୁ । ୧୦ ରୁ ୧୫ ଲିଟର ଗୋମୂତ୍ର ମିଶାଇ ପାଣି ଢାଳନ୍ତୁ । ଯେପରି ଡ୍ରମ୍‌ରେ ୧୫୦ ଲିଟର ମିଶ୍ରଣ ହୋଇଯିବ । ଡ୍ରମ୍‌କୁ ଜଉମୁଦ କରି ୮ ରୁ ୧୦ ଦିନ ପର୍ଯ୍ୟନ୍ତ ସଢ଼ିବାକୁ ଛାଡ଼ି ଦିଅନ୍ତୁ । ଏହାପରେ ଭଲ ଭାବରେ ମିଶାଇ ଛାଣି ଦିଅନ୍ତୁ । ଏହି ଛଣା ହୋଇଥବା ପଦାର୍ଥ ଏକ ଭଲ କୀଟନାଶକ ସହିତ ବୃଦ୍ଧିବର୍ଦ୍ଧକ ହେବ । ଉପଯୁକ୍ତ ପରିମାଣରେ ମିଶାଇ ପତ୍ର ଉପରେ ସିଞ୍ଚନ କରିପାରିବେ । ଏହାକୁ କେତେ ମାସ ପର୍ଯ୍ୟନ୍ତ ଏହାର ଗୁଣରେ ଅବକ୍ଷୟ ନ ହୋଇ ରଖା ଯାଇପାରେ ।

**ତୁତିକା ଦରସମ୍ :**

ଦୁଦୁରା ପତ୍ରକୁ ଗୋମୂତ୍ରରେ ୨ ରୁ ୩ ଘଣ୍ଟା ସିଝାଇ ଥଣ୍ଡା କରି କନାରେ ଛାଣି ବ୍ୟବହାର କରାଯାଏ ।

**ସୁଣ୍ଠିଅସ୍ତ୍ର :**

୨ ଲିଟର ପାଣରେ ୨୦୦ ଗ୍ରାମ୍ ସୁଣ୍ଠିଗୁଣ୍ଡ ମିଶାଇ ଢାଙ୍କି ଦିଅନ୍ତୁ । ଏହା ଅଧା ହେବା ପର୍ଯ୍ୟନ୍ତ ସିଝାଇ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ ।

୨ ଲିଟର କ୍ଷୀର ନେଇ ଧିମା ନିଆଁରେ ସିଝାଇ ଥଣ୍ଡା କଲାପରେ ଏଥିରେ ଥିବା ସର ବାହାର କରି ଦିଅନ୍ତୁ । ଏହାପରେ ୨୦୦ ଲିଟର ପାଣିରେ ସୁଣ୍ଠି ମିଶ୍ରଣ ଓ ସରବିହୀନ କ୍ଷୀରକୁ ଠିକ୍ ଭାବରେ ମିଶାଇ ପାତ୍ରଟିକୁ ଝୋଟ ଅଖାରେ ୨ ଘଣ୍ଟା ପାଇଁ ଘୋଡ଼େଇ ଦିଅନ୍ତୁ । ଏହି ପ୍ରକ୍ରିୟାରେ ଆୟନ ପ୍ରତିବଦଳ ହୋଇଥାଏ । ଏହି ମିଶ୍ରଣକୁ ପତଳା ସୂତା କପଡ଼ାରେ ଛାଣି ୪୮ ଘଣ୍ଟା ମଧ୍ୟରେ ସିଞ୍ଚନ କରାଯାଏ ।

**ଦେଶୀଗାଈ ଗୋବର ଘସି (ଜଙ୍ଗଲର କଣ୍ଡି) :**

ଗୋଟିଏ ପତଳା ସୂତା କପଡ଼ାରେ କିଛି ଦେଶୀଗାଈ ଗୋବର ଘସିକୁ ଗୁଣ୍ଡ କରି ବାନ୍ଧନ୍ତୁ । ଗୋଟିଏ ଡ୍ରମ୍‌ରେ ୨୦୦ ଲିଟର ପାଣି ରଖି ତା' ଉପରେ ଠିକ୍ ମଝିରେ ୫ କେଜି ଗୁଣ୍ଡର ବ୍ୟାଗ୍‌କୁ ପାଣି ଭିତରେ ଝୁଲାଇ ଦିଅନ୍ତୁ । ୪୮ ଘଣ୍ଟା ପାଇଁ ପ୍ରତ୍ୟେକ ଦିନ ଘଣ୍ଟା ବୁଲିବା ଦିଗରେ ୨ ଥର ୨ ବା ୩ ଦିନ ଯାଏଁ ଘାଣ୍ଟନ୍ତୁ । ଏହି ମିଶ୍ରଣର ରଙ୍ଗ ଈଷତ୍ ଲାଲ୍‌ରେ ପରିଣତ ହୋଇଯିବ । ୪୮ ଘଣ୍ଟା ପରେ ବ୍ୟାଗ୍‌କୁ ଚିପୁଡ଼ନ୍ତୁ ଓ ପୁଣି ବୁଡ଼ାଇ ଚିପୁଡ଼ନ୍ତୁ । ଏହିପରି ୩ ଥର କରନ୍ତୁ ।

ଏହି ମିଶ୍ରଣକୁ ଭଲ ଭାବରେ ଘାଣ୍ଟନ୍ତୁ ଓ ୪୮ ଘଣ୍ଟା ଭିତରେ ସିଞ୍ଚନ କରି ଦିଅନ୍ତୁ । ପ୍ରତ୍ୟେକ ଥର ସିଞ୍ଚନ ପୂର୍ବରୁ ଛାଣିବା ବିଧେୟ ।

**ଅଣକୀଟ କ୍ଷତିକାରକ ଜୀବ :**

କୀଟକୁ ଛାଡ଼ିଦେଲେ ଅନ୍ୟ ପଶୁପକ୍ଷୀମାନେ ମଧ୍ୟ ଗଛକୁ କ୍ଷତି ପହଞ୍ଚାନ୍ତି । ଯଥା- ମୂଷା, ପକ୍ଷୀ, ମାଙ୍କଡ଼, ଅଷ୍ଟପଦୀ ଗେଣ୍ଡା, ଶାମୁକା, କୁଜିଗେଣ୍ଡା ଓ ବଣୁଆ ପଶୁ । କୃଷି ଉତ୍ପାଦନରେ ଏମାନେ ବହୁତ କ୍ଷତି କରାନ୍ତି ।

## ଅଣକୀଟ କ୍ଷତିକାରକ ଜୀବ ପରିଚାଳନା :

**କୃଷିକାର୍ଯ୍ୟ ପଦ୍ଧତି :**

ଫସଲ କେତେବେଳେ କୀଟ ସଂକ୍ରମିତ ହେବ ତାହାର ନିରନ୍ତର ତନଖି ।

**ମେକାନିକାଲ (ଭୌତିକ) :**

ଅଷ୍ଟପଦୀ ଓ ଅନ୍ୟ କ୍ଷୁଦ୍ର ଅମେରୁଦଣ୍ଡୀ ପ୍ରାଣୀଙ୍କ ପାଇଁ ଏହା ଏକ ପ୍ରଭାବଶାଳୀ ଅସ୍ତ୍ର । ଅଷ୍ଟପଦୀ ସଂଖ୍ୟା ବହୁତ ଥିଲେ ପାଣି ପାଇପ୍‌ରୁ ଜୋର୍‌ରେ ପାଣି ଛାଡ଼ିଲେ ସେମାନେ ଖସିପଡ଼ନ୍ତି । ସବଳ ଉଦ୍ଭିଦ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ଦରକାର । ବିଭିନ୍ନ ପ୍ରକାର ଯନ୍ତା ଓ ବାଧକ ଶବ୍ଦ ଥିବା ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇପାରେ ।

**ପ୍ରତିରୋଧକ ଅର୍କର ବ୍ୟବହାର :**

ଉଦ୍ଭିଦ ତଥା ପଶୁ ସମ୍ପଦ ଠାରୁ ମିଳୁଥିବା ଗୌଣ ଅବଶେଷରୁ ତିଆରି ଶକ୍ତ ବାସନା ଓ କଟୁ ସ୍ୱାଦଯୁକ୍ତ ପ୍ରତିରୋଧକ ଅର୍କ ଅଣ-କୀଟ କ୍ଷତିକାରକ ଜୀବଙ୍କ ଠାରୁ ଫସଲକୁ ରକ୍ଷା କରିଥାଏ ।



ଗେଣ୍ଡା, କୁଜି ଗେଣ୍ଡା



ଚୁଟିଆ ମୁଷା, ଚାଲୁଆ ମୁଷା, ଗାତ ମୁଷା



ସୂତ୍ର କୃମି



ପକ୍ଷୀ



ଜଙ୍ଗଲି ପଶୁ



ମାଙ୍କଡ଼

**ଅଣକୀଟ କ୍ଷତିକାରକ ଜୀବ ।**

**ଉପକାରୀ କୀଟ :**

ଉପକାରୀ କୀଟ ୩ ପ୍ରକାରର । ଯଥା- ଶିକାରୀ, ପରଭୋଜୀ, ପରାଗସଂଗମକାରୀ ।

**ଶିକାରୀ :**

ଅନ୍ୟ ଛୋଟ ଜୀବ ଓ ଅଷ୍ଟପଦୀମାନଙ୍କୁ ଧରି ଖାଇଯାଆନ୍ତି । ଉଦା- ଲେଡ଼ିବାର୍ଡ଼ ବିଟଲ୍‌ସ ଓ ୱାସ୍ପ ଅନ୍ତର୍ଭୁକ୍ତ ।

**ପରଭୋଜୀ :**

ଅନ୍ୟ କୀଟମାନଙ୍କ ଉପରେ ନିର୍ଭର କରି ବଞ୍ଚନ୍ତି । ଛୋଟ ଅବସ୍ଥାରେ ତାଙ୍କର ସହାୟକ ଉପରେ କିମ୍ବା ଭିତରେ ରହି ବଢ଼ନ୍ତି ଏବଂ ଶେଷରେ ସେମାନଙ୍କୁ ମାରି ଦିଅନ୍ତି ।

**ପରାଗସଂଗମକାରୀ :**

ମହୁମାଛି, ଅନ୍ୟ ବଣୁଆ ମାଛି, ପ୍ରଜାପତି, ମଥ୍ ଓ ଅନ୍ୟ କୀଟ, ଏମାନେ ଫୁଲରୁ ଫୁଲକୁ ଉଡ଼ି ମହୁ ଓ ପରାଗ ଖାଇ ବଞ୍ଚନ୍ତି । ଏମାନେ ସମଜାତୀୟ ଫୁଲରେ ପରାଗ ପହଞ୍ଚାଇଥାନ୍ତି । ଫଳରେ ଫଳ ଓ ମଞ୍ଜି ଉତ୍ପାଦନ ସୁଗମ ହୁଏ ।




❀❀❀

# (୬) ଜଳ ପରିଚାଳନା

## ● ଜଳ କେଉଁଠାରେ ଏବଂ କେଉଁ ଅବସ୍ଥାରେ ରହେ ?

କୃଷି ପାଇଁ ଜଳ ଭୂତଳ ଓ ଭୂମି ଉପରେ ରହେ ।

**ଭୂତଳ ଜଳ :**

ମାଟିତଳେ ଥିବା ପଥରଖଣ୍ଡ ଓ ମାଟିର ଛିଦ୍ର ସ୍ଥାନରେ ଏବଂ ପଥର ତିଆରି ହେଉଥିବା ରିକ୍ତ ସ୍ଥାନରେ ଭୂତଳ ଜଳ ମିଳେ । ପ୍ରାୟ ସମସ୍ତ ଉପଲବ୍ଧ ମଧୁର ଜଳର ୩୦ ଭାଗ ଭୂତଳଜଳ ।

**ଭୂମି ଉପର ଜଳ :**

ନଦୀ, ହ୍ରଦ ଓ ସନ୍ତସନ୍ତିଆ ଜାଗାର ମଧୁର ଜଳକୁ ଭୂମି ଉପର ଜଳ କୁହାଯାଏ । ପ୍ରାକୃତିକ ଉପାୟରେ ଭୂଉପର ଜଳ ବର୍ଷା ଦ୍ୱାରା ପୂର୍ତ୍ତି ହେବାବେଳେ ସମୁଦ୍ରକୁ ପ୍ରବାହିତ ହେବା, ବାଷ୍ପୀକରଣ, ବୃକ୍ଷର ଖାଦ୍ୟ ସଂଶ୍ଳେଷଣ, ଭୂତଳଜଳ ପୁନଃଭରଣା ଯୋଗୁଁ କ୍ଷୟ ହୋଇଥାଏ । ଜଳ ଅବବାହିକାରେ ବର୍ଷା ହିଁ ଭୂଉପର ଜଳପୂର୍ତ୍ତିର ଏକମାତ୍ର ସାଧନ ।




## ● ଆମେ ବର୍ଷାରୁ କିପରି ମାଟିପାଇଁ ଜଳ ଅମଳ ଓ ଜଳଧାରଣ କରିପାରିବା ?

**ଜଳ ଅମଳ କାହିଁକି ?**

- ଭୂଉପର ଜଳ ଆମର ଚାହିଦା ମେଣ୍ଟାଇବା ପାଇଁ ଯଥେଷ୍ଟ ନୁହେଁ, ଆମକୁ ଭୂତଳ ଜଳ ଉପରେ ନିର୍ଭର କରିବାକୁ ପଡ଼େ ।
- ଦୃଢ଼ ସହରୀକରଣ ଯୋଗୁଁ ଉପମାଟି ସ୍ତରକୁ ଜଳର ପ୍ରବେଶ ଆଶାତୀତ ଭାବେ କମିଯାଇଛି ଓ ଭୂତଳ ଜଳର ପ୍ରବାହ ମଧ୍ୟ ସର୍ବନିମ୍ନ ସ୍ତରରେ ।
- ଜଳସେଚନର ଆବଶ୍ୟକତା ।

## ବର୍ଷାଜଳ ଅମଳ କୌଶଳ :

ବର୍ଷାଜଳ ଅମଳ ପାଇଁ ଦୁଇଟି ମୁଖ୍ୟ କୌଶଳ ରହିଛି ।

* ବର୍ଷାଜଳକୁ ଭୂମି ଉପରେ ଭଣ୍ଡାରଣ କରି ଭବିଷ୍ୟତରେ ବ୍ୟବହାର ପାଇଁ ଗଚ୍ଛିତ ରଖିବା ।
* ଭୂତଳ ଜଳର ପୁନଃ ପୂର୍ତ୍ତି ।

## ଜଳ ଅମଳ କୌଶଳ :

**ଗାତ :**

୨ ରୁ ୩ ମିଟର ଓସାର ଓ ୩ ମିଟର ଗଭୀର ବିଶିଷ୍ଟ ଗାତ ଖୋଳି ସେଥିରେ ବଡ଼ ଓ ସାନ ପଥରଖଣ୍ଡ ଏବଂ ମୋଟା ବାଲିରେ ଭରିକରି ଦିଆଯାଏ । ଫଳରେ ଜଳ ତଳକୁ ପ୍ରବାହିତ ହେବାରେ ସୁବିଧା ହୁଏ ।





**ନାଳ :** ଅଳ୍ପ ତଳେ ଜଳ ପ୍ରବାହର ସୁବିଧା ଥିଲେ ୧ ରୁ ଅଧମିଟର ଓସାର, ୧ ରୁ ମିଟର ଗଭୀର ଓ ୧୦ ରୁ ୨୦ ମିଟର ଲମ୍ବର ଏକ ନାଳ ଖୋଳି ଦିଆଯାଏ ଓ ଏହାକୁ ଛାଣି ହେଉଥିବା ପଦାର୍ଥରେ ଭରି ଦିଆଯାଏ । ଏଥିରେ ପାଣି ଝରି ତଳକୁ ଯାଇଥାଏ ।



**ପକ୍କାକୂଅ :** କୂଅ ପାଖରେ ଏକ ଗାତରେ ଛାଣି ହେଉଥିବା ବସ୍ତୁକୁ ରଖି ପାଣିକୁ ପୁରୁଣା କୂଅକୁ ଛଡ଼ାଯାଏ ।





**ହାତ ପମ୍ପ:** ଚାଲୁଥିବା ହାତ ପମ୍ପର ଜଳଛଣା ବ୍ୟବସ୍ଥାକୁ ଜଳ ପୂର୍ତ୍ତି ପାଇଁ ବ୍ୟବହାର କରାଯାଏ । ଯଦି ଆବଶ୍ୟକ ଜଳ ଯଥେଷ୍ଟ ହେଉନଥାଏ ଏହି ଜଳ ଛାଣି ହେଉଥିବା ସରଞ୍ଜାମ ମାଧ୍ୟମରେ ହାତ ପମ୍ପକୁ ପ୍ରେରିତ କରାଯାଏ ।



**କୂପରେ ଜଳ ପୂର୍ତ୍ତି:** ୧୦୦ ରୁ ୩୦୦ ମିଲି.ମି. ବ୍ୟାସ ବିଶିଷ୍ଟ କୂଅ ଖୋଳାଯାଇ ବହୁତଳେ ଥିବା ଜଳନୁଭେଦୀ ସ୍ତରର ଶେଷ ସ୍ତରକୁ ପୂରଣ କରେ। ଛଣାଯାଇ ପାରୁଥିବା ପଦାର୍ଥ ଦ୍ୱାରା କୂଅକୁ ସଜାଇବା ଦ୍ୱାରା ରାସ୍ତା ବନ୍ଦ ହୋଇନଥାଏ।

- **ପ୍ରବାହିତ ଜଳପଥକୁ ଭୂ ଉପରେ ଥିବା ଜଳଭଣ୍ଡାରକୁ ପ୍ରବାହିତ କରିବା :**

ସହରମାନଙ୍କରେ ନିର୍ମାଣକାର୍ଯ୍ୟ ବହୁ ମାତ୍ରାରେ ଚାଲୁଥିବାରୁ ଜଳ ଭଣ୍ଡାର ଶୁଖିଯାଉଛି ଏବଂ କେତେକ ସ୍ଥଳରେ ପୋଖରୀଗୁଡ଼ିକ ପ୍ଲଟ୍ ହୋଇ ଘର ତିଆରି ହେଉଛି। ପ୍ରବଳ ଭାବରେ ପ୍ରବାହିତ ଜଳ (ବର୍ଷା କିମ୍ବା ବାତ୍ୟା)କୁ ପାଖରେ ଥିବା ଜଳଭଣ୍ଡାର କିମ୍ବା ତଳୁଆ ଜାଗାକୁ ପ୍ରବାହିତ କରିପାରିଲେ ଅଧିକ ସ୍ଥାନରେ ଜଳ ପୂର୍ତ୍ତି ହୋଇପାରିବ।

- **ଆଚ୍ଛାଦନୀ ଦ୍ୱାରା ଜଳ ଓ ଆର୍ଦ୍ରତା ପରିଚାଳନା :**

**ଆଚ୍ଛାଦନୀ :**

ଜୀବନ୍ତ ଫସଲ କିମ୍ବା ନଡ଼ା ଦ୍ୱାରା ମାଟିକୁ ଘୋଡ଼େଇ ଦେବାକୁ ଆଚ୍ଛାଦନୀ କୁହାଯାଏ। ଏହା ଆର୍ଦ୍ରତା ସଂରକ୍ଷଣ, ଜଳାନୁଭେଦର ବୃଦ୍ଧି, ଚେରର ଚତୁଃପାର୍ଶ୍ୱରେ ମାଟିର ତାପମାନ ହ୍ରାସ, ମୃତ୍ତିକା କ୍ଷୟରୁ ରକ୍ଷା, ମାଟି ଗଠନରେ ଉତ୍କର୍ଷଣ, ଜଳପ୍ରବାହ ପ୍ରତିହତ ଓ ଘାସ ବୃଦ୍ଧି ଆଦି ରୋକିବାରେ ସାହାଯ୍ୟ କରେ। ବର୍ଷାପରେ ମାଟି କଠିନ ହେବାକୁ ଦିଏନାହିଁ।



# ଆଚ୍ଛାଦନର କାର୍ଯ୍ୟଧାରା




## ଆଚ୍ଛାଦନ କିପରି କାମ କରେ



# (୭) ଚାଷ ପଦ୍ଧତି ଓ ବିହନ ପଦ୍ଧତି

### ବିବିଧତା (ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ) :




* ଫସଲ ଚାଷ
* ଗୋପାଳନ
* କୁକୁଡ଼ା ପାଳନ
* ବତକ ପାଳନ
* ଉଦ୍ୟାନ କୃଷି
* ମାଛ ଚାଷ
* ଟସର ଚାଷ
* ଛତୁ ଚାଷ
* ବନୀକରଣ
* ବାୟୋଗ୍ୟାସ୍ ପ୍ଲାଣ୍ଟ






## ସମନ୍ୱିତ କୃଷି ପଦ୍ଧତି ମଡ଼େଲ:

| ସମନ୍ୱିତ କୃଷି ପଦ୍ଧତିର ସୁବିଧା : | ସମନ୍ୱିତ ପାଇଁ ସୁଯୋଗ : |
|---|---|
| - ଅଧିକ ଖାଦ୍ୟର ଉତ୍ପାଦନ<br>- କୃଷି ଉପାର୍ଜନରେ ବୃଦ୍ଧି<br>- ମାଟି ଉର୍ବରତାର ଚିରନ୍ତନତା<br>- ସୁଷମ ଖାଦ୍ୟ<br>- ଉତ୍ପାଦନ ଖର୍ଚ୍ଚ କମ୍<br>- ଉପାର୍ଜନରେ ସ୍ଥିରତା<br>- ମାଟି କ୍ଷୟ ଦୂରୀଭୂତ<br>- ସବୁଦିନିଆ କର୍ମ ନିଯୁକ୍ତି | ଫସଲ ଚାଷ, ଚରଣ ଜମିର ଉନ୍ନତି, ପନିପରିବା ଚାଷ, ଫୁଲ ଚାଷ, ଫଳ ଉଦ୍ୟାନ, ବନୀକରଣ, ଉଦ୍ୟାନ, ମାଛଚାଷ, ମହୁଚାଷ, ଟସର ଚାଷ, କୁକୁଡ଼ା ଚାଷ ଇତ୍ୟାଦି । ଆବଶ୍ୟକତା ଓ ରୋଜଗାରକୁ ଆଖି ଆଗରେ ରଖି ଅଧିକାଂଶ ଚାଷ ଜମିକୁ ସମନ୍ୱିତ କରିବା ଦରକାର । |

## ଆଇସିଏଆର ଦ୍ୱାରା ସୁପାରିଶ ହୋଇଥିବା କେତେକ ସମନ୍ୱିତ କୃଷି ପଦ୍ଧତି ମଡ଼େଲ୍ :

* କୃଷି+ଗୋପାଳନ
* କୃଷି+କୁକୁଡ଼ା ଚାଷ+ଛେଳି/ମେଣ୍ଢା ଚାଷ
* ଘୁଷୁରୀ ଚାଷ+ମାଛ ଚାଷ+ବତକ ଚାଷ
* କୃଷି+ଜଙ୍ଗଲୀ ଚାରଣ ଚାଷ
* ଟସର ଚାଷ+ମାଛ ଚାଷ
* ମାଛ ଜାଆଁଳ ଚାଷ+ଟସର ଚାଷ
* ଧାନ ଚାଷ+ମାଛ ଚାଷ+ପରିବା ଚାଷ
* ଧାନ ଚାଷ+ମାଛ ଚାଷ+କୁକୁଡ଼ା ଚାଷ
* ଘୁଷୁରୀ/କୁକୁଡ଼ା ଚାଷ+ମାଛଚାଷ+ପରିବା ଚାଷ
* ଧାନଚାଷ+ମାଛ ଚାଷ+ଛତୁ ଚାଷ
* କୃଷି+ବତକ ଚାଷ+କୁକୁଡ଼ା ଚାଷ
* କୁକୁଡ଼ା ଚାଷ+ମାଛ ଚାଷ



- **ପ୍ରାକୃତିକ କୃଷିରେ ବିହନ ଓ ରୋପଣ ସାମଗ୍ରୀ :**

ଚାଷରେ କୃତକାର୍ଯ୍ୟ ହେବା ପାଇଁ ଉପଯୁକ୍ତ ବିହନ ଓ ଅନ୍ୟାନ୍ୟ ରୋପଣ ଚାଷ ସାମଗ୍ରୀର ଗୁରୁତ୍ୱ ସର୍ବାଧିକ । ଏଥିପାଇଁ ଉତ୍ପାଦର ଗୁଣବତ୍ତା, ଫସଲ ସହଣୀ, ପୁନଃଚକ୍ରଣ ହୋଇପାରୁନଥିବା ଉପାଦାନର ସଠିକ୍ ବ୍ୟବହାର ଓ ଅଧିକ ଉତ୍ପନ୍ନଯୁକ୍ତ ଜିନ ବିଶିଷ୍ଟ ବିବିଧ କିସମ ଅପରିହାର୍ଯ୍ୟ ।



୧. ଠିକ୍ ସମୟରେ ଅମଳ ଓ ଶୁଖାଇବା



ଶୁଖିଲାପାଗ ଅମଳ

୨. ସମ୍ୟୁଚିତ କାଣ୍ଡିବା (ପିଟିବା)



୩. ଅନାବଶ୍ୟକ ସାମଗ୍ରୀ ବାହାର କରିବାକୁ ସଫେଇ



୪. ଖରାପ ବିହନ ବାହାର କରିବାକୁ ବାଛିବା



୫. ସଠିକ୍ ଗଣ୍ଡିଲିକରଣ ଓ ଭଣ୍ଡାରଣ ମାଟି ଉପରେ





## ଭଣ୍ଡାରଣ ବେଳେ ରୋଗପୋକ ପାଇଁ ପ୍ରତିରୋଧକ ପଦକ୍ଷେପ :

### ପାରମ୍ପରିକ ବିହନର ବିଶେଷତା:

- ଋଷୀମାନେ ନିଜ ବିଲରୁ ବିହନ ସଂଗ୍ରହ କରି ପରବର୍ଷ ପାଇଁ ରଖୁଥିବାରୁ ପାରମ୍ପରିକ ବିହନ ନିଜ ଅଞ୍ଚଳରେ ମିଳିଯାଏ ।
- ଋଷୀମାନେ ଅନ୍ୟ ଋଷୀଠାରୁ ବିହନ କିଣନ୍ତି କିମ୍ବା ବଦଳ କରାନ୍ତି ଏଣୁ ବିହନ କିଣା ଖର୍ଚ୍ଚ ସର୍ବନିମ୍ନ ।
- ଦେଶୀ ବିହନ ଜୀବନ ନିର୍ବାହ ଅର୍ଥନୀତିକୁ ଅଗ୍ରସର କରେ । ଋଷୀ ତା'ର ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଖାଦ୍ୟ ଉତ୍ପାଦନ କରେ ଓ ବିହନ ସଂଗ୍ରହ କରି ଆଗ ବର୍ଷ ପାଇଁ ରଖେ ଓ ବଳକାକୁ ବିକ୍ରୟ କରେ ।
- ଦେଶୀ ବିହନରେ ସ୍ଥାନୀୟ ଜ୍ଞାନ ଭରପୂର ଥାଏ । ଯେଉଁ ଋଷୀ ଦେଶୀ ବିହନ ବ୍ୟବହାର କରେ ସେ ତା'ର ସ୍ଥାନୀୟ ଜ୍ଞାନ, କୌଶଳ ଓ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ଉତ୍ପାଦନ କରେ ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରେ ।
- ଦେଶୀ ବିହନରେ ବିବିଧତା ରହେ ।
- ବହୁବର୍ଷ ଧରି ରୋଗପୋକ ସହଣୀ ଶକ୍ତିଯୁକ୍ତ ହୋଇଥିବାରୁ ଦେଶୀ ବିହନ ପରିବେଶ ସହିଷ୍ଣୁ ।
- ଦେଶୀ ବିହନ ବିପରୀତ ପରିସ୍ଥିତିକୁ ସହ୍ୟ କରିବା ଶକ୍ତି ସମ୍ପର୍ଣ୍ଣ ଓ ଆଞ୍ଚଳିକ ଜଳବାୟୁ ଅବସ୍ଥାକୁ ଗ୍ରହଣ କରିପାରେ ।

(ସୂଚନା : **Shiva V., Pande P., Singh J. 2004 Principles of organic farming: Renewing the Earth's harves. Published by Navdanya, New Delhi, India.**)

**ବିହନ ଚୟନ :**

ଉତ୍ତମ ଗୁଣ ସମ୍ପନ୍ନ ବିହନର ଜିନଗତ, ଭୌତିକ, ସ୍ୱାସ୍ଥ୍ୟଗତ ବିଶେଷତ୍ୱର ସମାହାର । ଚାଷୀ ଯେତେବେଳେ ନିଜର ଜିନଗତ ସାମଗ୍ରୀ ଚୟନ କରେ ତାକୁ ବହୁତ ଜିନିଷ ଚିନ୍ତା କରିବାକୁ ପଡ଼େ :

* ସର୍ବୋତ୍ତମ ଗଛ କ୍ଷେତ ପାଇଁ ପସନ୍ଦ କରିବା ।

  ଭଲ ବଢୁଥିବା, ଅଧିକ ଅମଳକ୍ଷମ, ଭଲ ଗୁଣଯୁକ୍ତ ଫଳ (ଆକାର, ରଙ୍ଗ ଓ ବାସ୍ନା- ଆବଶ୍ୟକତା ଅନୁଯାୟୀ) ଭଲ ସ୍ୱାସ୍ଥ୍ୟ ଇତ୍ୟାଦି ।

* ପସନ୍ଦ କରୁଥିବା ଗଛଗୁଡ଼ିକୁ ଅତି ଯତ୍ନର ସହିତ ଦେଖାଶୁଣା କରିବା ।
* ଗଛଟି ଯଦି ପସନ୍ଦଯୋଗ୍ୟ ଅନୁସାରେ ହୋଇନଥାଏ ତାକୁ ବାହାର କରିଦେବା ଉଚିତ ଓ ବିଲଗନ ଦୂରତା କଡ଼ାକଡ଼ି ଭାବରେ ମାନିବା ଦରକାର ।
* ଆଖପାଖରେ ରୋଗପୋକ ଲାଗିଥିବା ଗଛକୁ ପରିହାର କରିବା ଉଚିତ ।
* ଫଳ ଅମଳ ତା'ର ସର୍ବୋଚ୍ଚ ପକ୍ୱ ଅବସ୍ଥାରେ କରିବା ବିଧେୟ ।
* ତୋଳିବା ମାତ୍ରେ ବିହନ ସଂଗ୍ରହ କରିବା ଉଚିତ୍ ।





**ପ୍ରାକୃତିକ ଉପାୟରେ ବିହନ ବିଶୋଧନ :**

**ବିହନ ବିଶୋଧନ କାହିଁକି ଆବଶ୍ୟକ ?**

ବିହନ ବିଶୋଧନ କଲେ ଉତ୍ତମ ଗଜା ହୁଏ ଓ ବିହନ ଏବଂ ମାଟିରେ ଥିବା ରୋଗ ଦାଉରୁ ରକ୍ଷା କରେ । ଫଳତଃ ଗଛ ସୁସ୍ଥ ତଥା ଅଧିକ ଅମଳକ୍ଷମ ହୁଏ ।

- **ବିହନ ବିଶୋଧନର ଉପଯୋଗିତା :**

ଏହା ଗଜା ବିହନ ଓ ଚାରାକୁ ମାଟି ଓ ବିହନ ଦ୍ୱାରା ବ୍ୟାପୁଥିବା ରୋଗ ଓ ପୋକଙ୍କ ଦାଉରୁ ରକ୍ଷା କରେ ।

* ଗଜା ହେବାର ପ୍ରକ୍ରିୟା ଓ ସଂଖ୍ୟାରେ (ଶତାଂଶ) ବୃଦ୍ଧି ଘଟାଏ ।
* ମଞ୍ଜିର ସାମର୍ଥ୍ୟ ଓ ପରାକ୍ରମ ଯାହା କୃଷି କିମ୍ବା ଚାଷ ପ୍ରକ୍ରିୟାର ଦୁଇମୁଖ୍ୟ ଉପାଦାନ ତାହା ଏହାଦ୍ୱାରା ବୃଦ୍ଧି ପାଏ ।
* ଫସଲ ଓ ଗଛର ଶୀଘ୍ର ସର୍ବାଙ୍ଗ ସ୍ଥାପନା ଓ ବୃଦ୍ଧି ଘଟାଏ ।
* ଡାଲି ଜାତୀୟ ଫସଲରେ ଚେରରେ ଗଣ୍ଠି ଯବକ୍ଷାରଜାନ ସ୍ଥିରୀକରଣ ପାଇଁ ଚେରର ଗଣ୍ଠି ସଂଖ୍ୟା ବୃଦ୍ଧି କରେ ।
* ପ୍ରତିକୂଳ ଅବସ୍ଥାରେ ଯଥା ଅତିକ୍ରମ ଆର୍ଦ୍ରତା ତଥା ଅତିବେଶୀ ପରିସ୍ଥିତିରେ ଏକ ପ୍ରକାର ଫସଲ ହେବାର ସାମର୍ଥ୍ୟ ରଖେ ।

## ବୀଜାମୃତ :

ବୀଜାମୃତ ଏକ ପାରମ୍ପରିକ ଜଳୀୟ ଜୈବ ମିଶ୍ରଣ ଯାହା ଜିରୋ ବଜେଟ୍‌ରେ ପ୍ରାକୃତିକ କୃଷି (ବର୍ତ୍ତମାନ ସୁବାସ ପାଲେକର ପ୍ରାକୃତିକ କୃଷି) ରେ ବିହନ ବିଶୋଧନ ପାଇଁ ବ୍ୟବହୃତ । ଏହା ଗୋବର, ଗୋମୂତ୍ର, ପାଣି, ଚୂନ ଓ ମୁଠାଏ ମାଟିର ଏକ ମିଶ୍ରଣ । ବୀଜାମୃତ ଦ୍ୱାରା ବିଶୋଧିତ ହେତୁ ଗଛ ସୁସ୍ଥ ଓ ଶୀଘ୍ର ବଢ଼ିଥାଏ, ରୋଗ ପ୍ରତିରୋଧକ ଶକ୍ତି ବଢ଼େ, କ୍ଷତିକାରକ ସୂକ୍ଷ୍ମଜୀବ ଓ କୀଟ ଦ୍ୱାରା ଆକ୍ରମଣ ପ୍ରତିହତ କରେ । ବୀଜାମୃତରେ ଥିବା ଉପକାରୀ ସୂକ୍ଷ୍ମଜୀବମାନେ ମାଟି ଓ ବିହନରେ ଥିବା କ୍ଷତିକାରକ ଜୀବାଣୁ ଠାରୁ ରକ୍ଷା କରନ୍ତି । ବିହନକୁ ବୁଣିବା ପୂର୍ବରୁ ବୀଜାମୃତରେ ବୋଳିଲେ ଗଜା ହେବାଠାରୁ ହିଁ ବହୁତ ରୋଗ ନିୟନ୍ତ୍ରିତ ହୋଇଯାଆନ୍ତି । ରୁଆ ହେଉଥିବା ଫସଲରେ ଚାରାକୁ ବୀଜାମୃତରେ ବୁଡ଼ାଇ ରଖାଯାଏ । ବୀଜାମୃତରେ ଜୀବାଣୁ, ଇଷ୍ଟ, ଏକଟିନୋମାଇସେଟ୍‌ସ ଓ କେତେକ କବକ ମୁଖ୍ୟତଃ ଥାଆନ୍ତି ।

## ବୀଜାମୃତ ପ୍ରସ୍ତୁତିକରଣ :

- ୨୦ ଲି. ପାଣି ନିଅନ୍ତୁ । ତା'ପରେ ୫ କିଲୋ ଦେଶୀଗାଈ ଗୋବରକୁ ନେଇ ହାତରେ ଚକଟି ଏକ କପଡ଼ାରେ ବାନ୍ଧି ଗୋଟିଏ କାଠି ସାହାଯ୍ୟରେ ସେହି ପାଣିରେ ଏକ ରାତି (୧୨ ଘଣ୍ଟା) ଝୁଲାଇ ରଖନ୍ତୁ ।
  - ଆଉ ଏକ ଲିଟର ପାଣି ନେଇ ସେଥିରେ ୫୦ ଗ୍ରାମ୍ ଚୂନ ମିଶାଇ ଏକ ରାତି ରଖନ୍ତୁ ।
  - ପରଦିନ ସକାଳେ ଝୁଲା ହୋଇଥିବା ଗୋବରକୁ ପାଣିରେ ଭଲ ଭାବରେ ୩ ଥର ଚିପୁଡ଼ନ୍ତୁ । ଯେପରି ଗୋବର ଭିତରେ ଥିବା ସମସ୍ତ ତତ୍ତ୍ୱ ପାଣିରେ ମିଶିଯିବ । ସେହି ମିଶ୍ରଣରେ ମୁଠାଏ (୫୦ ଗ୍ରାମ୍) ଶୁଦ୍ଧ ମାଟି ମିଶାନ୍ତୁ ।
  - ସେହି ମିଶ୍ରଣରେ ୫ ଲି. ଦେଶୀଗାଈର ମୂତ୍ର କିମ୍ବା ମଣିଷ ମୂତ୍ର ମିଶାନ୍ତୁ ।
  - ତା'ପରେ ଚୂନପାଣି ମିଶାଇ ଭଲ ଭାବରେ ଘାଣ୍ଟି ଦିଅନ୍ତୁ ।
  - ଏହାର ସଠିକ୍ ଭାବରେ ସଢ଼ିବା ପାଇଁ ଗୋଟିଏ ରାତି ରଖିଦିଅନ୍ତୁ ।
  - ବର୍ତ୍ତମାନ ବୀଜାମୃତ ବିହନ ବିଶୋଧନ ପାଇଁ ପ୍ରସ୍ତୁତ ହୋଇଗଲା ।




Ist Day




IInd Day

### ବୀଜାମୃତର ବ୍ୟବହାର ବିଧି :

୨୦ ଲିଟର ବୀଜାମୃତ ୧୦୦ କେଜି ବିହନ ବିଶୋଧନ ପାଇଁ ଯଥେଷ୍ଟ । ବିଶୋଧନ ପରେ ଛାଇରେ ଶୁଖାଇ ବିହନ ବୁଣାଯାଏ । ବୁଣା ହେବା ପୂର୍ବରୁ ଲଗା ହେବାକୁ ଥିବା ସାମଗ୍ରୀ ଯଥା- ମାଟିତଳେ ଥିବା ଗଛ ଅଂଶ, ଡାଳ, କଟାଚେର, କଟା ପତ୍ର ଓ କନ୍ଦଜାତୀୟ ମୂଳକୁ ବୀଜାମୃତରେ ୫ ମିନିଟ୍ ବୁଡ଼ାଇ ରଖାଯାଏ ।

❀❀❀

# (୮) ସ୍ଥାନୀୟ ପରମ୍ପରାଗତ ଜ୍ଞାନ ଓ ମଡ଼େଲ (ନମୁନା)

କୃଷି ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟାବଳୀରେ ସ୍ଥାନୀୟ ଲୋକଙ୍କର ଜ୍ଞାନ ଓ ବୋଧ ଶକ୍ତିର ବ୍ୟବହାରକ ପ୍ରୟୋଗକୁ ସ୍ଥାନୀୟ ପରମ୍ପରାଗତ ଜ୍ଞାନ (ଆଟିକେ) କୁହାଯାଏ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ସ୍ଥାୟୀ ଅଧିବାସୀଙ୍କ ପାଇଁ ଏହି ଅଦ୍ୱିତୀୟ, ପାରମ୍ପରିକ ଓ ସେହି ସ୍ଥାନରୁ ସ୍ୱଷ୍ଟ ଜ୍ଞାନ ପ୍ରଯୁର୍ଯ୍ୟ ।

**ବହୁ ଫସଲ ମଡ଼େଲର ଶ୍ରେଣୀ ବିଭାଗ :**

**ପାଞ୍ଚସ୍ତରୀୟ ମଡ଼େଲ :**

ଏହି ମଡ଼େଲରେ ଖଣ୍ଡିଏ ଜମିକୁ ୩୬'×୩୬' ର ସମାନ ବର୍ଗକ୍ଷେତ୍ର ବିଶିଷ୍ଟ କରାଯାଏ । ପୁନଶ୍ଚ ପ୍ରତ୍ୟେକ ବର୍ଗକ୍ଷେତ୍ରକୁ ୯'×୯'ର ଛୋଟ ବର୍ଗକ୍ଷେତ୍ରାକାର କରାଯାଇ ପ୍ରତ୍ୟେକ ୯'×୯' ଅଞ୍ଚଳରେ ୧୭୦ଟି ଗଛ ଲଗାଯାଏ । ଯଥା- ୧ଟି କଦଳୀ, ୪ଟି ଗୁଆ, ୯ କଳାମରିଚ ଲତା ପ୍ରତ୍ୟେକ ଗୁଆଗଛରେ ୨ କଫିଗଛ, ୨ ଗ୍ଲିରିସିଡ଼ିଆ ଓ ୩୨ଟି ଅଦା ଗଛ ।

| | | | |
|---|---|---|---|
| ପ୍ରଥମ ସ୍ତର | ଆମ୍ବ ଓ ସପେଟା | ଗଛ ୯୦' ଉଚ୍ଚତା ଓ ୮୦' ଚଉଡ଼ା ପର୍ଯ୍ୟନ୍ତ ବଢ଼ିପାରେ | ୪ଟି ଗଛ ପ୍ରତି ୩୬'×୩୬'ରେ ଗୋଟିଏ ଏକର ଜମିକୁ ପ୍ଲଟ୍ କରି ବଳକା ଜମିକୁ ରାସ୍ତା ପାଇଁ ଛାଡ଼ିବା । |
| ଦ୍ୱିତୀୟ ସ୍ତର | କୋଳି,କମଳା/ପିଜୁଳି | ଗଛ ଓ ବୁଦା ସର୍ବାଧିକ ୫୦'ଯାଏଁ ଉଚ୍ଚତା | କେନ୍ଦ୍ର ସ୍ଥଳରେ ଗୋଟିଏ |
| ତୃତୀୟ ସ୍ତର | ଆତ/ସେଉ/ବେଦନା/ଲେମ୍ବୁ | ବୁଦା- ସର୍ବାଧିକ ଉଚ୍ଚତା ୨୦' | ୨୦ଟି |
| ଚତୁର୍ଥ ସ୍ତର | ଜଡ଼ା ଓ ବିନ ମାଡ଼ିବାପାଇଁ | ଗଛଗୁଡ଼ିକ ସର୍ବାଧିକ ୬' ଉଚ୍ଚା | ୨୦ଟି |
| ପଞ୍ଚମ ସ୍ତର | ସଜନା ଓ ପନିପରିବା | ୮-୧୨'ହୋଇଗଲେ କାଣ୍ଡଛାଣ୍ଟ କରାଯାଏ | ୧୬ ସଜନା ଯବକ୍ଷାରଜାନ ସଂରକ୍ଷଣ କରିପାରିବ, ୯'×୯' ପ୍ଲଟ୍‌ପାଇଁ ଯାହା ୩୬/୩୬ ସ୍ତରୀୟ ପ୍ଲଟରେ |



- **ବହୁ ଫସଲ ମଡ଼େଲ:** ଗୋଟିଏ ବର୍ଷରେ ଏକା କ୍ଷେତରେ ଦୁଇ କିମ୍ବା ତଦୁର୍ଦ୍ଧ ଫସଲ ଫଳାଇବା, ମଧ୍ୟବର୍ତ୍ତୀ ଫସଲ, ମିଶ୍ରିତ ଫସଲ ଓ ରିଲେ ଫସଲ ଏଥିରେ ଅନ୍ତର୍ଭୁକ୍ତ ।
- **ଅନ୍ତଫସଲ:** ଏକ ସାଙ୍ଗରେ ଦୁଇ କିମ୍ବା ତଦୁର୍ଦ୍ଧ ଫସଲ ଏକ ନିର୍ଦ୍ଦିଷ୍ଟ ଫସଲ ପଦ୍ଧତି ଅନୁସରଣ କରି ଚାଷ କରାଯାଏ ।
- **ରିଲେ ଫସଲ:** ଏକା ଜମିରେ ବହୁ ପ୍ରକାର ଚାଷ କରିବା । ଗୋଟିଏ ଫସଲ ତା'ର ଫଳନ୍ତି ଅବସ୍ଥା ପ୍ରାପ୍ତ ହେଲାପରେ ୨ୟ ଫସଲ ଲଗାଯାଏ ।
- **ମିଶ୍ରିତ ଅନ୍ତଃଚାଷ:** ଏକ ସାଙ୍ଗରେ କୌଣସି ନିର୍ଦ୍ଦିଷ୍ଟ ଧାଡ଼ି ବ୍ୟବସ୍ଥା ନ କରି ଏକରୁ ଅଧିକ ଫସଲ ଚାଷ କରିବା ।



ଅନ୍ତ ଫସଲ



ରିଲେ ଫସଲ



ମିଶ୍ରିତ ଫସଲ

## ମିଶ୍ରିତ ଫସଲର ଅର୍ଥନୈତିକ ଲାଭ :

- **ଅଧିକା ଉତ୍ପାଦିକା ଶକ୍ତି:** ମିଶ୍ରିତ କୃଷି ଜମି ଓ ଶ୍ରମିକକୁ ତୀବ୍ର ଭାବରେ ବ୍ୟବହାର କରି ଅଧିକ ଲାଭ ଓ ରୋଜଗାରକୁ ସ୍ଥିରତା ଦେଇ ଜମିର ଉତ୍ପାଦିକା ଶକ୍ତିକୁ ସର୍ବାଧିକ କରେ ।
- **ଗୋଖାଦ୍ୟ ସଂଗ୍ରହ:** ବହୁ ଫସଲ ଚାଷ ଯୋଗୁଁ ଗୋସମ୍ପଦ ପାଇଁ ଯଥେଷ୍ଟ ଗୋଖାଦ୍ୟ ସଂଗୃହୀତ ହୋଇପାରେ ।
- **ଖାଦ୍ୟ ନିରାପତ୍ତା :** ଗୋଟିଏ ଦୁଇଟି ଫସଲ ନଷ୍ଟ ହେଲେ ମଧ୍ୟ ଅନ୍ୟ ଫସଲ ଅମଳ ହୋଇ ବର୍ଷ ପାଇଁ ଖାଦ୍ୟ ସୁନିଶ୍ଚିତ କରେ ।
- **ବହୁବିଧ ବ୍ୟବହାର:** ଫସଲ ଖାଦ୍ୟଶସ୍ୟ ସହିତ ଗୋଖାଦ୍ୟ ଓ ଜାଳେଣି ଯୋଗାଇଥାଏ ।

## ମିଳିତ ଫସଲରେ କୃଷିକାର୍ଯ୍ୟର ଲାଭ :

- **କୀଟ ପରିଚାଳନା:** ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରକାରର ଫସଲ କରିବା ହେତୁ କୀଟ ସମସ୍ୟା କମିବା ସହିତ ମାଟିର ପୋଷଣ ସର୍ବାଧିକ ହୁଏ ଏବଂ ଜଳ ଓ ଜମିର ଭରପୂର ବ୍ୟବହାର ହୁଏ ।
- **ଯବକ୍ଷାରଜାନ ସ୍ଥିରୀକରଣ:** ଡାଲି ଜାତୀୟ ଫସଲ ଅନ୍ତଃ ଫସଲ ଭାବରେ ବ୍ୟବହାର ହେତୁ ଯବକ୍ଷାରଜାନର ଆବଶ୍ୟକତା କମ୍ ହୁଏ ।
- **ଘାସ ପରିଚାଳନା:** ବହୁ ଫସଲ ଘାସ ବୃଦ୍ଧିକୁ ଚାପିଦିଏ ଓ ଚାଷ ଉପାଦାନର ସମୁଚିତ ବ୍ୟବହାର ହୁଏ ।
- **ଫସଲ ଅମଳର ନିରନ୍ତରତା:** ରାସାୟନିକ ସାର ଓ କୀଟନାଶକର ଆବଶ୍ୟକତାକୁ କମ୍ କରେ ।

### ଶ୍ରୀ (ସଘନ ପଦ୍ଧତିରେ ଧାନଚାଷ) ପଦ୍ଧତିରେ ଧାନଚାଷ :

ଶ୍ରୀ ପଦ୍ଧତିରେ ଗଛ, ମାଟି, ପାଣି ଓ ପୋଷଣର ବିଶେଷ କରି ଚେର ବୃଦ୍ଧିକୁ ପ୍ରୋତ୍ସାହିତ କରି ଜଳସେଚିତ ଧାନଚାଷର ଉତ୍ପାଦିକା ଶକ୍ତି ବୃଦ୍ଧି କରାଯାଇଥାଏ ।

### ଚାରା ପକାଇବା ପାଇଁ ଆବଶ୍ୟକ ପରିମିତ ସ୍ଥାନ, ବିହନର ଆବଶ୍ୟକତା ଓ ପରିଚାଳନା :

* ଏକ ହେକ୍ଟର ଜମି ପାଇଁ ପ୍ରାୟ ୭ ରୁ ୮ କେଜି ବିହନ ଆବଶ୍ୟକ ।

* ଚାରା ଉତ୍ତାରିବା ପାଇଁ ପ୍ରତି ହେକ୍ଟର ଜମି ପାଇଁ ୧୦୦ ବର୍ଗମିଟର ପରିମିତ ଜମି ।

* ଭଲ ଭାବରେ ସଢ଼ା ଗୋବରଖତ ବ୍ୟବହାର କରିବା ଉଚିତ୍ । ବିହନ ବିଶୋଧନ ପାଇଁ ସେଉଡ଼ୋମୋନାସ ଓ ଆଜୋଟୋବାକ୍ଟର, ଆଜୋସ୍ପିରିଲମ୍ ଓ ଫସଫେଟ-ବ୍ୟାକ୍ଟେରିୟମ୍‌ର ମିଶ୍ରଣ ଆବଶ୍ୟକ ।
* ଚାରା ୧୪ ଦିନର (୩ ପତ୍ରୀ) ହେଲେ ରୁଆଯାଏ ।

**ମୁଖ୍ୟ କ୍ଷେତ ପ୍ରସ୍ତୁତି :**



* ପ୍ରଥମତଃ ଜଳର ଆବଶ୍ୟକତାକୁ କମ୍ କରିବା ପାଇଁ ଗ୍ରୀଷ୍ମଦିନରେ ହଳ କରାଯାଏ ।
* କ୍ଷେତଟି ପାଣିରେ ଭିଜିଯିବା ପାଇଁ ହଳ କରିବା ପୂର୍ବରୁ ଜମିରେ ଯଥେଷ୍ଟ ପାଣି ପୂରାଇ ଦିଆଯାଏ ।
* ୨.୫ସେ.ମି ପର୍ଯ୍ୟନ୍ତ ମାଟି ଓ ପାଣି ମିଶାଇ କାଦୁଅ କରି ଦିଆଯାଏ ।

**ଜଳ ପରିଚାଳନା :**

* ପ୍ରାଥମିକ ଅବସ୍ଥାରେ ଜମିର ବତର ୧୦ଦିନ ଯାଏଁ ରହିବା ପାଇଁ ଜଳସେଚନ କରନ୍ତି ।
* ପୁଷ୍ପଗୁଚ୍ଛ ଆରମ୍ଭ ହେବା ପର୍ଯ୍ୟନ୍ତ ଓ ପ୍ରସ୍ତୁତ ମାଟିରେ ଗଛ ଫାଟ ଦେଖାଦେଲେ ୨.୫ସେ.ମି. ର ପାଣି ଜମାଇ ରଖନ୍ତୁ ।
* ଜମିର ଜଳସ୍ତର କମିବାର ଏକ ଦିନ ପରେ ପାଣି ଶୁଖିଗଲେ ଜଳସେଚନ ଦ୍ୱାରା ୫ ସେ.ମି. ଜଳ ଯୋଗାଇ ଦିଅନ୍ତୁ ।

**ଧାନ-ମାଛ ପଦ୍ଧତି :**



ଧାନ ଓ ମାଛ ଏକ ସାଙ୍ଗରେ କିମ୍ବା ଗୋଟିଏ ପରେ ଅନ୍ୟଟି କ୍ରମରେ ସମନ୍ୱିତ ଚାଷକୁ ଧାନ-ମାଛ ଚାଷ ପଦ୍ଧତି କୁହାଯାଏ । ମାଛକୁ ଜାଣିଶୁଣି ଛାଡ଼ି ଦିଆଯାଏ କିମ୍ବା ବନ୍ୟାବେଳେ ପ୍ରାକୃତିକ ଉପାୟରେ ଭରି ଦିଆଯାଏ । ଧାନକ୍ଷେତରେ କରାଣ୍ଡି, କଉ, ସିଙ୍ଗି ମାଛ ରହିପାରନ୍ତି । ଜାଲ, ଜାଲଯନ୍ତା, ତେଣ୍ଡା ଓ କ୍ଷେତକୁ ପାଣି ଶୁଖାଇବା ପଦ୍ଧତିରେ ଧାନ ଜମିରେ ମାଛକୁ ପରିଚାଳିତ କରାଯାଇପାରେ ।

**ସମନ୍ୱିତ ଚାଷ ସହିତ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟକାରୀ :**

ପ୍ରାକୃତିକ ସାଧନ ସହିତ କୃଷିକାର୍ଯ୍ୟରେ ନିୟନ୍ତ୍ରିତ ପ୍ରକ୍ରିୟାକୁ ସମନ୍ୱିତ କରାଯାଏ । ଏହାଦ୍ୱାରା ଉତ୍ପାଦନ ନିରନ୍ତର ପ୍ରାପ୍ତି, ଉତ୍ତମ ଗୁଣ ସମ୍ପର୍ଣ୍ଣ ଖାଦ୍ୟର ନିରାପତ୍ତା କୃଷି ଦ୍ୱାରା ଉତ୍ପନ୍ନ ପ୍ରଦୂଷଣକୁ କମ୍ କିମ୍ବା ଦୂରୀଭୂତ କରିବା ଓ କୃଷିରେ ବହୁବିଧ କାର୍ଯ୍ୟ ସାଧନ ହୋଇଥାଏ ।

କୃଷି ସହିତ ଆଉ କେତେକ ସମଜାତୀୟ କାର୍ଯ୍ୟ ସମ୍ମିଳିତ କରାଯାଇପାରେ । ଯଥା- ଫଳବଗିଚା, ଗୋପାଳନ, ଛେଳିପାଳନ, କୁକୁଡ଼ାଚାଷ, ଘୁଷୁରି ଚାଷ, ମାଛ ଚାଷ, ଛତୁ ଚାଷ, ମଧୁମକ୍ଷୀ ପାଳନ, ବାୟୋଗ୍ୟାସ୍, ଟସର ଚାଷ, ଛାତବଗିଚା କମ୍ପୋଷ୍ଟ, ପାକଶାଳା ବଗିଚା, ପାଚେରୀ/ବନ୍ଧ ବୃକ୍ଷରୋପଣ, କୃଷି ବନୀକରଣ, ଉଦ୍ୟାନ-ଚାରଣ ଭୂମି ଓ ପ୍ରକ୍ରିୟାକରଣ ସହିତ ବଳକା ବିକ୍ରି ଲବ୍ଧ ଉତ୍ପାଦର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି । କୃଷକମାନେ ସେମାନଙ୍କୁ ଉପଲବ୍ଧ ସାଧନ ଓ ରୋଜଗାର କରିବାର ଲକ୍ଷ୍ୟ ଅନୁଯାୟୀ ଯେ କୌଣସି ମଡ଼େଲ ବାଛି ପାରିବେ । ଅବଶ୍ୟ ଖର୍ଚ୍ଚକୁ କମ୍ କରି କିପରି ଉତ୍ପାଦନର ଚିରନ୍ତନତାକୁ ବୃଦ୍ଧି କରିବେ ତାହା ତାଙ୍କ ଉପରେ ନିର୍ଭର କରେ ।

❀❀❀

# (୯) ଫସଲ ଓ ଗୋଧନ ସମନ୍ୱୟ

## ଫସଲ ଓ ଗୋପାଳନ ସମନ୍ୱୟ :

ଫସଲ ଓ ଗୋଧନର ଏକ ଅପୂର୍ବ ସମନ୍ୱୟ ଦ୍ୱାରା ଏଥିରେ ସାଧନ ସଞ୍ଚୟର ବହୁ ପ୍ରକାର କାର୍ଯ୍ୟକଳାପ ଦ୍ୱାରା ପ୍ରାକୃତିକ ସାଧନର ସଠିକ୍ ପୁନଃଚକ୍ରଣ ହୋଇଥାଏ । ଗୋଟିଏ ପଦ୍ଧତିରୁ ଉତ୍ପନ୍ନ ସାମଗ୍ରୀ ଅନ୍ୟଟିର କଞ୍ଚାମାଲ୍ ପରି କାମକରେ । ଏହା ହିଁ କୃଷି ପରିବେଶର ସିଦ୍ଧାନ୍ତ ।




ମାନବ

ଏହି ସମନ୍ୱୟ ୪ଗୋଟି ସ୍ତମ୍ଭ ଉପରେ ନିର୍ଭରଶୀଳ ।

୧. ଫସଲରୁ ମିଳୁଥିବା ଗୋଖାଦ୍ୟ ପଶୁମାନଙ୍କ ସମୃଦ୍ଧିରେ ବ୍ୟବହୃତ ହୁଏ । (ଚରା ଫସଲ, ଫସଲ ଅବଶେଷ ଓ ଖାଲିସ୍ଥାନ)

୨. ଗୋପାଳନରୁ ବିବିଧ ଖାଦ୍ୟ ଓ ଅନ୍ୟ ପଦାର୍ଥର ସାଧନ ମିଳିଥାଏ । ଯଥା- କ୍ଷୀର, ମାଂସ, ମହୁ, ପଶମ, ଚମଡ଼ା ଓ ଅଣ୍ଡା ଏବଂ ବାୟୋଗ୍ୟାସ୍‌ର ଇନ୍ଧନ ।

୩. ଫସଲ ଉତ୍ପାଦନ ଓ ଅନ୍ୟ ସହଯୋଗୀ କାର୍ଯ୍ୟ ଯଥା- ହଳ, ଜଳସେଚନ, ବୁଣାବୁଣି, ଘାସବଛା ଓ ଅମଳର ବହନ ପାଇଁ ଏହା ଗମନାଗମନ ଓ ଟଣାଟଣି କାମର ସହାୟକ ହୁଏ ।

୪. ଗୋସମ୍ପଦ ଚାଷର ବିଭିନ୍ନ କାର୍ଯ୍ୟରେ ସାଧନ ପରି କାମ କରନ୍ତି । ଯଥା- ଖତସାର, ଚରଣଭୂମି ପରିଚାଳନା, ଗୋରୁମାନଙ୍କ ପାଦ ଦ୍ୱାରା ମାଟିର ସଂରଚନା ବୃଦ୍ଧି, କଠିନ ମାଟି ସ୍ତରକୁ ଛୋଟ ଛୋଟ କରିବା ଯୋଗୁଁ ସମ୍ଭବହୁଏ ।

## ଫସଲ ଓ ଗୋଧନର ସମନ୍ୱୟ କଲାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର୍ଯ୍ୟ :

### ଫସଲ ଓ ପଶୁଧନ ସମନ୍ୱୟ ପାଇଁ ଜମିର ଉପଯୋଗିତା :

ଫସଲ ଓ ଗୋଧନକୁ ସମନ୍ୱୟ କରିବା ପୂର୍ବରୁ କ୍ଷେତର ଉପଯୋଗିତାକୁ ନିମ୍ନ ଆଧାରରେ ଆକଳନ କରିବା ଉଚିତ୍ । ପଶୁ ପାଇଁ ଘର ଓ ଚରଣଭୂମିର ଆବଶ୍ୟକ ସ୍ଥାନ, ଗୋଖାଦ୍ୟ ଓ ଖାଦ୍ୟ ପାଇଁ ଜୈବାଂଶର ସୁଗମତା, ପଶୁପାଳନ, ଖାଦ୍ୟ ପରିବେଷଣ ଓ ପଶୁମାନଙ୍କର ଚିକିତ୍ସା ବିଷୟରେ ଜ୍ଞାନ ।

### ସମନ୍ୱୟରୁ ଲାଭ :

ସମ୍ମିଳିତ ଚାଷ ପଶୁଧନକୁ କେତେଦୂର ସାଧନ ଓ ତତ୍‌ଜନୀତ ଉତ୍ପାଦରେ ସମନ୍ୱୟ ରଖିପାରିବ ତାହା ବିଚାର କରିବା ଉଚିତ୍ । (ସାରର ବ୍ୟବହାର ଏବଂ ପଶୁଜାତ ଦ୍ରବ୍ୟକୁ ନିଜର ଖାଦ୍ୟ କିମ୍ବା ବିକ୍ରି ପାଇଁ ଉଦ୍ଦିଷ୍ଟ)

### ପଶୁଧନ ପାଇଁ ଆବଶ୍ୟକ ସାଧନର ଆକଳନ :

କ୍ଷେତ ଓ କ୍ଷେତ ବାହାରେ ଯଥେଷ୍ଟ କର୍ମଚାରୀଙ୍କ ଉପଲବ୍ଧତା, ଯଥେଷ୍ଟ ଗୋଖାଦ୍ୟ ଓ ଉତ୍ତମ ଜଳ, ପଶୁଚିକିତ୍ସାର ସୁବିଧା ଓ ଗୋସମ୍ପଦର ଉପଯୁକ୍ତ ପ୍ରଜାତି ।

**ପଶୁସଂଖ୍ୟା :**

ଅର୍ଥନୈତିକ ଲାଭ ଅଧିକ ହେବ ଯଦି ପଶୁ କମ୍ ରଖି ସେମାନଙ୍କୁ ଯଥେଷ୍ଟ ଖାଦ୍ୟ ଯୋଗାଇଦେବା ।

**ପଶୁ ଚୟନ :**

ପଶୁ ଚୟନ ବେଳେ ନିମ୍ନଲିଖିତ ମାନଦଣ୍ଡ ପ୍ରତି ସଜାଗ ରହିବା ଦରକାର । ଯଥା- ଖାଦ୍ୟର ଆବଶ୍ୟକତା, ବୃଦ୍ଧିର ସମୟ, ଖାପଖାଇବାର ଶକ୍ତି, ଗୋଧନର ଖାଦ୍ୟ ଓ ଅନ୍ୟାନ୍ୟ ଉତ୍ପାଦର ବ୍ୟବହାର ଇତ୍ୟାଦି ।

**ଫସଲ ଓ ଗୋଧନ ସମନ୍ୱୟରେ କୃଷି ପରିବେଶ ସିଦ୍ଧାନ୍ତ :**

* ଦେଶୀୟ ପରିସଂସ୍ଥା ସହିତ ଗୋଧନ ଉତ୍ପାଦ ଖାପ ଖୁଆଇବା ଗୋଧନ ଉତ୍ପାଦନର ଆବଶ୍ୟକତା ଆଞ୍ଚଳିକ ସ୍ତରରେ ମିଳୁଥିବା ସାଧନ, ଦେଶୀ ପରିବେଶକୁ ଖାପ ଖାଉଥିବା ପ୍ରଜାତି ଓ କୃଷି ପରିବେଶ ତଥା ସାମାଜିକ ଅବସ୍ଥା ଅନୁକୂଳ ।
* ଦେଶୀ ସାଧନ ବ୍ୟବହାର କରିପାରୁଥିବା ଗୋଧନକୁ ପ୍ରୋତ୍ସାହନ, କ୍ଷେତ ବ୍ୟବସ୍ଥାରେ ଉତ୍ପାଦନ ଓ ପଶୁଖାଦ୍ୟ ବ୍ୟବହୃତ, ଜୈବପଦାର୍ଥ କ୍ଷେତ୍ରରେ ଉତ୍ପନ୍ନ, ଫସଲ ଓ ଗୋଧନକୁ ବିବିଧକରଣ କରିବାର ସୁଯୋଗ ।
* ଗୋଖାଦ୍ୟ ଫସଲ ଓ ଗଛକୁ ସମନ୍ୱିତ କରିବା, ଫସଲ ଚକ୍ରଣ, ଫସଲ ସହାବସ୍ଥାନ ଓ କୃଷି ବନୀକରଣକୁ ପ୍ରୋତ୍ସାହିତ କରିବା ଆଦି ଏଥିରେ ସମ୍ପୃକ୍ତ ।

**ଫସଲ ଓ ଗୋଧନ ସମନ୍ୱିତ ଚାଷର କୃଷିଜନିତ, ସାମାଜିକ, ଅର୍ଥନୈତିକ ଓ ପରିବେଶଜନିତ ସୁବିଧା :**

* ସ୍ଥାନ ବିନିଯୋଗ ବଢ଼ାଇବା ସହ ପ୍ରତି ୟୁନିଟ୍‌ର ଉତ୍ପାଦିକା ଶକ୍ତି ବଢ଼ାଇଥାଏ ।
* ବିବିଧ ଚାଷ କରି ଖାଦ୍ୟ ନିରାପତ୍ତା ଓ ପୋଷଣ ବଢ଼ାଇଥାଏ ।
* ଆପଦକାଳୀନ ପରିଚାଳନା କୌଶଳ ଓ ଖାପ ଖାଇବାର ସାମର୍ଥ୍ୟ ପ୍ରଦାନ କରେ (ଖୁରା ଉପରେ ବ୍ୟାଙ୍କ ପଶୁ ଆବଶ୍ୟକତା ବେଳେ ଅର୍ଥ ଯୋଗାଇଥାଏ) ।
* ଘୋଡ଼ଣୀ ଫସଲ ଓ ଜୈବସାର ବ୍ୟବହାର କରି ଯଥାର୍ଥ ଫସଲ ଚକ୍ରଣ କରିବା ଫଳରେ ମାଟିର ଉର୍ବରତା ଓ ଭୌତିକ ଗଠନ ବୃଦ୍ଧି ପାଏ ।
* ପଶୁ ଚରିବା ଓ ଫସଲ ପର୍ଯ୍ୟାୟ ଯୋଗୁଁ ଘାସ ଓ ରୋଗପୋକ କମ୍ ହୁଏ ।
* ଫସଲ ଅବଶେଷ ଓ ଗୋଧନ ବର୍ଜ୍ୟର ପୁନଃଚକ୍ରଣ ଓ ବ୍ୟବହାର ହୁଏ ।
* ଚାଷୀର ସ୍ୱାଧୀନତାକୁ ବଳିଷ୍ଠ କରେ । ବାହାର ସାଧନ (ସାର, କୃଷି ରସାୟନ, ଗୋଖାଦ୍ୟ ଓ ଶକ୍ତି ଇତ୍ୟାଦି) ଉପରେ କମ୍ ନିର୍ଭରଶୀଳ ।
* କୃଷକ ପରିବାରକୁ ନିଟ୍ ଲାଭ ଜମି ଉପରେ ଦେଇଥାଏ । ଶ୍ରମକାରୀକୁ ଅଧିକ ନିଟ୍ ଲାଭ ଦିଏ ।

**ଉପସଂହାର :**

ଗୋଧନ କୃଷି ଇତିହାସରେ ବହୁ ଦିନରୁ ଫସଲ ଉତ୍ପାଦନ ସହିତ ଗୋପାଳନ ସମନ୍ୱିତ ହୋଇ ରହିଆସିଛି । ଜମିର ଉର୍ବରତା, କୀଟ ଓ ରୋଗ ନିୟନ୍ତ୍ରଣ ଓ ଜୈବାଂଶର ବିଘଟନ ଆଦି ଏହାର ଅବଦାନ । ଗୋଧନ ଚାଷୀର ଏକ ଅତିରିକ୍ତ ରୋଜଗାରର ସ୍ରୋତ । ଏହା ବର୍ଷ ତମାମ ରୋଜଗାର ଦିଏ ଏବଂ ସବୁଦିନିଆ ଫସଲର ଉତ୍ପାଦନ ପର୍ଯ୍ୟାପ୍ତ ମଧ୍ୟ ଦେଇ ଚାଲିଥାଏ । ତଥାପି ଏହା ସଂକ୍ରମଣର ଉତ୍ସ ହୁଏ ଓ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ଟାଣି ଆଣେ ଯେତେବେଳେ ଉତ୍ପାଦନ କରୁଥିବା କୃଷକମାନେ ତାଙ୍କ ଫସଲ ଫଳ ଓ ପନିପରିବା କଞ୍ଚା ଖାଇଥାଆନ୍ତି ।

# (୧୦) ଖାଦ୍ୟ ଓ ପୋଷଣ

**ସାଧାରଣ ସମୀକ୍ଷା :**

ଜୀବନସାରା ପୁଷ୍ଟିକର ଖାଦ୍ୟ ଖାଇଲେ ଯେକୌଣସି ପ୍ରକାର ପୁଷ୍ଟିହୀନତା ଓ ଅଣସଂକ୍ରାମକ ରୋଗ ଓ ତା'ର ଲକ୍ଷଣ ଦୂରୀଭୂତ ହୋଇଥାଏ। ମାତ୍ର ପ୍ରକ୍ରିୟାକରଣ ଖାଦ୍ୟର ବହୁଳ ଉତ୍ପାଦନ, ସହରୀକରଣ ଓ ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ଆହାର ଶୃଙ୍ଖଳାରେ ପରିବର୍ତ୍ତନ ଦେଖାଦେଇଛି। ଲୋକମାନେ ବର୍ତ୍ତମାନ ଖାଦ୍ୟରେ ବହୁତ ଚର୍ବି, ଶର୍କରା, ଲବଣ ଆଦି ନେଉଛନ୍ତି ମାତ୍ର ଯଥେଷ୍ଟ ଫଳ, ପନିପରିବା ଓ ଅନ୍ୟ ତନ୍ତୁଜାତୀୟ ଖାଦ୍ୟ ଯଥା ଶସ୍ୟ ନେଉନାହାନ୍ତି। ପରନ୍ତୁ ସୁସ୍ଥ ଖାଦ୍ୟର ସିଦ୍ଧାନ୍ତ ସେହିପରି ଅଛି।

ଆହାର ସୁଷମ, ସ୍ୱାସ୍ଥ୍ୟପ୍ରଦ ଓ ବିବିଧତାର ସମନ୍ୱୟ ଉପରେ ନିର୍ଭର କରେ- ବ୍ୟକ୍ତିବିଶେଷଙ୍କ ବୈଶିଷ୍ଟ୍ୟ (ବୟସ, ଲିଙ୍ଗ, ଜୀବନଶୈଳୀ ଓ ଶାରୀରିକ ପରିଶ୍ରମର ମାପକ), ସାଂସ୍କୃତିକ ପରିସ୍ଥିତି, ଅଞ୍ଚଳରେ ମିଳୁଥିବା ଖାଦ୍ୟ ଓ ଆହାର ପଦ୍ଧତି ଆଦି ଉପରେ ନିର୍ଭର କରେ।

**ଆହାର ବିବିଧତା :**

ଆହାର ବିବିଧତା ଖାଉଥିବା ଖାଦ୍ୟର ଏକ ଗୁଣାତ୍ମକ ମାପକ। ଏହା ପରିବାରକୁ ମିଳୁଥିବା ବିବିଧ ଖାଦ୍ୟ ସାମଗ୍ରୀ ଉପରେ ନିର୍ଭର କରେ। ବ୍ୟକ୍ତିବିଶେଷଙ୍କ ଆବଶ୍ୟକ ପୋଷଣ ଯଥେଷ୍ଟ ପୋଷଣର ଏକ ଆକଳନ ମଧ୍ୟ।

**ଆହାର ବିବିଧତାର ଉଦ୍ଦେଶ୍ୟ :**

* ପରିବାରରେ ବିବିଧ ଖାଦ୍ୟ ସାମଗ୍ରୀ ସଂଗ୍ରହ କରିବା ତାଙ୍କର ଆର୍ଥିକ ପରିସ୍ଥିତି ଉପରେ ନିର୍ଭର କରେ। ଅନୁସନ୍ଧାନରୁ ଜଣାଯାଇଛି ଯେ ଆହାର ବିବିଧତାର ବୃଦ୍ଧି ପରିବାରର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଓ ଖାଦ୍ୟ ନିରାପତ୍ତା ଚିନ୍ତନ ଉପରେ ପର୍ଯ୍ୟବେସିତ।
* ପୋଷଣ ଯଥେଷ୍ଟ ହେବା ବ୍ୟକ୍ତିଗତ ଆହାର ବିବିଧତା ଉପରେ ନିର୍ଭରଶୀଳ। ଆହୁରି ମଧ୍ୟ ବିଭିନ୍ନ ବୟସର ଗୋଷ୍ଠୀଙ୍କର ଆହାର ବିବିଧତା ବଢ଼ିଗଲେ ସେମାନଙ୍କର ଖାଦ୍ୟରେ ପୋଷଣର ବୃଦ୍ଧି ହୁଏ।
* ବିଭିନ୍ନ ବୟସ/ଲିଙ୍ଗଗତ ଗୋଷ୍ଠୀର ଅନୁଧ୍ୟାନରୁ ସାବ୍ୟସ୍ତ ହୋଇଛି ଯେ ଆହାରର ବିବିଧତା ସେମାନଙ୍କର ସୂକ୍ଷ୍ମ ଓ ସ୍ଥୁଳ ପୋଷକତତ୍ତ୍ୱକୁ ଯଥେଷ୍ଟ ପ୍ରଭାବିତ କରେ।

**ସୁସ୍ଥ ଆହାର ଯୋଜନା :** ଏକ ବୟସ୍କ ଲୋକର ସୁସ୍ଥ ଆହାର ନିମ୍ନପରି ହେବା ଉଚିତ୍।

* ଫଳ, ପନିପରିବା, ଡାଲିଜାତୀୟ (ମସୁର, ବିନ), ମଞ୍ଜି ଓ ଶସ୍ୟ ଦାନା (ପ୍ରକ୍ରିୟାକରଣ ବିହୀନ ମକା, ମିଲେଟ୍, ଓଟ୍ସ, ଗହମ ଓ ବ୍ରାଉନ୍ ଚାଉଳ)

ଅତିକମ୍‌ରେ ଦିନକୁ ୪୦୦ ଗ୍ରାମ୍ (ଦୈନିକ ଖାଦ୍ୟରେ ୫ଭାଗ) ଫଳ ଓ ପନିପରିବା ଆଳୁ, କନ୍ଦମୂଳ, ମାଛ ଓ ଅନ୍ୟାନ୍ୟ ଶର୍କରାଯୁକ୍ତ କନ୍ଦକୁ ଛାଡ଼ି ଜଣେ ସୁସ୍ଥ ମଣିଷ ପାଇଁ ସମସ୍ତ ଶର୍କରା (ଶର୍କରାମୁକ୍ତ) ୧୦ ଭାଗ ଅର୍ଥାତ୍ ୫୦ ଗ୍ରାମ୍ ହେବା ଉଚିତ। ୫ ଭାଗ ହେଲେ ଆହୁରି ଭଲ। ଫ୍ରି ସୁଗାର (ଶର୍କରାମୁକ୍ତ) ମଧ୍ୟରେ ଖାଦ୍ୟ ଓ ପେୟରେ କମ୍ପାନୀମାନେ ମିଶାଉଥିବା ସମସ୍ତ ମିଠା, ରୋଷେଇଆ ଓ ଖାଉଟି ଦ୍ୱାରା ବ୍ୟବହୃତ ସିରପ୍, ଫଳରସ ଓ ଘନ ଫଳରସ, ପ୍ରାକୃତିକ ମିଠା ମହୁରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଫ୍ରି ସୁଗାର ଭାବରେ ଗଣାଯାଏ।

ଖାଦ୍ୟରେ ଚର୍ବି ୩୦ ଭାଗରୁ କମ୍ ହେବା ଉଚିତ୍।

**ଅସନ୍ତୁଳିତ ଚର୍ବିଯୁକ୍ତ ଖାଦ୍ୟ -** ମାଛ, ବାଦାମ, ଆଭାକାଡ଼ୋ ସୂର୍ଯ୍ୟମୁଖୀ, ସୋୟବିନ୍, କ୍ୱିନୋଲା, ଅଲିଭ ଆଦି ତେଲ।

**ସନ୍ତୁଳିତ ଚର୍ବିଯୁକ୍ତ ଖାଦ୍ୟ -** ମାଂସ, ଲହୁଣୀ, ତାଳ ଓ ନଡ଼ିଆତେଲ, କ୍ରିମ୍ ଓ ଛେନା।

## ପୁଷ୍ଟିକର ବଗିଚା ସ୍ଥାପନ କରି ସ୍ୱାସ୍ଥ୍ୟପ୍ରଦ ଆହାରକୁ ପ୍ରୋତ୍ସାହନ କରିବା ।

ପନିପରିବା ବହୁଳ ପୁଷ୍ଟିକର ବଗିଚା ପୋଷକତତ୍ତ୍ୱର ଅତି ଉତ୍ତମ ଉତ୍ସ ଏବଂ ଏହା ପୁଷ୍ଟିହୀନତା ଦୂରୀକରଣ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରେ । ପୁଷ୍ଟିକର ବଗିଚା ପାକଶାଳା ବଗିଚା ଠାରୁ ଉନ୍ନତ । ଯେହେତୁ ଏଥିରେ ପନିପରିବା ଖାଦ୍ୟ ପାଇଁ (୨୦୦୦ କ୍ୟାଲୋରି ଖାଉଥିବା) ଉତ୍ପାଦନ କରିବା ସହିତ ଅଧିକ ରୋଜଗାର ବୈଜ୍ଞାନିକ ଉପାୟରେ ମିଳେ ।



ଏହି ବଗିଚା କ୍ଷୁଦ୍ର ଓ ମଧ୍ୟମ ବର୍ଗୀୟ ଚାଷୀଙ୍କ ପରିବାର ପାଇଁ ଆହାର ଯୋଗାଇବା ସହିତ ଅନ୍ୟ ବହୁତ ଲାଭ ଦେଇଥାଏ । ବିଶେଷକରି ମହିଳାମାନଙ୍କ ପାଇଁ । ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ସଂସ୍ଥା (ଆଇସିଏମ୍ଆର)ର ସୁପାରିଶ ଅନୁସାରେ ଜଣେ ବ୍ୟକ୍ତି ୩୦୦ ଗ୍ରାମ୍ ପନିପରିବା ଖାଇବା ଉଚିତ୍ । ଯେଉଁଥିରେ ୫୦ ଗ୍ରାମ୍ ଶାଗ, ୫୦ ଗ୍ରାମ୍ ମୂଳ ଓ ୨୦୦ ଗ୍ରାମ୍ ଅନ୍ୟ ପନିପରିବା ଅନ୍ତର୍ଭୁକ୍ତ ।

### ପୁଷ୍ଟିକର ଉଦ୍ୟାନ ସ୍ଥାପନା :

ସାଧାରଣତଃ ପାଣି ସୁବିଧା ଥିବା ଘରର ପଛ ଅଗଣା/ବାଡ଼ିରେ ପୁଷ୍ଟିକର ବଗିଚା ସ୍ଥାପନା କରାଯାଏ । ପାହାଡ଼ିଆ ଜାଗାରେ ଏହା ଘରକୁ ଲାଗି ହେବା ଉଚିତ୍, କାରଣ ଜଙ୍ଗଲୀ ଜୀବଜନ୍ତୁଙ୍କ ଠାରୁ ଏହାକୁ ରକ୍ଷା କରାଯାଇପାରିବ । ବଗିଚାଟି ବର୍ଗାକାର ନ ହୋଇ ଆୟତାକାର ହେବା ବିଧେୟ । ଏକ ୫ ଜଣିଆ ପରିବାର ପାଇଁ ୨୦୦ ବର୍ଗ ମିଟରର ବଗିଚା ବର୍ଷସାରା ଆବଶ୍ୟକତା ପାଇଁ ଯଥେଷ୍ଟ । ବାୟୁମଣ୍ଡଳ ଓ ଋତୁ ପରିବର୍ତ୍ତନ ଅନୁଯାୟୀ ବଗିଚାର ବିନ୍ୟାସ ଓ ଫସଲ ଲଗାଣ ପରିବର୍ତ୍ତନ କରାଯାଇଥାଏ ।

* ସବୁଦିନିଆ ଗଛ ବଗିଚାର ଗୋଟିଏ ପାଖରେ ଲଗାଯିବ ଯେପରି ଗଛର ଛାଇ ଅନ୍ୟ କ୍ଷେତ/ପ୍ଲଟ୍ ଉପରେ ପଡ଼ିବ ନାହିଁ ଓ ଗଛ ମଧ୍ୟରେ ହେଉଥିବା ଅନ୍ୟ ବଗିଚା କାମରେ ବାଧା ସୃଷ୍ଟି କରିପାରିବ ନାହିଁ । ଛାଇରେ ବଢୁଥିବା ଗଛ ସବୁଦିନିଆ ପ୍ଲଟ୍‌ରେ ଲଗାଇବାରେ ରୋଷେଇଶାଳ ବର୍ଜ୍ୟର ସଠିକ୍ ବ୍ୟବହାର ପାଇଁ କମ୍ପୋଷ୍ଟ ଗାତ ବଗିଚାର ଗୋଟିଏ କଣରେ ରହିବ ଦରକାର ।



* ସବୁଦିନିଆ ଫସଲ ପାଇଁ ଜମି ଛାଡ଼ି ବଳକା ଜାଗାରେ ୬ ରୁ ୮ଟି ପ୍ଲଟ୍‌ରେ ବିଭକ୍ତ କରି ବର୍ଷକିଆ ପନିପରିବା ଫସଲ କରିବା ଆବଶ୍ୟକ ।
* ବୈଜ୍ଞାନିକ ପ୍ରଣାଳୀରେ ଚାଷ, ଫସଲ ପର୍ଯ୍ୟାୟ ଅନୁସରଣ ସହ ସେହି ଏକା ଜମିରେ ଦୁଇ ତିନିଗୋଟି ଋତକାଳୀନ ଫସଲ ନିଆ ଯାଇ ପାରିବ । ଫସଲ ପାଇଁ ଜମିର ସଦୁପଯୋଗ ନିମିତ୍ତ ଅନ୍ତଃ ଫସଲ ଏବଂ ମିଶ୍ରିତ ଫସଲ ନେଇ ପାରିବା ।
* ଚାଲିବା ପାଇଁ କ୍ଷେତ ମଝିରେ ଏବଂ ଚାରି ପାଖରେ ରାସ୍ତା ଦେଇ ପାରିବା । ଯେହେତୁ ବଗିଚାରୁ ସତେଜ ପରିବା ଖାଇବା ପାଇଁ ସିଧାସଳଖ ବ୍ୟବହାର କରାଯିବ, ଗାଁ ରୁ ପ୍ରଚୁର ପରିମାଣର ମିଳୁଥିବା ଜୈବିକ ଖତ ବ୍ୟବହାର କରିବା ଉଚିତ୍ । ତଥାପି ରୋଗ ପୋକ ମୁକ୍ତ ଉତ୍ତମ ଫସଲ ପାଇବା ପାଇଁ ସୀମିତ ପରିମାଣର ନିମ ଜାତ ପ୍ରସ୍ତୁତି ବ୍ୟବହାର କରାଯାଇ ପାରିବ ।
* ଅଧିକ ଅମଳକ୍ଷମ ଫସଲ କିସମ ଅପେକ୍ଷା ଦୀର୍ଘ ଦିନ ପର୍ଯ୍ୟନ୍ତ ଲଗାତାର ଅମଳ ଦେଉଥିବା କିସମ କୁ ପ୍ରଶ୍ରୟ ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

* ଫସଲରେ ଯଥେଷ୍ଟ ପରାଗ ସଙ୍ଗମ ହେବା ପାଇଁ ୨୦୦ ବର୍ଗ ମିଟର ପରିମିତ ବଗିଚା ରେ ଗୋଟିଏ ମହୁ ବାକ୍ସ ରଖିବା ଉଚିତ୍। ଏଥିରୁ ଆମେ କିଛି ମହୁ ମଧ ପାଇ ପାରିବା।

## ଉପସଂହାର:

ଆବହମାନ କାଳରୁ ପାରମ୍ପରିକ ଚାଷ ବ୍ୟବସ୍ଥାରେ ପୁଷ୍ଟି ବଗିଚା ଏକ ମାଇଲ୍ ଖୁଣ୍ଟି ଅଟେ। ମାତ୍ର ସମୟକ୍ରମେ ଏହା ତା'ର ଗୁରୁତ୍ୱ ହରାଇ ବସିଛି। ଆମ ଦୈନନ୍ଦିନ ଖାଦ୍ୟ ଥାଳିରେ mairiad ରଙ୍ଗୀନ ପନିପରିବା ମିଶିଲେ ଜଣେ ବ୍ୟକ୍ତିର ରୋଗ ସହ ଲଢ଼େଇ କରିବା ଶକ୍ତି ଆସିବ ତଥା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ। ଆହୁରି ମଧ ବିଭିନ୍ନ ସତେଜ ଫଳ ଏବଂ ପନିପରିବାରୁ ମିଳୁଥିବା ଅଗଣିତ ଫାଇଟୋ ରସାୟନ ଜାରଣ ପ୍ରତିରୋଧି, ଆଲାର୍ଜି ପ୍ରତିରୋଧି, କ୍ୟାନ୍ସର ପ୍ରତିରୋଧି, ମୋଟାପଣ ବିରୋଧୀ, ଭୁତାଣୁ ରୋଗ ପ୍ରତିରୋଧି, ଏବଂ proliferative ପ୍ରତିରୋଧି କାର୍ଯ୍ୟ କରିବେ। ପୁଷ୍ଟି ବଗିଚା ମଧ ସ୍ଥାନୀୟ ବଜାର ଠାରୁ ଦୂରରେ ଅବସ୍ଥିତ ସ୍ଥାନ ତଥା ଗାଁ ଗୁଡ଼ିକ ପାଇଁ ଅତି ଆବଶ୍ୟକ ଅଟେ।

ଉପଯୁକ୍ତ ପୁଷ୍ଟି, ପୁଷ୍ଟି ବଗିଚା, ଖାଦ୍ୟ ଶୈଳୀ ଉପରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ମାନ ଗ୍ରାମାଞ୍ଚଳ ଏବଂ ଅପହଞ୍ଚ ଅଞ୍ଚଳରେ ପ୍ରଦର୍ଶିତ ହେବା ଉଚିତ୍। ପୁଷ୍ଟି ବଗିଚା କରିବା ସର୍ବନିମ୍ନ ଖର୍ଚ୍ଚରେ ମହିଳା ମାନଙ୍କର ପୁଷ୍ଟି ସ୍ତରରେ ଉନ୍ନତି ଆଣିବା ପାଇଁ ଏକ ସୁଗମ ମାଧ୍ୟମ ଅଟେ।

ପ୍ରସଙ୍ଗ :

https://www.fao.org/3/i1983e/i1983e00.pdf
https://www.who.int/ news -room/fact-sheets/detail/healthy-diet
https://leisaindia.org/ nutri-gardens-a-rich-source-of- nutrition-for-farm-women

୦୦୦

# ୧୧. ସମ୍ପ୍ରସାରଣ ପଦ୍ଧତି

## ସମ୍ପ୍ରସାରଣ ପଦ୍ଧତିର କାର୍ଯ୍ୟକଳାପ:

‘ ସମ୍ପର୍କ ସ୍ଥାପନ କରାଇବା, ଯେପରିକି ଶିକ୍ଷାର୍ଥୀ ଶିକ୍ଷଣୀୟ ବିଷୟ ସବୁ ଦେଖିବେ, ଶୁଣିବେ ଏବଂ କାର୍ଯ୍ୟରେ ପରିଣତ କରିବେ;

* ଶିକ୍ଷାର୍ଥୀ ମାନଙ୍କର ଆବଶ୍ୟକୀୟ ମାନସିକ ଏବଂ ଶାରୀରିକ କାର୍ଯ୍ୟଧାରାକୁ ଆଗେଇ ନେବାପାଇଁ ପ୍ରୋତ୍ସାହିତ କରିବା;

* ଶିକ୍ଷାର୍ଥୀ ମାନଙ୍କୁ ଧ୍ୟାନ, ରୁଚି, ଆଶା, ବିଶ୍ୱାସ, କାର୍ଯ୍ୟଧାରା ଏବଂ ସନ୍ତୁଷ୍ଟି ଭଳି ଗୋଟିଏ କିମ୍ବା ତତୋଧିକ ଶିକ୍ଷା - ଶିକ୍ଷଣ ପଦ୍ଧତି ମଧ୍ୟଦେଇ ଗତିକରିବା ସୁଯୋଗ ଦେବା ।

## ବ୍ୟକ୍ତି ବିଶେଷ ପଦ୍ଧତି :

* କୃଷି ସଖୀ / ସମ୍ପ୍ରସାରଣ ପ୍ରତିନିଧିଙ୍କ ଦ୍ୱାରା ଫଳପ୍ରଦ ବ୍ୟବହାର ନିମିତ୍ତ କେତେକ ବ୍ୟକ୍ତି କୈନ୍ଦ୍ରିକ ସମ୍ପ୍ରସାରଣ ଶିକ୍ଷା ପଦ୍ଧତି ବିଷୟରେ ଏଠାରେ ବୁଝାଇ ଦିଆଯାଏ ।

## କ୍ଷେତ ଏବଂ ଗୃହ ପରିଦର୍ଶନ :

* କ୍ଷେତ ଏବଂ ଗୃହ ପରିଦର୍ଶନ ସମ୍ପ୍ରସାରଣ ପ୍ରତିନିଧି/ କୃଷି ସଖୀଙ୍କର କୃଷକଙ୍କ ସହ କ୍ଷେତ କିମ୍ବା ତାଙ୍କ ଗୃହରେ ସମ୍ପ୍ରସାରଣ କାର୍ଯ୍ୟ ନିମିତ୍ତ ସିଧାସଳଖ ମୁହାଁମୁହିଁ ଯୋଗାଯୋଗ ବ୍ୟବସ୍ଥା ଅଟେ ।

## ଅଭିପ୍ରାୟ:

* କୃଷକ/ ମହିଳା କୃଷକଙ୍କ ସହ ସମ୍ପର୍କ ରକ୍ଷା ଏବଂ ସେମାନଙ୍କ ବିଶ୍ୱାସ ଭାଜନ ହେବା

‘ ଫାର୍ମ ଏବଂ ଗୃହ ବିଷୟକ ଟିକିନିଖି ତଥ୍ୟ ସଂଗ୍ରହ କରିବା ଏବଂ କିମ୍ବା ସ୍ୱସ୍ଥାନରେ ପ୍ରଦାନ କରିବା ।

* ନିର୍ଦ୍ଦିଷ୍ଟ ସମସ୍ୟା ବିଷୟରେ ଉପଦେଶ ଏବଂ ସମାଧାନ କରିବା ଏବଂ କୌଶଳ ଶିକ୍ଷା ଦେବା ।

* ରୁଚି ଜାରୀରଖିବା ।

## କୃଷକଙ୍କ ଡାକରା:

ଏହା ଜଣେ କୃଷକ କିମ୍ବା ମହିଳା କୃଷକଙ୍କ ଦ୍ୱାରା ଆବଶ୍ୟକୀୟ ତଥ୍ୟ ଏବଂ ସହାୟତା ପାଇବା ନିମିତ୍ତ ସମ୍ପ୍ରସାରଣ ପ୍ରତିନିଧି/ କୃଷି ସଖୀଙ୍କ କାର୍ଯ୍ୟ ସ୍ଥଳରେ ଖୋଜିବାକୁ ବୁଝାଇଥାଏ ।

## ଅଭିପ୍ରାୟ:

* କ୍ଷେତ ଏବଂ ଗୃହ ସମ୍ପର୍କୀୟ ସମସ୍ୟାର ତ୍ୱରିତ ସମାଧାନ ପନ୍ଥା ନିମିତ୍ତ

* ସମସ୍ୟାର ସଠିକ୍ ଚିହ୍ନଟ ନିମିତ୍ତ କୃଷକ ଏବଂ ମହିଳା କୃଷକମାନଙ୍କୁ ନମୁନା ଆଣିବା ପାଇଁ ସୁଯୋଗ ସୃଷ୍ଟି କରିବା

* ଠିକ୍ ସମୟରେ ଉପାଦାନ ଏବଂ ସେବା ପ୍ରଦାନ ସୁନିଶ୍ଚିତ କରିବା

* କୃଷି ସଖୀ/ସମ୍ପ୍ରସାରଣ ପ୍ରତିନିଧିଙ୍କୁ ମନେ ପକାଇଦେବା ।

## ଗୋଷ୍ଠୀଗତ ପଦ୍ଧତି:

କେତେକ ଗୋଷ୍ଠିଗତ ସମ୍ପ୍ରସାରଣ ଶିକ୍ଷା ପଦ୍ଧତି, ଯାହା କୃଷି ସଖୀ/ ସମ୍ପ୍ରସାରଣ ପ୍ରତିନିଧିଙ୍କ ଦ୍ୱାରା ସଫଳ ଭାବେ ବ୍ୟବହୃତ ହୁଏ, ଏଠାରେ ସେହି ବିଷୟରେ ବୁଝାଇ ଦିଆଯାଏ ।

## ପଦ୍ଧତିଗତ ପ୍ରଦର୍ଶନ:

ଏଠାରେ ଏକ ଗୋଷ୍ଠୀ ସମ୍ମୁଖରେ ଏକ ସମ୍ପୂର୍ଣ୍ଣ ନୂତନ କୌଶଳ କିମ୍ବା ପୁରାତନ କୌଶଳକୁ ଅପେକ୍ଷାକୃତ ଉନ୍ନତ ଢଙ୍ଗରେ ଦେଖାଇବା ପାଇଁ ସ୍ୱଳ୍ପ କାଳୀନ ପ୍ରଦର୍ଶନ କରାଯାଇଥାଏ ।

## ଅଭିପ୍ରାୟ:

* ଲୋକମାନଙ୍କୁ ନୂତନ କୌଶଳ ସହ ପରିଚିତ କରାଇବା

‘ ଲୋକମାନଙ୍କୁ ସେମାନଙ୍କ ପୁରାତନ କୌଶଳରେ ଉନ୍ନତି ଆଣିବା ପାଇଁ ଦକ୍ଷ କରିବା

* ଭୁଲ ଅଭ୍ୟାସକୁ ଛାଡି ଶିକ୍ଷାର୍ଥୀ କୌଣସି କାର୍ଯ୍ୟକୁ ଅପେକ୍ଷାକୃତ ସଫଳ ଢଙ୍ଗରେ ସମ୍ପାଦନ କରିବା ପାଇଁ ଦକ୍ଷ କରିବା

* ସମୟ ଏବଂ ଶ୍ରମ ସଞ୍ଚୟ କରିବା ଏବଂ ଶିକ୍ଷାର୍ଥୀମାନଙ୍କ ସନ୍ତୁଷ୍ଟି ବୃଦ୍ଧିକରିବା ।

* ସୁପାରିଶ କରାଯାଉଥିବା ନିର୍ଦ୍ଦିଷ୍ଟ ପ୍ରୟୋଗ ପ୍ରସ୍ତାବ ଗୁଡ଼ିକ ଲୋକମାନଙ୍କ କ୍ଷେତରେ ସମ୍ଭବପର ହେବ ବୋଲି ସେମାନଙ୍କୁ ଭରଷା ଦେବା ।

## ପଦକ୍ଷେପ:

* ପରିସ୍ଥିତି ଅନୁଧ୍ୟାନ କରି ଆବଶ୍ୟକତା ନିର୍ଧାରଣ କରିବା

* ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ପ୍ରଦର୍ଶନ କରିବା ଆବଶ୍ୟକିୟ ବିଷୟବସ୍ତୁ ପ୍ରୟୋଗରେ କୌଶଳ ଜଡ଼ିତ ରହିଛି ବୋଲି ନିର୍ଦ୍ଧାରଣ କରିବା

* ପ୍ରଦର୍ଶନ ଗବେଷଣା ଲବ୍ଧ ନୂତନ କୌଶଳ ନିମିତ୍ତ, ନା ପୁରୁଣା କୌଶଳକୁ ସଫଳ ଭାବେ ପ୍ରୟୋଗ ନିମିତ୍ତ ଉଦ୍ଦିଷ୍ଟ ?

* ଏକ ଗୋଷ୍ଠୀକୁ ଚାକ୍ଷୁଷ ଦର୍ଶନପାଇଁ ଏହା ଉପଯୁକ୍ତ କି?

* ସ୍ଥାନୀୟ ନେତୃବର୍ଗଙ୍କ ଦ୍ୱାରା ସନ୍ତୋଷଜନକ ଭାବେ ଏହି ପ୍ରଦର୍ଶନ ପୁନର୍ବାର କରାଯାଇ ପାରିବ କି?

* କୃଷକ ଦୃଷ୍ଟିରେ ଏହି ପ୍ରୟୋଗ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ କି?

* ଏହି ପ୍ରୟୋଗ କାର୍ଯ୍ୟକାରୀ କରିବା ପାଇଁ ଲୋକମାନେ ଖର୍ଚ୍ଚ କରିପାରିବେ କି?

* ଏହି ପ୍ରୟୋଗର ବିସ୍ତାର ନିମିତ୍ତ ଆବଶ୍ୟକୀୟ ଉପାଦାନ ଏବଂ ଯନ୍ତ୍ରପାତି ଯଥେଷ୍ଟ ପରିମାଣର ରହିଛି କି ?

## ସୁବିଧା ସୁଯୋଗ:

* ବିଶେଷ ଭାବରେ ଅଧିକ ବ୍ୟକ୍ତିଙ୍କୁ ତାଲିମ ପ୍ରଦାନ ନିମିତ୍ତ ଉପଯୋଗୀ

* ଗୋଷ୍ଠୀ ମଧ୍ୟରେ ଦେଖିବା, ଶୁଣିବା, ଆଲୋଚନା କରିବା ଏବଂ ପ୍ରୟୋଗ କରିବା ଦ୍ୱାରା କୌତୁହଳ ଏବଂ କାର୍ଯ୍ୟ ପ୍ରକ୍ରିୟା ଉଦ୍ଦୀପିତ ହେବ ।

* ଖର୍ଚ୍ଚ ବହୁଳ ପରୀକ୍ଷା ଏବଂ ଭୁଲ ପଦ୍ଧତିକୁ ଦୂରେଇ ଦେଇହୁଏ ।

* କୌଶଳ ଅର୍ଜନ ଦୃତ ଗତିଶୀଳ ହୋଇଥାଏ ।

* ଯଦି ପ୍ରଦର୍ଶନ କୌଶଳ ଠିକ୍ ଢଙ୍ଗରେ କରାଯାଏ, ତେବେ ସମ୍ପ୍ରସାରଣ କର୍ମୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟିହୁଏ, ଏବଂ କୃଷି ସଖୀଙ୍କ ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଥାଏ ।

* ସରଳ ପ୍ରଦର୍ଶନ ସବୁ ସ୍ଥାନୀୟ ନେତୃବର୍ଗଙ୍କ ଦ୍ୱାରା ପୁନର୍ବାର କରିବାକୁ ପ୍ରେରଣା ମିଳେ ।

* କମ୍ ଖର୍ଚ୍ଚରେ ପରିବର୍ତ୍ତିତ ଅଭ୍ୟାସଗୁଡ଼ିକ ଲାଗୁ କରିହୁଏ ।

* ପ୍ରଚାର ପତ୍ର ଯୋଗାଇ ଦେଇଥାଏ ।

## ଅକ୍ଷମତା:

* କେବଳ କୌଶଳ ପ୍ରୟୋଗରେ ଅଭ୍ୟାସ ପାଇଁ ଉପଯୋଗୀ ।

* ସମ୍ପ୍ରସାରଣ କର୍ମୀଙ୍କ ପାଇଁ ଉତ୍ତମ ପ୍ରସ୍ତୁତି, ଯନ୍ତ୍ରପାତି ଏବଂ କୌଶଳର ଆବଶ୍ୟକତା ରହିଛି ।

* କାର୍ଯ୍ୟ କ୍ଷେତ୍ରକୁ ଯଥେଷ୍ଟ ଯନ୍ତ୍ରପାତି ପରିବହନ ଆବଶ୍ୟକ ହୋଇପାରେ ।

* କିଛିଟା ଦେଖେଇହେବା ଗୁଣ ଆବଶ୍ୟକ ହୋଇଥାଏ, ଯାହା କେତେକ ସମ୍ପ୍ରସାରଣ କର୍ମୀଙ୍କ ନିକଟରେ ନଥାଏ ।

## ଫଳପ୍ରଦ ପ୍ରଦର୍ଶନ:

ଏହା ଲୋକମାନଙ୍କୁ ନୂତନ ଅଭ୍ୟାସ ଗୁଡ଼ିକର ସ୍ୱତନ୍ତ୍ର ଉଚ୍ଚମାନର ଫଳାଫଳ ପ୍ରଦର୍ଶନ କରାଇ ସେସବୁ ଆପଣେଇବାକୁ ପ୍ରେରଣା ପ୍ରଦାନ କାରକ ପ୍ରଣାଳୀ ଅଟେ ।

**ଅଭିପ୍ରାୟ:**

* କୃଷକଙ୍କ ନିଜସ୍ୱ ପରିସ୍ଥିତିରେ ସୁପାରିସ କରାଯାଇଥିବା ଏକ ନୂତନ ଅଭ୍ୟାସର ସୁଫଳ ଏବଂ ବ୍ୟବହାର ଯୋଗ୍ୟତା ବିଷୟରେ ଦର୍ଶାଇବା ନିମିତ୍ତ ।
* ସମାଜରେ ଲୋକଙ୍କ ଏକ ଗୋଷ୍ଠୀଙ୍କୁ ନୂତନ ଅଭ୍ୟାସର ଫଳାଫଳ ଦର୍ଶାଇ ପ୍ରରୋଚିତ କରିବା ।
* କୃଷକ ଏବଂ ସମ୍ପ୍ରସାରଣ ପ୍ରତିନିଧି / କୃଷି ସଖୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟିକରିବା ।
* ନବୀନ ପ୍ରକ୍ରିୟା ନେତୃତ୍ୱ ବିକାଶ କରିବା ।

**ପ୍ରଦର୍ଶନର ଭିତ୍ତି:**

* ଅଧିକାଂଶ ବ୍ୟକ୍ତି ପଠନର ୧୦-୧୫% ମନେ ରଖିପାରନ୍ତି ।
* ଅନେକ ବ୍ୟକ୍ତି ଶୁଣିଥିବା କଥାରୁ ୨୦-୨୫%ଅନେ ରଖି ପାରନ୍ତି ।

‘ ସର୍ବାଧିକ ବ୍ୟକ୍ତି ଦେଖିଥିବା କଥାରୁ ପ୍ରାୟ ୩୦-୩୫% ମନେ ରଖି ପାରନ୍ତି ।

* ଏକ ସମୟରେ ଦେଖିଥିବା ଏବଂ ଶୁଣିଥିବା କଥାକୁ ଅଧିକାଂଶ ବ୍ୟକ୍ତି ୫୦% କିମ୍ବା ଅଧିକ ମନେ ରଖି ପାରନ୍ତି ।
* ଅଧିକାଂଶ ବ୍ୟକ୍ତି ଶିକ୍ଷା ଦିଆଯାଇଥିବା କଥାରୁ ୯୦% ପର୍ଯ୍ୟନ୍ତ ମନେ ରଖିପାରନ୍ତି, ଯଦି ସେମାନେ ମନଯୋଗ ସହକାରେ ଅଭ୍ୟାସ କରନ୍ତି ଏବଂ ପଞ୍ଚଇନ୍ଦ୍ରିୟ ଖୋଲା ରଖନ୍ତି ।

**ତାଲିମ:**

ଏହା ଏକ ସମ୍ମୁଚିତ ଶିକ୍ଷଣ ମାହୋଲ ସୃଷ୍ଟି କରି ଲୋକଙ୍କ ଏକ ଗୋଷ୍ଠୀଙ୍କୁ ସେମାନେ ଆବଶ୍ୟକ କରୁଥିବା ବିଷୟବସ୍ତୁ ଉପରେ ତାଲିମ ପ୍ରଦାନ ବ୍ୟବସ୍ଥା ଅଟେ । ଏହା ବୈଷୟିକ ଜ୍ଞାନ ହସ୍ତାନ୍ତର କରିବାର ଏକ ସଫଳ ପ୍ରୟାସ ଅଟେ ।

**ଅଭିପ୍ରାୟ:**

* ଲୋକଙ୍କ ଏକ ଛୋଟିଆ ଦଳକୁ ଆବଶ୍ୟକୀୟ କୌଶଳ ପ୍ରଶିକ୍ଷଣ ।
* କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ନୂତନ ଅଭ୍ୟାସ ଆପଣେଇବାକୁ ପ୍ରେରଣା ଦେବା ।

**ଯୋଜନା ଏବଂ ପ୍ରସ୍ତୁତି:**

* ଏକ ସମାଜରେ ଆବଶ୍ୟକ ହେଉଥିବା ବୈଷୟିକ ଜ୍ଞାନ ଚିହ୍ନଟ କରିବା ।
* ତାଲିମ କାର୍ଯ୍ୟକ୍ରମର ସମୟ ଏବଂ ଅବଧି ନିର୍ଣ୍ଣୟ ।
* ବୈଷୟିକ ଜ୍ଞାନ ଉପରେ ଉଭୟ ନୀତି ନିପୁଣ ଏବଂ ଅଭ୍ୟାସ ଜ୍ଞାନ ଥିବା ତାଲିମ ଗ୍ରହୀତାଙ୍କୁ ମନୋନୀତ କରିବା । ସେମାନେ ଉତ୍ତମ ଭାବେ କହି ପରୁଥିବେ ଏବଂ ତାଲିମ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହେଉଥିବେ ।
* ବିଭିନ୍ନ ତାଲିମଦାତାଙ୍କ ନିମିତ୍ତ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଏକ ଲିଖିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ।
* ଆବଶ୍ୟକୀୟ ଉପାଦାନ, ପ୍ରକାଶନ ଏବଂ ଦୃଶ୍ୟ - ଶ୍ରାବ୍ୟ ମାଧ୍ୟମ ସଂଗ୍ରହ କରିବା ।
* ଠିକ୍ ସମୟରେ ସମସ୍ତଙ୍କୁ ଅବଗତ କରାଇବା ।
* ଖାଦ୍ୟ, ରହିବା ଏବଂ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା କରିବା ।
* ଉପଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ବଣ୍ଟନ କରିବା ।
* ଅଂଶଗ୍ରହଣକାରୀଙ୍କ ପଞ୍ଜିକରଣ ବ୍ୟବସ୍ଥା କରିବା ।

**କାର୍ଯ୍ୟ ସମ୍ପାଦନ:**

* ନିର୍ଦ୍ଧାରିତ ତାରିଖ ଓ ସମୟରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବା ।
* ଲେଖାଲେଖି କରିବା ପାଇଁ ପଠନ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପାଦାନ ବଣ୍ଟନ କରିବା ।
* ଉଦ୍ଘାଟନ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଯଥା ସମ୍ଭବ କମ୍ ସମୟ ଧାର୍ଯ୍ୟ କରିବା ।
* କାର୍ଯ୍ୟକ୍ରମ ଅନୁସାରେ ତାଲିମ ଦାତାମାନଙ୍କୁ ଆମନ୍ତ୍ରଣ କରିବା ।

* ସମ୍ପର୍କୀୟ ବିଷୟବସ୍ତୁ ଉପରେ ବୁଝାଇବା ଏବଂ ଏହା କିପରି ଏବଂ କାହିଁକି କରାଯାଉଛି ସେ ବିଷୟରେ ସ୍ପଷ୍ଟ ଭାବରେ ଜଣାଇବା ।
* ଦେଖି ହେବା ସହାୟକ ବ୍ୟବସ୍ଥା, ଯଥା- କଳା ପଟା, ମଡେଲ, ସ୍ଲାଇଡ୍/ଏଲ୍.ସି.ଡ଼ି ପ୍ରୋଜେକ୍ଟର ଆଦି ବନ୍ଦୋବସ୍ତ କରିବା
* ବ୍ୟବହାରିକ ପ୍ରଦର୍ଶନ ବ୍ୟବସ୍ଥା କରିବା ଏବଂ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ କୌଶଳ ଅଭ୍ୟାସ କରିବା ପାଇଁ ଯଥେଷ୍ଟ ସମୟ ଦେବା
* ସନ୍ଦେହ ମୋଚନ କରିବା ଏବଂ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ।
* ବିଷୟବସ୍ତୁ ଉପରେ ଫିଲ୍ମ ଦେଖାଇବା ବ୍ୟବସ୍ଥା କରିବା ଏବଂ/ କିମ୍ବା ଦଳଟିକୁ ନିକଟସ୍ଥ କୌଣସି ଏକ ସ୍ଥାନକୁ ନେବା, ଯେଉଁଠାରେ ସେମାନେ ଅଭ୍ୟାସଟିର ସଫଳ ପ୍ରଦର୍ଶନ ଦେଖି ପାରିବେ ।

**ଅକ୍ଷମତା:**

* ଥରକରେ ଏକ କ୍ଷୁଦ୍ରଗୋଷ୍ଠୀ ତାଲିମ ନେବା ସମ୍ଭବପର ହୋଇପାରେ ।
* ତାଲିମ ପ୍ରଦାନ କାର୍ଯ୍ୟକ୍ରମ ନିମିତ୍ତ ଅଧିକ ଷ୍ଟାଫ୍ ଏବଂ ସମୟର ଆବଶ୍ୟକତା ।

## କ୍ଷେତ୍ର ଦିବସ:

କ୍ଷେତରେ ନୂତନ ଅଭ୍ୟାସ ପ୍ରୟୋଗ ପ୍ରକୃତରେ କିପରି ସଫଳତା ହାସଲ କରିଛି ତାହା ଦର୍ଶାଇ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷେତ୍ର ଦିବସ ଏକ ପ୍ରୟାସ ଅଟେ । ଏହି କ୍ଷେତ୍ର ଦିବସ କୌଣସି ଏକ ଗବେଷଣା ଫାର୍ମ କିମ୍ବା କୃଷକଙ୍କ କ୍ଷେତ କିମ୍ବା ଘରେ କରାଯାଇପାରିବ । ଯଦି ଅଂଶଗ୍ରହଣକାରୀ ଅଧିକ ହୁଅନ୍ତି, ତେବେ ସେମାନଙ୍କୁ ୨୦-୨୫ ଜଣିଆ ଛୋଟ ଛୋଟ ଦଳରେ ବିଭକ୍ତ କରିଦେବା ଭଲ, ଯେଉଁମାନେ ପର୍ଯ୍ୟାୟକ୍ରମେ ସେ ସ୍ଥାନ ପରିଦର୍ଶନ କରିପାରିବେ ।

## ଫୋକସ୍ ଗୋଷ୍ଠୀ ଆଲୋଚନା (ଏଫ୍.ଜି.ଡି):

ଏହା ୬-୧୨ ଜଣ ବ୍ୟକ୍ତିଙ୍କୁ ନେଇ ଏକ ଦଳଗତ ଆଲୋଚନା ଅଟେ ଯାହା ଜଣେ ସୁବିଧା ପ୍ରଦାୟକଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ସୁବିଧା ପ୍ରଦାୟକଙ୍କ ନିୟନ୍ତ୍ରଣରେ ଦଳର ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ନିଜ ନିଜ ମଧ୍ୟରେ ମୁକ୍ତ ଭାବରେ ସ୍ୱତଃପ୍ରବୃତ୍ତ ହୋଇ ଆଲୋଚନା କରନ୍ତି । ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଗଭୀର ତଥ୍ୟ ସଂଗ୍ରହ ନିମିତ୍ତ ଏହା ଏକ ଗୁଣାତ୍ମକ ବ୍ୟବସ୍ଥା ଅଟେ ।

ଏହି ଏଫ୍.ଜି.ଡି ପରିଚାଳନା କରିବା ନିମନ୍ତେ ଉଦ୍ଦେଶ୍ୟ ନିର୍ଣ୍ଣୟ କରିବା; ଏକ ସ୍ଥିତିର ବିଶ୍ଳେଷଣ କରିବା; ଅଂଶ ଗ୍ରହଣ କାରୀଙ୍କୁ ବାଛିବା; ଆଲୋଚନା ପାଇଁ ନୀତି ନିୟମ ପ୍ରସ୍ତୁତ କରିବା; ଏକ ନିପୁଣ ସହାୟକ ବା ନିୟନ୍ତ୍ରଣ କାରୀଙ୍କୁ ମନୋନୀତ କରିବା ଏବଂ ଜଣେ ରେକର୍ଡ଼ର ବ୍ୟବସ୍ଥା କରିବା ଆବଶ୍ୟକ । ଗୋଟିଏ କିମ୍ବା ଦୁଇଟିରୁ ଅଧିକ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ ନାହିଁ ।

# କୃଷକ କ୍ଷେତ୍ର ବିଦ୍ୟାଳୟ କାହାକୁ କୁହାଯାଏ ?

ଏହା କୃଷକମାନଙ୍କର ଏକ କୃଷି ଭିତ୍ତିକ ବିଦ୍ୟାଳୟ, ଯାହା କୃଷକମାନଙ୍କ ଦ୍ୱାରା ସେମାନଙ୍କ ନିଜ କ୍ଷେତରେ ପରିଚାଳିତ ହୁଏ । ଏହା ଗବେଷଣା ଲବ୍ଧ ଜ୍ଞାନ ଉପରେ ପ୍ରତିଷ୍ଠିତ ଅଣ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା । ଏହି ବିଦ୍ୟାଳୟ କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଲାଭ କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ । କାରଣ, 'ମୁଁ ଯଦି ଶୁଣେ, ତାକୁ ଭୁଲିଯାଏ । ଦେଖିଲେ ମାନେ ରଖିଥାଏ । ଆଉ ଯଦି ଆବିଷ୍କାର କରେ, ତାହା ସାରା ଜୀବନ ନିଜସ୍ୱ ହୋଇ ରହିଯାଏ ।'

**ଏଫ୍.ଏଫ୍.ଏସ ର ଅଭିପ୍ରାୟ:**

* କୃଷକମାନଙ୍କୁ ଜ୍ଞାନ ଓ ଦକ୍ଷତା ଉପରେ ସଶକ୍ତ କରିବା ।
* ନିଜ କ୍ଷେତରେ କୃଷକମାନଙ୍କୁ ଦକ୍ଷ କରିବା ।
* କୃଷକମାନଙ୍କୁ ସେମାନଙ୍କ କ୍ଷେତ ସମସ୍ୟା ସ୍ୱୟଂ ସମାଧାନ କରିବା ପାଇଁ ସଶକ୍ତ କରିବା ।
* କୃଷକମାନେ କିପରି ସଂଗଠିତ ହୋଇ ତଥା ସମାଜକୁ ସଂଗଠିତ କରି ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବଳିଷ୍ଠ ହେବେ, ସେଥିପାଇଁ ସେମାନଙ୍କୁ ସହାୟତା ପ୍ରଦାନ ।

## କୃଷକ କ୍ଷେତ୍ର ବିଦ୍ୟାଳୟର ପ୍ରୟୋଜନୀୟ ଉପାଦାନ:

**କ ।** **ଗୋଷ୍ଠୀ ବା ଦଳ:** ସାର୍ବଜନୀନ ଲାଭ ଆଶାୟୀ ବ୍ୟକ୍ତିଗଣ (୫୦-୧୦୦) ବ୍ୟକ୍ତିଙ୍କୁ ନେଇ ଗୋଷ୍ଠୀ ଗଠନ କରାଯିବ, ଯାହା କୃଷକ କ୍ଷେତ୍ର ବିଦ୍ୟାଳୟର କେନ୍ଦ୍ର ଅଟେ ।

**ଖ ।** **କ୍ଷେତ:** କ୍ଷେତ ହେଉଛି ତାଲିମଦାତା; ଯେଉଁଠାରେ ପ୍ରଦର୍ଶନ ପାଇଁ କ୍ଷେତରୁ ମିଳୁଥିବା ଆବଶ୍ୟକୀୟ ସମ୍ବଳ, ଯଥା- ବିହନ, ଗୋବର, ଗୋମୂତ୍ର, କୀଟ ଏବଂ ପ୍ରାକୃତିକ ଶତ୍ରୁକୀଟ, କଞ୍ଚାମାଲ ଆଦି ଭଳି ତାଲିମ ସରଞ୍ଜାମ ମହଜୁଦ ଥିବ । ଅଧିକାଂଶ କ୍ଷେତ୍ରରେ ଗୋଷ୍ଠୀଟି ଏକ ଶିକ୍ଷାଦାନ ସ୍ଥଳ ଯୋଗାଇ ଦିଅନ୍ତି ଯେଉଁଠାରେ ଆଲୋଚନା କରିବା ପାଇଁ ଛାଇ ବ୍ୟବସ୍ଥା ଥାଏ ।

**ଗ ।** **ସହାୟକ:** ସହାୟକ ଜଣେ ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଟନ୍ତି, ଯେ କି ଗୋଷ୍ଠୀର ସଭ୍ୟମାନଙ୍କୁ ଟିଖିନିଖି ତାଲିମ ମାଧ୍ୟମରେ ପରିଚାଳନା କରନ୍ତି । ଏହି ସହାୟକ ATMA, କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ଅଧିକାରୀ, ଚାମ୍ପିଅନ କୃଷକ, MANAGE ଏବଂ NCONF ଦ୍ୱାରା ତାଲିମ ପ୍ରାପ୍ତ ମାଷ୍ଟର ତାଲିମଦାତା ହୋଇପାରନ୍ତି । ସହାୟକ ପ୍ରଦର୍ଶନର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକୁ ସହାୟତା ପ୍ରଦାନ କରନ୍ତି ।

**ଘ ।** **ପାଠ୍ୟକ୍ରମ:** ଜାତୀୟ ଜୈବିକ ଓ ପ୍ରାକୃତିକ କୃଷି କେନ୍ଦ୍ର(ଏନ୍.ସି. ଓ ଏନ୍.ଏଫ୍) ଦ୍ୱାରା ପ୍ରସ୍ତୁତ ଏହି ପାଠ୍ୟକ୍ରମରେ ପ୍ରାକୃତିକ କୃଷିର ପ୍ରାକୃତିକ ଚକ୍ର; ଏହା ବାସସ୍ଥଳ, ଫସଲ, ପଶୁ, ମାଟି, କ୍ଷେତ ଉପରେ ପ୍ରସ୍ତୁତ ଉପାଦାନ, ରୋଗ, ପୋକ ଆଦି ବିଷୟ ସ୍ଥାନିତ । ଏହା ପ୍ରାକୃତିକ କୃଷିର ସମସ୍ତ ଦୃଷ୍ଟିକୋଣକୁ ସମାନ୍ତରାଳ ଭାବେ କୃଷକ କ୍ଷେତ୍ର ବିଦ୍ୟାଳୟରେ ଘଟୁଥିବା ପ୍ରତିଟି କାର୍ଯ୍ୟକୁ ସହାୟତା କରିଥାଏ ।

**ଚ । କାର୍ଯ୍ୟକ୍ରମ ମୁଖ୍ୟ/ ପଥ ପ୍ରଦର୍ଶକ:**

ତାଲିମ ସହାୟକମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ, କ୍ଷେତ ପାଇଁ ଆବଶ୍ୟକୀୟ ଉପାଦାନ ସବୁ ସ୍ଥାନୀୟ ଭାଷାରେ ସଂଗ୍ରହ କରିବା, ଏବଂ ସହଭାଗିତା ଭିତ୍ତିରେ ସମସ୍ୟା ସବୁର ସମାଧାନ କରିବା ପାଇଁ ତଥା ସହାୟକଙ୍କ ଭଲମନ୍ଦ ବୁଝାସୁଝା ପାଇଁ କାର୍ଯ୍ୟକ୍ରମ ସଂଯୋଜକ/ ମୁଖ୍ୟଙ୍କ ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମ ମୁଖ୍ୟ ନିଶ୍ଚିତ ଭାବେ ଜଣେ ଉତ୍ତମ ନେତୃତ୍ୱ ନେଇପାରୁଥିବା ବ୍ୟକ୍ତି ହେବା ବାଞ୍ଛନୀୟ, ଯେ କି ଅନ୍ୟମାନଙ୍କୁ କ୍ଷମତାସମ୍ପନ୍ନ କରିପାରିବେ ।

## କୃଷକ କ୍ଷେତ୍ର ବିଦ୍ୟାଳୟ ପରିଚାଳନାର ବିଭିନ୍ନ ପାହାଚ/ପଦକ୍ଷେପ:

**କ । ପ୍ରାରମ୍ଭିକ ବୃତ୍ତିଗତ କାର୍ଯ୍ୟଧାରା:**

* ଗୁରୁତ୍ୱପୂର୍ଣ୍ଣ / ଆଗ ଧାଡ଼ିର ସମସ୍ୟା ଚିହ୍ନଟ
* ଚିହ୍ନିତ ସମସ୍ୟାଗୁଡ଼ିକର ସମାଧାନ ପନ୍ଥା ନିର୍ଣ୍ଣୟ
* କୃଷକଙ୍କ ଅଭ୍ୟାସଗୁଡ଼ିକର ସ୍ଥାପନା
* କ୍ଷେତ୍ର ବିଦ୍ୟାଳୟ ଅଂଶ ଗ୍ରହଣକାରୀଙ୍କ ଚିହ୍ନଟ
* କ୍ଷେତ୍ର ବିଦ୍ୟାଳୟ ସ୍ଥାନ ଚିହ୍ନଟ

ଖ । ସହାୟକଙ୍କୁ ତାଲିମ ପ୍ରଦାନ (MANAGE, NCONF ଦ୍ୱାରା)

* ପ୍ରାକୃତିକ କୃଷିରେ ଫସଲ / ପଶୁ ସମ୍ପଦ ଉତ୍ପାଦନ ଏବଂ ସୁରକ୍ଷା ପ୍ରଣାଳୀ
* ବିଭିନ୍ନ ପ୍ରସ୍ତୁତି ଏବଂ ମିଶ୍ରଣ ପ୍ରସ୍ତୁତି ଏବଂ ପ୍ରୟୋଗ
* ଉତ୍ପାଦର ପ୍ରମାଣୀକରଣ, ବ୍ରାଣ୍ଡ ନିର୍ମାଣ, ପ୍ୟାକେଜିଂ ଏବଂ ବିପଣନ ।

**ଗ । କୃଷକ କ୍ଷେତ୍ର ବିଦ୍ୟାଳୟ ପ୍ରତିଷ୍ଠା ଏବଂ ପରିଚାଳନା:**

* ସହାୟକଙ୍କ ମାର୍ଗ ଦର୍ଶନରେ ଗୋଷ୍ଠୀଟି ଫସଲ ଋତୁସାରା ନିୟମିତ ଭାବେ ମିଳିତ ହୋଇ ମିଟିଂ କରିବା
* ପ୍ରାକୃତିକ କୃଷି ସମ୍ପର୍କୀୟ ପରୀକ୍ଷା ଏବଂ କ୍ଷେତରେ ପରୀକ୍ଷାମୂଳକ ପ୍ରୟୋଗ କରିବା
* ଏବଂ ସେମାନଙ୍କ ଦ୍ୱାରା ପରୀକ୍ଷା ଏବଂ ପ୍ରୟୋଗକୁ ଅନୁମୋଦନ/ ବିଧି ସିଦ୍ଧିକରଣ

**ଘ। କ୍ଷେତ୍ର ଦିବସ:**

* କୃଷକ କ୍ଷେତ୍ର ବିଦ୍ୟାଳୟ ଚାଲିଥିବା ସମୟ ମଧ୍ୟରେ ଗୋଟିଏ କିମ୍ବା ଦୁଇଟି କ୍ଷେତ୍ର ଦିବସର ଆୟୋଜନ କରାଯାଏ, ଯେଉଁଠାରେ କୃଷକ ସମୁଦାୟର ଅନ୍ୟ କୃଷକମାନଙ୍କୁ ଆମନ୍ତ୍ରଣ କରାଯାଏ, ଯେଉଁମାନେ କୃଷକ କ୍ଷେତ୍ର ବିଦ୍ୟାଳୟରୁ ଯାହା ଶିକ୍ଷା ଲାଭ କରିଥାନ୍ତି, ସେ ବିଷୟରେ ଆଲୋଚନା କରନ୍ତି। ଏହି ଦିବସରେ କୃଷକମାନେ ନିଜ ନିଜକୁ ସମ୍ମାନିତ କରିଥାନ୍ତି।

**ଚ। କ୍ରମ ଉନ୍ନତି / ସ୍ନାତକ :**

ଏହା ସମଗ୍ର ଫସଲ ଋତୁର ଶେଷ ଅବସ୍ଥାକୁ ନିଶ୍ଚିତ କରିଥାଏ। ଏହା କୃଷକ, ସହାୟକ ଏବଂ ସଂଯୋଜନା କାର୍ଯ୍ୟାଳୟଙ୍କ ଦ୍ୱାରା ସଙ୍ଗଠିତ ହୋଇଥାଏ । ୬-୧୨ ମାସ ପରେ କୃଷକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ।

**ଛ। କୃଷକମାନଙ୍କ ଦ୍ୱାରା କୃଷକ କ୍ଷେତ୍ର ବିଦ୍ୟାଳୟ ପରିଚାଳନା:**

* କୃଷକ କ୍ଷେତ୍ର ବିଦ୍ୟାଳୟର ସ୍ନାତକ କୃଷକ ବର୍ତ୍ତମାନ ସେମାନଙ୍କ ନିଜ କୃଷକ କ୍ଷେତ୍ର ବିଦ୍ୟାଳୟ ଚଳାଇବା ପାଇଁ ଯଥେଷ୍ଟ ଜ୍ଞାନ ତଥା ଆତ୍ମବିଶ୍ୱାସ ଅର୍ଜନ କରିଥାନ୍ତି ।

**ଜ। ସହାୟକଙ୍କ ଦ୍ୱାରା ଅଧିକତର କାର୍ଯ୍ୟ ସମ୍ପାଦନ:**

* ମୁଖ୍ୟ ସହାୟକ ଗଣ ବିଦ୍ୟମାନ କୃଷକମାନଙ୍କ ଦ୍ୱାରା ପରିଚାଳିତ କୃଷକ କ୍ଷେତ୍ର ବିଦ୍ୟାଳୟର ଅଧିକତର କାର୍ଯ୍ୟ ସମ୍ପାଦନ କରିଥାଆନ୍ତି।

## କୃଷକ କ୍ଷେତ୍ର ବିଦ୍ୟାଳୟ ପରିଚାଳନାର ବିଭିନ୍ନ ପାହାଚ:

ତଳସ୍ତରର ବୃତ୍ତିଗତ କାର୍ଯ୍ୟଧାରା(Ground working activity)

↓

ସହାୟତା କାରୀଙ୍କୁ ତାଲିମ (Training of Facilitators)

↓

କୃଷକ କ୍ଷେତ୍ର ବିଦ୍ୟାଳୟ ସ୍ଥାପନା ଓ ପରିଚାଳନା(Establishment and running of FFS)

↓

କ୍ଷେତ୍ର ଦିବସ ପାଳନ (FieldDays)

↓

ଅନୁକ୍ରମ (Graduations)

↓

କୃଷକମାନଙ୍କ ଦ୍ୱାରା କୃଷକ କ୍ଷେତ୍ର ବିଦ୍ୟାଳୟ ପରିଚାଳନା (Farmer run FFS)

↓

ସହାୟକ ମାନଙ୍କ ଦ୍ୱାରା ଅଧିକ ଅନୁସନ୍ଧାନ (Follow up by Facilitators)।

## ପ୍ରଥମ ପରିଦର୍ଶନ:

ଆଶା କରାଯାଏ ଯେ କୃଷକ କ୍ଷେତ୍ର ବିଦ୍ୟାଳୟ ସହାୟକ ସେମାନଙ୍କ କର୍ମକ୍ଷେତ୍ର ଅଞ୍ଚଳରେ କୃଷକ କ୍ଷେତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିବେ ଏବଂ ସେମାନଙ୍କୁ ଗ୍ରାମ ବୃତ୍ତାନ୍ତ ବିଷୟରେ ସୁପରିଚିତ ହେବାକୁ ପଡ଼ିବ। ଗ୍ରାମ ବୃତ୍ତାନ୍ତର ଆଧାର ହେବ ପରିଦର୍ଶନ ପାଇଁ ବାଛିଥିବା ସମ୍ଭାବ୍ୟ ଗ୍ରାମଗୁଡ଼ିକ ଉପରେ ସଂଗ୍ରହ କରିଥିବା ତଥ୍ୟ ସମୂହ।

**ଗ୍ରାମ ଚୟନ ନିମିତ୍ତ ମାନଦଣ୍ଡ ଏବଂ ପଦକ୍ଷେପ:**

* ଗମନାଗମନ ସୁବିଧା ଥିବା ସମସ୍ତ ସ୍ଥାନ/ ଗ୍ରାମକୁ ଚୟନ କରାଯିବ।
* ସହଜରେ ପହଞ୍ଚି ହେଉଥିବା ଅଞ୍ଚଳକୁ ଅଗ୍ରାଧିକାର ଦିଆଯିବ।
* ସହାୟକ ଏବଂ କୃଷକଙ୍କ ମଧ୍ୟରେ ସମ୍ପର୍କ ସ୍ୱଚ୍ଛଳ ହେବା ଉଚିତ୍
* ପରିଦର୍ଶନର ଉଦେଶ୍ୟ ବିଷୟରେ ଗ୍ରାମ ମୁଖ୍ୟ ଅବଗତ ଥିବେ
* ଫସଲ ଚୟନ ଭିତ୍ତିରେ ଏକ ସାଧାରଣ ସଭା ପାଇଁ ସମସ୍ତ କୃଷକ ଉତ୍ପାଦକଙ୍କୁ ଡାକିବା ଭାର ଗ୍ରାମ ମୁଖ୍ୟଙ୍କ ଉପରେ ନ୍ୟସ୍ତ କରାଯିବ।

* ଗ୍ରାମ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ
* ଜମି ପରିମାଣ ଭିତ୍ତିରେ ଫସଲ ଚାଷ ଉପରେ ତଥ୍ୟ ସଂଗ୍ରହ
* କୃଷକଙ୍କ ସଂଖ୍ୟା
* ପୂର୍ବବର୍ତ୍ତୀ ଫସଲର କିଛି ସମସ୍ୟା (ଯଦି ଥାଏ)
* ଆଗାମୀ ସପ୍ତାହରେ ସଭା ଆୟୋଜନ କରିବାପାଇଁ ଗ୍ରାମ ମୁଖ୍ୟଙ୍କୁ ଅନୁରୋଧ କରାଯିବ
* ମହିଳା କୃଷକମାନଙ୍କ ଅଂଶ ଗ୍ରହଣକୁ ଅଗ୍ରାଧିକାର
* ଗ୍ରାମ ମୁଖ୍ୟ/ ପ୍ରଧାନଙ୍କ ସହ ପରାମର୍ଶ କରି ସଭାର ତାରିଖ ଓ ସମୟ ନିର୍ଧାରଣ
* କୃଷକମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଉପରେ ତଥ୍ୟ ସଂଗ୍ରହ ।

## ଦ୍ୱିତୀୟ ପରିଦର୍ଶନ ସମୟରେ ସମ୍ଭାବ୍ୟ କୃଷକ କ୍ଷେତ୍ର ଚିହ୍ନଟ:

* ଏହି ପରିଦର୍ଶନ ପ୍ରଥମ ପରିଦର୍ଶନର ଏକ ସପ୍ତାହ ପୂର୍ବରୁ ହେବା ଉଚିତ ।
* ଯୋଜନା ମୁତାବକ ସାଧାରଣ ବୈଠକ ଡକାଯିବ ।
* କୃଷକ, ମହିଳା କୃଷକଙ୍କ ଅଂଶ ଗ୍ରହଣ ସୁନିଶ୍ଚିତ କରାଯିବ
* ଫସଲ ପରିଚାଳନା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରାଯିବ
* କୃଷକ କ୍ଷେତ୍ର ବିଦ୍ୟାଳୟର ଢାଞ୍ଚା ବିଷୟରେ ଆଲୋଚନା
* କୃଷକ କ୍ଷେତ୍ର ବିଦ୍ୟାଳୟ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ
* ତାଲିମର ସ୍ୱଭାବ
* କୃଷକ କ୍ଷେତ୍ର ବିଦ୍ୟାଳୟରେ ଭାଗନେବା ପାଇଁ କୌଣସି ପରିତୋଷିକର ବ୍ୟବସ୍ଥା ନାହିଁ
* ପ୍ରତିଟି ସତ୍ରରେ ଜଳପାନ ବ୍ୟବସ୍ଥା ରହିଛି
* କୃଷକ ସହାୟକ ହେବା ପାଇଁ ଇଚ୍ଛୁକ କୃଷକଙ୍କ ନାମ ସହାୟକ ଘୋଷଣା କରିବାକୁ ପଡ଼ିବ ।

**କୃଷକ ଚୟନ ନିମିତ୍ତ ମାନଦଣ୍ଡ ଏବଂ ପଦକ୍ଷେପ:**

୧. କୃଷକମାନେ ସେହି ଅଞ୍ଚଳରେ ଫସଲ ଚାଷ ବିଷୟରେ ଅଭିଜ୍ଞ ଥିବେ ।
୨. ସକ୍ରିୟ କୃଷକମାନଙ୍କୁ ଅଗ୍ରାଧିକାର ଦିଆଯିବ ।
୩. ସେମାନେ କର୍ମଠ ଏବଂ ଶାରୀରିକ ଦୃଷ୍ଟିରୁ ସକ୍ଷମ ଥିବେ ।
୪. ହରିଜନ/ ଆଦିବାସୀ/ ମହିଳା କୃଷକମାନଙ୍କୁ ଅଗ୍ରାଧିକାର ଦିଆଯିବ ।
୫. ସେମାନେ ଶିକ୍ଷାଲାଭ କରିବାକୁ ଇଚ୍ଛୁକ ଥିବେ ।
୬. ଗ୍ରାମ ମୁଖ୍ୟ ବା ଗ୍ରାମ ପ୍ରଧାନ ଉପଯୁକ୍ତ କୃଷକ ଚୟନରେ ସହାୟକ ହେବେ ।
୭. କୃଷକମାନଙ୍କ ତାଲିକା ସମ୍ପୂର୍ଣ୍ଣ କରାଯିବ ।
୮. ଆଗାମୀ ସଭାରେ ଉପସ୍ଥିତ ରହିବା ପାଇଁ ଚୟନ କରାଯାଇଥିବା କୃଷକମାନଙ୍କୁ ଅନୁରୋଧ କରାଯିବ ।
୯. କୃଷକ କ୍ଷେତ୍ର ବିଦ୍ୟାଳୟ ସ୍ଥାପନାର ଅତି କମରେ ଦୁଇ ସପ୍ତାହ ପୂର୍ବରୁ ଏହି ସଭା ଆୟୋଜନ କରାଯିବ ।
୧୦. ବଛା ଯାଇଥିବା କୃଷକମାନଙ୍କୁ ନେଇ ସଭା କରାଯିବ ।
୧୧. ଫସଲ ପରିଚାଳନା ଗତ ସ୍ଥାନୀୟ ସମସ୍ୟା ସବୁର ନିରୂପଣ କରିବା ନିମିତ୍ତ ସହଭାଗିତା ଭିତ୍ତିରେ ଆଲୋଚନା କରିବା ।
୧୨. ସ୍ଥାନୀୟ ଆବଶ୍ୟକତା ସବୁର ନିରୂପଣ କରାଯିବ ।
୧୩. କୃଷକ କ୍ଷେତ୍ର ବିଦ୍ୟାଳୟର କାର୍ଯ୍ୟକଳାପ ବିଷୟରେ ସ୍ୱଷ୍ଟ ଭାବରେ ବୁଝାଇ ଦିଆଯିବ ।
୧୪. କୃଷକମାନଙ୍କ ଅଭ୍ୟାସ ସବୁ ଉପରେ ଆଲୋଚନା କରିବା ।
୧୫. କୃଷକମାନଙ୍କୁ ସେମାନଙ୍କ ଅଭ୍ୟାସ ସବୁ କୃଷକ ଅଭ୍ୟାସ ପ୍ଲଟରେ କାର୍ଯ୍ୟକାରୀ କରିବା ପାଇଁ କୁହାଯିବ ।
୧୬. ସେହି ପ୍ଲଟରେ ପ୍ରାକୃତିକ କୃଷି ଅଭ୍ୟାସ ସବୁ ଅନୁସରଣ କରିବା ପାଇଁ କୃଷକମାନଙ୍କୁ ବତାଇ ଦିଆଯିବ ।

୧୭. କୃଷକମାନଙ୍କ ସହମତି/ ଜ୍ଞାତସାରରେ ଉପଯୁକ୍ତ କୃଷକ ବିଦ୍ୟାଳୟ କ୍ଷେତ୍ର ଏବଂ ତାଲିମ ସ୍ଥାନ ନିରୂପଣ କରାଯିବ।

୧୮. କୃଷକ କ୍ଷେତ୍ର ବିଦ୍ୟାଳୟ ପ୍ରାରମ୍ଭ ଦିବସ ନିର୍ଣ୍ଣୟ କରାଯିବ ଏବଂ ସମସ୍ତ କାର୍ଯ୍ୟକ୍ରମକୁ ଆଉଥରେ ପରଖି ନିଆଯିବ।

**କ୍ଷେତ୍ର ନିର୍ବାଚନ ନିମିତ୍ତ ମାନଦଣ୍ଡ ଏବଂ ପଦକ୍ଷେପ:**

* ସର୍ବନିମ୍ନ ଏକ ହେକ୍ଟର ଜମିକୁ ନିର୍ବାଚନ କରାଯିବ
* ଏହି କ୍ଷେତ ନିଶ୍ଚିତ ଭାବେ ଜଣେ କୃଷକଙ୍କ ହୋଇଥିବ
* ଏହି କ୍ଷେତ କୃଷକ କ୍ଷେତ୍ର ବିଦ୍ୟାଳୟର ନିକଟବର୍ତ୍ତୀ ହେଇଥିବ ଏବଂ ସହଜରେ ପହଞ୍ଚି ହେଉଥିବ।
* କ୍ଷେତଟି ସଭାସ୍ଥଳ (ଯେଉଁଠି କୃଷକମାନେ ଏକତ୍ର ହେଉଥିବେ) ନିକଟବର୍ତ୍ତୀ ହୋଇଥିବ।
* କ୍ଷେତ ନିକଟରେ କିଛି ଛାୟା ପ୍ରଦାନକାରୀ ଅଞ୍ଚଳ ରହିଥିବ।
* କ୍ଷେତରେ ଆଦୌ ପାଣି ଜମୁ ନଥିବ।
* କ୍ଷେତରେ କୌଣସି ଅସ୍ୱାଭାବିକ ସ୍ଥିତି ନଥିବ।
* କ୍ଷେତ ପରୀକ୍ଷଣ ପାଇଁ ନିଜ କ୍ଷେତ ଦେବାକୁ ଇଚ୍ଛୁକ କୃଷକଙ୍କୁ ଠାବ କରାଯିବ।
* ସେ କୃଷକ କୃଷକମାନଙ୍କ ଦ୍ୱାରା ସ୍ଥିରୀକୃତ କୃଷି କାର୍ଯ୍ୟକଳାପ ସବୁକୁ ଅନୁସରଣ କରିବା ପାଇଁ ରାଜି ଥିବେ।
* ପ୍ରାକୃତିକ କୃଷିକାର୍ଯ୍ୟ ପାଇଁ କରାଯାଉଥିବା ଯୋଜନା ମୁତାବକ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ସେ ରାଜି ଥିବେ।
* ଅଂଶ ଗ୍ରହଣକାରୀ କୃଷକମାନଙ୍କୁ କ୍ଷେତ୍ର ଦିବସ ପାଳନ ପାଇଁ ସେହି କ୍ଷେତରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ସେ ରାଜି ଥିବେ।
* ଯୋଜନା ପ୍ରଣୟନ ପାଇଁ ପ୍ରସ୍ତୁତି ସଭାରେ ସମସ୍ତ ଅଂଶ ଗ୍ରହଣକାରୀ ନିର୍ବାଚିତ କୃଷକଙ୍କ ସହ ସହଯୋଗ ଭିତ୍ତିକ ଆଲୋଚନା ମାଧ୍ୟମରେ ସମସ୍ତ କ୍ଷେତ୍ର ବିଦ୍ୟାଳୟ କୃଷକଙ୍କ ସହ ସହାୟକ ମୌଖିକ ଭାବେ ସମ୍ପର୍କ ରକ୍ଷା କରିବେ।

**ଉନ୍ମୁକ୍ତ ପରିଭ୍ରମଣ:**

କେବଳ ଭାଷଣ ମାଧ୍ୟମରେ କୃଷକମାନଙ୍କୁ ବୁଝାଇବା ଅତି କଠିନ କାର୍ଯ୍ୟ ଅଟେ। ସେମାନେ ଯେ ପର୍ଯ୍ୟନ୍ତ ନିଜ ଆଖିରେ ଦେଖି ନାହାନ୍ତି ଏବଂ ସୁପାରିସ ମୁତାବକ ଅଭ୍ୟାସଗୁଡ଼ିକୁ ଆପଣେଇଥିବା କୃଷକମାନଙ୍କ ସହ ଆଲୋଚନା କରି ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନେ ଆମ କଥାକୁ ବିଶ୍ୱାସକୁ ନେବେନାହିଁ। କେହିଜଣେ ଠିକ୍ କହିଛନ୍ତି - 'ଦେଖିଲେ ହିଁ ବିଶ୍ୱାସ କରିହେବ'। ଏହି ପ୍ରଣାଳୀଟି ତଥାକଥିତ ଧାରଣାକୁ ବିଶ୍ୱାସ କରୁ ନଥିବା ତଥା ସେମାନଙ୍କ ହୃଦବୋଧ ହେଉନଥିବା କୃଷକମାନଙ୍କୁ ସନ୍ତୋଷ ପ୍ରଦାନ କରିଥାଏ ତଥା ଆପଣେଇବାକୁ ପ୍ରରୋଚିତ କରିଥାଏ।

## ଅଭିପ୍ରାୟ:

ଏକ ନିର୍ଦ୍ଦିଷ୍ଟ ଅଭ୍ୟାସ, ଯଥା ଗ୍ରାମାଞ୍ଚଳ କମ୍ପୋଷ୍ଟ ପ୍ରସ୍ତୁତି ବିଷୟରେ କୌତୁହଳ, ହୃଦବୋଧ ଏବଂ କାର୍ଯ୍ୟ ନିର୍ବାହକୁ ଉଦ୍ଦିପିତ କରିବା। କେବଳ ଗୋଟିଏ କମ୍ପୋଷ୍ଟ ପ୍ରସ୍ତୁତି ବିଷୟରେ ଧାରଣା ଦେବା ଅପେକ୍ଷା ବିଭିନ୍ନ ପ୍ରକାର ଆଦର୍ଶ କଂପୋଷ୍ଟ ଖତର ସମାହାରର ପ୍ରଭାବ ନିଶ୍ଚିତ ଭାବେ ଏଭଳି ଉଦ୍ଦୀପନା ସମ୍ଭବ କରିପାରିବ।

* ଅନେକ ଗୁଡ଼ିଏ ସମ୍ବନ୍ଧିତ ଅଭ୍ୟାସ, (ଯଥା- ଖତର ଉପଯୁକ୍ତ ସଂରକ୍ଷଣ ପଦ୍ଧତି, ଗ୍ରାମୀଣ କମ୍ପୋଷ୍ଟ ପ୍ରସ୍ତୁତି, ସହରାଞ୍ଚଳ compost ପ୍ରସ୍ତୁତି, ଏବଂ ସବୁଜ ସାର ପ୍ରୟୋଗ, ଯେଉଁ ଗୁଡ଼ିକ ସାମୁହିକ ଭାବରେ 'ସ୍ଥାନୀୟ ଖତ ସମ୍ବଳ ଉନ୍ନୟନ' ତାଲିକାଭୁକ୍ତ)ର ଉପଯୋଗିତା ଏବଂ ସମ୍ଭାବନା ବିଷୟରେ କୃଷକ ସମୁଦାୟଙ୍କୁ ପ୍ରରୋଚିତ କରିବା।
* ଅନ୍ୟ ଗ୍ରାମରେ ହୋଇଥିବା କାର୍ଯ୍ୟର ସହାୟତା ନେଇ ଏକ ସୁସ୍ଥ ପ୍ରତିଯୋଗିତା ବାତାବରଣ ସୃଷ୍ଟି କରିବା।
* ସଂକ୍ଷେପରେ, ଲୋକମାନଙ୍କୁ ସେମାନଙ୍କ ସମସ୍ୟା ସବୁକୁ ଚିହ୍ନିବାରେ ସହାୟତା ଦେବା, କୌତୁହଳ ବଢ଼ାଇବା, ଆଲୋଚନା ଆରମ୍ଭ କରିବା ଏବଂ କାର୍ଯ୍ୟକଳାପ ଉନ୍ନୟନ ଆଦି।

**ସମୂହ ପ୍ରଣାଳୀ :**

**କ୍ଷେତ ବିଷୟକ ପ୍ରକାଶନ:** ଏହା ସମ୍ପ୍ରସାରଣ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଏକ ଶ୍ରେଣୀର ମୁଦ୍ରିତ ପ୍ରକାଶନ, ଯେଉଁଥିରେ କ୍ଷେତ ଏବଂ ଗୃହର ଉନ୍ନତି ବିଷୟରେ ତଥ୍ୟ ରହିଥାଏ। ଏହି ପ୍ରକାଶନଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାଏ, ଯଥା - ଲିଫ୍‌ଲେଟ୍, ଫୋଲ୍ଡର,

ବୁଲେଟିନ, ନିଉଜ ଲେଟର, ଜର୍ଣ୍ଣାଲ ଏବଂ ମାଗାଜିନ୍ । କୃଷି ସଖୀ ଏହି କୃଷି ବିଷୟକ ପ୍ରକାଶନଗୁଡ଼ିକୁ ଗବେଷଣା କେନ୍ଦ୍ର, କୃଷି ବିଶ୍ୱ ବିଦ୍ୟାଳୟ ଏବଂ କୃଷି ବିଭାଗ ତଥା ସମଜାତୀୟ ବିଭାଗରୁ ସଂଗ୍ରହ କରିପାରିବେ ଏବଂ ସେଗୁଡିକୁ ଏକକ ଭାବେ କିମ୍ବା ଅନ୍ୟାନ୍ୟ ସମ୍ପ୍ରସାରଣ ପଦ୍ଧତି ସହ ସଂଯୋଗ କରି ବ୍ୟବହାର କରିପାରିବେ ।

**ପ୍ରଦର୍ଶନୀ:**

ଏହା ମଡ଼େଲ, ସ୍ପେସିମେନ୍, ଚାର୍ଟ, ଫଟୋଗ୍ରାଫ, ଚିତ୍ର, ପୋଷ୍ଟର ଏବଂ ତଥ୍ୟ ଆଦିର ସୁଚିନ୍ତିତ ପ୍ରଦର୍ଶନ ଅଟେ । ଉଦ୍ଦେଶ୍ୟ, ପର୍ଯ୍ୟାୟକ୍ରମେ ଲୋକ ସମୂହ ମଧ୍ୟରେ ସଚେତନତା ଏବଂ ଆଗ୍ରହ ସୃଷ୍ଟି କରିବା । ଏହି ପଦ୍ଧତି ସମସ୍ତ ପ୍ରକାର ଲୋକଙ୍କ ନିକଟରେ ପହଂଚିବା ପାଇଁ ଉପଯୋଗୀ ଅଟେ । ଏହା ଗ୍ରାମ, ବ୍ଲକ, ଉପଖଣ୍ଡ, ଜିଲ୍ଲା, ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଆୟୋଜନ କରାଯାଇଥାଏ । ସ୍ଥାନୀୟ ମେଳା ଏବଂ ପର୍ବପର୍ବାଣୀର ସୁଯୋଗ ନେଇ ଏହା ଆରମ୍ଭ କରାଯାଇପାରେ । କୃଷି ସଖୀ ମଧ୍ୟ ପ୍ରଦର୍ଶନୀ ଆୟୋଜନ କରିପାରିବେ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନ, ଯଥା- ଗବେଷଣା କେନ୍ଦ୍ର, କୃଷି ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ଭାଗ ନେଇପାରିବେ ।

**ଅଭିପ୍ରାୟ:**

* ଚାକ୍ଷୁଷ ସାକ୍ଷରତାରେ ଉନ୍ନତି ଆଣିବା ।
* ଲୋକମାନଙ୍କୁ ଅପେକ୍ଷାକୃତ ଭଲଭାବରେ ମାନକ ସହ ପରିଚିତ କରାଇବା ।
* ଅଧିକ ଲୋକଙ୍କ ମଧ୍ୟରେ ଅଭିରୁଚି ସୃଷ୍ଟି କରିବା ।
* ଉନ୍ନତ ଅଭ୍ୟାସ ସବୁ ଆପଣେଇବା ପାଇଁ ଲୋକମାନଙ୍କୁ ପ୍ରରୋଚିତ କରିବା ।

**ଯୋଜନା ଏବଂ ପ୍ରସ୍ତୁତି:**

* ପ୍ରଦର୍ଶନୀର ବିଷୟବସ୍ତୁ ଏବଂ କେଉଁ ସଂସ୍ଥା ଏଥିରେ ଭାଗ ନେବେ ସେ ବିଷୟରେ ନିଷ୍ପତ୍ତି ନେବା ।
* ବଜେଟ ଆକଳନ ଏବଂ ଅର୍ଥ ଯୋଗାଡ଼ କରିବା ।
* ସ୍ଥାନ, ସମୟ ଏବଂ ଅବଧି ଉପରେ ନିଷ୍ପତି ନେବା ।
* ଏକ ଲିଖିତ କାର୍ଯ୍ୟକ୍ରମ ପ୍ରସ୍ତୁତି ଏବଂ ଏହାକୁ ଠିକ୍ ସମୟରେ ସଂଲଗ୍ନ ସମସ୍ତଙ୍କୁ ପ୍ରେରଣ କରିବା । ସନ୍ଧ୍ୟା ସମୟକୁ କିଛି ସାଂସ୍କୃତିକ ଏବଂ ଅବସର ବିନୋଦନ କାର୍ଯ୍ୟକ୍ରମ ରଖିବା ।
* ନିର୍ଦ୍ଧାରିତ ତାରିଖ ମଧ୍ୟରେ ସବୁ ପ୍ରସ୍ତୁତି ଶେଷ ହେବା ଉଚିତ । ଅତ୍ୟାବଶ୍ୟକୀୟ ସୁବିଧା ବ୍ୟବସ୍ଥା କରିବାକୁ ହେବ ।
* କୃଷକମାନେ ପ୍ରଦର୍ଶନ ପାଇଁ ଆଣିଥିବା ଜିନିଷଗୁଡ଼ିକ ପାଇଁ ଗୋଟିଏ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରିବା ।
* ମିଟିଂ, ତାଲିମ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଗୋଟିଏ ପିଣ୍ଡି ବ୍ୟବସ୍ଥା କରିବା ।
* ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଷ୍ଟର ଲଗାଇବା । ସାମୁହିକ ମିଡିଆ ମାଧ୍ୟମରେ ପ୍ରଦର୍ଶନୀ ବିଷୟରେ ପ୍ରଚାର କରିବା ।
* ଷ୍ଟଲ୍‌ଗୁଡ଼ିକ ସାଧାରଣ ଏବଂ ଆକର୍ଷକ ଭାବେ ସଜାଇବା । ଯଥେଷ୍ଟ ଆଲୋକ ବ୍ୟବସ୍ଥା କରିବା । ଆବଶ୍ୟକୀୟ ସ୍ଥାନରେ ସ୍ୱତନ୍ତ୍ର ଆଲୋକ ବ୍ୟବସ୍ଥା କରିବା ।
* ଉତ୍ତମ ମାନର ଏବଂ ରଙ୍ଗୀନ ପ୍ରଦର୍ଶିତ ବସ୍ତୁ ପ୍ରସ୍ତୁତ କରିବା, ଯାହା ପରିଦର୍ଶକମାନଙ୍କ ନିକଟରେ ଆମେ ଚାହୁଁଥିବା ବାର୍ତ୍ତା ପହଞ୍ଚାଇ ପାରିବ । ଯେତେଦୂର ସମ୍ଭବ ସ୍ଥାନୀୟ ପଦାର୍ଥ ବ୍ୟବହାର କରିବା । ପ୍ରଦର୍ଶିତ ବସ୍ତୁଗୁଡ଼ିକ ଉପରେ ଗାଢ଼ ଅକ୍ଷରରେ ସ୍ଥାନୀୟ ଭାଷାରେ ଲେବୁଲ୍ ଲଗାଇବା ।
* ଷ୍ଟଲରେ ଚଟାଣ ଠାରୁ ୫୦-୬୦ ସେମି ଉପରକୁ, ଦୁଇ ମିଟର ଉଚ୍ଚତା ପର୍ଯ୍ୟନ୍ତ ପ୍ରଦର୍ଶନୀ ବସ୍ତୁଗୁଡ଼ିକ ପ୍ରଦର୍ଶିତ କରିବା । କ୍ରମାନ୍ୱୟରେ ସଜାଇବା । ଅନେକ ଗୁଡ଼ିଏ ବସ୍ତୁ ମିଶାଇ କରି ଗଦାଇବା ନାହିଁ । ଧ୍ୟାନ ଦେବା ଷ୍ଟଲରେ ଯେପରି ନଗଣ୍ୟ ଏବଂ ଅବାଞ୍ଛିତ ବସ୍ତୁ ସ୍ଥାନ ନପାଏ ।
* ସମ୍ଭବ ହେଲେ କ୍ରିୟାଶୀଳ ଏବଂ ଜୀବନ୍ତ ବସ୍ତୁ ସଜାଇବା ।

ବ୍ୟାଖ୍ୟାକାରଙ୍କୁ ତାଲିମ ଦେବା ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟଭାର ଦେବା । ଏକ ଦୀର୍ଘକାଳୀନ ପ୍ରଦର୍ଶନୀ ନିମିତ୍ତ ନିୟୋଜିତ ବ୍ୟକ୍ତିମାନଙ୍କୁ ପରିବର୍ତ୍ତନ କରିବା ଏବଂ ପର୍ଯ୍ୟାୟ କ୍ରମେ କାର୍ଯ୍ୟଭାର ଦେବା ।

**କାର୍ଯ୍ୟ ସମ୍ପାଦନ:**

* ପ୍ରଦର୍ଶନୀର ଆନୁଷ୍ଠାନିକ ଉଦ୍ଘାଟନ ଜଣେ ସ୍ଥାନୀୟ ନେତା କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କରାଇବା ।
* ପରିଦର୍ଶକଙ୍କ ପ୍ରବେଶ ଧାରା ସୁଗମ କରିବା

* ବ୍ୟାଖ୍ୟାକାର ପରିଦର୍ଶକଙ୍କୁ ପ୍ରଦର୍ଶିତ ବସ୍ତୁ ଉପରେ ଚୁମ୍ବକରେ ବୁଝାଇବେ, ଯାହା ଫଳରେ ଆମେ ଚାହୁଁଥିବା ବାର୍ତ୍ତା ଶୁଦ୍ଧ ଭାବରେ ଜଣାଇ ହେବ । ପରିଦର୍ଶନ ସମୟରେ ପ୍ରକାଶନଗୁଡ଼ିକୁ ବାଣ୍ଟିବା ।
* ନିକଟବର୍ତ୍ତୀ ସ୍ଥାନରେ କେତେକ ବିଷୟବସ୍ତୁ ବିଶେଷଜ୍ଞଙ୍କ ବ୍ୟବସ୍ଥା କରିବା, ଯାହା ଫଳରେ ପରିଦର୍ଶକ ଗଣ ଅଧିକ ଜାଣିବାକୁ କିମ୍ବା ସମସ୍ୟା ସମାଧାନ ପାଇଁ ଆଲୋଚନା କରିବା ପାଇଁ ଚାହୁଁଥିଲେ ସେମାନଙ୍କୁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇହେବ ।
* ଦିନବେଳେ ନିର୍ଦ୍ଧାରିତ ମିଟିଂ, ତାଲିମ କାର୍ଯ୍ୟକ୍ରମ ଆଦି ଆୟୋଜନ କରିବା । ରାତିକୁ ପେଣ୍ଡାଲ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିବା ।
* କୃଷକଙ୍କ ଦ୍ୱାରା ଅଣାଯାଇଥିବା ପ୍ରଦର୍ଶନୀ ବସ୍ତୁ ସବୁର ଗୁରୁତ୍ୱ ବିଚାର କରି ସେମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରିବା ।
* ପ୍ରଦର୍ଶନୀ ବସ୍ତୁ ଏବଂ ପ୍ରଦର୍ଶନୀ ସ୍ଥଳ ସଫାସୁତୁରା ରଖିବା । ଆବଶ୍ୟକ ସ୍ଥଳେ ପ୍ରଦର୍ଶନୀ ବସ୍ତୁ ବଦଳାଇ ନେବା ।
* ଯଦି ଚାହାନ୍ତି, ବସ୍ତୁ ସାଜସଜ୍ଜା, ପରିଦର୍ଶକଙ୍କୁ ଆକର୍ଷଣ ଏବଂ ଫଳପ୍ରଦ ଭାବରେ ବାର୍ତ୍ତା ପ୍ରେରଣ ଉପରେ ବିଚାର କରି ଷ୍ଟଲଗୁଡ଼ିକୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରିବା ।
* ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସାହାଯ୍ୟ କରିଥିବାଅଂଶ ଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ପ୍ରଦର୍ଶନୀର ସମାପ୍ତି ଘୋଷଣା କରିବା ।

**ଆନୁଷଙ୍ଗିକ କାର୍ଯ୍ୟକ୍ରମ:**

* ବ୍ୟକ୍ତିଗତ ଭାବରେ କେତେକ ପରିଦର୍ଶକଙ୍କୁ ଭେଟିବା, ଗୋଟିଏ ପରିଦର୍ଶକ ପୁସ୍ତକ ବ୍ୟବହାର କରିବା ଯେଉଁଥିରେ ପରିଦର୍ଶକଙ୍କ ଟିପ୍ପଣୀ ରହିବ, ଯାହାଫଳରେ ପରେ ସେମାନଙ୍କ ଠାରୁ ପ୍ରତ୍ୟାଗମନ ତଥ୍ୟ ସଂଗ୍ରହ କରିପାରିବା ।
* ସ୍ଥାନୀୟ ନେତାଙ୍କ ସହ ବାର୍ତାଳାପ କରି ପ୍ରଦର୍ଶନୀର ସଫଳତାର ଆକଳନ କରିପାରିବା ।
* ମୂଲ୍ୟାଙ୍କନ ସମୟରେ ସଙ୍କଟ ପୂର୍ଣ୍ଣ ଉପାଦାନ ଏବଂ ଗୁରୁତ୍ୱ ଦିଆଯାଇଥିବା ସୁବିଧା ସୁଯୋଗ ମିଳିବା ସୁନିଶ୍ଚିତ କରିବା ।
* ଆଗାମୀ ବର୍ଷଗୁଡିକରେ ଗୋଷ୍ଠୀ ମଧ୍ୟରେ ଅଭ୍ୟାସରେ ପରିବର୍ତନକୁ ଦୃଷ୍ଟିଦେବା ।

**କୃଷକ ମେଳା:**

କୃଷକମାନଙ୍କୁ ଜଡ଼ିତ କରି ଏବଂ ଶିକ୍ଷିତ କରିବା ଉଦ୍ଦେଶ୍ୟରେ କୃଷକ ମେଳା ଏକ ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଯେଉଁଥିରେ ଏକତ୍ର ଭାବେ କୃଷକ, ବୈଜ୍ଞାନିକ, ସମ୍ପ୍ରସାରଣ କର୍ମୀ, ଉପାଦାନ ଯୋଗାଣକାରୀ ସଂସ୍ଥା, କୃଷି ଏବଂ ଆନୁଷଙ୍ଗିକ ବିଷୟକ ଉନ୍ନୟନ ବିଭାଗ, ଏବଂ ବେସରକାରୀ ସଂସ୍ଥା - ସମସ୍ତେ ଏକ ଗବେଷଣା କେନ୍ଦ୍ର କିମ୍ବା କୃଷି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୌଣସି ଏକ ଶିକ୍ଷା କେନ୍ଦ୍ରରେ ଏକତ୍ର ହୁଅନ୍ତି, ଯେଉଁଠାରେ କୃଷକମାନେ ଦେଖିପାରିବେ, ପରସ୍ପର ଆଲୋଚନା କରି ପାରିବେ ଏବଂ କୃଷି ତଥା ଆନୁସାଙ୍ଗିକ କ୍ଷେତ୍ରରେ ନୂତନ କୌଶଳ ଏବଂ ଉନ୍ନୟନ ବିଷୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ଲାଭ କରିପାରିବେ । ଏହା କୌଣସି ଅଞ୍ଚଳ, ରାଜ୍ୟ ବା ଦେଶର କୃଷକ କେନ୍ଦ୍ରିକ ଅନେକଗୁଡ଼ିଏ କୃଷି କାର୍ଯ୍ୟକ୍ରମକୁ ଏକୀଭୂତ କରିଥାଏ ।

**ଅଭିପ୍ରାୟ:**

* କୃଷକମାନଙ୍କୁ କୃଷି ଗବେଷଣା କେନ୍ଦ୍ରରେ ପ୍ରଦର୍ଶିତ ନୂତନ ଉତ୍ପାଦନ କୌଶଳର ବ୍ୟବହାରିକ ପ୍ରତ୍ୟକ୍ଷଦର୍ଶୀ ହେବାର ସୁଯୋଗ ପ୍ରଦାନ କରିବା ତଥା ସେଠାରେ ବିଭିନ୍ନ ଦିଗରେ ଚାଲୁଥିବା ଗବେଷଣା ବିଷୟରେ ଜଣାଇବା ନିମିତ୍ତ ।
* କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକ ବିଷୟରେ କୃଷକମାନେ ସିଧାସଳଖ ବିଶ୍ୱ ବିଦ୍ୟାଳୟ ବୈଜ୍ଞାନିକ ମାନଙ୍କ ସହ ଆଲୋଚନା କରିବାର ସୁବିଧା ପ୍ରଦାନ
* କୃଷକମାନେ ଉପାଦାନ ଉତ୍ପାଦକ, କୃଷି ଯନ୍ତ୍ରପାତି ଓ ଉପକରଣ ଡିଲରଙ୍କ ସିଧାସଳଖ ସଂସ୍ପର୍ଶରେ ଆସିବା ସୁଯୋଗ ପ୍ରଦାନ, ଯାହା ଫଳରେ କୃଷକ ମାନେ ନୂଆ ନୂଆ କୃଷି ଉପାଦାନ, ଯନ୍ତ୍ରପାତି, ଉପକରଣ ଆଦି ବିଷୟରେ ଜାଣିବାରେ ସାହାଯ୍ୟ ଲାଭ କରିବେ ।
* ସୁପାରିସ କରାଯାଇଥିବା କୌଶଳ ବିଷୟରେ ଲୋକଙ୍କ ମତାମତ ଜାଣିବା ପାଇଁ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବା ତଥା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କୃଷକଙ୍କ ବର୍ତ୍ତମାନର ସମସ୍ୟା ବିଷୟରେ ସେମାନଙ୍କୁ ସୁକ୍ଷ୍ମାନୁଭବୀ କରାଇବା ।
* ନୂଆ ନୂଆ ଜ୍ଞାନକୌଶଳ ବିଷୟରେ ଜାଣିବା ପାଇଁ କୃଷି ଗବେଷଣା କେନ୍ଦ୍ରକୁ ବାରମ୍ବାର ପରିଦର୍ଶନ କରିବାପାଇଁ କୃଷକ ମାନଙ୍କ ଭିତରେ ପ୍ରବୃତ୍ତି ଜାଗ୍ରତ କରିବା ।
* ନିଜ ସ୍ଥିତିରେ ଅଭ୍ୟାସଗୁଡ଼ିକର ପ୍ରୟୋଗ ନିମିତ୍ତ ଅଂଶ ଗ୍ରହଣକାରୀଙ୍କୁ ହୃଦବୋଧ କରାଇବା ।

* କ୍ଷେତ ଉପରେ ଅଭ୍ୟାସଗୁଡ଼ିକର ଦକ୍ଷତା ଏବଂ ଲାଭଦାୟକ ଦିଗ ବିଷୟରେ ଆଲୋକପାତ କରି ସେମାନଙ୍କୁ ଗ୍ରହଣ କରିବା ପାଇଁ ମନେଇବା ।
* ନୂତନ ଅଭ୍ୟାସ ବିଷୟରେ ସନ୍ଦେହ, ଅନ୍ଧବିଶ୍ୱାସ ଏବଂ ପ୍ରତିକୂଳ ମନୋବୃତ୍ତି ଦୂର କରିବା ।
* ପୂର୍ବରୁ ଶିଖିଥିବା ଅଭ୍ୟାସଗୁଡ଼ିକୁ ବଳବତ୍ତର କରାଇବା ।

**ରେଡ଼ିଓ:**

ରେଡିଓ ଶ୍ରୋତାଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସାରଣ ଉଦ୍ଦେଶ୍ୟରେ ଏକ ବୈଦ୍ୟୁତିକ ଶ୍ରବଣ ମାଧ୍ୟମ ଅଟେ । ଏହା ଏକ ବେତାର ଯୋଗାଯୋଗ ବ୍ୟବସ୍ଥା । ଏହା ବହୁଳ ପ୍ରସାରର ଏକ ମାଧ୍ୟମ ତଥା ତଥ୍ୟ ଏବଂ ମନୋରଞ୍ଜନ ପାଇଁ ଏକ ଯନ୍ତ୍ର ଅଟେ । ଏହା ଶ୍ରୋତାଙ୍କ ପାଇଁ ପ୍ରସାରଣର ଏକ ବୈଦ୍ୟୁତିକ ଗଣମାଧ୍ୟମ ଅଟେ । ଏହା ନିକଟତର ହେବାର ସାର୍ବଜନୀନ ମାଧ୍ୟମ ଅଟେ ଏବଂ ବିଭିନ୍ନ ସ୍ଥାନରେ ବିଛାଡ଼ି ହୋଇ ରହିଥିବା ତଥା ଅଗମ୍ୟ ଅଞ୍ଚଳର କୋଟି କୋଟି ଲୋକଙ୍କ ସହ ସମ୍ପର୍କ ରକ୍ଷା କରିବା ପାଇଁ ଉପଯୋଗୀ ଅଟେ । ବେସରକାରୀ ରେଡିଓ କ୍ଲବ୍ ପ୍ରବେଶ ଦ୍ୱାରା ଭାରତରେ ୧୯୨୭ ମସିହାରେ ଶବ୍ଦ ପ୍ରସାରଣ ସେବା ଆରମ୍ଭ ହୋଇଥିଲା । ଆନୁଷ୍ଠାନିକ ଭାବେ ୧୯୩୬ ମସିହାରେ ଏକ ସରକାରୀ ଅନୁଷ୍ଠାନ ଭାବେ ଆକାଶବାଣୀ କାର୍ଯ୍ୟକ୍ଷମ ହେଲା ।

ଅଭିପ୍ରାୟ:

* ଲୋକଙ୍କ ମଧ୍ୟରେ ସାଧାରଣ ସଚେତନତା ସୃଷ୍ଟି
* ସେମାନଙ୍କ ପ୍ରବୃତିରେ ପରିବର୍ତ୍ତନ ଆଣିବା
* ଶିକ୍ଷାକୁ ବଳବତ୍ତର କରାଇବା
* ଅନ୍ୟ ସମସ୍ତ ଗଣମାଧ୍ୟମ ଦ୍ୱାରା ସମ୍ପ୍ରସାରଣରେ ଅଂଶଗ୍ରହଣ ପାଇଁ ପ୍ରେରଣା ଦେବା
* ଜାଣିବାର ଇଚ୍ଛା ସୃଷ୍ଟି ତଥା ତାକୁ ବଜାୟ ରଖିବା

**ସୁବିଧା ସୁଯୋଗ:**

* ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥା ଅପେକ୍ଷା ଏହାଦ୍ୱାରା ଅଧିକ ଲୋକଙ୍କ ନିକଟରେ ଅତି ଶୀଘ୍ର ପହଞ୍ଚି ହେବ ।
* ବିଶେଷ କରି ଜରୁରୀକାଳୀନ ତଥା ଠିକ୍ ସମୟରେ ସୂଚନା (ଯଥା, ପାଣିପାଗ, ରୋଗ ପୋକ ଆକ୍ରମଣ ଆଦି) ପ୍ରଦାନ ପାଇଁ ବେଶ୍ ଉପଯୋଗୀ ।
* ଅପେକ୍ଷାକୃତ ଶସ୍ତା
* ଅଳ୍ପ ପଢୁଥିବା କିମ୍ବା ଆଦୌ ପଢୁନଥିବା ଅଧିକାଂଶଙ୍କ ନିକଟରେ ପହଞ୍ଚିପାରେ ।
* ସମ୍ପ୍ରସାରଣ ମିଟିଂରେ ଯୋଗଦାନ କରି ପାରୁ ନଥିବା ଲୋକଙ୍କ ନିକଟରେ ପହଞ୍ଚିଥାଏ ।
* କୃଷି ବିଷୟକ ତଥ୍ୟ ବିଷୟରେ କୃଷି ସହ ସଂପୃକ୍ତ ନଥିବା ବ୍ୟକ୍ତିଙ୍କୁ ଜଣାଇବାର ଏକ ମାଧ୍ୟମ ।
* ଅନ୍ୟ ସମ୍ପ୍ରସାରଣ ଗଣମାଧ୍ୟମ ବିଷୟରେ ରୁଚି ସୃଷ୍ଟି
* ଶୁଣୁଥିବା ସମୟରେ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ସମ୍ଭବ ।

**ଦୂର ଦର୍ଶନ :** ଗ୍ରାମାଞ୍ଚଳରେ ତଥ୍ୟ ପହଞ୍ଚାଇବା ପାଇଁ ଦୂରଦର୍ଶନ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଗଣମାଧ୍ୟମ ଅଟେ । ଅନ୍ୟ ସମସ୍ତ ଗଣମାଧ୍ୟମ ତୁଳନାରେ ଦୂରଦର୍ଶନ ଏକ ଅଦ୍ୱିତୀୟ ସୁବିଧା ପ୍ରଦାନକାରୀ ଅଟେ । ଏକ ସମୟରେ କଥନ ସହ ଚଳଚ୍ଚିତ୍ର ଭଳି ଛବି ଏବଂ ଶବ୍ଦ ବ୍ୟବସ୍ଥା ଦେବା ସହ, ଏହା ପୂର୍ବ ବର୍ଣ୍ଣିତ ମାଧ୍ୟମ ତୁଳନାରେ ଅଧିକ ନିକଟ ସମ୍ପର୍କୀୟ ହୋଇଥାଏ ଏବଂ ଯଥା ସମ୍ଭବ ଖୁବ୍ କମ୍ ସମୟ ମଧ୍ୟରେ ସର୍ବାଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିଥାଏ । ଲୋକମାନେ ଚକ୍ଷୁ ଦ୍ୱାରା ଶିକ୍ଷାଲାଭ କରନ୍ତି ଏବଂ ଯଦି ଦେଖିପାରନ୍ତି ତ ଭଲ ଭାବରେ ସବୁଗୁଡିକ ମନେ ରଖିପାରନ୍ତି ।

**ସାମାଜିକ ଗଣ ମାଧ୍ୟମର ବ୍ୟବହାର:**

* ସାମାଜିକ ଗଣ ମାଧ୍ୟମଗୁଡ଼ିକ ୱେବ୍ ସଂଯୁକ୍ତ ବୈଦ୍ୟୁତିକ ଯୋଗାଯୋଗ ଯନ୍ତ୍ର ଅଟନ୍ତି, ଯାହା ବ୍ୟବହାରକାରୀ ମାନଙ୍କୁ ବ୍ୟକ୍ତିଗତ କିମ୍ବା ମିଳିତ ଭାବେ ତଥ୍ୟ ଆଦାନ ପ୍ରଦାନ କରିବା, ଭାବନା ଏବଂ ମତାମତ ବଣ୍ଟନ କରିବା, ନିଷ୍ପତ୍ତି ଗ୍ରହଣ କରିବା ଏବଂ ସୃଷ୍ଟି କରିବା, ସାଇତି ରଖିବା, ପୁନରୁଦ୍ଧାର ଏବଂ ତଥ୍ୟ ବିନିମୟ ପାଇଁ ଅନୁମତି ଦେଇଥାଏ । ଆହୁରି ମଧ୍ୟ ଏହି ଯଥାର୍ଥ ପୃଥିବୀରେ ଲିଖିତ ତଥ୍ୟ, ଚିତ୍ର, ଭିଡିଓ, ଆଦି ଯୋଗାଇ ଦେବା ସୁଯୋଗ ପ୍ରଦାନ କରିଥାଏ ।

**କ । ଫେସ୍ ବୁକ୍/ ମୁଖ ପୁସ୍ତକ:**

* ଏହା ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଅଟେ, ଯେଉଁଠାରେ ସକ୍ରିୟ ବ୍ୟବହାରକାରୀଗଣ ଥାଆନ୍ତି ଏବଂ ଏହା ସମ୍ପ୍ରସାରଣ ବୃତ୍ତିଧାରୀଙ୍କ ନିମିତ୍ତ ବହୁଳ ବ୍ୟବହାରର ଏକ ମାଧ୍ୟମ ଅଟେ ।

* କ୍ଷେତରେ ସାଂପ୍ରତିକ କାର୍ଯ୍ୟକଳାପ ବିଷୟରେ ଜଣାଇ ଥାଏ, ଛବି ପଠାଇ ଥାଏ, ବନ୍ଧୁଗଣ, ସଂସ୍ଥା ତଥା ଗୋଷ୍ଠୀଙ୍କ ସ୍ଥିତି ବିଷୟରେ ଜଣାଇଥାଏ ।

**ଖ । ହ୍ୱାଟସ ଅପ୍ :**

* ଏହା ସ୍ମାର୍ଟ ଫୋନ ନିମିତ୍ତ ଏକ ସରବରାହ ଆପ୍ ଅଟେ । ଏହା ଇଣ୍ଟରନେଟ୍ ସଂଯୁକ୍ତ ସମ୍ବାଦ ପ୍ରେରଣ ପ୍ଲାଟଫର୍ମ ଅଟେ ଯାହା ଲେଖାଲେଖି, ଶ୍ରବଣ, ଭିଡିଓ ଏବଂ ବିଭିନ୍ନ କିସମର ଫାଇଲ ପ୍ରସ୍ତୁତିକୁ ସୁଯୋଗ ଦେଇଥାଏ ।
* କୃଷି ବୃତ୍ତିଧାରୀ ଏବଂ ଅଭ୍ୟାସକାରୀଗଣ ତଥ୍ୟ ଆଦାନ ପ୍ରଦାନ ପାଇଁ ବ୍ୟବହାର କରିଥାଆନ୍ତି, ଯାହା କୃଷି ସମ୍ପ୍ରସାରଣ ସମ୍ବନ୍ଧୀୟ ଗୋଷ୍ଠିଗତ ସମ୍ବାଦ ପ୍ରେରଣ ଏବଂ ଉପଦେଶ ତଥା ବଜାର ସେବା ପ୍ରସାରଣକୁ ସୁଯୋଗ ଦେଇଥାଏ ।

## କମ୍ପ୍ୟୁଟର ଏବଂ ତଥ୍ୟ ବୈଷୟିକ ଜ୍ଞାନ

କୃଷି ସମ୍ପ୍ରସାରଣରେ କମ୍ପ୍ୟୁଟର ଏବଂ ତଥ୍ୟ ବୈଷୟିକ ଜ୍ଞାନର ବ୍ୟବହାର: ବାଛିବାର ସ୍ୱାଧିକାର ଏବଂ ସୁଯୋଗ ସବୁ କମ୍ପ୍ୟୁଟର ଏବଂ ତଥ୍ୟ ବୈଷୟିକ ଜ୍ଞାନ (ଆଇ.ସି.ଟି) ଗବେଷଣା ଏବଂ ସମ୍ପ୍ରସାରଣ ବ୍ୟବସ୍ଥାରେ କୃଷି ସମ୍ପ୍ରସାରଣ ବୈଜ୍ଞାନିକ, ସମ୍ପ୍ରସାରଣ ଅଧିକାରୀଙ୍କ ନିମିତ୍ତ ନୂତନ ଧରଣର ଚୟନ ଅଧିକାର ଦେଇଛି, ଯାହା ଦ୍ୱାରା ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଉନ୍ନତ ବେଗରେ ସଠିକ୍ ଯୋଗାଯୋଗ ସାବ୍ୟସ୍ତ କରି ହେବ । କୃଷି ବିପଣନ ବ୍ୟବସ୍ଥା, ଚାଷ ପ୍ରଣାଳୀ ଏବଂ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା ଗୋଷ୍ଠୀଙ୍କ ନିମିତ୍ତ ଇଣ୍ଟରନେଟ୍, ଇ-ମେଲ୍, ଅନ୍‌ଲାଇନ ବିଶେଷଜ୍ଞ ବ୍ୟବସ୍ଥା, କ୍ଷୁଦ୍ର ସମ୍ବାଦ ସେବା (ଏସ୍.ଏମ୍.ଏସ୍) ଏବଂ ତଥ୍ୟ ପୋର୍ଟାଲ ଭଳି ଆଇ.ସି.ଟି. ଟୁଲ ରହିଅଛି । ସମ୍ପ୍ରସାରଣ ବ୍ୟକ୍ତି ବିଶେଷଙ୍କ ନିମିତ୍ତ ଦେଶ ଭିତରୁ ତଥା ବିଦେଶରୁ ସାଂପ୍ରତିକ ତଥ୍ୟ ପାଇବାର ସୁଯୋଗ ଇଣ୍ଟରନେଟ୍‌ରୁ ମିଳିଥାଏ ।

**ସମ୍ପ୍ରସାରଣ ପ୍ରକ୍ରିୟାରେ ଯୋଗାଯୋଗ ହେଉଛି କେନ୍ଦ୍ରୀୟ ପ୍ରଣାଳୀ । ଏଥିରେ ରହିଛି:**

* ରାଜ୍ୟ ଓ ଦେଶର ସୀମା ବାହାରୁ ସମଗ୍ର ବିଶ୍ୱର ତଥ୍ୟ ସମ୍ବଳର ସାନିଧ ଲାଭ (ଉନ୍ନତ ପହଞ୍ଚ)
* ଅଧିକାଂଶ ସମୟରେ ତଥ୍ୟ ସଂଗ୍ରହ ମାଗଣାରେ (ସର୍ବନିମ୍ନ ମୂଲ୍ୟ)
* ଗୁରୁତ୍ୱପୂର୍ଣ୍ଣ ସମ୍ବଳ ତତକ୍ଷଣାତ୍ ମିଳିବା - ଲୋକ ଏବଂ ମୁଦ୍ରିତ ବିଷୟ, ସମ୍ପ୍ରସାରଣ ଜର୍ଣ୍ଣାଲ, ନିଉସଲେଟର (କମ୍ ସମୟରେ)
* ଉଭୟ ଦିଗରୁ ଯୋଗାଯୋଗ ସୁବିଧା - ଇ-ମେଲ୍, ଚାଟ୍‌ଗ୍ରୁପ୍, ଆଲୋଚନା ଫୋରମ୍ ।
* ସବୁ ସମୟରେ ତଥ୍ୟ ମିଳିଥାଏ
* ଯେହେତୁ ବ୍ୟବହାର କାରୀ ଏବଂ ଯୋଗାଣ କାରୀଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ଅଛି, ତଥ୍ୟଗୁଡ଼ିକର ଟାଣି ଓଟାରି ବିକୃତ କରିବାର ସର୍ବନିମ୍ନ ବା ଆଦୌ ଭୟ ନଥାଏ ।
* ଯୋଗାଯୋଗ ଡିଜିଟାଲ (ଇ-ମେଲ୍, ଶୁଣିବା ଏବଂ ଦେଖିବା ବିନିମୟ ସହ) ଅବସ୍ଥାରେ ହେଉଥିବାରୁ ସହଜରେ ଲିପିବଦ୍ଧ କରିହୁଏ ।

## ମୋବାଇଲ ମାଧ୍ୟମ ଆପ୍ :

**ପୁସା କ୍ରିଷି (Pusa Krishi):** ଏହା ଏକ ସରକାରୀ ଆପ୍ ଯାହା ୟୁନିଅନ କୃଷି ମନ୍ତ୍ରୀଙ୍କ ଦ୍ୱାରା ୨୦୧୬ ମସିହାରେ ସମର୍ପିତ ଏବଂ ଏହାର ଉଦ୍ଦେଶ୍ୟ ହେଲା, ଭାରତୀୟ କୃଷି ଗବେଷଣା ଅନୁଷ୍ଠାନ (ଆଇ.ଏ.ଆର୍.ଆଇ.) ଦ୍ୱାରା ଉଦ୍ଭାବିତ ବୈଷୟିକ ଜ୍ଞାନ ଉପରେ ତଥ୍ୟ ପାଇବାପାଇଁ କୃଷକଙ୍କୁ ସହାୟତା ପ୍ରଦାନ କରିବା, ଯାହା ଫଳରେ କୃଷକମାନେ ଅଧିକ ଲାଭ ପାଇବେ । ଏହି ଆପ ମଧ୍ୟ ଆଇ.ସି.ଏ.ଆର୍. ଦ୍ୱାରା ଉଦ୍ଭାବିତ ନୂତନ ଫସଲ କିସମ, ସମ୍ବଳ ସଂରକ୍ଷଣ ଚାଷ ପଦ୍ଧତି, ତଥା କ୍ଷେତ ଯନ୍ତ୍ରପାତି ଏବଂ ଏହାର ବ୍ୟବହାର ବିଷୟରେ କୃଷକମାନଙ୍କୁ ଜଣାଇବାରେ ସହାୟକ ହୋଇଥାଏ, ଯାହାଦ୍ୱାରା କୃଷକମାନେ ଅଧିକ ଲାଭ ପାଇପାରିବେ ।

## କିଶନ ସୁବିଧା (Kishan Subidha):

କୃଷକଙ୍କୁ ସଶକ୍ତ କରିବା ଏବଂ ଗ୍ରାମ୍ୟ ଉନ୍ନୟନ ନିମିତ୍ତ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଏହା ୨୦୧୬ ମସିହାରେ ଉତ୍ସର୍ଗ କରାଯାଇଛି । ଏହି ଆପ ପରିକଳ୍ପନା ସରଳ ଅଟେ ଏବଂ ବ୍ୟବହାର ସୁଲଭ ପରିସର ଯୋଗାଇ ଥାଏ, ତଥା ଆଗାମୀ ପାଂଚ ଦିନ ପାଇଁ ସଦ୍ୟ ପାଣିପାଗ ସୂଚନା ସହ ଦ୍ରବ୍ୟ/ ଫସଲ ଗୁଡ଼ିକର ନିକଟବର୍ତ୍ତୀ ସହରର ବଜାର ଦର, ସାର, ବିହନ, ଯନ୍ତ୍ରପାତି ଆଦି ବିଷୟରେ ଜ୍ଞାନ ପ୍ରଦାନ କରିଥାଏ ।

୦୦୦

# ୧୨. ସମ୍ପ୍ରସାରଣ ସେବା ଏବଂ ସମ ସମ୍ପ୍ରସାରଣ ବୃତ୍ତିଧାରୀଙ୍କ ଯୋଗ୍ୟତା



ସମ୍ପ୍ରସାରଣ ସେବା ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ସହାୟତା ଦେବା, କୃଷି ଉତ୍ପାଦକତା ବୃଦ୍ଧି କରିବା, ଏବଂ ସେମାନଙ୍କର ଜୀବିକାରେ ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଉପଦେଶ ତଥା ତଥ୍ୟ ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସମ୍ପ୍ରସାରଣ ସେବାରେ ଅନ୍ତର୍ଭୁକ୍ତ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା - ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜ୍ଞାନରେ ସଶକ୍ତ କରିବା, ପ୍ରାକୃତିକ କୃଷିର ସୁବିଧା ଅସୁବିଧାଗୁଡ଼ିକୁ ଭଲଭାବେ ଜାଣିବାରେ ସାହାଯ୍ୟ କରିବା ଏବଂ କୃଷକଙ୍କ ଉନ୍ନତି ପାଇଁ ସେମାନଙ୍କ ପଥ ପ୍ରଦର୍ଶକ ହେବା ଆଦି ।

**ସମ୍ପ୍ରସାରଣ ଅଧିବେଶନଗୁଡ଼ିକର ଆଭିମୁଖ୍ୟ ହେଲା -**

* ସଚେତନତା ପ୍ରସାରଣ କରିବା
* ତାଲିମ ପ୍ରଦାନ ଏବଂ ସାମର୍ଥ୍ୟ ସୃଷ୍ଟି କରିବା
* କୃଷକମାନଙ୍କୁ ପ୍ରେରଣା ପ୍ରଦାନ
* କ୍ଷେତରେ ବ୍ୟବହାରିକ ଜ୍ଞାନ-କୌଶଳ ପ୍ରଦର୍ଶନ କରିବା
* ପ୍ରାକୃତିକ କୃଷି ନିମିତ୍ତ ଜ୍ଞାନ-କୌଶଳ ସହାୟତା ପ୍ରଦାନ ଏବଂ ସମ୍ବନ୍ଧୀୟ ଜ୍ଞାନ ହସ୍ତାନ୍ତର

ସମ୍ପ୍ରସାରଣ ବ୍ୟବସ୍ଥା ପାରମ୍ପରିକ ଜ୍ଞାନ ବିତରଣ କାର୍ଯ୍ୟ ସମ୍ପାଦନ ସହ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଏକ ଦିଆଯିବା ପ୍ରଣାଳୀ ଅଟେ । ଏଥି ମଧ୍ୟରେ ସମ୍ପ୍ରସାରଣ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ଆସିଛି, ଯାହାଫଳରେ ଏହା ଅଧିକରୁ ଅଧିକ ଘରୋଇ ଅଂଶ ଗ୍ରହଣକାରୀ (କୃଷି ଉପାଦାନ ଯୋଗାଣ, କୃଷି ବ୍ୟବସାୟ ଏବଂ ଅର୍ଥ ସେବା), ବେସରକାରୀ ସଂସ୍ଥା (ଆନ୍ତଃ ରାଷ୍ଟ୍ରୀୟ ତଥା ସ୍ଥାନୀୟ), ଉତ୍ପାଦକ ସଂଘ, ସମବାୟ ସଂସ୍ଥା ଏବଂ ସଂଘ; ପରାମର୍ଶଦାତା (ସ୍ୱାଧୀନ ଏବଂ କୃଷି ବ୍ୟବସାୟ/ ଉତ୍ପାଦକ ସଂଘ ସହ ଜଡ଼ିତ କିମ୍ବା ଚାକିରି କରି) ଏବଂ ଆଇ.ସି.ଟି. କର୍ତ୍ତୃକ ସେବାଙ୍କ ଯୋଗଦାନ ହେତୁ ବହୁଗୁଣିତ ହୋଇଛି । ଏ ସମସ୍ତ ବ୍ୟବସ୍ଥା ସମ୍ପ୍ରସାରଣ ଏବଂ ପରାମର୍ଶ ସେବା (ଇ.ଏ.ଏସ.)ଙ୍କ ପାଇଁ ଅତିରିକ୍ତ ମାନବ ଶକ୍ତି ଏବଂ ସମ୍ବଳ ଯୋଗାଇ ଦେବା ସହ ନୂତନ ଜ୍ଞାନକୌଶଳ ଏବଂ ଦକ୍ଷତା ମଧ୍ୟ ଯୋଗାଇ ଦେଇଛି । ତଥାପି ବର୍ଦ୍ଧିତ ପରିବାର ସଂଖ୍ୟାକୁ ଦୃଷ୍ଟିରେ ରଖି ସମ୍ପ୍ରସାରଣ ବୃତ୍ତିଧାରୀଙ୍କ ସଂଖ୍ୟାରେ ଆଖିଦୃଶିଆ ବୃଦ୍ଧି ପାଉନାହିଁ, କିମ୍ବା ସେମାନେ ସେମାନଙ୍କର ଦକ୍ଷତାକୁ ସଂଯୋଜନା କରିବା ପାଇଁ ତଥା ବ୍ୟାପକ ଭାବେ କୃଷକ ଏବଂ କୃଷି ଅଞ୍ଚଳକୁ ପହଞ୍ଚି ସମ୍ପ୍ରସାରଣ ସେବାର ଫଳାଫଳ ଏବଂ ମହତ୍ତ୍ୱକୁ ହୃଦୟଙ୍ଗମ କରିବା ପାଇଁ ଏକତ୍ର ହୋଇ ପାରୁନାହାନ୍ତି । ଏହି ପରିପ୍ରେକ୍ଷୀରେ ସମ୍ପ୍ରସାରଣ କାର୍ଯ୍ୟଧାରାରେ ପରିବର୍ତ୍ତନ, ବୈଷୟିକ ଜ୍ଞାନ ବିତରଣ ବାହାରେ ଆଉ ଅଧିକ କିଛି କରିବା ନିମିତ୍ତ, କୃଷକମାନଙ୍କୁ ସଶକ୍ତ କରିବାପାଇଁ ବିଭିନ୍ନ କାର୍ଯ୍ୟକଳାପ ମାନ ହାତକୁ ନେବାକୁ ପଡ଼ିବ, ଯାହା ଫଳରେ କୃଷକମାନେ ସଦ୍ୟ ଜ୍ଞାନ-କୌଶଳ ପ୍ରୟୋଗ କରି ଉତ୍ପାଦକତା, ଉତ୍ପାଦନ, ସମ୍ବଳ ବ୍ୟବହାରରେ ଦକ୍ଷତାରେ ବୃଦ୍ଧି ଆଣି ପାରିବେ ଏବଂ ଏହିଭଳି ଭାବରେ ଅଧିକ ଲାଭ ପାଇବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ । କୃଷି ମୂଲ୍ୟ ବ୍ୟବସ୍ଥାର ପ୍ରତିଟି ପଦକ୍ଷେପରେ, ଉପାଦାନ, ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ସାମର୍ଥ୍ୟ ବୃଦ୍ଧି ଭଳି ବୈଷୟିକ ହସ୍ତକ୍ଷେପ ସମ୍ପ୍ରସାରଣ ମାଧ୍ୟମରେ ସୁନିଶ୍ଚିତ ହେବା ଜରୁରୀ ଅଟେ । ତେଣୁ ସମୟର ପରିବର୍ତ୍ତନ ସହ ତାଳଦେଇ ସମ୍ପ୍ରସାରଣ ସେବା କୃଷକମାନଙ୍କ ପାଇଁ ଅଭିପ୍ରେତ ନୀତି ଆପଣେଇ ସେମାନଙ୍କୁ ଫଳପ୍ରଦ ଭାବରେ ତଥ୍ୟ, ଜ୍ଞାନ ଏବଂ କୌଶଳ ଯୋଗାଇଦେବା ନିମନ୍ତେ, ସମ୍ପ୍ରସାରଣ ସେବାର ପୁଣିଥରେ ବ୍ୟାଖ୍ୟା କରିବାକୁ ହେବ । ଆଜିକାଲି ସମ୍ପ୍ରସାରଣ କୃଷି ମୂଲ୍ୟ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ଜରୁରୀ ଅଟେ । ସମନ୍ୱୟ ରକ୍ଷା କରିବା ଏବଂ ଫଳପ୍ରଦ ଏକଭିମୁଖୀ ହେବା ନିମିତ୍ତ ସମ୍ପ୍ରସାରଣ ସେବା ଯୋଗାଇ ଦେଉଥିବା ସଂସ୍ଥା ନିଶ୍ଚିତ ଭାବରେ ଏକ ସମ୍ଭବକାରୀ ଏବଂ ସହାୟକ ଭାବେ କାର୍ଯ୍ୟ କରିବାକୁ ପଡ଼ିବ, ଯାହା ଫଳରେ କୃଷକଙ୍କ ଆୟରେ ବୃଦ୍ଧି ଆଣିବା ପାଇଁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ । ଏଥିପାଇଁ, କୃଷି ସଖୀ ଆଗଭର ହୋଇ ନିମ୍ନଲିଖିତ ଦାୟିତ୍ୱ ବହନ କରିବ ବାଞ୍ଛନୀୟ ।

**କୃଷି ସମ୍ପ୍ରସାରଣରେ କୃଷି ସଖୀଙ୍କ ଦାୟିତ୍ୱ :**

* କୃଷକଙ୍କ ବନ୍ଧୁ, ଦାର୍ଶନିକ ଏବଂ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବେ

* କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଚାଲୁଥିବା ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ଯୋଗାଇ ଦେବେ

* ଦୃଷ୍ଟିକୁ ଆସୁଥିବା ବିଷୟରେ ସାମର୍ଥ୍ୟ ସୃଷ୍ଟି ଏବଂ କୌଶଳ ଶିକ୍ଷା ଦାନ କରିବା

* କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମର୍ଥନ କରିବା

* କୃଷକଙ୍କ ସନ୍ତୋଷ ଓ ସୁସ୍ଥ ଅବସ୍ଥା ପାଇଁ ପରାମର୍ଶ ଦେବା

* ଋଣ ଯୋଗାଡ଼ରେ ସହାୟତା

* ଜଳବାୟୁ ପରିବର୍ତ୍ତନ, ଫସଲ ବୀମା ଭଳି ଆପଦ ପରିଚାଳନାରେ ସଙ୍କଟ ମୁହୂର୍ତ୍ତରେ ସହାୟତା

* ଲିଖିତ ଦଲିଲ ପ୍ରସ୍ତୁତି ଏବଂ ରେପୋର୍ଟ୍ ପ୍ରଦାନ କାର୍ଯ୍ୟ

* କୃଷକଙ୍କ ଅଧିକାର ପତ୍ର ପ୍ରବର୍ତ୍ତନ କରିବା

‘ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜଳସଂରକ୍ଷଣ, ରୋଗପୋକ ନିୟନ୍ତ୍ରଣ ଉପରେ ଉପଦେଶ ଜାରି କରିବା

* ସହାୟତା ପ୍ରଦାନ ଏବଂ ମତାମତ ଗ୍ରହଣ

* ସମ୍ପ୍ରସାରଣ ପ୍ରଦାନକୁ ପ୍ରକଳ୍ପ ଧାରାରେ କାର୍ଯ୍ୟକାରୀ କରିବା

* ଆଇ.ସି.ଟି. ସୁବିଧା ସେବା

* ମଧ୍ୟସ୍ଥତା

* କୃଷକମାନଙ୍କୁ ବଜାର ସହ ଯୋଡିବା

* ପରିଚାଳନା ସାମର୍ଥ୍ୟ ସୃଷ୍ଟି

‘ ବିଭିନ୍ନ ସହାୟକ ଏବଂ ସେବା ନେଟୱର୍କ ସହ ସଂଯୁକ୍ତ

* ବ୍ୟବହାରକାରୀ / ଉତ୍ପାଦକ ଗୋଷ୍ଠୀ ସଂଗଠିତ କରିବା

* ଯୋଜନା, ଯାଞ୍ଚ ଏବଂ ମୂଲ୍ୟ ନିରୂପଣ

* ସରକାରୀ - ବେସରକାରୀ - ଅଂଶଗ୍ରହଣ (ପି.ପି.ପି) ମଡେଲ ଉଦ୍ଦେଶ୍ୟ ସାଧନ

* ବୈଷୟିକ ଜ୍ଞାନ କୌଶଳ ନିରୂପଣ ଆଦି

* ଗବେଷଣା ବ୍ୟବସ୍ଥାକୁ ମତାମତ ଜଣାଇବା

କୃଷକରୁ କୃଷକ ଅନୁରୂପ ଆଧାରରେ ସାମାଜିକ ପ୍ରସ୍ତୁତିକରଣ ପଦକ୍ଷେପ: କୃଷକରୁ କୃଷକ ଅନୁରୂପ ଆଧାରରେ ଗୋଷ୍ଠୀ ପ୍ରସ୍ତୁତି କରଣର ପଦକ୍ଷେପ:

ଗୋଷ୍ଠୀର ସଭ୍ୟମାନଙ୍କୁ କୃଷକରୁ କୃଷକ (ଏଫ୍.ଟୁ ଏଫ୍.) ଅନୁରୂପ ଆଧାରରେ ଏକତ୍ରିକରଣ କରିବା ପାଇଁ ସମ୍ପ୍ରସାରଣ ପଦ୍ଧତିରେ କେତେକ ପଦକ୍ଷେପ ନିଆଯାଇଥାଏ ।

* **ଗୋଷ୍ଠୀର ଲୋକ ସମୂହଙ୍କ ଆବଶ୍ୟକତା ଚିହ୍ନଟ କରିବା:** ପ୍ରଥମେ ଏକ ଅନୁଷ୍ଠାନ ଗୋଷ୍ଠୀଭୁକ୍ତ ବ୍ୟକ୍ତିଙ୍କ ପ୍ରାକୃତିକ କୃଷି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ପ୍ରୟାସ ଆରମ୍ଭ କରନ୍ତି ।

* **ଆଗୁଆ ଚାଷୀ/ ଗୋଷ୍ଠୀ ସମ୍ବଳ ବ୍ୟକ୍ତି:** ଦ୍ୱିତୀୟରେ, ଗୋଷ୍ଠୀ ଭିତରୁ ଆଗୁଆ କୃଷକ ବଛା ଯାଆନ୍ତି, ଯେଉଁମାନଙ୍କର ପ୍ରାକୃତିକ କୃଷିରେ ରୁଚି ରହିଥାଏ, ସେ କୃଷକ ପରିବାରରୁ ଆସିଥାନ୍ତି ଏବଂ ତାଙ୍କର ଯୋଗାଯୋଗ କୌଶଳ ରହିଥାଏ ।

## ଆଗୁଆ କୃଷକଙ୍କ ପାଇଁ ତାଲିମ:

ତାପରେ ଏହି ଆଗୁଆ ଚାଷୀଗଣ ବିଭିନ୍ନ ସମ୍ପ୍ରସାରଣ ପଦ୍ଧତିରେ ଅନୁଷ୍ଠାନ ଦ୍ୱାରା ତାଲିମ ପାଆନ୍ତି । ବିଭିନ୍ନ ସମ୍ପ୍ରସାରଣ ପଦ୍ଧତି ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ... ।

## ଆଗୁଆ ଚାଷୀଙ୍କ କ୍ଷେତରେ ମଡେଲ ପ୍ରଦର୍ଶନ:

ଆଗୁଆ ଚାଷୀମାନେ ନିଜ କ୍ଷେତରେ ପ୍ରାକୃତିକ କୃଷିକୁ ଆପଣେଇବେ ଏବଂ ଗୋଷ୍ଠୀ ପାଇଁ ମଡେଲ ପ୍ରଦର୍ଶନୀ ଫାର୍ମ ହୋଇଯିବେ ।

## ଅନ୍ୟ କୃଷକଙ୍କୁ ତଥ୍ୟ ବିସ୍ତାର / ପ୍ରଚାର :

ଆଗୁଆ କୃଷକ/ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ବ୍ୟବହାରିକ ପ୍ରଦର୍ଶନୀ, ତାଲିମ, ଏବଂ ଅନ୍ୟାନ୍ୟ ଉପାୟ ମାଧ୍ୟମରେ ଗୋଷ୍ଠୀରେ ଥିବା ଅନ୍ୟ କୃଷକଙ୍କୁ ତଥ୍ୟ ବିସ୍ତାର କରନ୍ତି । କୃଷକରୁ କୃଷକ (F to F,) ମଡେଲ ବିଭିନ୍ନ ଉପାୟରେ ଲାଭଦାୟକ ହୋଇଥାଏ, ଯେଉଁଥିରେ ରହିଥାଏ ଗୋଷ୍ଠୀ ପ୍ରତି ବର୍ଦ୍ଧିତ ଉତ୍ତରଦାୟିତ୍ୱ, ସ୍ଥାନୀୟ ଆବଶ୍ୟକତା ଏବଂ ଅଭ୍ୟାସଗୁଡ଼ିକୁ ଭଲଭାବେ ବୁଝିହୁଏ, ଖର୍ଚ୍ଚ ତୁଳନାରେ ଅଧିକ ଲାଭ, ବର୍ଦ୍ଧିତ ସାମାଜିକ ନେଟୱର୍କିଂ ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ସଫଳ ସମାଧାନ । ସର୍ବୋପରି, ସମ୍ପ୍ରସାରଣ ସେବା ଏବଂ କୃଷକରୁ କୃଷକ ପଦ୍ଧତି ନିରନ୍ତର କୃଷି ଉନ୍ନୟନ, ଜ୍ଞାନ ବିତରଣ ଏବଂ ଗ୍ରାମୀଣ ଗୋଷ୍ଠୀଗୁଡ଼ିକୁ ସେମାନଙ୍କ କୃଷି ଅଭ୍ୟାସ ବଞ୍ଚାଇ ରଖିବାକୁ ସଶକ୍ତ କରିବା ନିମିତ୍ତ ଶକ୍ତିଶାଳୀ ଟୁଲ ଅଟନ୍ତି ।

## ସର୍ବସାଧାରଣରେ କହିପାରିବା ଏବଂ ଯୋଗାଯୋଗ କୌଶଳ :

ପ୍ରତ୍ୟେକ ଦିନ, ଲୋକମାନେ ପରସ୍ପରକୁ ଭେଟନ୍ତି ଏବଂ ଭାବନା ତଥା ତଥ୍ୟ ଆଦାନ ପ୍ରଦାନ କରନ୍ତି । ଏହା କୃଷି ସଖୀଙ୍କ କ୍ଷେତ୍ରରେ ଅଧିକ ସହଜଲଭ୍ୟ ହୋଇଥାଏ, ଯେହେତୁ ସେମାନେ ନିୟମିତ ଭାବେ କୃଷକଙ୍କ ସହ ଭାବନା ଏବଂ ତଥ୍ୟ ଆଦାନ ପ୍ରଦାନ କରିଥାନ୍ତି । ଅଧିକାଂଶ କୃଷକ କୃଷି ସଖୀମାନଙ୍କୁ କୃଷି ବିଷୟକ ତଥ୍ୟ ଅନ୍ୱେଷଣ କରିବା ଏବଂ ବ୍ୟବହାରିକ ଜ୍ଞାନକୌଶଳ ଉପରେ ଉପଦେଶ ଦେଉଥିବା କାରଣରୁ ମୁଖ୍ୟ ଯୋଗାଯୋଗକାରୀ ବା ମତାମତ ନେତା ଭାବେ ବିଚାର କରନ୍ତି ।

## ମୁଖ୍ୟ ଯୋଗାଯୋଗକାରୀ ଭାବେ କୃଷି ସଖୀଙ୍କ ଦାୟିତ୍ୱବୋଧ:

* କୃଷକମାନଙ୍କୁ ନୂଆ ନୂଆ ବ୍ୟବହାରିକ ଜ୍ଞାନକୌଶଳ ଗୁଡ଼ିକୁ ପହଞ୍ଚାଇବା ।
* ଜ୍ଞାନକୁ ଅଧୁନାତନ କରିବା ପାଇଁ ବୈଜ୍ଞାନିକ, ଗଣମାଧ୍ୟମ ଏବଂ ଅନ୍ୟ ସମ୍ବନ୍ଧୀୟ ତଥ୍ୟ ଉତ୍ସ ସହ ସମ୍ପର୍କରେ ରହିବା .... କୃଷି ସଖୀଙ୍କ ଦାୟିତ୍ୱ ବୋଧ.... ।
* ଗ୍ରାମ୍ୟ ସଂସ୍ଥା ଏବଂ ଅନୁଷ୍ଠାନର କାର୍ଯ୍ୟକଳାପ ସହ ସମନ୍ୱୟ ରକ୍ଷାକରି ଅଧିକ ଉତ୍ପାଦନ ପାଇଁ ବୈଷୟିକ ଜ୍ଞାନ କୌଶଳ ଆପଣେଇବାକୁ ସେଗୁଡ଼ିକର ଗତିପଥ ସୁଦୃଢ଼ କରିବା ।
* କୃଷକମାନଙ୍କୁ ସେମାନଙ୍କର ଆବଶ୍ୟକ ହେଉଥିବା ସେବା ତଥା ଅଭାବବୋଧ ପୂରଣ ନିମିତ୍ତ ସହାୟତା କରିବା
* କୃଷକମାନଙ୍କୁ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମରୁ ମିଳିବାକୁ ଥିବା ଲାଭ ବିଷୟରେ ଅବଗତ କରାଇବା ପାଇଁ ସେମାନଙ୍କୁ ରାସ୍ତା ଦେଖାଇବା ଏବଂ ସହାୟତା କରିବା ।
* ସାଥି ଗ୍ରାମବାସୀ/ ସମ୍ପ୍ରସାରଣ କାର୍ଯ୍ୟକର୍ତ୍ତାଙ୍କୁ କାର୍ଯ୍ୟ ପ୍ରକ୍ରିୟା ଯୋଜନା ପ୍ରସ୍ତୁତି ପାଇଁ ସାହାଯ୍ୟ କରିବା ।
* ଲଗାତାର ଭାବେ ପଥପ୍ରଦର୍ଶକ ସାଜିବା ଏବଂ ସ୍ଥାନୀୟ ପରାମର୍ଶଦାତାଙ୍କ ଭଳି କାର୍ଯ୍ୟ କରିବା ।
* କୃଷକଙ୍କ ସମସ୍ୟା ଉପରେ ଧ୍ୟାନ କେନ୍ଦ୍ରିତ କରିବା ।
* କୃଷିର ନୂତନ ପଦ୍ଧତି ପ୍ରଦର୍ଶନ କାରୀ/ ସହ ସମ୍ପ୍ରସାରଣ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିବା ।

## ସମସ୍ୟା ସମାଧାନ କୌଶଳ:

ସମସ୍ୟା ସମାଧାନ ହେଉଛି ଏକ ପ୍ରକ୍ରିୟା, ଯେଉଁଥିରେ ନିମ୍ନ ପଦକ୍ଷେପ ମାନ ନିଆଯାଇଥାଏ ।

* **ସମସ୍ୟା ସବୁ ଚିହ୍ନଟ କରିବା ଓ ସେଗୁଡିକୁ ସ୍ୱୀକାର କରିବା :**

  ସମସ୍ୟା ସମାଧାନ ପ୍ରକ୍ରିୟାର ପ୍ରଥମ ପଦକ୍ଷେପ ହେଲା ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡିକୁ ସ୍ୱୀକାର କରିବା । ଏକ ସମସ୍ୟାକୁ ଆମେ ଇପ୍ସିତ ଏବଂ ବାସ୍ତବ ସ୍ଥିତି ମଧ୍ୟରେ ରହିଥିବା ବ୍ୟବଧାନକୁ ବୁଝିବା । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପଥରେ ବାଧାବିଘ୍ନକୁ ଆମେ ସମସ୍ୟା ଭାବେ ବିଚାରିବା ।

* **ସମସ୍ୟା ଗୁଡ଼ିକର ସଂଜ୍ଞା ନିରୂପଣ କରିବା ଏବଂ ସେଗୁଡିକର କାରଣ ସବୁକୁ ଖୋଜି ବାହାର କରିବା:**

  ବେଳେବେଳେ ଆମେ ସମସ୍ୟା ସମାଧାନ କରିବାକୁ ଅକ୍ଷମ ହୋଇଥାଉ, କାରଣ ଆମେ ସମସ୍ୟାଟିକୁ ଚିହ୍ନିପାରି ନ ଥାଉ କିମ୍ବା ସଠିକ୍ ସଂଜ୍ଞା ନିରୂପଣ କରିପାରି ନ ଥାଉ । ଆପଣମାନେ ଏପରି ସ୍ଥିତିକୁ ସାମନା କରିଥିବେ ଯେଉଁଠି ଲୋକମାନେ ସମସ୍ୟା

ବିଷୟରେ ଆଲୋଚନାରେ ମଗ୍ନ ରହି ଥାଆନ୍ତି ମାତ୍ର ଶେଷରେ ସମସ୍ୟାର ସଂଜ୍ଞା ନିରୂପଣ କରିବାରେ ବିଫଳ ହୋଇଥାନ୍ତି, ସମାଧାନ କଥା ଭୁଲିଯାନ୍ତି ।

* **ଆପଣଙ୍କ ଇପ୍ସିତ ପରିସ୍ଥିତିକୁ ସ୍ଥିରକରନ୍ତୁ:**

ସମସ୍ୟା ସମାଧାନ କରିବାର ତୃତୀୟ ପଦକ୍ଷେପ ହେଲା ଜଣେ ପହଞ୍ଚିବାକୁ ଚାହୁଁଥିବା ଇପ୍ସିତ ସ୍ଥିତି । ଆଶା କରୁଥିବା ସ୍ଥିତି ଆପଣଙ୍କ ମୂଲ୍ୟ, ଲକ୍ଷ୍ୟ ଏବଂ କାର୍ଯ୍ୟ ସମ୍ପର୍କୀୟ ଅଗ୍ରାଧିକାରକୁ ପ୍ରତିଫଳିତ କରିପାରେ ।

* **ସମାଧାନର ପନ୍ଥା ନିରୂପଣ କରିବା:**

ସମସ୍ୟା ସମାଧାନରେ ଚତୁର୍ଥ ପଦକ୍ଷେପ ହେଲା, ସମାଧାନ ପନ୍ଥା ନିରୂପଣ କରିବା । ସମସ୍ୟାଗୁଡ଼ିକର ସମାଧାନ ପନ୍ଥା ନିର୍ଣ୍ଣୟ ସମସ୍ୟା ସମାଧାନ କରିବା ପ୍ରକ୍ରିୟାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ଆପଣମାନେ ବିଭିନ୍ନ ପ୍ରକାର ସମସ୍ୟାରେ ପଡ଼ିବାର ସମ୍ଭାବନା ରହିଛି । ଜଣେ ସ୍ୱୀକୃତ ସମ୍ପ୍ରସାରଣ କର୍ମୀ ଆପଣଙ୍କୁ ବିଭିନ୍ନ ସମସ୍ୟା, ଯଥା ଯୋଗ୍ୟତାର ଅଭାବ, ଅମଳ ହ୍ରାସ, ଯନ୍ତ୍ରପାତି ଅକାମୀ ହେବା ଆଦିର ସମାଧାନ କରିବାକୁ ପଡ଼ିପାରେ ।

* **ଆଦର୍ଶର ପ୍ରତିରୂପ ବାକ୍ ପଟୁତା ବ୍ୟାୟାମ:**

ଗୋଟିଏ ନିର୍ଦ୍ଦିଷ୍ଟ ସମସ୍ୟାର ଅନେକ ଗୁଡିଏ ସମ୍ଭାବ୍ୟ ବିକଳ୍ପ ସମାଧାନ ପନ୍ଥା ସୃଷ୍ଟି କରିବାର ସାମର୍ଥ୍ୟ ବିଷୟରେ ଚିନ୍ତନକୁ ବୁଝାଇଥାଏ । ଏଠାରେ ଏହା ଉଲ୍ଲେଖ କରାଯାଇପାରେ ଯେ, ସମାନ୍ତର କିମ୍ବା ବିଭିନ୍ନ ଚିନ୍ତନ ପ୍ରକ୍ରିୟାରେ ବିକଳ୍ପ ଖୋଜି ପାଇବା ସାଧାରଣ ଭାବେ ବିକଳ୍ପ ଖୋଜିବା ପନ୍ଥାର ବହୁ ଦୂରରେ ।

* **ବିକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ:**

ସମସ୍ୟା ସମାଧାନରେ ପଞ୍ଚମ ପଦକ୍ଷେପ ହେଲା ବିକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିବା । ଏକ ନିର୍ଦ୍ଦିଷ୍ଟ ସମସ୍ୟା ନିମିତ୍ତ ଆପଣ ଅନେକ ଗୁଡ଼ିଏ ବିକଳ୍ପ ସମାଧାନ ପନ୍ଥା ବାହାର କରିଛନ୍ତି । ବର୍ତ୍ତମାନ ଆପଣଙ୍କ ସମ୍ମୁଖରେ ଥିବା କର୍ତ୍ତବ୍ୟ ହେଲା ପ୍ରତିଟି ବିକଳ୍ପ ଭଲ ଆଉ ମନ୍ଦ ଦିଗକୁ ବିଚାରକୁ ନେଇ ସେ ସବୁର ମୂଲ୍ୟାଙ୍କନ କରିବା ଏବଂ ସେଗୁଡ଼ିକ ମଧ୍ୟରୁ ସମାଧାନ ପନ୍ଥା ଚୟନ ନିମିତ୍ତ ଗୋଟିଏ ମନୋନୟନ କରିବା ।

* **ସମାଧାନ କାର୍ଯ୍ୟକାରୀ କରିବା:**

ସମସ୍ୟା ସମାଧାନ ଚକ୍ରର ଷଷ୍ଠ ସୋପାନ ହେଉଛି, ସମାଧାନ ପନ୍ଥା କାର୍ଯ୍ୟକାରୀ କରିବା । ଚୟନ କରାଯାଇଥିବା ସମାଧାନ ପନ୍ଥା କାର୍ଯ୍ୟକାରୀ କରିବା କାର୍ଯ୍ୟ ଆରମ୍ଭ ଜଡ଼ିତ ଅଧିକାରୀ କିମ୍ବା ସଂସ୍ଥାର ସଭ୍ୟଙ୍କ ଅନୁମୋଦନ ଆବଶ୍ୟକ ।

* **ସମାଧାନ ପନ୍ଥାର ମୂଲ୍ୟାଙ୍କନ:**

**ଏଥିପାଇଁ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଆବଶ୍ୟକ:**

କ । ସମାଧାନ ପନ୍ଥା କାର୍ଯ୍ୟକାରୀ କରିବାରେ କିଛି ସମସ୍ୟା ରହିଛି କି ?

ଖ । କାର୍ଯ୍ୟକାରୀ କରିବାର ଫଳାଫଳ କ'ଣ ?

ଗ । ସମାଧାନ ପନ୍ଥାଟି କାମଦେଲା କି ଏବଂ ଯଦି ହଁ, କେତେ ପରିମାଣରେ ?

ଘ । ସମାଧାନ ପନ୍ଥା କାର୍ଯ୍ୟକାରୀ କରିବା ଫଳରେ କିଛି ନୂଆ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ?

ଙ । ସମାଧାନ ପନ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା ସାମଗ୍ରିକ ଭାବେ କ'ଣ ସବୁ ଉପାର୍ଜନ ହେଲା ? ଖର୍ଚ୍ଚ ତୁଳନାରେ ଉପାର୍ଜନ ଅଧିକ ହୋଇଛି କି, ତଥା କିଛି ନାସ୍ତିସୂଚକ ଫଳାଫଳ ମିଳିଛି କି ?

ଚ । ସମାଧାନ ପନ୍ଥା ବିଫଳତାରୁ ଆମେ କି ଶିକ୍ଷାଲାଭ କଲେ ?

ଛ । ସମାଧାନ ପନ୍ଥାର ସଫଳତାରୁ ଆମେ କି ଶିକ୍ଷାଲାଭ କଲେ ?

ଜ । ଭବିଷ୍ୟତ କାର୍ଯ୍ୟପନ୍ଥା କ'ଣ ହେବ ?

ଝ । କାର୍ଯ୍ୟକାରୀ ଯୋଜନାରେ କିଛି ପରିବର୍ତ୍ତନର ଆବଶ୍ୟକତା ଅଛି କି ?

ଞ । ସମାଧାନ ପନ୍ଥାରେ କିଛି ଉନ୍ନତି ଆଣିବାକୁ ଚାହାନ୍ତି କି ?

## କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରଚଳିତ ଯୋଜନା ଏବଂ କାର୍ଯ୍ୟକ୍ରମ ଉପରେ ତଥ୍ୟ ଯୋଗାଣ:

କୃଷି ସଖୀ ପ୍ରଚଳିତ ସରକାରୀ ଯୋଜନାଗୁଡ଼ିକର ଅଧୁନାତନ ସ୍ଥିତି ବିଷୟରେ ନିୟମିତ ଭାବେ କୃଷକଙ୍କୁ ଅବଗତ କରାଇବେ । କିଛି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ -

### କ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଯୋଜନା (ଏସ.ଏଚ.ସି.):

'ନିରନ୍ତର କୃଷି ଉପରେ ଜାତୀୟ ମିଶନ (ଏନ୍.ଏମ.ଏସ.ଏ.) ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରୁ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଆଖି ଆଗରେ ରଖି କାର୍ଯ୍ୟକାରୀ କରାଯାଉଛି ।

- କୃଷିକୁ ଅଧିକ ଉତ୍ପାଦନକ୍ଷମ, ନିରନ୍ତର ଏବଂ ଜଳବାୟୁ ଅନୁଗାମୀ କରିବା ।
- ପ୍ରାକୃତିକ ସମ୍ବଳର ସଂରକ୍ଷଣ ।
- ଏକ ବ୍ୟାପକ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଅଭ୍ୟାସ ଗ୍ରହଣ ।
- ଜଳ ସମ୍ପଦର ସଫଳ ବ୍ୟବହାର ଆଦି । ଏନ୍.ଏମ.ଏସ.ଏ. ଅଧିନସ୍ଥ 'ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା' ଏକ ଅତି ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ ଅଟେ । ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନାର ଉଦ୍ଦେଶ୍ୟ ହେଲା, ବୁଦ୍ଧିମାନ ଭାବରେ ଦ୍ୱିତୀୟ ସ୍ତରର ଏବଂ ଅଣୁ ସାର ସହିତ ରାସାୟନିକ ସାର ସହ ଜୈବିକ ଖତ ଏବଂ ଜୈବିକ ସାର ବ୍ୟବହାର କରି ମାଟିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ତଥା ଉତ୍ପାଦନ ହାର ବୃଦ୍ଧି ନିମିତ୍ତ; ମୃତ୍ତିକାକୁ ଶକ୍ତିଶାଳୀ କରିବା; ଏବଂ ମୃତ୍ତିକା ପରୀକ୍ଷା ଅନୁଯାୟୀ ସୁପାରିସ କରିବା ନିମିତ୍ତ ମୃତ୍ତିକା ପରୀକ୍ଷା ସୁଯୋଗ ସୃଷ୍ଟି ଆଦି ଦ୍ୱାରା ସମନ୍ୱିତ ଖାଦ୍ୟସାର ପରିଚାଳନା (ଆଇ.ଏନ୍.ଏମ୍.) ।

### ଖ । କୃଷି ଯାନ୍ତ୍ରିକକରଣ:

କୃଷି ଯାନ୍ତ୍ରିକକରଣ ଉତ୍ପାଦନ ହାରରେ ବୃଦ୍ଧି ଏବଂ ଚାଷ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଏବଂ ଠିକ୍ ସମୟରେ ଚାଷ କାମ ସାରିବାକୁ କୃଷକମାନଙ୍କୁ ଦକ୍ଷ କରିବ । କୃଷି ଯାନ୍ତ୍ରିକକରଣ ଯୋଜନା ବିଭିନ୍ନ କୃଷି ଯନ୍ତ୍ରପାତି, ଯଥା: ପଶୁଟଣା ଯନ୍ତ୍ରପାତି, ଟ୍ରାକ୍ଟର ଟଣା ଯନ୍ତ୍ରପାତି, ଅଧିକ ଦାମ୍ର ଯନ୍ତ୍ରପାତି, ଛୋଟ ଟ୍ରାକ୍ଟର, ଅମଳ ପରବର୍ତ୍ତୀ ଆବଶ୍ୟକୀୟ ଯନ୍ତ୍ରପାତି, ଫସଲ ସୁରକ୍ଷା ଯନ୍ତ୍ରପାତି, ଅନ୍ତଃ ଚାଷ ପାଇଁ କୃଷି ଉପକରଣ, ଟାରପୁଲିନ, ଆଦି ଯୋଗାଣ ତଥା ଜମି ପ୍ରସ୍ତୁତି ପ୍ୟାକେଜ, କପା, ଧାନ, ମକା ଅମଳ ପାଇଁ ସି.ଏଚ.ସି. ଏବଂ ଛୋଟ ଆଖୁ ପ୍ୟାକେଜ ଆଦି ଭଡ଼ାରେ ଯୋଗାଣ ଯନ୍ତ୍ରପାତି କେନ୍ଦ୍ର( ସି.ଏଚ.ସି.) ପ୍ରତିଷ୍ଠା ମାଧ୍ୟମରେ କୃଷିକୁ ଯନ୍ତ୍ରୀକରଣ କରିବା ପାଇଁ କାର୍ଯ୍ୟକାରୀ କରାଯାଉଛି ।

ଗ । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର.କେ.ଭି.ୱାଇ.):

ଏହା ଏକ ନୂତନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଯୋଜନା ରାଜ୍ୟଗୁଡ଼ିକୁ କୃଷି - ଜଳବାୟୁ ପରିସ୍ଥିତି, ପ୍ରାକୃତିକ ସମ୍ବଳ ପରିଣାମ ଏବଂ ବ୍ୟବହାରିକ ଜ୍ଞାନକୌଶଳକୁ ବିଚାରକୁ ନେଇ ଏବଂ ଏଥିରେ ପଶୁସମ୍ପଦ, କୁକୁଡ଼ା ପାଳନ, ମାଛଚାଷ ଆଦି ସାମିଲ କରି ସେମାନଙ୍କର କୃଷିକ୍ଷେତ୍ରରେ ଅଧିକ ବ୍ୟାପକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିବାକୁ ଅନୁଦାନ ସହାୟତା ପ୍ରଦାନ ନିମିତ୍ତ ପ୍ରବର୍ତ୍ତିତ ହୋଇଛି ।

ଘ । ନିରନ୍ତର କୃଷି ନିମିତ୍ତ ଜାତୀୟ ମିଶନ ଅଧୀନରେ ବୃଷ୍ଟି-ପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା (ଆର.ଏ.ଡ଼ି.) :

ବୃଷ୍ଟି-ପୁଷ୍ଟ କୃଷି ଏକ ମିଶ୍ରିତ, ବିବିଧ, ଏବଂ ଆପଦବିହୀନ କାର୍ଯ୍ୟକଳାପ ଅଟେ । ଏହି ଯୋଜନା ଅଧୀନରେ କରାଯାଉଥିବା କାର୍ଯ୍ୟଗୁଡ଼ିକ ବର୍ଦ୍ଧିତ ହାରରେ ଉତ୍ପାଦକତା, ପାଣିପାଗରେ ଅନିୟମିତତା ହେତୁ ଫସଲ କ୍ଷତି ଆପଦ ହ୍ରାସ କରିବା, ସମ୍ବଳ ସବୁର ସଫଳ ପ୍ରୟୋଗ, ଚାଷ କ୍ଷେତ୍ରରେ ଖାଦ୍ୟ ଏବଂ ଜୀବିକା/ ଆୟ ସୁରକ୍ଷା ନିଶ୍ଚିତ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ଉପଯୋଗୀ କରିବା ପାଇଁ କୃଷକମାନଙ୍କୁ ଦକ୍ଷତା ବୃଦ୍ଧି କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ।

**ଅଭିପ୍ରାୟ:**

* ସମୁଚିତ ଚାଷ ବ୍ୟବସ୍ଥା ଅବଲମ୍ବନରେ ବୃଷ୍ଟି-ପୁଷ୍ଟ ଅଞ୍ଚଳରେ ନିରନ୍ତର ଭାବରେ ଫସଲ ଅମଳ ହାରବୃଦ୍ଧି କରିବା ।
* ମରୁଡ଼ି, ନଦୀବଢ଼ି କିମ୍ବା ଅନିୟମିତ ବୃଷ୍ଟିପାତ ଜନିତ ସମ୍ଭାବ୍ୟ ଫସଲହାନୀ ଭଳି ପ୍ରତିକୂଳ ପ୍ରଭାବକୁ ବିବିଧ ଏବଂ ମିଶ୍ରିତ ଫସଲ ଚାଷ ପ୍ରଣାଳୀ ଆପଣେଇ ହ୍ରାସକରିବା ।
* ଉନ୍ନତ କ୍ଷେତ ଉପରେ ବ୍ୟବହାରିକ ଜ୍ଞାନ-କୌଶଳ ପ୍ରୟୋଗ ତଥା ଚାଷ ଅଭ୍ୟାସ ମାଧ୍ୟମରେ ନିରନ୍ତର ନିଯୋଜନ ସୁଯୋଗ ସୃଷ୍ଟି କରି ବୃଷ୍ଟି-ପୁଷ୍ଟ କୃଷିରେ ବିଶ୍ୱାସ ଓ ଭରସା ଫେରାଇ ଆଣିବା ।
* ବୃଷ୍ଟି-ପୁଷ୍ଟ ଅଞ୍ଚଳରେ ଦାରିଦ୍ର୍ୟ ହ୍ରାସ ନିମିତ୍ତ କୃଷକଙ୍କ ଆୟ ବୃଦ୍ଧି ଏବଂ ଜୀବିକା ସହାୟତାରେ ଅଭିବୃଦ୍ଧି ।

ଚ।  ଜାତୀୟ ଖାଦ୍ୟ ସୁରକ୍ଷା ମିଶନ (ଏନ୍.ଏଫ୍.ଏସ.ଏମ୍.):

ଜାତୀୟ ଖାଦ୍ୟ ସୁରକ୍ଷା ମିଶନ (ଏନ୍.ଏଫ୍.ଏସ.ଏମ୍.), ଚାଷ ଅଞ୍ଚଳ ବୃଦ୍ଧିକରି ଏବଂ ଉତ୍ପାଦନ ହାରକୁ ନିରନ୍ତର ଭାବରେ ବଢ଼ାଇ ତଥା ପ୍ରତିଟି କ୍ଷେତରେ ମାଟିର ଉର୍ବରତା ଏବଂ ଉତ୍ପାଦନ ହାରର ପୁନରୁଦ୍ଧାର କରି ଧାନ, ଡାଲି ଜାତୀୟ ଫସଲ ଏବଂ ମୋଟା ଶସ୍ୟ ଫସଲଗୁଡ଼ିକର ଅମଳ ବୃଦ୍ଧି ଲକ୍ଷ୍ୟ ରଖି ଅକ୍ଟୋବର ୨୦୦୭ ମସିହାରେ ପ୍ରବର୍ତ୍ତିତ ହୋଇଅଛି।

**ଛ।  ପ୍ରଧାନ ମନ୍ତ୍ରୀ କିଶାନ୍ ମନଧନ ଯୋଜନା (ପି.ଏମ.-କେ.ଏମ.ୱାଇ.) :**

ଭାରତ ସରକାର ଦେଶର ସମସ୍ତ କ୍ଷୁଦ୍ର ଏବଂ ନାମମାତ୍ର କୃଷକ (ଏସ/ଏମ୍.ଏଫ୍.)ଙ୍କ ପାଇଁ ଏକ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଲାଗୁ କରିଛନ୍ତି, ଯାହାର ନାମ ହେଲା- 'ପ୍ରଧାନମନ୍ତ୍ରୀ କିଶାନ ମନ୍-ଧନ୍-ଯୋଜନା (ପି.ଏମ.-କେ.ଏମ୍.ୱାଇ.)', ଯାହା ଏକ ସ୍ୱେଚ୍ଛାକୃତ ଏବଂ ଅର୍ଥଦାନ ଭିତ୍ତିରେ ପେନସନ ଯୋଜନା ଅଟେ ଏବଂ ଏଥିରେ ପ୍ରବେଶ ବୟସସୀମା ୧୮-୪୦ ବର୍ଷ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାଟି ୯, ଅଗଷ୍ଟ, ୨୦୧୯ ମସିହାରୁ ଆରମ୍ଭ ହୋଇଅଛି।

* କୃଷକଙ୍କ ପାଇଁ ସରକାରଙ୍କ ତରଫରୁ ଆୟ ଏବଂ ଅର୍ଥ ସହାୟତା ପାଇଁ ଅନେକ ଗୁଡ଼ିଏ ବ୍ୟବସ୍ଥା ରହିଅଛି। ତଥାପି, କୃଷକଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ବଳୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି, କାରଣ ସେମାନଙ୍କ ଭିତରୁ ଅନେକ ବୃଦ୍ଧାବସ୍ଥାରେ ଜୀବିକା ହରାଇବାର ଭୟ ରହିଛି।
* କୃଷିକାର୍ଯ୍ୟ କ୍ଷେତରେ କଠିନ ପରିଶ୍ରମ ଆବଶ୍ୟକ କରିଥାଏ ଯାହା ବୟସ ବୃଦ୍ଧିସହ ଆହୁରି ଅଧିକ କଠିନ ହୋଇଥାଏ। ଏହି ସମସ୍ୟା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ କ୍ଷେତ୍ରରେ ଆହୁରି ବଢି ଯାଇଥାଏ, କାରଣ ବୃଦ୍ଧାବସ୍ଥାରେ ଖର୍ଚ୍ଚ କରିବା ପାଇଁ ସେମାନଙ୍କ ନିକଟରେ ଖୁବ୍ କମ୍ କିମ୍ୱା ଆଦୌ ସଞ୍ଚୟ ନଥାଏ।
* ପ୍ରଧାନମନ୍ତ୍ରୀ କିସାନ ମନ୍-ଧନ୍-ଯୋଜନା ସମସ୍ତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ (ଏସ.ଏମ୍.ଏଫ୍.), ୬୦ ବର୍ଷ ବୟସର ହେବାମାତ୍ରେ (ସେମାନେ ପୁରୁଷ ହୁଅନ୍ତୁ କିମ୍ୱା ମହିଳା) ସମସ୍ତଙ୍କ ପାଇଁ ମାସିକ ୩୦୦୦ ଟଙ୍କାର ପେନସନ ସୁନିଶ୍ଚିତ କରିଥାଏ।

## ଜଳବାୟୁ ପରିବର୍ତ୍ତନ ସହିତ ସଙ୍କଟପୂର୍ଣ ଆପଦ ପରିଚାଳନାରେ ସହାୟତା:

କୃଷି ସଖୀମାନେ ଜଳବାୟୁ ପରିବର୍ତ୍ତନ ତଥା ଫସଲବୀମା ଭଳି କାର୍ଯ୍ୟ ପାଇଁ କୃଷକଙ୍କୁ ସହାୟତା ଯୋଗାଇ ଦେବାକୁ ଅନେକ ଗୁଡ଼ିଏ ଉପାୟ ରହିଛି। ଏଥିରେ ରହିଛି ଗତିରୋଧ ହୋଇ ନପାରିବା କ୍ଷେତ୍ରରେ ପ୍ରୟୋଜନ ଅନୁଯାୟୀ ପରିବର୍ତ୍ତନ ଏବଂ ଅପ୍ରତ୍ୟାଶିତ ପରିସ୍ଥିତି ସମ୍ଭାଳିବା ଉପାୟ ଅବଲମ୍ୱନ। କୃଷି ସଖୀ ବୃହତ୍ ଜଳବାୟୁ ପରିବର୍ତ୍ତନ ତଥା ଅନିଶ୍ଚିତତାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବା, ପରିବର୍ଦ୍ଧିତ ଆପଦ ପାଇଁ ବିହିତ ପଦକ୍ଷେପ ନେବା, ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ହ୍ରାସ କରିବା ଉପାୟ ସମ୍ୱନ୍ଧରେ କୃଷକମାନେ କିପରି ମରୁଡ଼ି, ବଢ଼ି ଭଳି ପରିସ୍ଥିତିର ମୁକାବିଲା କରିବେ ସେ ବିଷୟରେ ଉପଦେଶ ମାଧ୍ୟମରେ ସେମାନଙ୍କୁ ସହାୟତା ଯୋଗାଇ ଦେବେ। କୃଷି ସଖୀମାନେ ମଧ୍ୟ କୃଷକମାନଙ୍କୁ ଜଳବାୟୁ ପରିବର୍ତ୍ତନ ହ୍ରାସ କରିବା ପାଇଁ ସହାୟତା ପ୍ରଦାନ କରି ପାରିବେ। ଏହି ସହାୟତାରେ ଅନ୍ତର୍ଭୁକ୍ତ ରହିବ-ନୂତନ ବଜାର ସହ ସଂଯୁକ୍ତ କରାଇବା, ନୂତନ ନିୟାମକ ଢାଞ୍ଚା ଉପରେ ତଥ୍ୟ ଯୋଗାଇ ଦେବା, ଏବଂ ନୂଆ ସରକାରୀ ଅଗ୍ରାଧିକାର କାର୍ଯ୍ୟକ୍ରମ ଏବଂ ପଲିସି ବିଷୟରେ ଅବଗତ କରାଇବା। ବ୍ୟବହାରିକ ଜ୍ଞାନ କୌଶଳ ଏବଂ ପରିଚାଳନା ତଥ୍ୟ, ସାମର୍ଥ୍ୟ ବୃଦ୍ଧି, ଏବଂ ପଲିସି ତଥା କାର୍ଯ୍ୟକ୍ରମକୁ ସୁଗମ ରୂପେ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କୁ ସହାୟତା ଯୋଗାଇ ଦେବେ।

* **ଜଳବାୟୁ ପରିବର୍ତ୍ତନ ଜ୍ଞାନ:** ଜଳବାୟୁ ପରିବର୍ତ୍ତନ, ଏହାର ସ୍ଥାନୀୟ ପ୍ରଭାବ ଏବଂ ଏହା କିପରି କୃଷିକୁ ପ୍ରଭାବିତ କରିଥାଏ - ସେସବୁକୁ ଗଭୀର ଭାବେ ଅନୁଧ୍ୟାନ କରିବା। ଏଥିରେ ରହିଛି, ଜଳବାୟୁ ଗତିବିଧି, ଚରମ ପାଣିପାଗ ଘଟଣା, ଏବଂ କୃଷି ଉପରେ ସେ ସବୁର ପ୍ରଭାବ।
* **ଫସଲ ବୀମା ଉପରେ ଦକ୍ଷତା:** ସହାୟତା ନିମିତ୍ତ ବିଭିନ୍ନ ଫସଲ ବୀମା ଯୋଜନା ସହ ସୁପରିଚୟ, ସେମାନଙ୍କ ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ପୂରଣ ପ୍ରକ୍ରିୟା ବିଷୟରେ ଜ୍ଞାନ ରହିବା ଆବଶ୍ୟକ।
* **ଆର୍ଥିକ ସୁରକ୍ଷା ପାଇଁ କୃଷକଙ୍କ ସାନ୍ନିଧ ଲାଭ।**
* **ବିପଦ ଆଶଙ୍କା ତୀବ୍ରତା ଆକଳନ:** କୃଷକମାନେ ସେମାନଙ୍କ ଅଞ୍ଚଳରେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ବିପଦର ଆକଳନ କରିବା ଦକ୍ଷତା, ଯଥା; ମରୁଡ଼ି, ବଢ଼ି, ରୋଗ ପୋକ ବ୍ୟାପିବା, ଏବଂ ବିପଦର ମୁକାବିଲା କରିବା ପାଇଁ ଉପାୟ ବାହାର କରିବା।
* **ତଥ୍ୟ ବିଶ୍ଳେଷଣ:** ଐତିହାସିକ ଜଳବାୟୁ ତଥ୍ୟ, ଫସଲ ଅମଳ ଏବଂ ବୀମା ପଲିସି ଆଦିର ବିଶ୍ଳେଷଣ କରି ବିପଦ ପରିଚାଳନା ପାଇଁ ସୁପାରିଶ କରିବା।

* **ଆର୍ଥିକ ସାକ୍ଷରତା:** ଆର୍ଥିକ ନୀତି ନିୟମ ସହ ଉତ୍ତମ ବୁଝାମଣା ଏବଂ ବୀମା କିପରି କାର୍ଯ୍ୟକାରୀ ହୋଇଥାଏ ସେ ବିଷୟରେ ଜ୍ଞାନ, ଯଥାଯୋଗ୍ୟ ପନ୍ଥା ନିର୍ଧାରଣ ପାଇଁ କୃଷକମାନଙ୍କୁ ସହାୟତା ଦେବାବେଳେ କାମରେ ଆସିବ।
* **ସ୍ଥାନୀୟ ଜ୍ଞାନ:** ସ୍ଥାନୀୟ କୃଷି ଅଭ୍ୟାସ, ଫସଲ କିସମ, ଏବଂ କୃଷି ବ୍ୟବସ୍ଥାଗୁଡିକ ସହ ଆତ୍ମୀୟତା, ବିପଦ ପରିଚାଳନା କ୍ଷେତ୍ରରେ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଆବଶ୍ୟକତା ନିମିତ୍ତ ଉପଦେଶ ଦେବା ପାଇଁ ନିହାତି ଆବଶ୍ୟକ।
* **ଶିକ୍ଷା ଏବଂ ତାଲିମ:** ବିପଦ ପରିଚାଳନା ଏବଂ ବୀମା ପଲିସି ବିଷୟରେ ଜାଣିବା ପାଇଁ କୃଷକ ଦକ୍ଷତା ବୃଦ୍ଧି ନିମିତ୍ତ କର୍ମଶାଳା ଏବଂ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିବେ।
* **ଗୋଷ୍ଠୀ ଅଭିନିବେଶ:** ଆଲୋଚନା ଏବଂ ଗୋଷ୍ଠୀ ସ୍ତରୀୟ ଦୁର୍ବିପାକ ପାଇଁ ଯୋଜନା ପ୍ରସ୍ତୁତି ଭଳି ଗୋଷ୍ଠୀ ସ୍ତରରେ ସାମୁହିକ ବିପଦ ହ୍ରାସ କାର୍ଯ୍ୟାରମ୍ଭ ସାମର୍ଥ୍ୟ ସୃଷ୍ଟି ନିମିତ୍ତ ସହାୟତା ପ୍ରଦାନ
* **ତଦାରଖ ଏବଂ ମୂଲ୍ୟାଙ୍କନ:** ବିପଦ ପରିଚାଳନା ରଣ କୌଶଳର ସଫଳତା ତଥା କୃଷକଙ୍କ ମଧ୍ୟରେ ବୀମା ବିସ୍ତାର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବ୍ୟବସ୍ଥା କରିବା
* **ବ୍ୟବହାରିକ ଜ୍ଞାନ କୌଶଳରେ ଦକ୍ଷତା:** ପାଣିପାଗ ପୂର୍ବ ସୂଚନା, ବିପଦ ଆକଳନ ଏବଂ ବୀମା ଦରଖାସ୍ତ ପ୍ରକ୍ରିୟା ନିମିତ୍ତ ବ୍ୟବହାରିକ ଜ୍ଞାନ କୌଶଳ ଏବଂ ଡିଜିଟାଲ ଟୁଲର ବ୍ୟବହାର କରିବା।
* **ବିପଦ ମୁହୂର୍ତ୍ତ ଜବାବ:** ଜଳବାୟୁ ସମ୍ପର୍କୀୟ ଦୁର୍ବିପାକ କିମ୍ବା ଫସଲ ନଷ୍ଟ ପରିସ୍ଥିତିରେ କୃଷକମାନଙ୍କୁ ତତକ୍ଷଣାତ୍ ସହାୟତା ଯୋଗାଇଦେବା ଏବଂ ପଥ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ରହିବା।
* **ନମନୀୟତା ଗଠନ:** ସେମାନଙ୍କ କୃଷି ବ୍ୟବସ୍ଥା (ଯଥା - ବିବିଧତା, ମୃତ୍ତିକା ସଂରକ୍ଷଣ, ଏବଂ ଜଳ ପରିଚାଳନା) ରେ ନମନୀୟତା ବୃଦ୍ଧି ପାଇଁ କୌଶଳ ସବୁ ଆପଣେଇବାକୁ କୃଷକଙ୍କୁ ସହାୟତା କରିବା।

### ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜଳ ପରିଚାଳନା ଏବଂ ରୋଗ ପୋକ ପରିଚାଳନା ରେ ଉପଦେଶ ଦେବା:

* **ସ୍ଥାନୀୟ କୃଷି ବିଷୟରେ ବୁଝାମଣା:** ସେମାନଙ୍କ ଅଞ୍ଚଳରେ ଥିବା ନିର୍ଦ୍ଦିଷ୍ଟ ମୃତ୍ତିକାର ପ୍ରକାରଭେଦ, ଜଳବାୟୁ ସ୍ଥିତି, ଫସଲ ଏବଂ କୃଷିକାର୍ଯ୍ୟ ଅଭ୍ୟାସ ସହ ପରିଚିତି ନିର୍ଦ୍ଦିଷ୍ଟ ବିଷୟରେ ଉପଦେଶ ଦେବା ପାଇଁ ଅତି ଆବଶ୍ୟକ।
* **ବିଶ୍ଳେଷଣ ଦକ୍ଷତା:** ସୁପାରିସ କରିବା ନିମନ୍ତେ ମୃତ୍ତିକା ପରୀକ୍ଷା ଫଳାଫଳ ଏବଂ ତଥ୍ୟ ବ୍ୟାଖ୍ୟା କରିବା ସାମର୍ଥ୍ୟ ରହିବା ନିତାନ୍ତ ଜରୁରୀ।
* **ନିରନ୍ତରତା ସଚେତନତା:** ପରିବେଶ ସୁରକ୍ଷା, ସମ୍ବଳ ସଂରକ୍ଷଣ, ଏବଂ ମାଟି ଉପରେ ପ୍ରତିକୁଳ ପ୍ରଭାବ ହ୍ରାସ ପାଇଁ ନିରନ୍ତର ମୃତ୍ତିକା ପରିଚାଳନା କୌଶଳ ଉନ୍ନୟନ କରିବା।
* **ବୁଦ୍ଧିମତ୍ତା:** ମିଳୁଥିବା ସମ୍ବଳ ଏବଂ କୃଷକଙ୍କ ବଜେଟ କଟକଣାକୁ ଦୃଷ୍ଟିରେ ରଖି ମୃତ୍ତିକା ସ୍ୱାସ୍ଥ୍ୟ ବିଷୟକ ଆହ୍ୱାନ ନିମିତ୍ତ ଲାଭପ୍ରଦ ଏବଂ ସ୍ଥିତିସ୍ଥାପକ ସମାଧାନ ପନ୍ଥା ନିର୍ଣ୍ଣୟ କରିବା

## ଉତ୍ପାଦନ ଏବଂ ଅମଳ ପରବର୍ତ୍ତୀ ଉପାଦାନ ଏବଂ ତଥ୍ୟ ସଂଗ୍ରହରେ ସହାୟତା:

କୃଷି ସଖୀମାନେ, କୃଷକମାନେ କ୍ଷେତ ପରିଚାଳନା ନିଷ୍ପତି ଗ୍ରହଣ କରିବା ସମୟରେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ସେ ସବୁ ବିଷୟରେ ସଚେତନ ହେବେ ଏବଂ ହୃଦୟଙ୍ଗମ କରିବେ, ଯଦ୍ୱାରା ସେମାନଙ୍କ ନିଷ୍ପତ୍ତି ଏବଂ ଚାଷ ଅଭ୍ୟାସ ସହ ସଂପୃକ୍ତ ବିପଦ କମାଇ ପାରିବେ। ହାଟ-ବେପାର କିପରି ଚାଲେ, ସେ ବିଷୟରେ ଅବଗତ ଥିଲେ ସେମାନେ ସମ୍ମୁଖୀନ ହେବାକୁ ଥିବା ବିପଦର ମୂଳ କାରଣ, କେତେକ ବିଶେଷ ଉତ୍ପାଦନ ବିପଦ, ବେପାରରେ ବିପଦ, ଅର୍ଥନୈତିକ ବିପଦ, ନୀତିନିୟମ ବିପଦ, ଏବଂ ମାନବ ସମ୍ବଳ ବିପଦ ବିଷୟରେ ଜାଣି ପାରିବେ। ଏହିସବୁ ବିପଦକୁ ପ୍ରଭାବିତ କରୁଥିବା କେତେକ ଶକ୍ତି ହେଲା, ଜଳବାୟୁ ପରିବର୍ତ୍ତନ, ବଜାର ମୂଲ୍ୟରେ ଅସ୍ଥିରତା ଏବଂ ବିଶ୍ୱସ୍ତରୀୟ ଅର୍ଥନୈତିକ ବିପଦ।

### ବଜାର ଅନୁଗାମୀ ସମ୍ପ୍ରସାରଣ ଉନ୍ନୟନ କିପରି କରିବା:

* **ତଥ୍ୟ ସଂଗ୍ରହ:** କୃଷି ସଖୀ ପ୍ରକଳ୍ପ ଅଞ୍ଚଳରେ ତଥା ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟ କ'ଣ ସବୁ ଗଢ଼ି ଉଠୁଛି ସେ ବିଷୟରେ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ। ଫସଲ ଢାଞ୍ଚାରେ ପରିବର୍ତନକୁ ଅନୁଧ୍ୟାନ କରିବାରେ ମନୋନିବେଶ କରିବାକୁ ହେବ। କୃଷି ସଖୀମାନେ ମଧ୍ୟ ବଜାର ଚାହିଦା ଏବଂ ଯୋଗାଣ ବିଷୟରେ ଆଗୁଆ ତଥ୍ୟ ସଂଗ୍ରହ କରି ରଖିବା ଆବଶ୍ୟକ, ଯାହା ଫଳରେ ସେମାନେ ଉତ୍ତମ ଭାବରେ କୃଷକମାନଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତି ପ୍ରସ୍ତାବ ଆକଳନ ଏବଂ ସହାୟତା କରିବା ପାଇଁ ସମର୍ଥ ହୋଇପାରିବେ ।

* **ତଥ୍ୟ ବିସ୍ତରଣ :** ସମ୍ପ୍ରସାରଣ କର୍ମୀଙ୍କ ଦ୍ୱାରା ସଂଗୃହିତ ବଜାର ତଥ୍ୟ କୃଷକଙ୍କ ମଧ୍ୟରେ ବଣ୍ଟନ କରିବା, ଯାହାଫଳରେ ସେମାନେ ଉତ୍ତମ ପରିଚାଳନା ନିଷ୍ପତ୍ତି ନେଇପାରିବେ। ଯୋଗାଣ ଯେତେବେଳେ ଚାହିଦା ଠାରୁ ଅଧିକ ହୁଏ ସେହି କୃଷକମାନେ ପାଉଥିବା ମୂଲ୍ୟରେ ହ୍ରାସ ଦେଖାଦିଏ। ଏହି ଧାରାକୁ ବୁଝିପାରିଥିବା ଜଣେ କୃଷି ସଖୀ କୃଷକମାନଙ୍କୁ ଆଗାମୀ ବର୍ଷପାଇଁ ଆପଦ ଥିବା କେତେକ ଫସଲ ବିଷୟରେ ଉପଦେଶ ଦେଇପାରିବେ, ଯାହାଫଳରେ ସେମାନେ କମ୍ ବଜାର ମୂଲ୍ୟରୁ ନିଜକୁ ରକ୍ଷା କରିପାରିବେ।

* **ମୂଲ୍ୟ ଶୃଙ୍ଖଳର ସମସ୍ତ ସୋପାନ ବିଷୟରେ ଦକ୍ଷତା ଅର୍ଜନ:**

  କୃଷକମାନେ ବଜାର ପାଇଁ ଫସଲ ଚାଷ କରି ଥାଆନ୍ତି ଯାହା ଅନେକ ପଥ ଦେଇ ବଜାର ସହ ସଂଯୁକ୍ତ ହୋଇଥାଏ, ଯାହା ନିଜ କ୍ଷେତଠାରୁ ବହୁ ଦୂରରେ, ଏପରିକି ଅନ୍ୟ ଏକ ମହାଦେଶ ରହୁଥିବା ଲୋକମାନଙ୍କ ନିକଟରେ ପହଞ୍ଚିଥାଏ। ତେଣୁ ଖାଦ୍ୟ ଯୋଗାଣ ବ୍ୟବସ୍ଥାର ପ୍ରତିଟି ଅଂଶକୁ ଭଲ ଭାବେ ବୁଝିବା ଆବଶ୍ୟକ।

**ଉପାଦାନ ଯୋଗାଣ:**

ବିହନ, ରୋଗ ପୋକ ନାଶକ ଭଳି ଅନେକ ନୂଆ ଉପାଦାନ ବୃଦ୍ଧି ପାଇବାରେ ଲାଗିଛି। କେଉଁ ଉପାଦାନଟି ସର୍ବୋତ୍ତମ, ସେ ବିଷୟରେ ଅବଗତ ହେବାସହ ସମ୍ପ୍ରସାରଣ ସେବା ଯୋଗାଉଥିବା ବ୍ୟକ୍ତି ମୂଲ୍ୟର ପ୍ରଭାବ ବିଷୟରେ ଅବଗତ ହେବା ଉଚିତ୍ ଏବଂ ଗୁଣ-ମାନରେ ଉନ୍ନତି ଆଣିବା ପାଇଁ କୃଷକ ଏବଂ ଉପାଦାନ ଯୋଗାଣକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ।

* **ବ୍ୟବହାରିକ ଜ୍ଞାନ କୌଶଳ ହସ୍ତାନ୍ତରଣ ନିଷ୍ପତ୍ତି:**

  କୃଷିସଖୀ ମଧ୍ୟ ଅର୍ଥ ବିନିଯୋଗ କରୁଥିବା କୃଷକଙ୍କପାଇଁ ଜଣେ ତଥ୍ୟର ଉତ୍ସ ଏବଂ ନୀଷ୍ପକ୍ଷ ଡେଙ୍ଗୁରା ହେଇ ପାରିବେ।

**କୃଷକ ଉଦ୍ୟୋଗୀକରଣ ପାଇଁ ସହାୟତା ପ୍ରଦାନ:**

ଏଥିପାଇଁ କୃଷକମାନେ ସେମାନଙ୍କର ଏକ ଉତ୍ପାଦକ ଗୋଷ୍ଠୀ କିମ୍ୱା ସମବାୟ ସଂସ୍ଥା ଗଠନ କରିବା ଆବଶ୍ୟକ। ସମ ଜାତୀୟ ଗୋଷ୍ଠୀ କ୍ଷୁଦ୍ର କୃଷକଙ୍କ ମଧ୍ୟରେ ସାମର୍ଥ୍ୟ ସୃଷ୍ଟି କରିବାରେ ସହାୟତା କରି ପାରିବେ, ଯେଉଁମାନେ ଏହାପରେ ସେମାନେ ସେମାନଙ୍କର ନିଜ ସ୍ଥାନ ବା ସ୍ଥିତି ଦାବି କରିବା ନିମନ୍ତେ ବିଭିନ୍ନ ଉପାୟ (ଯଥା- କୌଣସି ପକ୍ଷ ସମର୍ଥନ ଅବା ଲବି) ଅବଲମ୍ୱନ କରି ପାରିବେ।

**କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିବା ସାମର୍ଥ୍ୟ:**

ସଫଳ ଭାବେ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିପାରିବା ସାମର୍ଥ୍ୟ ଜଣେ ସଫଳ କୃଷି ସମ୍ପ୍ରସାରଣ ବୃତ୍ତିଧାରୀ ହେବା ପାଇଁ ପ୍ରାଥମିକ ଦୃଷ୍ଟିକୋଣ ଅଟେ। ସମ୍ପ୍ରସାରଣ ବୃତ୍ତିଧାରୀମାନେ କୃଷକମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନ ହାର ବୃଦ୍ଧି ଏବଂ ନିରନ୍ତରତା ପାଇଁ ନୂତନ କୌଶଳ, ବ୍ୟବହାରିକ ଜ୍ଞାନ ଏବଂ ଜ୍ଞାନ ଆପଣେଇବାକୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଆନ୍ତି। ଏଠାରେ ଫଳପ୍ରଦ ଭାବରେ କୃଷକଙ୍କୁ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର ନିମିତ୍ତ କେତେକ ପ୍ରମୁଖ କୌଶଳ ଏବଂ ନୀତିର ଅବତାରଣା କରାଯାଇଛି;

**କ। ଫଳପ୍ରଦ ଯୋଗାଯୋଗ:**

ଏକ ନିରାପଦ ଏବଂ ସରଳ ଭାଷା ବ୍ୟବହାର କରିବା ଯାହା ଇପ୍ସିତ ଶ୍ରୋତୃ ମଣ୍ଡଳୀ ସହଜରେ ବୁଝି ପାରୁଥିବେ।

* କୃଷକଙ୍କ ସାଂସ୍କୃତିକ ପ୍ରଚ୍ଛଦପଟ ଏବଂ ଶିକ୍ଷାଗତ ସ୍ତରକୁ ଦୃଷ୍ଟିରେ ରଖି ନିଜ ଯୋଗାଯୋଗ ଢଙ୍ଗ ଉପଯୋଗ କରନ୍ତୁ।
* କୃଷକମାନଙ୍କ ପ୍ରଶ୍ନ ଏବଂ ସମସ୍ୟାକୁ ଧ୍ୟାନର ସହ ଶୁଣନ୍ତୁ ଏବଂ ସେହି ଅନୁସାରେ ନିଜର ଯୋଗାଯୋଗ ସୀମିତ ରଖନ୍ତୁ।

**ଖ। ପ୍ରଦର୍ଶନ:**

* କୃଷକମାନେ କିପରି ନୂଆ ଟେକ୍ନିକ୍ କାମରେ ଲଗାଇବେ ବା ନୂଆ ଯନ୍ତ୍ରପାତି ବ୍ୟବହାର କରିବେ ସେସବୁ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ଦେଖାନ୍ତୁ।
* ଶିକ୍ଷାଦାନକୁ ଅଧିକ ଶିକ୍ଷଣୀୟ ଏବଂ ସ୍ମରଣୀୟ କରିବା ପାଇଁ ଶିକ୍ଷଣୀୟ ଭିଡିଓ ବା ଚଳଚ୍ଚିତ୍ର, ମଡ଼େଲ, ଅବା ବ୍ୟବହାରିକ କାର୍ଯ୍ୟର ସାହାଯ୍ୟ ନେବେ

**ଗ। ଭାଗିଦାରୀ ଅଧ୍ୟୟନ:**

* ଶିକ୍ଷଣ ପ୍ରକ୍ରିୟାରେ କୃଷକମାନଙ୍କ କ୍ରିୟାଶୀଳ ଅଂଶଗ୍ରହଣ ଏବଂ ସଂପୃକ୍ତିକୁ ଉତ୍ସାହିତ କରନ୍ତୁ।
* ପରସ୍ପର ଶିକ୍ଷଣ ଏବଂ ଗୋଷ୍ଠି ଆଲୋଚନାକୁ ପ୍ରଶ୍ରୟ ଦିଆଯିବ।

**ଘ। ମତାମତ ଏବଂ ମୂଲ୍ୟ ନିରୂପଣ:**

* କୃଷକମାନଙ୍କ ମତାମତ ଲଗାତାର ନିଅନ୍ତୁ। ଏହାଦ୍ୱାରା ସେମାନଙ୍କର ବୁଝିବାସ୍ତର ଏବଂ ପ୍ରଗତି ମାପିହେବ।
* ମତାମତକୁ ସମ୍ମାନ ଦେଇ ଆବଶ୍ୟକତା ଅନୁସାରେ ନିଜର ଶିକ୍ଷାଦାନ ପଦ୍ଧତି ଏବଂ ବିଷୟବସ୍ତୁକୁ ନିୟନ୍ତ୍ରଣ କରନ୍ତୁ।

**ଚ। ସମୟ ପରିଚାଳନା:**

* ତାଲିମ ଅଧିବେଶନରେ ସେମାନଙ୍କ ବ୍ୟସ୍ତ ସୂଚୀକୁ ସମ୍ମାନ ଦେଇ କୃଷକଙ୍କ ସମୟକୁ ଫଳପ୍ରଦ ଭାବେ ବ୍ୟବହାର କରନ୍ତୁ।
* କୃଷକମାନଙ୍କ କାର୍ଯ୍ୟରେ ସର୍ବନିମ୍ନ ବାଧା ଆଣି ଯୋଜନା କରନ୍ତୁ ଓ ତାଲିମ ପ୍ରସ୍ତୁତି ଆରମ୍ଭ କରନ୍ତୁ।

## କୃଷକ ଉଦ୍ୟୋଗୀକରଣ ପାଇଁ ସହାୟତା ପ୍ରଦାନ:

ଏଥିପାଇଁ କୃଷକମାନେ ସେମାନଙ୍କର ଏକ ଉତ୍ପାଦକ ଗୋଷ୍ଠୀ କିମ୍ବା ସମବାୟ ସଂସ୍ଥା ଗଠନ କରିବା ଆବଶ୍ୟକ। ସମ ଜାତୀୟ ଗୋଷ୍ଠୀ କ୍ଷୁଦ୍ର କୃଷକଙ୍କ ମଧ୍ୟରେ ସାମର୍ଥ୍ୟ ସୃଷ୍ଟି କରିବାରେ ସହାୟତା କରିପାରିବେ, ଯେଉଁମାନେ ଏହାପରେ ସେମାନେ ସେମାନଙ୍କର ନିଜ ସ୍ଥାନ ବା ସ୍ଥିତି ଦାବି କରିବା ନିମନ୍ତେ ବିଭିନ୍ନ ଉପାୟ (ଯଥା କୌଣସି ପକ୍ଷ ସମର୍ଥନ ଅବା ଲବି) ଅବଲମ୍ବନ କରି ପାରିବେ।

## କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିବା ସାମର୍ଥ୍ୟ:

ସଫଳ ଭାବେ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିପାରିବା ସାମର୍ଥ୍ୟ ଜଣେ ସଫଳ କୃଷି ସମ୍ପ୍ରସାରଣ ବୃତ୍ତିଧାରୀ ହେବା ପାଇଁ ପ୍ରାଥମିକ ଦୃଷ୍ଟିକୋଣ ଅଟେ। ସମ୍ପ୍ରସାରଣ ବୃତ୍ତିଧାରୀମାନେ କୃଷକମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନ ହାର ବୃଦ୍ଧି ଏବଂ ନିରନ୍ତରତା ପାଇଁ ନୂତନ କୌଶଳ, ବ୍ୟବହାରିକ ଜ୍ଞାନ ଏବଂ ଜ୍ଞାନ ଆପଣେଇବାକୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଆନ୍ତି। ଏଠାରେ ଫଳପ୍ରଦ ଭାବରେ କୃଷକଙ୍କୁ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର ନିମିତ୍ତ କେତେକ ପ୍ରମୁଖ କୌଶଳ ଏବଂ ନୀତିର ଅବତାରଣା କରାଯାଇଛି;

**କ। ଫଳପ୍ରଦ ଯୋଗାଯୋଗ:**

ଏକ ନିରାପଦ ଏବଂ ସରଳ ଭାଷା ବ୍ୟବହାର କରିବା ଯାହା ଇପ୍ସିତ ଶ୍ରୋତୃ ମଣ୍ଡଳୀ ସହଜରେ ବୁଝି ପାରୁଥିବେ।

* କୃଷକଙ୍କ ସାଂସ୍କୃତିକ ପ୍ରଚ୍ଛଦପଟ ଏବଂ ଶିକ୍ଷାଗତ ସ୍ତରକୁ ଦୃଷ୍ଟିରେ ରଖି ନିଜ ଯୋଗାଯୋଗ ଢଙ୍ଗ ଉପଯୋଗ କରନ୍ତୁ।
* କୃଷକମାନଙ୍କ ପ୍ରଶ୍ନ ଏବଂ ସମସ୍ୟାକୁ ଧ୍ୟାନର ସହ ଶୁଣନ୍ତୁ ଏବଂ ସେହି ଅନୁସାରେ ନିଜର ଯୋଗାଯୋଗ ସୀମିତ ରଖନ୍ତୁ।

**ଖ। ପ୍ରଦର୍ଶନ:**

* କୃଷକମାନେ କିପରି ନୂଆ ପ୍ରଣାଳୀ କାମରେ ଲଗାଇବେ ବା ନୂଆ ଯନ୍ତ୍ରପାତି ବ୍ୟବହାର କରିବେ ସେସବୁ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ଦେଖାନ୍ତୁ।
* ଶିକ୍ଷାଦାନକୁ ଅଧିକ ଶିକ୍ଷଣୀୟ ଏବଂ ସ୍ମରଣୀୟ କରିବା ପାଇଁ ଶିକ୍ଷଣୀୟ ଭିଡିଓ ବା ଚଳଚ୍ଚିତ୍ର, ମଡେଲ, ଅବା ବ୍ୟବହାରିକ କାର୍ଯ୍ୟର ସାହାଯ୍ୟ ନେବେ

**ଗ। ଭାଗିଦାରୀ ଅଧ୍ୟୟନ:**

* ଶିକ୍ଷଣ ପ୍ରକ୍ରିୟାରେ କୃଷକ ମାନଙ୍କ କ୍ରିୟାଶୀଳ ଅଂଶଗ୍ରହଣ ଏବଂ ସଂପୃକ୍ତିକୁ ଉତ୍ସାହିତ କରନ୍ତୁ।
* ପରସ୍ପର ଶିକ୍ଷଣ ଏବଂ ଗୋଷ୍ଠି ଆଲୋଚନାକୁ ପ୍ରଶ୍ରୟ ଦିଆଯିବ

**ଘ। ମତାମତ ଏବଂ ମୂଲ୍ୟ ନିରୂପଣ:**

* କୃଷକମାନଙ୍କ ମତାମତ ଲଗାତାର ନିଅନ୍ତୁ। ଏହାଦ୍ୱାରା ସେମାନଙ୍କର ବୁଝିବାସ୍ତର ଏବଂ ପ୍ରଗତି ମାପି ହେବ।
* ମତାମତକୁ ସମ୍ମାନ ଦେଇ ଆବଶ୍ୟକତା ଅନୁସାରେ ନିଜର ଶିକ୍ଷାଦାନ ପଦ୍ଧତି ଏବଂ ବିଷୟବସ୍ତୁକୁ ନିୟନ୍ତ୍ରଣ କରନ୍ତୁ।

**ଚ। ସମୟ ପରିଚାଳନା:**

* ତାଲିମ ଅଧିବେଶନରେ ସେମାନଙ୍କ ବ୍ୟସ୍ତ ସୂଚୀକୁ ସମ୍ମାନଦେଇ କୃଷକଙ୍କ ସମୟକୁ ଫଳପ୍ରଦ ଭାବେ ବ୍ୟବହାର କରନ୍ତୁ।
* କୃଷକମାନଙ୍କ କାର୍ଯ୍ୟରେ ସର୍ବନିମ୍ନ ବାଧା ଆଣି ଯୋଜନା କରନ୍ତୁ ଓ ତାଲିମ ପ୍ରସ୍ତୁତି ଆରମ୍ଭ କରନ୍ତୁ।

## କୃଷକ ଉଦ୍ୟୋଗୀକରଣ ପାଇଁ ସହାୟତା ପ୍ରଦାନ:

ଏଥିପାଇଁ କୃଷକମାନେ ସେମାନଙ୍କର ଏକ ଉତ୍ପାଦକ ଗୋଷ୍ଠୀ କିମ୍ୱା ସମବାୟ ସଂସ୍ଥା ଗଠନ କରିବା ଆବଶ୍ୟକ। ସମ ଜାତୀୟ ଗୋଷ୍ଠୀ କ୍ଷୁଦ୍ର କୃଷକଙ୍କ ମଧ୍ୟରେ ସାମର୍ଥ୍ୟ ସୃଷ୍ଟି କରିବାରେ ସହାୟତା କରି ପାରିବେ, ଯେଉଁମାନେ ଏହାପରେ ସେମାନେ ସେମାନଙ୍କର ନିଜ ସ୍ଥାନ ବା ସ୍ଥିତି ଦାବି କରିବା ନିମନ୍ତେ ବିଭିନ୍ନ ଉପାୟ (ଯଥା କୌଣସି ପକ୍ଷ ସମର୍ଥନ ଅବା ଲବି ) ଅବଲମ୍ୱନ କରି ପାରିବେ।

## କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିବା ସାମର୍ଥ୍ୟ:

ସଫଳ ଭାବେ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର କରିପାରିବା ସାମର୍ଥ୍ୟ ଜଣେ ସଫଳ କୃଷି ସମ୍ପ୍ରସାରଣ ବୃତ୍ତି ଧାରୀ ହେବା ପାଇଁ ପ୍ରାଥମିକ ଦୃଷ୍ଟିକୋଣ ଅଟେ। ସମ୍ପ୍ରସାରଣ ବୃତ୍ତିଧାରୀମାନେ କୃଷକମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନ ହାର ବୃଦ୍ଧି ଏବଂ ନିରନ୍ତରତା ପାଇଁ ନୂତନ କୌଶଳ, ବ୍ୟବହାରିକ ଜ୍ଞାନ ଏବଂ ଜ୍ଞାନ ଆପଣେଇବାକୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଆନ୍ତି। ଏଠାରେ ଫଳପ୍ରଦ ଭାବରେ କୃଷକଙ୍କୁ କୌଶଳ ଏବଂ ଜ୍ଞାନ ହସ୍ତାନ୍ତର ନିମିତ୍ତ କେତେକ ପ୍ରମୁଖ କୌଶଳ ଏବଂ ନୀତିର ଅବତାରଣା କରାଯାଇଛି।

## କ। ଫଳପ୍ରଦ ଯୋଗାଯୋଗ:

ଏକ ନିରାପଦ ଏବଂ ସରଳ ଭାଷା ବ୍ୟବହାର କରିବା ଯାହା ଇପ୍ସିତ ଶ୍ରୋତୃ ମଣ୍ଡଳୀ ସହଜରେ ବୁଝି ପାରୁଥିବେ।

* କୃଷକଙ୍କ ସାଂସ୍କୃତିକ ପ୍ରଚ୍ଛଦପଟ ଏବଂ ଶିକ୍ଷାଗତ ସ୍ତରକୁ ଦୃଷ୍ଟିରେ ରଖି ନିଜ ଯୋଗାଯୋଗ ଢଙ୍ଗ ଉପଯୋଗ କରନ୍ତୁ।
* କୃଷକମାନଙ୍କ ପ୍ରଶ୍ନ ଏବଂ ସମସ୍ୟାକୁ ଧ୍ୟାନର ସହ ଶୁଣନ୍ତୁ ଏବଂ ସେହି ଅନୁସାରେ ନିଜର ଯୋଗାଯୋଗ ସୀମିତ ରଖନ୍ତୁ।

## ଖ। ପ୍ରଦର୍ଶନ:

* କୃଷକମାନେ କିପରି ନୂଆ ଟେକ୍ନିକ୍ କାମରେ ଲଗାଇବେ ବା ନୂଆ ଯନ୍ତ୍ରପାତି ବ୍ୟବହାର କରିବେ ସେସବୁ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ଦେଖାନ୍ତୁ।
* ଶିକ୍ଷାଦାନକୁ ଅଧିକ ଶିକ୍ଷଣୀୟ ଏବଂ ସ୍ମରଣୀୟ କରିବା ପାଇଁ ଶିକ୍ଷଣୀୟ ଭିଡିଓ ବା ଚଳଚ୍ଚିତ୍ର, ମଡେଲ, ଅବା ବ୍ୟବହାରିକ କାର୍ଯ୍ୟର ସାହାଯ୍ୟ ନେବେ।

## ଗ। ଭାଗିଦାରୀ ଅଧ୍ୟୟନ:

* ଶିକ୍ଷଣ ପ୍ରକ୍ରିୟାରେ କୃଷକମାନଙ୍କ କ୍ରିୟାଶୀଳ ଅଂଶଗ୍ରହଣ ଏବଂ ସଂପୃକ୍ତିକୁ ଉତ୍ସାହିତ କରନ୍ତୁ।
* ପରସ୍ପର ଶିକ୍ଷଣ ଏବଂ ଗୋଷ୍ଠି ଆଲୋଚନାକୁ ପ୍ରଶ୍ରୟ ଦିଆଯିବ।

## ଘ। ମତାମତ ଏବଂ ମୂଲ୍ୟ ନିରୂପଣ:

* କୃଷକ ମାନଙ୍କ ମତାମତ ଲଗାତାର ନିଅନ୍ତୁ। ଏହାଦ୍ୱାରା ସେମାନଙ୍କର ବୁଝିବା ସ୍ତର ଏବଂ ପ୍ରଗତି ମାପି ହେବ।
* ମତାମତକୁ ସମ୍ମାନ ଦେଇ ଆବଶ୍ୟକତା ଅନୁସାରେ ନିଜର ଶିକ୍ଷାଦାନ ପଦ୍ଧତି ଏବଂ ବିଷୟବସ୍ତୁକୁ ନିୟନ୍ତ୍ରଣ କରନ୍ତୁ।

## ଚ। ସମୟ ପରିଚାଳନା:

* ତାଲିମ ଅଧିବେଶନରେ ସେମାନଙ୍କ ବ୍ୟସ୍ତ ସୂଚୀକୁ ସମ୍ମାନଦେଇ କୃଷକଙ୍କ ସମୟକୁ ଫଳପ୍ରଦ ଭାବେ ବ୍ୟବହାର କରନ୍ତୁ।
* କୃଷକମାନଙ୍କ କାର୍ଯ୍ୟରେ ସର୍ବନିମ୍ନ ବାଧାଆଣି ଯୋଜନା କରନ୍ତୁ ଓ ତାଲିମ ପ୍ରସ୍ତୁତି ଆରମ୍ଭ କରନ୍ତୁ।

## ଛ। ସଶକ୍ତି କରଣ:

* କୃଷକ ମାନେ ଚାଷ କାମରେ ସେମାନଙ୍କ ଶିକ୍ଷା ଏବଂ ସିଦ୍ଧାନ୍ତ ନେବାର ମାଲିକ ହେବା ପାଇଁ ସେମାନଙ୍କୁ ସଶକ୍ତ କରିବା।
* ନୂଆ କୌଶଳ ସବୁ କାମରେ ଲଗାଇବାକୁ ଲକ୍ଷ୍ୟ ସ୍ଥିର କରିବା ଏବଂ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତି ପାଇଁ ସେମାନଙ୍କୁ ଉତ୍ସାହିତ କରିବା

## ଜ। ପରବର୍ତ୍ତୀ କାର୍ଯ୍ୟ ଏବଂ ସହାୟତା:

* କୃଷକମାନେ ଶିଖିଥିବା କଥା ସବୁ ସଫଳ ଭାବେ ପ୍ରୟୋଗ କରୁଥିବା ବିଷୟରେ ନିଶ୍ଚିତ ହେବା ପାଇଁ ପ୍ରଚଳିତ ସହାୟତା ଯୋଗାଇ ଦିଅନ୍ତୁ ଏବଂ ଯୋଜନା ପର ପରିଦର୍ଶନ କରନ୍ତୁ।
* ଗ୍ରହଣ କରିବା ପ୍ରକ୍ରିୟାରେ ଯେ କୌଣସି ସମସ୍ୟା କିମ୍ୱା ବାଧା ଆସୁଥିଲେ ସେ ସବୁର ସମାଧାନ କରନ୍ତୁ।

## ୫ । ରେକର୍ଡ ରଖିବା:

* କୃଷକ ମାନେ ସେମାନଙ୍କ ଚାଷ କାମ, ଯଥା- ଉପାଦାନ, ଅମଳ ଏବଂ ଖର୍ଚ୍ଚ ଆଦିର ରେକର୍ଡ ରଖିବାର ଆବଶ୍ୟକତା ବିଷୟରେ ସେମାନଙ୍କୁ ଶିଖାନ୍ତୁ ।
* ସେମାନଙ୍କୁ ସାଧ ଏବଂ ପ୍ରୟୋଜନୀୟ ରେକର୍ଡ ରଖିବା ବ୍ୟବସ୍ଥା ଉନ୍ନୟନ କରିବା ପାଇଁ ସହାୟତା ପ୍ରଦାନ କରନ୍ତୁ ।

## ଟ । ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ଚଳିବାର କ୍ଷମତା:

* ବିଭିନ୍ନ କୃଷକଙ୍କ ଭିନ୍ନ ଭିନ୍ନ ଶିକ୍ଷା ଗ୍ରହଣ ଢଙ୍ଗ ଏବଂ ପସନ୍ଦକୁ ନେଇ ଆପଣଙ୍କ ଶିକ୍ଷାଦାନ ପଦ୍ଧତିରେ ପାରିପାର୍ଶ୍ୱିକ ଅବସ୍ଥିତିକୁ ଅନୁଧ୍ୟାନ କରିବା ଶିଖନ୍ତୁ ।
* ପ୍ରାସଙ୍ଗିକ ତଥ୍ୟ ଯୋଗାଇଦେବା ପାଇଁ ସର୍ବ ନୂତନ କୃଷି ଅଭ୍ୟାସ ଏବଂ ବ୍ୟବହାରିକ ଜ୍ଞାନ-କୌଶଳକୁ ଜାଣନ୍ତୁ ।

## ଠ । ସାଂସ୍କୃତିକ ସୁକ୍ଷ୍ମାନୁଭବତା:

* ନୂଆ ଅଭ୍ୟାସ ତଥା ବ୍ୟବହାରିକ ଜ୍ଞାନ-କୌଶଳ ପ୍ରବର୍ତ୍ତନ ସମୟରେ ପ୍ରଚଳିତ ସାଂସ୍କୃତିକ ନୀତିନିୟମ ତଥା ପ୍ରଥାଗୁଡ଼ିକୁ ସମ୍ମାନ ଦିଅନ୍ତୁ ।
* ଶିକ୍ଷା ପ୍ରତି ଭରସା ଏବଂ ଗ୍ରହଣୀୟତା ନିମିତ୍ତ ସ୍ଥାନୀୟ ଲୋକସମୂହଙ୍କ ନେତା ଏବଂ ବୟସ୍କଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ

## ସ୍ୱୟଂ ସହାୟକ ଗୋଷ୍ଠୀ (ଏସ.ଏଚ.ଜି)ଙ୍କ ପାଇଁ ଫଳପ୍ରଦ ଏବଂ ଲାଭଦାୟକ ସଭା ଆୟୋଜନ ନିମିତ୍ତ ପଦକ୍ଷେପ:

* ଅଭିପ୍ରାୟ ସ୍ଥିର କରନ୍ତୁ: ସଭାରେ ଆଲୋଚନା ପାଇଁ ସ୍ପଷ୍ଟ ଭାବରେ ସଭାର ଉଦ୍ଦେଶ୍ୟ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ କିମ୍ବା ନିଷ୍ପତ୍ତି ଜଣାନ୍ତୁ ।
* ସଭାରେ ଆଲୋଚନା ହେବାକୁ ଥିବା ବିଷୟବସ୍ତୁର ଗୋଟିଏ ଲିଷ୍ଟ ପ୍ରସ୍ତୁତ କରନ୍ତୁ: ଏହି ଲିଷ୍ଟରେ ସଭାର ନାମ, ତାରିଖ, ସମୟ, ସ୍ଥାନ, ଆଲୋଚ୍ୟ ବିଷୟ ଏବଂ ଅଂଶ ଗ୍ରହଣକାରୀଙ୍କ ଭୂମିକା ଆଦି ରହିବ ।
* ଅଂଶ ଗ୍ରହଣକାରୀଙ୍କ ଉପରେ ନିଷ୍ପତ୍ତି ନିଅନ୍ତୁ: ସଭାରେ କେଉଁମାନେ ଅଂଶ ଗ୍ରହଣ କରିବେ, ତାହା ଆଲୋଚନା ହେବାକୁ ଥିବା ବିଷୟବସ୍ତୁ ସହ ସେମାନଙ୍କ ସଂପର୍କ ଏବଂ ଆଲୋଚନା କିପରି ସେମାନଙ୍କୁ ସହାୟତା ଦେବ, ତାହାକୁ ଦୃଷ୍ଟିରେ ରଖି ସ୍ଥିର କରନ୍ତୁ ।
* **ସମସ୍ତଙ୍କୁ ଦାୟିତ୍ୱ ଓ କର୍ତ୍ତବ୍ୟ ବଣ୍ଟନ କରନ୍ତୁ:** ସଭା ସୁରୁଖୁରୁରେ ଚାଲିବା ପାଇଁ ପ୍ରତ୍ୟେକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଅନ୍ତୁ । ଦାୟିତ୍ୱ ମଧ୍ୟରେ ଜଣେ ନେତା (ବିଶେଷକରି ଆଗୁଆ କୃଷକ), ଜଣେ ସାହାଯ୍ୟକାରୀ, ବିଷୟବସ୍ତୁ ଲିପିବଦ୍ଧ କରିବା ପାଇଁ ଜଣେ ରେକର୍ଡ ରକ୍ଷକ, କାର୍ଯ୍ୟକ୍ରମ ପରିଚାଳନା ପାଇଁ ଜଣେ ସମୟ ରକ୍ଷକ ଏବଂ ଆବଶ୍ୟକ ଥିଲେ ଆତ୍ମାରୁ ଆମନ୍ତ୍ରିତ ବିଷୟବସ୍ତୁ ବିଶେଷଜ୍ଞ ।
* **ସ୍ଥାନ ଏବଂ ସମୟ ନିର୍ଣ୍ଣୟ କରନ୍ତୁ:** ଏକ ଉପଯୁକ୍ତ ସ୍ଥାନ ନିରୂପଣ କରନ୍ତୁ ଯେଉଁଠାରେ ସମସ୍ତ ଅଂଶ ଗ୍ରହଣକାରୀ ସୁବିଧାରେ ବସି ପାରିବେ ଏବଂ ଦରକାର ଥିଲେ ଆବଶ୍ୟକୀୟ ଦର୍ଶନୀୟ ଉପକରଣ ରହିଥିବ । ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କ ସୁବିଧା ଅନୁଯାୟୀ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ ।
* **ଆଗତୁରା ଉପାଦାନ ଗୁଡ଼ିକ ବଣ୍ଟନ କରନ୍ତୁ:** ସଭ୍ୟମାନଙ୍କ ନିକଟକୁ ସଭାର କିଛି ଦିନ ପୂର୍ବରୁ ସଭାରେ ଆଲୋଚ୍ୟ ବିଷୟବସ୍ତୁ ଏବଂ ଅନ୍ୟ ସମ୍ବନ୍ଧୀୟ କାଗଜାତ ପ୍ରେରଣ କରନ୍ତୁ, ଯାହାଦ୍ୱାରା ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ହୋଇ ଆସିବେ ।
* **ସଭା ପରିଚାଳନା କରନ୍ତୁ:** ସ୍ଥିରୀକୃତ ବିଷୟବସ୍ତୁ ଅନୁଯାୟୀ ଏବଂ ସଭା ପରିଚାଳନା କରନ୍ତୁ ଏବଂ ଫଳପ୍ରଦ ଆଲୋଚନା କରନ୍ତୁ । ସମସ୍ତ ବିଷୟରେ ଆଲୋଚନା ଏବଂ ଦରକାର ଥିଲେ ସିଦ୍ଧାନ୍ତ ନେବା ନିଶ୍ଚିତ କରନ୍ତୁ । ସମସ୍ତ ସଭ୍ୟ ମନଦେଇ ଅଂଶ ଗ୍ରହଣକୁ ଉତ୍ସାହିତ କରନ୍ତୁ ।
* **ମତାମତ ସଂଗ୍ରହ କରନ୍ତୁ:** ସଭା ଶେଷରେ ଅଂଶ ଗ୍ରହଣକାରୀଙ୍କ ଠାରୁ ସଭାର ସଫଳତା ଆକଳନ କରିବା ଏବଂ ଉନ୍ନୟନ କ୍ଷେତ୍ରଗୁଡ଼ିକ ଚିହ୍ନଟ କରିବା ପାଇଁ ମତାମତ ସଂଗ୍ରହ କରନ୍ତୁ ।

ଏହି ପଦକ୍ଷେପଗୁଡ଼ିକ ଅନୁକରଣ କଲେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉତ୍ତମ ଢାଞ୍ଚାର ଏବଂ ଫଳପ୍ରଦ ସଭାମାନ ଆୟୋଜନ କରିପାରିବେ ଯାହା ସଂଯୋଜନା, ନିଷ୍ପତ୍ତି ଗ୍ରହଣ, ଏବଂ ପ୍ରାକୃତିକ କୃଷି ଦିଗରେ ସେମାନଙ୍କ ଅଭିପ୍ରାୟକୁ ଆଗକୁ ବଢ଼ିବାରେ ସହଯୋଗ କରିବ ।

## ସାମାଜିକ ନ୍ୟାୟ ପ୍ରତିବଦ୍ଧତା:

କୃଷି ସମ୍ପ୍ରସାରଣ ବୃତ୍ତିଧାରୀଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରତିବଦ୍ଧତା ଭିତରେ ଆସିବ - କୃଷି ଏବଂ ଗ୍ରାମୀଣ ଉନ୍ନୟନ କ୍ଷେତ୍ରରେ ସାମାଜିକ ନ୍ୟାୟ ନୀତିନିୟମ କାର୍ଯ୍ୟକାରିତା । କୃଷି ସମ୍ପ୍ରସାରଣ ବୃତ୍ତିଧାରୀମାନେ କୃଷକ ଏବଂ ଗ୍ରାମୀଣ ଲୋକଙ୍କୁ ସହାୟତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି ଏବଂ ସେମାନେ କୃଷି କ୍ଷେତରେ ଅଧିକ ମାତ୍ରାରେ ସମାନତା ଏବଂ ନ୍ୟାୟ ଦେଇ ପାରିବେ । ସେମାନେ କିପରି ଭାବରେ ସାମାଜିକ ନ୍ୟାୟ ପ୍ରତିବଦ୍ଧତା ଦେଖାଇ ପାରିବେ ସେ ବିଷୟରେ ନିମ୍ନରେ କେତେକ ଉଦାହରଣ ଦିଆଯାଇଛି-

* **ସମାନ ତଥ୍ୟ ମିଳିବା:** ନିଶ୍ଚିତ କରନ୍ତୁ ଯେ ଆର୍ଥିକ ସ୍ଥିତି, ଲିଙ୍ଗ, ଜାତିଗତ, ଅବା ବାସସ୍ଥାନ ନିର୍ବିଶେଷରେ ସମସ୍ତ କୃଷକ କୃଷି ବିଷୟକ, ତାଲିମ ଏବଂ ସମ୍ବଳ ବିଷୟରେ ସମାନ ଭାବରେ ତଥ୍ୟ ପାଇପାରିବେ । ସମାଜର ନିମ୍ନବର୍ଗର ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ସମଷ୍ଟିଗତ ଯୋଗାଯୋଗ କୌଶଳ ପ୍ରୟୋଗ କରନ୍ତୁ ।
* **ବୈଷମ୍ୟ ଅନୁଧ୍ୟାନ:** ଜମି, ଋଣ, ଉପାଦାନ, ଏବଂ ବଜାର ଭଳି କୃଷି ସମ୍ବଳ ପାଇବାରେ ବୈଷମ୍ୟ ସବୁକୁ ଅନୁଧ୍ୟାନ କରିବା ପାଇଁ ସେଗୁଡ଼ିକୁ ଭଲଭାବେ ଚିହ୍ନଟ କରନ୍ତୁ ଏବଂ ମନଯୋଗ ସହ କାର୍ଯ୍ୟକରନ୍ତୁ ।
* **ସଶକ୍ତ କରଣ ଏବଂ ଅଂଶଗ୍ରହଣ:** ସମାଜର ନିମ୍ନବର୍ଗର ଏବଂ କମ୍ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀଗୁଡ଼ିକୁ କୃଷି ଏବଂ ଗ୍ରାମୀଣ ଉନ୍ନୟନ ସମ୍ପର୍କିତ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରନ୍ତୁ ।
* **ଲିଙ୍ଗଗତ ସମାନତା:** ମହିଳା କୃଷକଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ, ଲିଙ୍ଗଗତ ସମସ୍ୟାକୁ ଅନୁଧ୍ୟାନ କରି ଏବଂ ମହିଳାଙ୍କ ଅଧିକାର ତଥା କୃଷିରେ ନେତୃତ୍ୱ ଗ୍ରହଣକୁ ସମର୍ଥନ କରି କୃଷିରେ ଲିଙ୍ଗଗତ ସମାନତାରେ ଉନ୍ନତି ଆଣନ୍ତୁ ।
* **ସାମଗ୍ରିକ ବ୍ୟବହାରିକ ଜ୍ଞାନ କୌଶଳ ଗ୍ରହଣ:** ସୀମିତ ସମ୍ବଳ ତଥା ଶିକ୍ଷାଥିବା କୃଷକଙ୍କୁ ମିଶାଇ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଉପଯୁକ୍ତ ତଥା ପହଞ୍ଚ କୃଷି ଜ୍ଞାନକୌଶଳର ଉନ୍ନୟନ ଏବଂ ପ୍ରସାରର ସମର୍ଥନ କରନ୍ତୁ ।
* **ପରିବେଶଗତ ନିରନ୍ତରତା:** ନିରନ୍ତର କୃଷି ଅଭ୍ୟାସ (ଯେଉଁଗୁଡ଼ିକ ଉଭୟ ପରିବେଶ ତଥା ସ୍ଥାନୀୟ ଲୋକ ସମୂହଙ୍କ ନିମିତ୍ତ ଦୀର୍ଘସ୍ଥାୟୀ ସୁସ୍ଥ ଅବସ୍ଥା ଆଣି ଦେଉଥିବ) ଗୁଡ଼ିକର ଉନ୍ନତି ପ୍ରତି ଧ୍ୟାନ ଦିଅନ୍ତୁ । ପ୍ରାକୃତିକ ସମ୍ବଳ ସୁରକ୍ଷା, ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଭଳି ଅଭ୍ୟାସ ସବୁ ଏହାର ଅନ୍ତର୍ଗତ ।
* **ସହଯୋଗ:** କୃଷିରେ ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟରତ ବେସରକାରୀ ଅନୁଷ୍ଠାନ, ଗୋଷ୍ଠୀଗତ ଅନୁଷ୍ଠାନ, ଏବଂ ଅନ୍ୟାନ୍ୟ କାର୍ଯ୍ୟବାହୀ ମାନଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଜ୍ଞାନ ଏବଂ ସମ୍ବଳର ଭାଗିଦାରୀ ଦ୍ୱାରା ଆପଣଙ୍କ ଶ୍ରମ ସାର୍ଥକ ହେବ ।

## ଲିଖିତ ଦଲିଲ ପ୍ରସ୍ତୁତି ଏବଂ ରିପୋର୍ଟ ପ୍ରଦାନ ଦାୟିତ୍ୱ:

କୃଷି ସଖୀଗଣ କ୍ଷେତର କାର୍ଯ୍ୟ ବିଷୟକ ତଥ୍ୟ ସବୁ ନିୟମିତ ଟିପି ରଖିବେ । ଏହି ଟିପାଗୁଡ଼ିକ ପ୍ରକଳ୍ପ କାର୍ଯ୍ୟ ବିଷୟରେ ଦଲିଲ ପ୍ରସ୍ତୁତି ଏବଂ ରିପୋର୍ଟ ଲେଖାବେଳେ କାମରେ ଆସିବ । ବିଶେଷଜ୍ଞଙ୍କ ସହାୟତାରେ ପ୍ରାଥମିକ ଲେଖିବା କୌଶଳ ଏବଂ ପ୍ରଣାଳୀ ଶିଖିବା ଆବଶ୍ୟକ । କୃଷି ସଖୀ ନିଶ୍ଚିତ ଭାବରେ କ୍ଷେତରୁ ସଫଳ କାହାଣୀ ଦଲିଲ କରିବାକୁ ସକ୍ଷମ ହୋଇଥିବେ ଯାହାକୁ ଶିକ୍ଷାର୍ଥୀଙ୍କ ସହ ବିନିମୟ କରିହେବ । ରିପୋର୍ଟରେ ପୃଷ୍ଠଭୂମି, ଉପକ୍ରମଣିକା, ସଂଗ୍ରହ ଏବଂ ରିପୋର୍ଟର ଉଦ୍ଦେଶ୍ୟ, ଅବଲମ୍ବନ କରାଯାଇଥିବା ପ୍ରଣାଳୀ ଏବଂ କ୍ଷେତରେ ଏହାର ପ୍ରଭାବ ସହ ଆଗକୁ ବଢ଼ାଇବା ବିଷୟକ ତଥ୍ୟ ରହିବ ।

୦୦୦

# ୧୩. ପ୍ରାକୃତିକ ଉତ୍ପାଦର ପ୍ରମାଣୀକରଣ ଏବଂ ବିପଣନ:

ପ୍ରାକୃତିକ ଉତ୍ପାଦ ପ୍ରମାଣୀକରଣ ହେଉଛି ଏକ ପ୍ରକ୍ରିୟା ଯାହା ପ୍ରାକୃତିକ କୃଷିର ନିର୍ଦ୍ଦିଷ୍ଟ ନୀତି ନିୟମ ଏବଂ ଅଭ୍ୟାସ ଗୁଡ଼ିକୁ ଅନୁସରଣ କରୁଥିବା କୃଷକଙ୍କୁ ବିଧି ସିଦ୍ଧ ଏବଂ ଅନୁମୋଦନ କରିଥାଏ । ପ୍ରମାଣୀକରଣ ନିଶ୍ଚିତ କରେ ଯେ, କୃଷକ ମାନେ ପ୍ରାକୃତିକ କୃଷିର ମାନକ ଏବଂ ନୀତିନିୟମ ଗୁଡ଼ିକୁ ପାଳନ କରୁଛନ୍ତି ଏବଂ ଏହା ସେମାନଙ୍କୁ ସେମାନଙ୍କ ଉତ୍ପାଦର ବଜାର ସୁଯୋଗ ଦେବା ସହ ସେମାନଙ୍କୁ ଅନୁମୋଦନ ଦେଇଥାଏ ।

* **ପ୍ରାକୃତିକ କୃଷି ନିମିତ୍ତ ପ୍ରମାଣୀକରଣର ଆବଶ୍ୟକତା:** ପ୍ରାକୃତିକ ଉତ୍ପାଦ ପ୍ରମାଣୀକରଣ କାହିଁକି ଆବଶ୍ୟକ:

  ପ୍ରାକୃତିକ ଉତ୍ପାଦ ପାଇଁ ପ୍ରମନିକରଣ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେମିତି କି, ପ୍ରାକୃତିକ କୃଷି ମାଧ୍ୟମରେ ଅମଳ ହୋଇଥିବା ଉତ୍ପାଦ, ବିଭିନ୍ନ କାରଣରୁ :-

* **ଗୁଣ ମାନରେ ନିଶ୍ଚିତତା:** ପ୍ରମାଣୀକରଣ ସୁନିଶ୍ଚିତ କରିଥାଏ ଯେ ଉତ୍ପାଦ କେତେକ ଗୁଣମାନ ମାନକ ପୂରଣ କରିଥାଏ ଏବଂ ଉତ୍ପାଦର ପ୍ରାକୃତିକ ଅକ୍ଷୁଣ୍ଣତା ବଜାୟ ରଖିବାକୁ ନିର୍ଦ୍ଦିଷ୍ଟ ଅଭ୍ୟାସ ସବୁକୁ ଅନୁକରଣ କରିଥାଏ ।
* **ଉପଭୋକ୍ତାଙ୍କ ଭରସା:** ପ୍ରମାଣିତ ପ୍ରାକୃତିକ ଉତ୍ପାଦ ଉପଭୋକ୍ତାଙ୍କ ଭରଷା ସୃଷ୍ଟିରେ ସହାୟତା କରିଥାଏ, କାରଣ ଉପଭୋକ୍ତା ଉତ୍ପାଦ ଶୁଦ୍ଧ ଏବଂ ରସାୟନମୁକ୍ତ ବୋଲି ଚିହ୍ନଟ କରିବା ନିମିତ୍ତ ପ୍ରମାଣନ ଚିହ୍ନ ଉପରେ ବିଶ୍ୱାସ ରଖିଥାଏ ।
* **ପ୍ରବଞ୍ଚନା ଗତିରୋଧ:** ପ୍ରମାଣୀକରଣ ଅସଲି ପ୍ରାକୃତିକ ଉତ୍ପାଦକୁ ପାରମ୍ପରିକ ଉତ୍ପାଦ ଠାରୁ ପୃଥକ୍ କରି ପ୍ରବଞ୍ଚନା ଗତିରୋଧ ଏବଂ ବଜାରରେ ଏ ବିଷୟରେ ମିଥ୍ୟା ବର୍ଣ୍ଣନାରୁ ବଞ୍ଚାଇବାରେ ସହାୟକ ହୋଇଥାଏ ।
* **ବଜାର ସୁବିଧା:** ପ୍ରମାଣିତ ପ୍ରାକୃତିକ ଉତ୍ପାଦ ବଜାରରେ ଏକ ପ୍ରତିଯୋଗିତା ମୂଳକ ସୁବିଧା ପାଇଥାଏ, କାରଣ ବଜାରରେ ପ୍ରାକୃତିକ ଏବଂ ଜୈବିକ ଉତ୍ପାଦର ବର୍ଦ୍ଧିତ ଚାହିଦାଥାଏ ।

## ଭାରତରେ ପ୍ରାକୃତିକ କୃଷି ପ୍ରମାଣୀକରଣ ପ୍ରକାର ଭେଦ:

* **ତୃତୀୟ ପକ୍ଷ ପ୍ରମାଣନ (ଏନ୍.ପି.ଓ.ପି):** ଏହି ଏନ୍.ପି.ଓ.ପି. (ଜୈବିକ ଉତ୍ପାଦନ ପାଇଁ ଜାତୀୟ କାର୍ଯ୍ୟକ୍ରମ) ବ୍ୟବସ୍ଥା ବାଣିଜ୍ୟ ମନ୍ତ୍ରାଳୟ ଅଧିନସ୍ଥ ଆପେଡ଼ା (APEDA)- 'କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ଉନ୍ନୟନ ସଂସ୍ଥା 'ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ପ୍ରାଥମିକ ଭାବେ ରପ୍ତାନୀ ଉଦ୍ଦେଶ୍ୟରେ ଜୈବିକ କୃଷି ଉତ୍ପାଦ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ।
* **ପି.ଜି.ଏସ୍.-ଇଣ୍ଡିଆ ପ୍ରମାଣୀକରଣ ବ୍ୟବସ୍ଥା:** ଭାରତ ପାଇଁ ସହଭାଗୀ ଗ୍ୟାରେଣ୍ଟି ବ୍ୟବସ୍ଥା ଏକ ଗୋଷ୍ଠୀଗତ ଜୈବିକ ପ୍ରମାଣନ ବ୍ୟବସ୍ଥା ଅଟେ ଯେଉଁଥିରେ କୃଷକଙ୍କ ଅଂଶଗ୍ରହଣ ଜଡ଼ିତ ଏବଂ ସାଧାରଣତଃ ଘରୋଇ ଜୈବିକ ଉତ୍ପାଦର ବ୍ୟବହାର ନିମିତ୍ତ ଉପଯୋଗୀ ।
* **ସ୍ୱ-ପ୍ରମାଣୀକରଣ:** ହିମାଚଳ ପ୍ରଦେଶ ଭଳି ଭାରତର କେତେକ ରାଜ୍ୟ ପ୍ରାକୃତିକ ଉତ୍ପାଦ ପ୍ରମାଣୀକରଣ ନିମିତ୍ତ ସ୍ୱ-ପ୍ରମାଣୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିଛନ୍ତି । ନିର୍ଦ୍ଦିଷ୍ଟ ମାନକ ଏବଂ ନୀତିନିୟମ ଉପରେ ନିର୍ଭରକରି ନିଜ ଉତ୍ପାଦର ମୂଲ୍ୟାଙ୍କନ ଏବଂ ପ୍ରମାଣନ କରିବାକୁ କୃଷକମାନଙ୍କୁ ଏହି ବ୍ୟବସ୍ଥାଗୁଡ଼ିକ ସକ୍ଷମ କରିଥାଏ ।

## ପି.ଜି.ଏସ-ଇଣ୍ଡିଆ ପ୍ରମାଣୀକରଣ ବିଷୟରେ:

* କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ୨୦୧୧ ମସିହାରେ ପ୍ରବର୍ତ୍ତିତ ଏହି ବ୍ୟବସ୍ଥା ତୃତୀୟ ପକ୍ଷ ପ୍ରମାଣୀକରଣ ବ୍ୟବସ୍ଥାର ବିକଳ୍ପ ଅଟେ ।
* ପି.ଜି.ଏସ-ଇଣ୍ଡିଆ ଏକ କୃଷକ ଗୋଷ୍ଠୀ କୈନ୍ଦ୍ରିକ ପ୍ରମାଣନ ବ୍ୟବସ୍ଥା, ଯାହା ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ।
* ଏହି ପ୍ରମାଣନ ବ୍ୟବସ୍ଥା ସରଳ ଆର୍ଥିକ ଦୃଷ୍ଟିରୁ ଏନ.ପି.ଓ.ପି. ତୁଳନାରେ କମ୍ ଖର୍ଚ୍ଚ ସାପେକ୍ଷ । ଏଥିରେ ରହିଛି ଏକ ସହଭାଗୀ ରୂପକ ପଦକ୍ଷେପ, ଯେଉଁଠାରେ ଗୋଟିଏ ଗୋଷ୍ଠୀର କୃଷକଗଣ ସମର୍ଥ ସମୀକ୍ଷା ଏବଂ ଦଲିଲ ପତ୍ର ମାଧ୍ୟମରେ ଏକ-ଆରେକର ଜୈବିକ ମାନକ ପ୍ରତି ପ୍ରତିବଦ୍ଧତାର ସଠିକତା ନିର୍ଣ୍ଣୟ କରିଥାନ୍ତି ।
* ପି.ଜି.ଏସ୍.-ଇଣ୍ଡିଆ ପ୍ରମାଣିତ ଉତ୍ପାଦ କେବଳ ଘରୋଇ ବଜାରରେ ବେପାର କରିହେବ ।
* ପି.ଜି.ଏସ୍.-ଇଣ୍ଡିଆରେ ଫସଲ ଉତ୍ପାଦନ, ପଶୁସମ୍ପଦ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, ପରିଚାଳନା, ଏବଂ ଭଣ୍ଡାରଣ ଅନ୍ତର୍ଭୁକ୍ତ ଅଟେ ।

* ପ୍ରମାଣୀକରଣ ପ୍ରକ୍ରିୟା, ନୀତିଗତ ଭାବେ ପଞ୍ଜୀକୃତ ସଂସ୍ଥା, ଯାହାଙ୍କର ଜୈବିକ କୃଷି ଓ ଏହାର ପ୍ରମାଣକରଣ ଉପରେ ଅଭିଜ୍ଞତା ରହିଥାଏ ଯାହାକୁ ଆଞ୍ଚଳିକ ପରିଷଦ (ରିଜିଅନାଲ କାଉନସିଲ-ଆର.ସି.) କୁହାଯାଏ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ ।

## ଏନ୍.ପି.ଓ.ପି ଏବଂ ପି.ଜି.ଏସ ପ୍ରମାଣୀକରଣ ମଧ୍ୟରେ ଥିବା ଅନ୍ତର:

* ଏନ୍.ପି.ଓ.ପି. ହେଉଛି ଏକ ତୃତୀୟପକ୍ଷ ପ୍ରମାଣୀକରଣ ବ୍ୟବସ୍ଥା, ମାତ୍ର ପି.ଜି.ଏସ୍. - ଇଣ୍ଡିଆ ସହଭାଗୀ ପ୍ରତିଶ୍ରୁତି ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ ଯେଉଁଠାରେ କୃଷକମାନେ ଜଣେ ଅନ୍ୟ ଜଣକର ତଦାରଖ କରିଥାନ୍ତି ।
* ଏନ୍.ପି.ଓ.ପି. ପ୍ରମାଣିତ ଉତ୍ପାଦ ଉଭୟ ଘରୋଇ ଏବଂ ଆନ୍ତଃରାଷ୍ଟ୍ରୀୟ ବଜାରରେ ବେପାର କରିହେବ, ମାତ୍ର ପି.ଜି.ଏସ୍.-ଇଣ୍ଡିଆ ପ୍ରମାଣିତ ଉତ୍ପାଦ କେବଳ ଘରୋଇ ବଜାର ପାଇଁ ଉଦ୍ଦିଷ୍ଟ ।
* ଏନ୍.ପି.ଓ.ପି. ବଡ଼ ବଡ଼ କୃଷକ ଏବଂ ରପ୍ତାନୀ ପାଇଁ ଇଚ୍ଛୁକ ଉତ୍ପାଦକମାନଙ୍କ ପାଇଁ ଅଧିକ ଉପଯୋଗୀ, ମାତ୍ର ପି.ଜି.ଏସ୍.-ଇଣ୍ଡିଆ କ୍ଷୁଦ୍ର ଚାଷୀ ଏବଂ ସ୍ଥାନୀୟ ବଜାର ପାଇଁ ଅଧିକ ଉପଯୋଗୀ ।

## ପି.ଜି.ଏସ-ଇଣ୍ଡିଆ ପ୍ରମାଣୀକରଣ ବ୍ୟବସ୍ଥାରେ ବିଭିନ୍ନ ସୋପାନ:

* ଏହି କାର୍ଯ୍ୟକ୍ରମ ଅଧୀନରେ ଅତି କମ୍‌ରେ ୫ ଜଣ କୃଷକ ମିଶି ଏକଦଳ ବା ଗୋଷ୍ଠୀ ଗଠନ କରନ୍ତି, ଯେଉଁମାନେ ସେହି ଗାଁ କିମ୍ବା ନିକଟବର୍ତ୍ତୀ ଗାଁର ହୋଇଥିବେ ।
* କୃଷକ ଗୋଷ୍ଠୀମାନାଙ୍କ ଆପଣେଇବାକୁ ଶପଥ ନେବେ ଏବଂ ଏକ ଆଞ୍ଚଳିକ ପରିଷଦ ବାଛିବେ ତଥା ଗୋଷ୍ଠୀଟିକୁ ପି.ଜି.ଏସ୍. ପୋର୍ଟାଲରେ ପଞ୍ଜୀକୃତ କରିବେ ।
* ଏହି ଗୋଷ୍ଠୀଟିକୁ ଅନ୍ୟ ଏକ କାର୍ଯ୍ୟକ୍ଷମ ଗୋଷ୍ଠୀ କିମ୍ବା ରାଜ୍ୟ ସରକାର ଅନୁମୋଦନ କରିବେ ।
* କୌଣସି ଅଧିକାରୀଙ୍କ କିମ୍ବା ପଞ୍ଜୀକୃତ ଅନ୍ୟ ଗୋଷ୍ଠୀ ଦ୍ୱାରା ଅନୁମୋଦନ ପାଇଥିବା ଏବଂ ଅନ୍ୟାନ୍ୟ ନୀତିନିୟମ ଅନୁଯାୟୀ ଆଞ୍ଚଳିକ ପରିଷଦ ନୂଆ ପଞ୍ଜୀକୃତ ଗୋଷ୍ଠୀଙ୍କୁ ଗ୍ରହଣ କରିବେ ।
* ଏହାପରେ ତାଲିମ ଏବଂ ମିଟିଂ ଆରମ୍ଭ ହେବ ।
* ପି.ଜି.ଏସ୍. ମାନକ ଅନୁଯାୟୀ ଗୋଷ୍ଠୀ ଚାଷ ଆରମ୍ଭ କରିବେ ।
* ପ୍ରତି ଋତୁରେ, ଗୋଷ୍ଠୀ ମଧ୍ୟରୁ ସମର୍ଥ ଗଣ ପ୍ରତ୍ୟେକ କୃଷକଙ୍କ ସାମର୍ଥ୍ୟ ସମୀକ୍ଷା କାର୍ଯ୍ୟ ସମ୍ପାଦନ/ ଯାଞ୍ଚ କରିବେ ଏବଂ ପୋର୍ଟାଲ ମାଧ୍ୟମରେ ସୁପାରିଶ ସହ ସାମର୍ଥ୍ୟ ସମୀକ୍ଷାର ସାରାଂଶ ରିପୋର୍ଟ ଆଞ୍ଚଳିକ ପରିଷଦ ନିକଟରେ ଦାଖଲ କରିବେ ।
* ଆଞ୍ଚଳିକ ପରିଷଦ ଦାବିର ସତ୍ୟାସତ୍ୟ ଏବଂ ସାମର୍ଥ୍ୟ ସମୀକ୍ଷା ରିପୋର୍ଟର ଘୋଷଣାନାମା ଯାଞ୍ଚ କରିବେ ।
* ଏଥିରେ ସନ୍ତୁଷ୍ଟ ହେଲେ ଆଞ୍ଚଳିକ ପରିଷଦ ପ୍ରମାଣପତ୍ର ସ୍ଥିତି ଜାରି କରିବେ ।
* ପୋର୍ଟାଲରୁ ଗୋଷ୍ଠୀ ପ୍ରମାଣପତ୍ର ବାହାର କରି ପାରିବେ ।
* ଏଥିରେ ବାସ୍ତବ ଅମଳ ଦର୍ଶାଯିବ ।

## ପ୍ରାକୃତିକ ଉତ୍ପାଦ ବିପଣନ:

ତାଜା ପ୍ରାକୃତିକ ଉତ୍ପାଦ କୃଷକ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀଗୁଡ଼ିକ ପାଇଁ ପୁରସ୍କାର ଉଦ୍ୟମ ସାବ୍ୟସ୍ତ ହେବ । ବିଭିନ୍ନ ବ୍ୟବସାୟ ନୀତି ଅବଲମ୍ବନ କରି ଏବଂ ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ସେମାନଙ୍କ ବଜାରରେ ଉପଲବ୍ଧତା ଏବଂ ଲାଭଦାୟକ ଦିଗରେ ସହାୟକ ହେବ ।

## ପ୍ରାକୃତିକ ଉତ୍ପାଦ ବ୍ୟବସାୟର କେତେକ ଉପାୟ:

### * ପୃଥକ୍ ପୃଥକ୍ ବେପାର (ପରିବାର ଡାକ୍ତର ବନାମ ପରିବାର କୃଷି):

ହ୍ୱାଟସ୍ ଅପ୍ କିମ୍ବା ସ୍ଥାନୀୟ ଟେଲିଫୋନ ନେଟ୍‌ୱର୍କ ଭଳି ପ୍ଲାଟଫର୍ମ ସହାୟତାରେ ଉପଭୋକ୍ତା ଗୋଷ୍ଠୀ ଗଠନ କୃଷକଙ୍କ ନିକଟରୁ ଉପଭୋକ୍ତାଙ୍କ ନିକଟକୁ ତାଜା ଉତ୍ପାଦର ଚାହିଦା ମୁତାବକ ଯୋଗାଣ ସମ୍ଭବ ହୋଇପାରିବ ।

* **ନୂତନ ଧରଣର ବଜାର ପ୍ଲାଟଫର୍ମ (ଛତା):** ଜନସାଧାରଣଙ୍କ ଗହଳ ଗମନାଗମନ ରାସ୍ତା, ରାସ୍ତାକଡ, କାର୍ଯ୍ୟାଳୟ, ଏବଂ ପରିବହନ ହବ ନିକଟରେ ବହନଯୋଗ୍ୟ ଛତା ପୋତି ଉପଭୋକ୍ତାଙ୍କୁ ଆକର୍ଷିତ କରିହେବ ଏବଂ ବିକ୍ରୟ ବୃଦ୍ଧି କରିହେବ ।
* **ଆବଦ୍ଧ ଦୋକାନ:** ବ୍ଲକ କିମ୍ବା ଜିଲ୍ଲା ସଦର ମହକୁମାରେ, ରାସ୍ତା ଆଦି କଡ଼ରେ ସମର୍ପିତ ଦୋକାନ ପ୍ରତିଷ୍ଠା କରିବା ଦ୍ୱାରା ବିଭିନ୍ନ କୃଷକ କିମ୍ବା ଉତ୍ପାଦକ ସଂସ୍ଥାଠାରୁ ସଂଗୃହିତ ବଳକା ଉତ୍ପାଦ ବିକ୍ରୟ ପାଇଁ ସହାୟତା ମିଳିପାରିବ ।

* **ଅନ ଲାଇନ ବଜାର (ଇ-କମର୍ସ):** ଉପଭୋକ୍ତାଙ୍କୁ ସିଧାସଳଖ ତାଜା ଉତ୍ପାଦ ବିକ୍ରୟ ପାଇଁ ଏକ ଇ-ବାଣିଜ୍ୟ ପ୍ଲାଟଫର୍ମ ସୃଷ୍ଟି କରିବା ଦ୍ୱାରା ବଜାର ପହଞ୍ଚ ବିସ୍ତାରିତ ହୋଇପାରିବ ଏବଂ ସିଧାସଳଖ ବିକ୍ରୟ ସୁଗମହେବ।

* **ଖୋଲା ବଜାର (ଛତା, ଦୋକାନ ମାଧ୍ୟମରେ):** ନିର୍ଦ୍ଦିଷ୍ଟ ଜନଗହଳି ସ୍ଥାନରେ ଛତା, ଦର୍ଶନୀୟ ଖୋଲାସ୍ଥାନ ଏବଂ ଦୋକାନ ବ୍ୟବହାର କରି ଉପଭୋକ୍ତାମାନଙ୍କୁ ସିଧାସଳଖ ସଂଯୋଗ କରିହେବ ଏବଂ ଉତ୍ପାଦର ଅଦ୍ୱିତୀୟ ଉନ୍ନୟନ କରିହେବ। ସଫଳ ବେପାର ପାଇଁ କୃଷକ ଏବଂ ଉତ୍ପାଦକ ସଂଗଠନଗୁଡ଼ିକ ସଂଗ୍ରହ କରି ଏକ ସ୍ଥାନରେ ଠୁଳ କରିବା ଏବଂ ଫଳପ୍ରଦ ଭାବେ ଯୋଗାଣ ଶିକୁଳି ପରିଚାଳନା କରିବା ଏବଂ ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ଉପରେ ଗୁରୁତ୍ୱ ଦେବା ଉଚିତ୍। ଏହିଭଳି କିଛି ଗୁରୁତ୍ୱ ବହନ କରୁଥିବା ପଦକ୍ଷେପ ଗୁଡ଼ିକ ହେଲା-

* **ତାଜା ଉତ୍ପାଦ ଏବଂ ଦ୍ରବ୍ୟ ସବୁ ଠୁଳ କରିବା:** ସମାନ ରୁଚି ରଖୁଥିବା କୃଷକ ଗୋଷ୍ଠୀ ଏବଂ ସଂଗ୍ରହ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରିବା, ଉତ୍ପାଦଗୁଡ଼ିକର ଏକ ଲିଷ୍ଟ ତିଆରି କରିବା, ଗୁଣବତ୍ତା ନିଶ୍ଚିତ କରିବା ପ୍ରକ୍ରିୟା, ପରିବହନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରିବା, ସାଇତି ରଖିବା, ପ୍ୟାକେଜିଂ, ଲେବୁଲ ଲଗାଇବା, ବଜାର ଆକଳନ କରିବା ଏବଂ ଉତ୍ପାଦ ଉନ୍ନୟନ ପ୍ରତି ଦୃଷ୍ଟି ଦେବା ଆଦି କାର୍ଯ୍ୟ କରିବାକୁ ହେବ।

* **ଯୋଗାଣ ଶିକୁଳି ପରିଚାଳନା:** ଚାହିଦା, ଫଳପ୍ରଦ ଯୋଗାଯୋଗ ଏବଂ ସଞ୍ଚାଳନ, ଗୁଣବତ୍ତା ନିୟନ୍ତ୍ରଣ, ସଠିକ୍ ପରିବହନ ସରଞ୍ଜାମ, ଭଣ୍ଡାର, ହିସାବ କିତାବ କୌଶଳ, ସ୍ୱଚ୍ଛ ଆର୍ଥିକ ପରିଚାଳନା, ଅଭିଯୋଗର CFDFe, ଏବଂ ଲଗାତାର ଉନ୍ନୟନ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ।

* **ମୂଲ୍ୟଯୁକ୍ତ କରିବା:** ପ୍ରକ୍ରିୟାକରଣ ଏବଂ ନିରାପଦ ରଖିବା, ପ୍ୟାକାଜିଂ ଏବଂ ବ୍ରାଣ୍ଡ ସୃଷ୍ଟି, ପ୍ରମାଣପତ୍ର ଯୋଗାଡ଼, ବିବିଧ ବଜାର ବ୍ୟବସ୍ଥା, ଉତ୍ପାଦ ଗୁଡ଼ିକରେ ବିଭେଦ, ପରିବହନ ବ୍ୟବସ୍ଥା, ମୂଲ୍ୟ ଯୁକ୍ତ ସେବା ଯୋଗାଣ, ଏବଂ ବିସ୍ତୃତ ସହଯୋଗ ତଥା ରପ୍ତାନୀ ସୁଯୋଗ ସୃଷ୍ଟି ମାଧ୍ୟମରେ ଉତ୍ପାଦ ଗୁଣବତ୍ତା ବୃଦ୍ଧି କରିବା। ଉପରୋକ୍ତ ବ୍ୟବସ୍ଥା ଏବଂ ପଦକ୍ଷେପ ଗୁଡ଼ିକର ସହାୟତାରେ କୃଷକ ଏବଂ ଉତ୍ପାଦକ ସଂଗଠନଗୁଡ଼ିକ ନିରନ୍ତର ବ୍ୟବସାୟ ପ୍ରତିଷ୍ଠା କରିପାରିବେ, ଉପଭୋକ୍ତାଙ୍କ ସହ ସଂଯୋଗ ସ୍ଥାପନ କରିପାରିବେ ଏବଂ ପରିବେଶ ଅନୁକୂଳ ତଥା ସାମାଜିକ ଦାୟିତ୍ୱବୋଧ ଅଭ୍ୟାସ ପାଳନ କରି ପାରିବେ। ପ୍ରାକୃତିକ ତାଜା ଉତ୍ପାଦ ଏବଂ ପଦାର୍ଥ ବିକ୍ରୟ କରିବା ଦ୍ୱାରା ଉନ୍ନତ ଆର୍ଥିକ ସ୍ଥିତି ଆସିପାରିବ ଏବଂ ଉଭୟ କୃଷକ ତଥା ଖାଉଟିଙ୍କୁ ସମାନ ସହାୟତା ମିଳିପାରିବ।

**୦୦୦**

# ୧୪. ସଂଯୋଗ

## ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକ:

### ଭାରତୀୟ କୃଷି ଗବେଷଣା ପରିଷଦ (ଆଇ.ସି.ଏ.ଆର୍.) :

* କୃଷି ବ୍ୟବହାରିକ ଜ୍ଞାନ କୌଶଳ ସୃଷ୍ଟି କରିଥାଏ ।
* ଏହାର ଗବେଷଣା ଅନୁଷ୍ଠାନ ତଥା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ସମ୍ପ୍ରସାରଣ ସହାୟତା ଯୋଗାଇ ଦେଇଥାଏ ।
* ନୂଆ ନୂଆ ସମ୍ପ୍ରସାରଣ ପ୍ରକ୍ରିୟା ସବୁ ଉନ୍ନୟନ କରିଥାଏ ।
* ଅନ୍ୟାନ୍ୟ ସମ ବିଭାଗଗୁଡ଼ିକୁ ବୈଷୟିକ ଜ୍ଞାନକୌଶଳ ଯୋଗାଇଥାଏ ।
* ନିଜର ବୈଷୟିକ ଜ୍ଞାନ-କୌଶଳ ଗୁଡ଼ିକର ଆଗଧାଡ଼ିର ପ୍ରଦର୍ଶନ ସଂଗଠିତ କରିଥାଏ ।
* ସରକାରୀ-ବେସରକାରୀ ଭାଗିଦାରୀରେ ଜ୍ଞାନକୌଶଳର ପ୍ରସାର କରିଥାଏ ।

## ରାଜ୍ୟ କୃଷି ବିଶ୍ୱ ବିଦ୍ୟାଳୟ ସମ୍ପ୍ରସାରଣ ବ୍ୟବସ୍ଥା:

* ସମଜାତୀୟ ବିଭାଗଗୁଡ଼ିକୁ ସହାୟକ ସମ୍ପ୍ରସାରଣ ସେବା ଯୋଗାଇଥାଏ ।
* ସେମାନଙ୍କର ସମ୍ପ୍ରସାରଣ ୟୁନିଟ, ଗବେଷଣା କେନ୍ଦ୍ର ଏବଂ ଶିକ୍ଷା ପରିସର ମାଧ୍ୟମରେ ସମଜାତୀୟ ବିଭାଗଗୁଡ଼ିକର ସଫଳତାକୁ ପରିପୂରକ କରିଥାଏ ।
* ନୂଆ ନୂଆ ସମ୍ପ୍ରସାରଣ ପ୍ରକ୍ରିୟା ସବୁ ସୃଷ୍ଟି କରିଥାଏ ।
* ସମଜାତୀୟ ବିଭାଗଗୁଡ଼ିକୁ ବୈଷୟିକ ଜ୍ଞାନ ହସ୍ତାନ୍ତର କରିଥାଏ ।
* ନିଜର ବୈଷୟିକ ଜ୍ଞାନକୌଶଳ ଗୁଡ଼ିକର ଆଗଧାଡ଼ିର ପ୍ରଦର୍ଶନ ସଂଗଠିତ କରିଥାଏ ।
* ସରକାରୀ - ବେସରକାରୀ ଭାଗିଦାରୀ ମାଧ୍ୟମରେ ବୈଷୟିକ ଜ୍ଞାନକୌଶଳ ବିସ୍ତାର କରିଥାଏ ।

### କୃଷିବିଜ୍ଞାନ କେନ୍ଦ୍ର (କେ.ଭି.କେ):

କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକ ଜ୍ଞାନକୌଶଳ ଆକଳନ, ସଂଶୋଧନ ଏବଂ ପ୍ରଦର୍ଶନ ମାଧ୍ୟମରେ କୃଷି ଏବଂ ଆନୁଷଙ୍ଗିକ ଉଦ୍ୟୋଗ ଗୁଡ଼ିକର ସ୍ଥାନୀୟ ଉପଯୋଗୀ ନିର୍ଦ୍ଦିଷ୍ଟ ବୈଷୟିକ ଜ୍ଞାନକୌଶଳ ମଡ୍ୟୁଲଗୁଡ଼ିକର ଆକଳନ ପ୍ରତି ଲକ୍ଷ୍ୟ ରଖିଥାଏ । ଜିଲ୍ଲାର ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ନିମିତ୍ତ କୃଷି ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ କେ.ଭି.କେ. ଗୁଡ଼ିକ ବୈଷୟିକ ଜ୍ଞାନକୌଶଳ ସହାୟତା ସୃଷ୍ଟିର ଜ୍ଞାନ ଏବଂ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟରତ । ଆହୁରି ମଧ୍ୟ କେ.ଭି.କେ. ଜାତୀୟ କୃଷି ଗବେଷଣା କେନ୍ଦ୍ରଗୁଡ଼ିକ ସହ ସମ୍ପ୍ରସାରଣ ବ୍ୟବସ୍ଥା ଏବଂ କୃଷକମାନଙ୍କୁ ସଂଯୁକ୍ତ କରିଥାଏ ।

### କେ.ଭି.କେ ବ୍ୟବସ୍ଥା: ଦାୟିତ୍ୱ ଏବଂ କାର୍ଯ୍ୟକଳାପ :

କୃଷିବିଜ୍ଞାନ କେନ୍ଦ୍ରଗୁଡିକର ଦାୟିତ୍ୱ ସବୁ ହେଲା, ବୈଷୟିକ ଜ୍ଞାନକୌଶଳ ଗୁଡ଼ିକର ବ୍ୟବହାର ଏବଂ ସାମର୍ଥ୍ୟରେ ଉନ୍ନତି ଆଣିବା ପାଇଁ ସେଗୁଡ଼ିକର ଆକଳନ ଏବଂ ପ୍ରଦର୍ଶନ ।

* ଫଳପ୍ରଦ ଭାବେ ଦାୟିତ୍ୱ ନିର୍ବାହକରିବା ଉଦ୍ଦେଶ୍ୟରେ ପ୍ରତିଟି କେ.ଭି.କେ. ନିମିତ୍ତ ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡ଼ିକ ସ୍ଥିରୀକୃତ ହୋଇଛି:
* ବିଭିନ୍ନ କୃଷି ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ଉପଯୋଗୀ ନିର୍ଦ୍ଦିଷ୍ଟ ବୈଷୟିକ ଜ୍ଞାନକୌଶଳ ଆକଳନ ନିମିତ୍ତ କ୍ଷେତ ଉପରେ ପରୀକ୍ଷଣ ।
* କୃଷକଙ୍କ କ୍ଷେତରେ କୌଶଳଗୁଡ଼ିକର ଉତ୍ପାଦନ ସମ୍ଭାବନା ପ୍ରତିଷ୍ଠା ପାଇଁ ଆଗଧାଡ଼ିର ପ୍ରଦର୍ଶନ କାର୍ଯ୍ୟ ।
* ଆଧୁନିକ କୃଷି ଜ୍ଞାନକୌଶଳ ଗୁଡ଼ିକ ଉପରେ କୃଷକ ତଥା ସମ୍ପ୍ରସାରଣ କର୍ମୀମାନଙ୍କର ସାମର୍ଥ୍ୟରେ ଉନ୍ନତି ଆଣିବା ।
* ଜିଲ୍ଲାର କୃଷି ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ସହାୟତା ଯୋଗାଇ ଦେବାକୁ କୃଷି ବୈଷୟିକ ଜ୍ଞାନ ଏବଂ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟକରିବା ।
* ନୂତନ ଜ୍ଞାନକୌଶଳ ଏବଂ ଅନ୍ୟାନ୍ୟ ମିଡ଼ିଆ ସହାୟତାରେ କୃଷକମାନଙ୍କୁ ବିଭିନ୍ନ ରୁଚି ବିଷୟରେ ଚାଷ ସମ୍ବନ୍ଧୀୟ ପରାମର୍ଶ ଦେବା । ଏଥି ସହିତ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ବୈଷୟିକ ଉତ୍ପାଦ (ବିହନ, ଚାରା, ଜୈବ ପ୍ରତିନିଧି, ଏବଂ ପଶୁ ପକ୍ଷୀ) ଉତ୍ପାଦନ କରିଥାନ୍ତି ଏବଂ ସେଗୁଡିକୁ କୃଷକମାନଙ୍କୁ ଯୋଗାଇ ଥାଆନ୍ତି, ଆଗଧାଡ଼ିର ସମ୍ପ୍ରସାରଣ କାର୍ଯ୍ୟକଳାପ ଆୟୋଜନ କରିଥାନ୍ତି, ବଛା ବଛା କୃଷି ଉଦ୍ଭାବନ ସବୁର ଚିହ୍ନଟ ଏବଂ ନଥିଭୁକ୍ତ କରନ୍ତି ଏବଂ ଚାଲୁଥିବା ଯୋଜନାଗୁଡ଼ିକ ସହିତ ସମ୍ମିଳିତ କରି ଥାଆନ୍ତି ତଥା କେ.ଭି.କେ. ଦାୟିତ୍ୱ ଅନ୍ତର୍ଗତ କାର୍ଯ୍ୟକ୍ରମ ମାନ କରିଥାନ୍ତି ।

## ATMAର ଦାୟିତ୍ୱ ଏବଂ କର୍ତ୍ତବ୍ୟ:

କୃଷି ବୈଷୟିକ ପରିଚାଳନା ସଂସ୍ଥା (ATMA) ଜିଲ୍ଲା ସ୍ତରରେ କୃଷି ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକ ପରିଚାଳନା କରିବା ନିମିତ୍ତ ଏକ ସଂସ୍ଥା ଅଟେ, ଯେଉଁଥିରେ କୃଷି ଏବଂ ଆନୁଷଙ୍ଗିକ ବିଭାଗଗୁଡ଼ିକ ସହ ବେସରକାରୀ କ୍ଷେତ୍ର ସାଥୀ ହୋଇ କାର୍ଯ୍ୟ କରିଥାଆନ୍ତି। ଗ୍ରାମ ସ୍ତରରେ କୃଷକ ବନ୍ଧୁ, ବ୍ଲକ ସ୍ତରରେ ବ୍ଲକ ବୈଷୟିକ ପରିଚାଳକ ଏବଂ ବିଷୟବସ୍ତୁ ବିଶେଷଜ୍ଞମାନେ କୃଷକମାନଙ୍କୁ କୃଷି ବିଷୟକ ତଥ୍ୟ ଏବଂ ଯୋଜନା/ କାର୍ଯ୍ୟକ୍ରମ ଗୁଡ଼ିକର ଉପକାରିତା ବିଷୟକ ତଥ୍ୟ ଯୋଗାଇଥାନ୍ତି । ଆତ୍ମା କ୍ଷେତ୍ର ଭ୍ରମଣ, ତାଲିମ, ପ୍ରଦର୍ଶନ, କ୍ଷେତ୍ର ଦିବସ, କୃଷକ - ବୈଜ୍ଞାନିକ ଆଲୋଚନା, ପ୍ରଦର୍ଶନୀ, ଜ୍ଞାନ ବର୍ଦ୍ଧକ ପରିଭ୍ରମଣ, କ୍ୟାମ୍ପେନ୍, ଆଦି ଭଳି ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ମୁଦ୍ରଣ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ମଧ୍ୟରେ ସମ୍ପ୍ରସାରଣ ତଥ୍ୟ ପ୍ରକାଶନ କରି ଥାଆନ୍ତି, କୃଷି କାର୍ଯ୍ୟ ଏବଂ ସତର୍କତା ବିଷୟରେ କୃଷକମାନଙ୍କୁ ସତର୍କ କରାଇ ଥାଆନ୍ତି।

**ଆତ୍ମାର ସାଂଗଠନିକ ଢାଞ୍ଚା:**




## କୃଷକ ସାଥୀଙ୍କ କର୍ତ୍ତବ୍ୟ:

* କୃଷକମାନଙ୍କୁ ସମବେତ କରିବା / କୃଷକ ଗୋଷ୍ଠୀ ଗଠନ କରିବା
* କ୍ଷେତ୍ର ପ୍ରଦର୍ଶନ, କୃଷକ ଗୋଷ୍ଠୀ ଏବଂ ଗ୍ରାମର ଗବେଷଣା ସମ୍ପ୍ରସାରଣ କାର୍ଯ୍ୟ ପ୍ରକ୍ରିୟା ଯୋଜନା ପ୍ରସ୍ତୁତିର ଆୟୋଜନ।
* ବ୍ଲକ୍ ସ୍ତରର କୃଷି ବୈଷୟିକ ପରିଚାଳକ (ଏ.ଟି.ଏମ୍.)ଙ୍କ ସହସମ୍ପର୍କ କରି କ୍ଷେତ ସ୍ତରରେ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ କଳାପ ବିଷୟକ ତଥ୍ୟ ଅଦଳ ବଦଳ କରିବେ।
* ଗ୍ରାମସଭା ମିଟିଂରେ ଯୋଗଦାନ, ଦୈନନ୍ଦିନ କାର୍ଯ୍ୟକଳାପର ଦୈନିକ ବିବରଣୀ ଲିପିବଦ୍ଧ କରିବା।
* ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ତଥ୍ୟ ପ୍ରସାର ସୁନିଶ୍ଚିତ କରିବା।
* ବି.ଟି.ଟି. ଦ୍ୱାରା ଦିଆଯାଇଥିବା ଅନ୍ୟାନ୍ୟ କାର୍ଯ୍ୟ।

## କିସାନ୍ କଲ୍ ସେଣ୍ଟର (କେ.ସି.ସି):

କୃଷିରେ ଆଇ.ସି.ଟି.ର ଉପଯୋଗିତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ, କୃଷି ମନ୍ତ୍ରାଳୟ ଫୋନ୍‌ଦ୍ୱାରା କୃଷକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଉପଲକ୍ଷେ ଜାନୁଆରୀ ୨୦୦୪ରେ କିଶନ୍ କଲ୍ ସେଣ୍ଟର ନାମରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କଲ୍ ସେଣ୍ଟରଗୁଡ଼ିକ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ୧୪ଟି ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ। ଏହି ଯୋଜନା ଦେୟମୁକ୍ତ ଫୋନ ଲାଇନ ମାଧ୍ୟମରେ କୃଷକ ସମ୍ପ୍ରଦାୟଙ୍କୁ କୃଷି ସମ୍ବନ୍ଧୀୟ ତଥ୍ୟ ଯୋଗାଇଥାଏ। କିଶନ କଲ୍ ସେଣ୍ଟରକୁ ଦେଶସାରା ଏକ ୧୧ ଡିଜିଟ ନମ୍ବର ୧୮୦୦-୧୮୦-୧୫୫ ଯୋଗାଇ ଦିଆଯାଇଛି। ଏହି ନମ୍ବର, ବେସରକାରୀ ପରିଚାଳନା ସହିତ ସମସ୍ତ ଟେଲିଫୋନ କମ୍ପାନୀର ସମସ୍ତ ମୋବାଇଲ ଫୋନ ଏବଂ ଲାଣ୍ଡ ଲାଇନରେ ଉପଲବ୍ଧ। ୨୨ ଟି ବିଭିନ୍ନ ସ୍ଥାନୀୟ ଭାଷାରେ ସକାଳ ୬ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ସପ୍ତାହର ସାତଦିନ କୃଷକଙ୍କ ପ୍ରଶ୍ନର ଉତ୍ତର ପ୍ରତିଟି କେ.ସି.ସି.ରେ ଦିଆଯାଇଥାଏ। ୨୦୧୧ ଏପ୍ରିଲ ମାସରେ କେ.ସି.ସି. କଥାବାର୍ତ୍ତା କ୍ରମବର୍ଦ୍ଧମାନ ପ୍ରକ୍ରିୟାର ପୁନର୍ଗଠନ କରାଯାଇଛି। ଏଥିରେ ନିମ୍ନଲିଖିତ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି-

କ। ବ୍ଲକ୍‌ଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ରାଜ୍ୟ କୃଷି ବିଭାଗ

ଖ। ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ, କେ.ଭି.କେ.।

ଏହା ବାଦ୍, କେ.ସି.ସି. ପ୍ରତିନିଧିମାନଙ୍କୁ, ସେମାନେ ଯେତେବେଳେ କୃଷକଙ୍କ ଉତ୍ତର ଦେବାକୁ ଅକ୍ଷମ ହୁଅନ୍ତି ସେତେବେଳେ ଉପରୋକ୍ତ ସଂସ୍ଥାମାନଙ୍କର ବିଶେଷଜ୍ଞଙ୍କ ସହ କଥାବାର୍ତ୍ତା ସମ୍ମିଳନୀ ମାଧ୍ୟମରେ କୃଷକମାନଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ସୁବିଧା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କେ.ସି.ସି. ତଥା ଅନ୍ୟ କାର୍ଯ୍ୟବାହୀମାନଙ୍କର ସକ୍ରିୟ ଭାବେ ଜଡ଼ିତ ରହିବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ଋଣ ପ୍ରଦାନ ଅନୁଷ୍ଠାନ(ପ୍ରାଥମିକ କୃଷି ଋଣ ସମିତି) :

ପ୍ରାଥମିକ କୃଷି ଋଣ ସମିତି (ପ୍ୟାକ୍ସ)ଗୁଡ଼ିକ ତୃଣମୂଳ ସ୍ତରର ସ୍ୱଳ୍ପକାଳୀନ ସମବାୟ ସଂଗଠକ ଅଟନ୍ତି। ପ୍ୟାକ୍ସ ସିଧାସଳଖ ଗ୍ରାମାଞ୍ଚଳ (କୃଷି) ଋଣଧାରକଙ୍କ ସହ କାରବାର କରିଥାଆନ୍ତି, ଋଣ ପ୍ରଦାନ କରିଥାନ୍ତି ଏବଂ ଦିଆଯାଇଥିବା ଋଣ ପୈଠ ସଂଗ୍ରହ ମଧ୍ୟ କରିଥାନ୍ତି ଏବଂ ବଣ୍ଟନ ତଥା ବଜାର କାର୍ଯ୍ୟ ମଧ୍ୟ ତୁଲାଇଥାନ୍ତି। ସମବାୟ ଋଣ ଢାଞ୍ଚାରେ ସେମାନେ ଏକ ଶକ୍ତିଶାଳୀ ସ୍ଥାନ ଦଖଲ କରିଥାନ୍ତି ଏବଂ ଏହାର ମୂଳଦୁଆ ଗଠନ କରନ୍ତି। ସେମାନେ ଗୋଟିଏ ପଟେ ଋଣ ଗ୍ରହୀତା ଏବଂ ଅନ୍ୟପଟରେ ଉଚ୍ଚତର ଅର୍ଥ ପ୍ରଦାନକାରୀ ସଂସ୍ଥା, ଯଥା - ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ୍ ଏବଂ ଆର.ବି.ଆଇ./ ନାବାର୍ଡଙ୍କ ମଧ୍ୟରେ ଶେଷ ସେତୁ ଭାବେ କାର୍ଯ୍ୟ କରନ୍ତି।

### ପ୍ରାଥମିକ କୃଷିଋଣ ସମିତିଗୁଡ଼ିକର ପ୍ରୟୋଜନୀୟତା;

* ପ୍ୟାକ୍ସ ଚାଷୀ ସମ୍ପ୍ରଦାୟ ପାଇଁ ଋଣ, ଉପାଦାନ, ବଜାର ଏବଂ ମୂଲ୍ୟଯୁକ୍ତ ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।
* ପ୍ୟାକ୍ସଗୁଡ଼ିକ ମଧ୍ୟ ନିଜସ୍ୱ ପଣ୍ୟାଗାରକୁ ଆଗକୁ ଆସିବାକୁ ଥିବା ଗ୍ରାମୀଣ କୃଷି ବଜାର ସହ କିମ୍ୱା ବେସରକାରୀ ସ୍ତରର ବୃହତ୍ ପଣ୍ୟାଗାର ସହ କୃଷିଜାତ ପଦାର୍ଥଗୁଡ଼ିକର ଭୌତିକ ଏବଂ ଆର୍ଥିକ ଯୋଗାଣ ଶିକୁଳିକୁ ସମନ୍ୱିତ କରିବା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି।

## କିଷାନ କ୍ରେଡିଟ କାର୍ଡ ଯୋଜନା:

କିଷାନ କ୍ରେଡ଼ିଟ କାର୍ଡ଼ ଯୋଜନାର ଅଭିପ୍ରାୟ ହେଲା, କୃଷକମାନଙ୍କୁ ଫସଲ ଚାଷ କରିବା ପାଇଁ ସେମାନଙ୍କର ସ୍ୱଳ୍ପକାଳୀନ ଋଣ ଆବଶ୍ୟକତା ପୂରଣ ପାଇଁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ସଠିକ୍ ସମୟରେ ଏବଂ ଯଥେଷ୍ଟ ସହାୟତା ପ୍ରଦାନ କରିବା। ଏହା ମୁଖ୍ୟତଃ ଫସଲ ଋତୁରେ ଉପାଦାନ ସବୁ କିଣିବା ପାଇଁ ଚାଷୀଙ୍କୁ ସାହାଯ୍ୟ କରିଥାଏ। କ୍ରେଡ଼ିଟ କାର୍ଡ଼ ବ୍ୟବସ୍ଥା, ବ୍ୟବସ୍ଥାରେ ନମନୀୟତା ପ୍ରବର୍ତ୍ତନ କରିବା ତଥା ମୂଲ୍ୟ ଦକ୍ଷତା ବୃଦ୍ଧିପାଇଁ ପ୍ରସ୍ତାବ ଦେଇଛନ୍ତି।

## ବେସରକାରୀ ସଂସ୍ଥା (ଏନ୍.ଜି.ଓ):

ଚାଷ ପରାମର୍ଶ, ଉପାଦାନ ଯୋଗାଣ, ଭିତ୍ତିଭୂମି ପ୍ରତିଷ୍ଠା, ପ୍ରକ୍ରିୟାକରଣ, ବିପଣନ, ଗୋଷ୍ଠୀ ଗଠନ, କ୍ଷୁଦ୍ର ଅର୍ଥ ଲଗାଣ, ଜୀବିକା ଉନ୍ନୟନ, ଭଳି ବିଭିନ୍ନ କୃଷି ଉନ୍ନୟନ କ୍ଷେତ୍ରରେ ଅନେକ ବେସରକାରୀ ସଂସ୍ଥା କାର୍ଯ୍ୟରତ। କୃଷକମାନେ ମିଳୁଥିବା କ୍ଷେତ୍ରରେ ସବୁର ସୁବିଧା ନେଇପାରିବେ।

## ସଂଯୋଗ ସହାୟତା ନିମିତ୍ତ କୃଷି ସଖୀ ଆବଶ୍ୟକ କରୁଥିବା କୌଶଳ:

* ସଂସ୍ଥାର କାର୍ଯ୍ୟ ବାହକ ଏବଂ ସଭ୍ୟଙ୍କ ଭିତରେ ସ୍ୱଚ୍ଛ ଯୋଗାଯୋଗ।
* ସଂସ୍ଥାର ଲକ୍ଷ୍ୟ ଓ ଅଭିପ୍ରାୟ ବିଷୟରେ ବୁଝାମଣା।
* ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟବାହକଙ୍କର ଯୋଗାଯୋଗ ତଥ୍ୟାବଳୀ ସଂକଳନ।
* ଅନୁଷ୍ଠାନ କାର୍ଯ୍ୟକ୍ରମ, ୱେବ୍‌ସାଇଟ୍ ଉପରେ ତଥ୍ୟାବଳୀ ଏବଂ ନିୟମିତ ଭାବେ ଅନୁଷ୍ଠାନଗୁଡିକର ସାମାଜିକ ଗଣମାଧ୍ୟମ ଗୁଡ଼ିକରେ ଅଧିକତର କାର୍ଯ୍ୟ କରିବା।

୦୦୦

# ସଂଯୁକ୍ତ ନଥି:

## କୃଷି ସଖୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ:

କୃଷି ସଖୀଗଣ ପ୍ରତି ମାସରେ କ୍ଷେତ୍ର କାର୍ଯ୍ୟକଳାପ ବିବରଣୀ ଲିପିବଦ୍ଧ କରିବା ନିମନ୍ତେ ନମୁନା

**ମାସିକ କ୍ଷେତ୍ର କାର୍ଯ୍ୟକଳାପ ବିବରଣୀ ଲିପିବଦ୍ଧ କରିବା ଫର୍ମ।**

## ନମୁନା ଫର୍ମ:

**କୃଷକଙ୍କ ପାଇଁ ଚେକ୍ ଲିଷ୍ଟ:**

୧. ଜମି ପ୍ରସ୍ତୁତି: (NCONF ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ କୃଷି ମାନୁଆଲ ଦ୍ରଷ୍ଟବ୍ୟ)

(କ) ଜମି ପ୍ରସ୍ତୁତି ତାରିଖ ____________________

(ଖ) ଜମି ପ୍ରସ୍ତୁତି କାର୍ଯ୍ୟ କଳାପ ____________________

(ଗ) ସବୁଜ ସାର ବ୍ୟବହାର ହୋଇଛି କି? ____________________

(ଗ) ଘନ ଜୀବମୃତ ପ୍ରସ୍ତୁତ ହୋଇଛି କି? ____________________

(ଘ) କେଉଁ ତାରିଖରେ କେତେ ପରିମାଣର ପ୍ରୟୋଗ କରାଯାଇଛି? ____________________

(ଙ) ଅନ୍ୟ କିଛି ତଥ୍ୟ ____________________

**୨. ବିହନ ଚୟନ ଏବଂ ଉପଚାର:** (ପ୍ରାକୃତିକ କୃଷି ମାନୁଆଲ ଦ୍ରଷ୍ଟବ୍ୟ)

(କ) କେଉଁ ଫସଲର ବିହନ ବୁଣିବା ପାଇଁ ବାଛିଛନ୍ତି? ____________________

(ଖ) ଫସଲ ପର୍ଯ୍ୟାୟ ଅନୁସରଣ ____________________

(ଏକକ ଫସଲ / ବିବିଧ ଫସଲ/ ମିଶ୍ରିତ ଫସଲ)

(ଗ) ସ୍ଥାନୀୟ ବିହନ ବ୍ୟବହାର ହୋଇଛି କି? ____________________

(ଘ) ବିହନର ଉତ୍ସ ____________________

(ଙ) କେଉଁଥିରେ ବିହନ ଉପଚାର କରା ଯାଇଛି? ____________________

(ଚ) ବିହନ ବୁଣା ତାରିଖ ____________________

(ଛ) ଜୀବାମୃତ / ବିଜାମୃତ ପ୍ରସ୍ତୁତ ହୋଇଛି କି? ____________________

(ଜ) ଜୀବମୃତ ପ୍ରୟୋଗ ତାରିଖ ____________________

(ଝ) ଅନ୍ୟ କିଛି ତଥ୍ୟ ____________________

୩. ଆଚ୍ଛାଦନ: (ପ୍ରାକୃତିକ କୃଷି ମାନୁଆଲ ଦ୍ରଷ୍ଟବ୍ୟ)

(କ) କି ପ୍ରକାର ଆଚ୍ଛାଦନ ପଦାର୍ଥ ବ୍ୟବହୃତ ହୋଇଛି? ____________________

(ଖ) ଆଚ୍ଛାଦନ ତାରିଖ ____________________

(ଗ) ସ୍ଥାନୀୟ ପ୍ରାକୃତିକ କୃଷି ଅଭ୍ୟାସ ଉପରେ ଅନ୍ୟ କେତେକ ତଥ୍ୟ ____________________

୪. ଖାଦ୍ୟସାର ପରିଚାଳନା ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

(କ) ଜୀବମୃତ ପ୍ରସ୍ତୁତ ହୋଇଛି କି? ____________________

(ଖ) ତାରିଖ ଓ୍ୱାରି ପରିମାଣ

(୧)

(୨)

(୩)

(ଗ) ସବୁଜସାର ବ୍ୟବହାର ହୋଇଛି କି? ____________

(ଘ) ସବୁଜସାର ପାଇଁ ଫସଲ / ପତ୍ର ବ୍ୟବହାର ହୋଇଛି କି? ____________

(ଙ) କୌଣସି ଡାଲି ଜାତୀୟ ଫସଲ ବୁଣାଯାଇଛି କି? ____________

(ଚ) ବୁଣା ଯାଇଥିବା ଡାଲି ଜାତୀୟ ଫସଲ ନାମ - ____________

(ଛ) ସ୍ଥାନୀୟ ପ୍ରାକୃତିକ କୃଷି ଉପରେ ଅଧିକ ତଥ୍ୟ - ____________

୫. ଘାସ ଲତା ପରିଚାଳନା (ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

(କ) ଫସଲରେ କିଛି ଘାସ ସମସ୍ୟା ଅଛି କି? ____________

(ଖ) ଏହାକୁ କିପରି ନିୟନ୍ତ୍ରଣ କରାଯାଇଛି? ____________

(ଗ) ଆଛାଦ / ଘୋଡଣି ଫସଲ ନିଆଯାଇଛି କି? ____________

(ଘ) ବ୍ୟବହୃତ ଆଛାଦନ ପଦାର୍ଥ ____________

(ଙ) ଅନ୍ୟ କିଛି ତଥ୍ୟ ____________

୬. ରୋଗ ପୋକ ପରିଚାଳନା (ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

**(କ) କୀଟ:** ____________

(ଖ) ଫସଲରେ ପୋକ ଆକ୍ରମଣ ହେଉଛି କି? ____________

(ଗ) କୀଟ ଗୁଡ଼ିକର ନାମ ____________

(ଘ) ଉଦ୍ଭିଦ ଜାତ ସିଞ୍ଚନ ପଦାର୍ଥ ପ୍ରସ୍ତୁତ ହୋଇଛି କି? ____________

(ନୀମାସ୍ତ୍ର, ଆଗ୍ନେୟସ୍ତ୍ର, ବ୍ରହ୍ମସ୍ତ୍ର, ଦଶପର୍ଣ୍ଣ ଆଦି)

(ଙ) ନିୟନ୍ତ୍ରଣ ନିମିତ୍ତ ବ୍ୟବହାର (ନୀମସ୍ତ୍ର, ଅଗ୍ନେୟସ୍ତ୍ର, ବ୍ରହ୍ମସ୍ତ୍ର, ଦଶ ପର୍ଣ୍ଣ ଆଦି) ____________

(ଚ) ଅନ୍ୟ କୌଣସି ତଥ୍ୟ ____________

**ରୋଗ:**

(କ) ଫସଲରେ ରୋଗ ଆକ୍ରମଣ ହେଉଛି କି? ____________

(ଖ) ରୋଗର ନାମ ____________

(ଗ) ପ୍ରସ୍ତୁତ ହୋଇଥିବା ଉପାଦାନ ____________

(ଶୁଣ୍ଠି, ଘୋଳଦହି, ଗୋମୁତ୍ରରୁ ପ୍ରସ୍ତୁତ ଉପାଦାନ ଆଦି)

(ଘ) ନିୟନ୍ତ୍ରଣ ପଦ୍ଧତି ଆପଣେଇବା ____________

(ଶୁଣ୍ଠି, ଘୋଳଦହି, ଗୋମୂତ୍ରରୁ ପ୍ରସ୍ତୁତ ଉପାଦାନ)

(ଙ) ଅନ୍ୟ କୌଣସି ତଥ୍ୟ ____________

୭. ଅମଳ (ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

(କ) ଏହି ମାସରେ ଅମଳ ହୋଇଥିବା ଫସଲ ସବୁ ____________

(ଖ) ଏକର ପ୍ରତି ଫସଲ ଓ୍ୱାରୀ ଅମଳ ____________

(ଗ) ଅନ୍ୟ କୌଣସି ତଥ୍ୟ ____________

୮. ଅମଳ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ସାଇତି ରଖିବା (ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

(କ) ଅମଳ ପରବର୍ତ୍ତୀ କାର୍ଯ୍ୟକଳାପ ______________________________

(ଶୁଖିବା, ସଫା କରିବା, ଉଡ଼ାଇବା ଆଦି)

(ଖ) ପାକିଂ ପାଇଁ ବ୍ୟବହାର ହେଉଥିବା ପଦାର୍ଥ ______________________________

(ଗ) ସଠିକ୍ ଆଧାରରେ ସାଇତା ଯାଇଛି କି? ______________________________

(ଘ) ଅନ୍ୟ ଉତ୍ପାଦ ଠାରୁ ଅଲଗା ରଖା ଯାଇଛି କି? ______________________________

(ଙ) ଅନ୍ୟ କୌଣସି ପାରମ୍ପରିକ କିମ୍ବା ପ୍ରାକୃତିକ କୃଷି ପଦ୍ଧତି ଅନୁସରଣ କରାଯାଇଥିଲେ ______________

୯. ପ୍ରମାଣି କରଣ

(କ) ପ୍ରମାଣୀକରଣ ପାଇଁ ପଞ୍ଜୀକୃତ କି? ______________________________

(ଖ) ପଂଜିକରଣ ତାରିଖ ______________________________

(ଗ) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦନ ତାରିଖ ______________________________

୧୦. ବିପଣନ (ପ୍ରାକୃତିକ କୃଷି ତାଲିମ ମାନୁଆଲ ଦ୍ରଷ୍ଟବ୍ୟ)

(କ) କୌଣସି ବ୍ରାଣ୍ଡ ବିକଶିତ ହୋଇଛି କି? ______________________________

(ଖ) ଯଦି ହଁ, ବ୍ରାଣ୍ଡର ନାମ ______________________________

(ଗ) ବ୍ୟବହୃତ ବିପଣନ କୌଶଳ ______________________________

(ଘ) ସ୍ୱତନ୍ତ୍ର ମୂଲ୍ୟ ମିଳିଛି କି? ______________________________

୦୦୦

## ରାଷ୍ଟ୍ରୀୟ ଜୈବିକ ଏବଂ ପ୍ରାକୃତିକ କୃଷି କେନ୍ଦ୍ର

ଉତ୍ତର ରୋଡ, କ୍ରିଷ୍ଣା ଏକାଡେମୀ ନିକଟ, ସେକ୍ଟର - ୧୯, କମଳା ନେହେରୁ ନଗର, ଗାଜିଆବାଦ, ଉତ୍ତର ପ୍ରଦେଶ - ୨୦୧୦୦୨
ଫୋନ ନମ୍ବର: ୦୧୨୦-୨୭୬୪୨୧୨, ୦୧୨୦-୨୭୬୪୯୦୬
Email: nbdc@nic.in
ଫ୍ୟାକ୍ସ: ୦୧୨୦-୨୭୬୪୯୦୧